# ଧରିତ୍ରୀ DHARITRI

ସମ୍ବଲପୁର, ଶୁକ୍ରବାର, ଏପ୍ରିଲ ୨୯/୨୦୨୨ (୮+୮=୧୬ ପୃଷ୍ଠା) | Sambalpur, Friday, April 29/2022 | Page 16 | ₹ 7.00 | ★★

୧୮ଶ ଭାଗ ୧୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## କୋକା-କୋଲା କିଣିବେ କହିଲେ ମସ୍କ

ସୋସିଆଲ ମିଡିଆ ପ୍ଲାଟଫର୍ମ ଟୁଇଟର କିଣିବା ପରେ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଏଲନ ମସ୍କ ଏବେ କୋକା-କୋଲା କମ୍ପାନୀ କିଣିବେ ବୋଲି ଗୁରୁବାର ଟୁଇଟ କରି କହିଛନ୍ତି।

୦୨

୦୭

## ସିନ୍ଧୁ କ୍ୱାର୍ଟରଫାଇନାଲରେ

ଭାରତର ଷ୍ଟାର ଖେଳାଳି ପି.ଭି. ସିନ୍ଧୁ ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍‌ର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।



## ଆଜିଠୁ ମାଟ୍ରିକ ପରୀକ୍ଷା

**ଭୁବନେଶ୍ୱର,୨୮।୪(ବ୍ୟୁରୋ):** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଶୁକ୍ରବାରଠାରୁ ମାଟ୍ରିକ ପରୀକ୍ଷା(ସମେଟିଭ ଆସେସମେଣ୍ଟ-୨) ଆରମ୍ଭ ହେବ। ୩ ହଜାର ୫୪୦ ପରୀକ୍ଷା କେନ୍ଦ୍ରରେ ମୋଟ ୫ଲକ୍ଷ ୮୫ ହଜାର ୭୩୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେଥିରୁ ୨୧୫ଟି କେନ୍ଦ୍ରରେ ରାଜ୍ୟ ମୁକ୍ତ ବିଦ୍ୟାଳୟର ୯,୩୭୮ ଜଣ ଛାତ୍ରୀଛାତ୍ର ଥିବାବେଳେ ୧୨୨ କେନ୍ଦ୍ରରେ ମଧ୍ୟମାର ୪,୪୪୩ ଜଣ ପିଲା ପରୀକ୍ଷା ଦେବେ। ପ୍ରଶ୍ନପତ୍ର ରଖିବା ଲାଗି ୩୧୫ଟି ନୋଡାଲ ସେଣ୍ଟର କରାଯାଇଛି। ସେଥିମଧ୍ୟରୁ ସମ୍ବେଦନଶୀଳ ଅଞ୍ଚଳରେ ୨୧ଟି ନୋଡାଲ ସେଣ୍ଟର ପୋଲିସ ଷ୍ଟେଶନରେ ହୋଇଛି। କପି ରୋକିବା ପାଇଁ ୬୫ଟି ଫ୍ଲାଇଂସ୍କ୍ୱାର୍ଡ ରହିବେ। ପ୍ରବଳ ଖରା ହେଉଥିବାରୁ ଏଥର ଦ୍ୱିତୀୟ ସିଟିଂ ପରୀକ୍ଷା ବାତିଲ କରାଯାଇଛି। ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଂ ପରୀକ୍ଷାରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏଥର ପରୀକ୍ଷା କେନ୍ଦ୍ରକୁ ମୋବାଇଲ ନେବାକୁ ବାରଣ ହୋଇଥିବା ବେଳେ କପି ରୋକିବା ପାଇଁ ମୋଟ ୪ ସ୍ତରୀୟ ସ୍କ୍ୱାର୍ଡ ଗଠନ କରାଯାଇଛି। ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ୬୫ଟି ଫ୍ଲାଇଂ ସ୍କ୍ୱାର୍ଡ, ବୋର୍ଡର ସ୍ୱତନ୍ତ୍ର ୩୮ଟି ସ୍କ୍ୱାର୍ଡ କରାଯାଇଛି। ଏଥର ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅଧିକାରୀ ସ୍କୁଲ ପରିଦର୍ଶନରେ ଯିବେ। କୋଭିଡ କଟକଣା ପାଳନ ସହ ପ୍ରବଳ ଖରାକୁ ଦୃଷ୍ଟିରେ ରଖି ପରୀକ୍ଷା କେନ୍ଦ୍ରଗୁଡିକରେ ଅନବରତ ପାନୀୟ ଜଳ ବ୍ୟବସ୍ଥା ସାଙ୍ଗକୁ ଓଆର୍‌ଏସ ଯଥେଷ୍ଟ ପରିମାଣରେ ମହଜୁଦ ରଖିବା ରଖିବା ଲାଗି କୁହାଯାଇଚି। ଏହାସହ ପରୀକ୍ଷା ସମୟରେ ବିଦ୍ୟୁତ୍ କାଟ ନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ୩୫ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷୟତ୍ରୀ,ଶିକ୍ଷକ ପରୀକ୍ଷା ପରିଚାଳନା କରିବେ ବୋଲି ସୂଚନା ଦିଆଯାଇଛି।

# ସମ୍ପତ୍ତି ପାଇଁ ଚରମ ନିଷ୍ପତ୍ତି

**ପାରିବାରିକ କଳହ ଏବଂ ସମ୍ପତ୍ତି ବିବାଦକୁ ନେଇ ଗୋଟେ ପରେ ଗୋଟେ ଅଭାବନୀୟ ଘଟଣା ଦେଖିବାକୁ ମିଳୁଛି। କେଉଁଠି ସମ୍ପତ୍ତି ପାଇଁ ସାନଭାଇ ବଡ଼ଭାଇର ପରିବାରକୁ ସମ୍ପୂର୍ଣ୍ଣ ମୂଳପୋଛ କରିଦେଉଛି ତ ଆଉ କେଉଁଠି ପୁଅ ମା'କୁ ହତ୍ୟା କରୁଛି। ମାନସିକ ସ୍ଥିତି ହରାଇ ଭୁଲି ଯାଉଛନ୍ତି ରକ୍ତର ସମ୍ପର୍କକୁ। ଗତ ୨ମାସ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଲାଣି ଏଭଳି ଅନେକ ଘଟଣା। ଅନୁରୂପ ଭାବେ ଗୁରୁବାର ରାଜଧାନୀ ଭୁବନେଶ୍ୱରରେ ଘଟିଛି ଆଉ ଏକ ଘଟଣା। ପୈତୃକ ସମ୍ପତ୍ତି ବିବାଦକୁ କେନ୍ଦ କରି ଏକ ଦମ୍ପତି ନିଜର ଦେଢ଼ବର୍ଷର ଶିଶୁ କନ୍ୟାକୁ ମାରି ଆତ୍ମହତ୍ୟା କରିଛନ୍ତି।**

## ଶିଶୁକନ୍ୟାଙ୍କ ସହ ମା'ବାପାଙ୍କ ଆତ୍ମହତ୍ୟା



ଭୁବନେଶ୍ୱର,୨୮।୪(ବ୍ୟୁରୋ)

ରାଜଧାନୀ ଲକ୍ଷ୍ମୀସାଗର ଥାନା ଚିନ୍ତାମଣିଶ୍ୱର ଅଞ୍ଚଳରେ ଗୁରୁବାର ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ପୈତୃକ ସମ୍ପତ୍ତି ବିବାଦ ପାଇଁ ଏଠାରେ ଭଡ଼ାରେ ରହୁଥିବା ମହାରାଷ୍ଟ୍ରର ଏକ ଦମ୍ପତି ଦେଢ଼ବର୍ଷର କଅଁଳ ଶିଶୁକନ୍ୟାକୁ ମାରି ଝୁଲାଇବା ସହ ନିଜେ ଆତ୍ମହତ୍ୟା କରିଛନ୍ତି। ବୁଧବାର ବିଳମ୍ବିତ ରାତିରେ ପୋଲିସ ବନ୍ଦ ଘରୁ କବାଟ ତାଡ଼ି ସ୍କାଏ ଲାଇଟ୍‌ରେ ଝୁଲୁଥିବା ମା'ବାପା ଓ ଶିଶୁକନ୍ୟାଙ୍କ ମୃତଦେହ ଉଦ୍ଧାର କରିଛି। ମୃତକମାନେ ହେଲେ ମହାରାଷ୍ଟ୍ର ସତ୍‌ରା ଜିଲା କରାଡ୍ ଥାନା ବାଦି ଗାଁର ତୁଷାର ରାଜେନ୍ଦ୍ର ଜଗତାପ୍(୨୬), ମା' ନିଲା ଜଗତାପ୍(୨୨) ଓ କୁନିଝିଅ ଶିବନ୍ୟା ଜଗତାପ୍(୧୫ ମାସ)। ବ୍ୟବଚ୍ଛେଦ ପରେ ୩ ମୃତଦେହକୁ ପୋଲିସ ଘରମାଲିକଙ୍କୁ ହସ୍ତାନ୍ତର କରିଛି। ଘରମାଲିକ ଉତ୍ତମ ପାୱାର ମୃତଦେହକୁ ମହାରାଷ୍ଟ୍ରସ୍ଥିତ ତାଙ୍କ ଗାଁକୁ ନେବାକୁ ବ୍ୟବସ୍ଥା କରୁଛନ୍ତି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୬/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏନେଇ ଲକ୍ଷ୍ମୀସାଗର ଥାନାଧିକାରୀ ଓମ୍ ପ୍ରକାଶ ମହାନ୍ତି କହିଛନ୍ତି, ଶିଶୁକନ୍ୟାଙ୍କୁ ବାପା କିମ୍ବା ମା' ପ୍ରଥମେ ହତ୍ୟା କରିବା ପରେ ଝୁଲାଇଥିବେ। ଅଥବା ସେମାନେ ଜୀବିତ ଅବସ୍ଥାରେ ନିଜ ସହ ତାଙ୍କ ଝିଅଙ୍କୁ ମଧ୍ୟ ଝୁଲାଇ ଦେଇଥିବେ। ତେଣୁ ଶିଶୁକନ୍ୟାଙ୍କ ମୃତ୍ୟୁ ପାଇଁ ମା ବାପା ଦାୟୀ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ମିଳିପାରିବ। ଉକ୍ତ ରିପୋର୍ଟ ଆଧାରରେ ମୃତ ଦମ୍ପତିଙ୍କ ନାମରେ ଏକ ହତ୍ୟା ମାମଲା ରୁଜୁ କରାଯିବ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ଉତ୍ତମ ପାୱାରଙ୍କ ଘର ମହାରାଷ୍ଟ୍ର ସତ୍‌ରା ଜିଲାରେ ହୋଇଥିବା ବେଳେ ସେ ଦୀର୍ଘବର୍ଷ ହେବ ଭୁବନେଶ୍ୱର ଚିନ୍ତାମଣିଶ୍ୱରରେ ଫ୍ଲାଟ୍ (ନଂ.୧୫୦୮)ରେ ରହୁଛନ୍ତି। ତାଙ୍କର ମାଷ୍ଟରକ୍ୟାଣ୍ଟିନ୍‌ରେ କ୍ରିଷ୍ଣା ପ୍ୟାଲେସ୍ ନାମରେ ଏକ ଲଜ୍ ରହିଛି। ସେ ୬ମାସ ତଳେ ନିଜ ଅଞ୍ଚଳର ତୁଷାରଙ୍କୁ ତାଙ୍କ ଲଜ୍‌ରେ ଚାକିରି ଦେଇଥିଲେ। ତୁଷାର ଓ ଅନ୍ୟ କର୍ମଚାରୀଙ୍କୁ ରହିବାକୁ ନିକଟସ୍ଥ କେନାଲ୍ ରୋଡରେ ଏକ ଭଡ଼ାଘର ମଧ୍ୟ ଦେଇଥିଲେ। ଅନ୍ୟପକ୍ଷରେ ତୁଷାରଙ୍କ ମା' ବହୁବର୍ଷ ପୂର୍ବେ ମୃତ୍ୟୁବରଣ କରିଥିବାରୁ ବାପା ରାଜେନ୍ଦ୍ର ଜଗତାପ୍(୫୫ ବର୍ଷ) ୨ ମାସ ତଳେ ଦ୍ୱିତୀୟ ବିବାହ କରିଥିଲେ। ଏପଟେ ତୁଷାର ଗତ ଫେବୃୟାରୀରେ ସ୍ତ୍ରୀ ନିଲା ଓ ଦେଢ଼ବର୍ଷର ଝିଅ ଶିବନ୍ୟାଙ୍କୁ ଭୁବନେଶ୍ୱର ଆଣି ପାଖରେ ରଖିଥିଲେ। ତୁଷାର ଲକ୍ଷେରୁ ଉର୍ଦ୍ଧ୍ୱ ଟଙ୍କା କରଜ କରିଥିଲେ। ପୈତୃକ ସମ୍ପତ୍ତି ମିଳିଲେ ସେ ଉକ୍ତ କରଜ ଶୁଝିବେ ବୋଲି ଆଶା ରଖିଥିଲେ। ହେଲେ ବାପା ରାଜେନ୍ଦ୍ର ତାଙ୍କର ସମସ୍ତ ସମ୍ପତ୍ତି ଦ୍ୱିତୀୟ ସ୍ତ୍ରୀଙ୍କ ନାମରେ କରିଦେଇଥିଲେ। ଏହା ଜାଣିବା ପରେ ତୁଷାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ସେ ପ୍ରାୟ ସମୟରେ ମଦ୍ୟପାନ କରିବା ସହ ସ୍ତ୍ରୀଙ୍କୁ ମାରଧର କରୁଥିଲେ। ସ୍ତ୍ରୀ ନିଲା ଓ ଅନ୍ୟ କର୍ମଚାରୀମାନେ ଏନେଇ ମାଲିକ ଉତ୍ତମଙ୍କୁ ଜଣାଇବାରୁ ତୁଷାରଙ୍କ ମାନସିକସ୍ଥିତିରେ ସୁଧାର ଆଣିବାକୁ ସେ ଚେଷ୍ଟା କରିଥିଲେ। ତେଣୁ ସୋମବାର ସେ ତୁଷାର, ନିଲା ଏବଂ ଛୋଟ ଝିଅକୁ ନିଜ ଚିନ୍ତାମଣିଶ୍ୱରସ୍ଥିତ ଫ୍ଲାଟ୍‌ର ତଳ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

**ସବୁଜ ଶକ୍ତି ଚିନ୍ତା**

### ଆଜିର ମନ୍ତବ୍ୟ

"କଂଗ୍ରେସର ଭବିଷ୍ୟତ ଯୋଜନା ପାଇଁ ଦଳ ନେତୃବୃନ୍ଦ ଓ ମୁଁ ବିଭିନ୍ନ ପ୍ରସ୍ତାବ ଉପରେ ସହମତ ହୋଇଥିଲୁ। ଏହି ଦଳ ନିଜେ ନିଜକୁ ସଜାଡ଼ିବାକୁ ସକ୍ଷମ। ଏଥିରେ ମୋର କୌଣସି ଆବଶ୍ୟକତା ନାହିଁ।

– ପ୍ରଶାନ୍ତ କିଶୋର, ନିର୍ବାଚନୀ ରଣନୀତିକାର





We wish all the best to H.S.C. Examinees- 2022

NEWTON COLLEGE OF +2 SCIENCE/ HIGHER SECONDARY SCHOOL OF SCIENCE, SAMBALPUR

FOUNDATION COURSE

WITH ENTRANCE CLASSES FOR NEET & JEE

Registration is going on

Commencement of classes on: Dt. 15.05.2022

Subject to be taught: Physics, Chemistry, Mathematics, Biology, Inf.Tech., Statistics & English

For further details kindly contact:

Mob. 9438069105, 9938586082, 9938417517, 9583325666


## ମୁଖ୍ୟମନ୍ତ୍ରୀଙ୍କ ୫ ଦିନିଆ ଦିଲ୍ଲୀ ଗସ୍ତ

### ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ବିଚାରପତିଙ୍କ ସମ୍ମିଳନୀରେ ଯୋଗଦେବେ

**ଭୁବନେଶ୍ୱର,୨୮।୪(ବ୍ୟୁରୋ):** ଶୁକ୍ରବାରଠାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ ଦିନିଆ ଦିଲ୍ଲୀ ଗସ୍ତରେ ଯାଉଛନ୍ତି। ମୁଖ୍ୟମନ୍ତ୍ରୀ ଓ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଦିନିକିଆ ସମ୍ମିଳନୀରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ୨୦୧୬ ଏପ୍ରିଲ ୨ ତାରିଖରେ ଶେଷ ଥର ପାଇଁ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ବିଚାରପତିମାନଙ୍କ ସମ୍ମିଳନୀ ହୋଇଥିଲା। ମିଳିଥିବା ସୂଚନାନୁସାରେ, ମୁଖ୍ୟମନ୍ତ୍ରୀ ଶୁକ୍ରବାର ଅପରାହ୍ନ ସାଢ଼େ ୧ଟାରେ ନୂଆଦିଲ୍ଲୀ ଅଭିମୁଖେ ଗସ୍ତ କରିବେ। ଏପ୍ରିଲ ୩୦ ତାରିଖ ପୂର୍ବାହ୍ନ ୧୦ଟାରେ ନୂଆଦିଲ୍ଲୀର ବିଜ୍ଞାନ ଭବନ ପରିସରରେ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ଓ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ମିଳିତ ସମ୍ମିଳନୀରେ ସେ ଯୋଗଦେବେ। ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଯୋଗଦେବା କାର୍ଯ୍ୟକ୍ରମ ରହିଛି। ମେ' ୧ରେ ନବୀନଙ୍କ କୌଣସି ସରକାରୀ କାର୍ଯ୍ୟକ୍ରମ ରହି ନ ଥିବାବେଳେ ୨ ତାରିଖରେ ଭାରତ ସରକାରଙ୍କ ଅନୁମତି ଅପେକ୍ଷାରେ ପଡ଼ି ରହିଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବେ ବୋଲି ଜଣାପଡ଼ିଛି। ୩ ତାରିଖ ଅପରାହ୍ନ ସାଢ଼େ ୧ଟାରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରିବା କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।

## ସ୍ଥିତି ଦେଖି ୩୦ ପରେ ସ୍କୁଲ ଖୋଲିବା ନିଷ୍ପତ୍ତି

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ତେବେ ସ୍ଥିତିକୁ ଅନୁଧ୍ୟାନ କରିବା ପରେ ଏପ୍ରିଲ ୩୦ ତାରିଖ ପରେ ସ୍କୁଲ ଛୁଟି ବୃଦ୍ଧି ହେବ କି ନାହିଁ ତାହା ନିଷ୍ପତ୍ତି ହେବ। ଏସ୍‌ଆର୍‌ସିଙ୍କ ପରାମର୍ଶ ଅନୁଯାୟୀ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି।

ଗୁରୁବାର ମନ୍ତ୍ରୀ ଦାଶ କହିଛନ୍ତି ଯେ, ହିଟୱେଭ୍ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ କ୍ଲାସ ବନ୍ଦ ରଖାଯାଇଛି। ତେବେ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଆଉ ୩ଦିନ ହିଟୱେଭ୍ ବଢ଼ିବ ବୋଲି ଆକଳନ କରାଯାଇଛି। ଏଣୁ ଏପ୍ରିଲ ୩୦ ତାରିଖ ପରେ ସ୍ଥିତି ଦେଖି ରାଜ୍ୟ ସରକାର ଉଚିତ ନିଷ୍ପତ୍ତି ନେବେ। ଅପରପକ୍ଷେ ଯେଉଁ ଛାତ୍ରୀଛାତ୍ରମାନେ ସ୍କୁଲ ଆସୁନାହାନ୍ତି ସେମାନଙ୍କ ପାଇଁ ଅନ୍‌ଲାଇନ ମାଧ୍ୟମରେ ପାଠପଢ଼ା ଜାରି ରହିଛି। ସୂଚନାଯୋଗ୍ୟ, ପ୍ରତି ବର୍ଷ ଦେଢ଼ ମାସରୁ ଉର୍ଦ୍ଧ୍ୱ ଦିନ ଧରି ଖରାଛୁଟି ହେଉଥିବା ବେଳେ ଏଥର ଏହାକୁ ୧୧ ଦିନ ଅର୍ଥାତ ଜୁନ୍ ୬ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଘୋଷଣା କରାଯାଇଥିଲା। ମାତ୍ର ପ୍ରବଳ ତାତି ଯୋଗୁ ପରବର୍ତ୍ତୀ ସମୟରେ ଏପ୍ରିଲ ୨୬ରୁ ୩୦ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି।

## ସ୍ୱତନ୍ତ୍ର ହେଲିକପ୍ଟରରେ ପଠାଇଲା ବିଏସ୍‌ଏଫ୍

### ୨ରେ ଓଡ଼ିଆ ଯବାନଙ୍କ ବାହାଘର

ଶ୍ରୀନଗର, ୨୮।୪

ଜମ୍ମୁ-କଶ୍ମୀର ମାଛିଲ ସେକ୍ଟରରେ ମୁତୟନ ଥିବା ଜଣେ ଓଡ଼ିଆ ଯବାନଙ୍କୁ ତାଙ୍କ ବାହାଘର ପାଇଁ ଘରେ ପହଞ୍ଚାଇବା ଲାଗି ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଏକ ସ୍ୱତନ୍ତ୍ର ହେଲିକପ୍ଟର ବ୍ୟବସ୍ଥା କରିଛି। ନୟାଗଡ଼ର ୩୦ ବର୍ଷୀୟ ନାରାୟଣ ବେହେରା ବିଏସ୍‌ଏଫ୍‌ରେ କନଷ୍ଟେବଳ ଭାବେ କାର୍ଯ୍ୟରତ। ସେ ମାଛିଲ ସଂଲଗ୍ନ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ କାମ କରୁଛନ୍ତି। ମେ ୨ରେ ତାଙ୍କ ବାହାଘର। ସେ ନିୟୋଜିତ ଥିବା ସ୍ଥାନରୁ ନୟାଗଡ଼ ପ୍ରାୟ ୨,୫୦୦ କିଲୋମିଟର ଦୂର ହୋଇଥିବାବେଳେ ଏଲ୍‌ଓସି ପୋଷ୍ଟରୁ ତୁରନ୍ତ ଫେରିବା ପାଇଁ ସୁବିଧା ନାହିଁ। ନାରାୟଣଙ୍କ ପରିବାର ଲୋକେ ଏ ନେଇ ୟୁନିଟ କମାଣ୍ଡରଙ୍କୁ ଯୋଗାଯୋଗ କରିଥିଲେ। ☞ପୃଷ୍ଠା-୪

# ତାତିରୁ ମିଳୁନି ତ୍ରାହି

## ୪୫ ଡିଗ୍ରୀ ସହ ବୌଦ୍ଧ ଉତ୍ତପ୍ତ ସହର

- ୮ ସହର ତାପମାତ୍ରା ୪୪ ଡିଗ୍ରୀ ଟପିଲା
- ମେ' ପହିଲାରୁ ପାଗ ବଦଳିବା ସମ୍ଭାବନା

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ତତଲା କଡ଼େଇରେ ପରିଣତ ହୋଇଛି ସାରା ଓଡ଼ିଶା। ମୟୂରଭଞ୍ଜରୁ ମାଲକାନଗିରି, ବୌଦ୍ଧରୁ ବଲାଙ୍ଗୀର ସବୁଠି ସମାନ ଅବସ୍ଥା। ତାତିରୁ ମିଳୁନି ନିସ୍ତାର। ପ୍ରବଳ ଖରା ସାଙ୍ଗକୁ ଝାଞ୍ଜିପବନ ଅସହ୍ୟ ହେଉଥିବାବେଳେ ଅସ୍ତବ୍ୟସ୍ତ କରିପକାଉଛି ଗୁଲୁଗୁଲି। ଆଗାମୀ ୩ଦିନ ଯାଏ ଏଥିରୁ ନିସ୍ତାର ମିଳିବ ନାହିଁ ବୋଲି ସତର୍କ କରାଇଛି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଭାଗ। ତେବେ ମେ' ପହିଲାରୁ ପାଗ ବଦଳିବା ସହ ତାପମାତ୍ରା ଖସିବ ବୋଲି ☞ପୃଷ୍ଠା-୪

## ଓଡ଼ିଶା ସମେତ ୫ ରାଜ୍ୟରେ ଅଗ୍ନିବର୍ଷା



ନୂଆଦିଲ୍ଲୀ, ୨୮।୪

ଓଡ଼ିଶା ସମେତ ଦେଶର ୫ ରାଜ୍ୟରେ ଅଗ୍ନିବର୍ଷା ଜାରି ରହିଛି। ଏଭଳି ସ୍ଥିତି ଆହୁରି ୫ଦିନ ଧରି ଲାଗିରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁମାନ କରିଛି। ଏହି ସମୟରେ ଦେଶର ଅଧିକାଂଶ ଅଞ୍ଚଳରେ ତାପମାତ୍ରା ୪୫ ଡିଗ୍ରୀ କିମ୍ବା ଏହା ପାଖାପାଖି ପହଞ୍ଚିପାରେ। ଆସନ୍ତା ୩ ଦିନ ମଧ୍ୟରେ ଉତ୍ତର-ପଶ୍ଚିମ ଭାରତରେ ପାରଦ ୨ ଡିଗ୍ରୀ ସେଲ୍‌ସିୟସ ଯାଏ ବଢ଼ିବା ସମ୍ଭାବନା ରହିଛି। ଓଡ଼ିଶା ବ୍ୟତୀତ ରାଜସ୍ଥାନ, ଦିଲ୍ଲୀ, ହରିୟାଣା ଏବଂ ଉତ୍ତରପ୍ରଦେଶରେ ପ୍ରଚଣ୍ଡ ରୌଦ୍ରତାପ ଜାରି ରହିବା ନେଇ ସତର୍କ ସୂଚନା ଜାରି କରାଯାଇଛି। ମେ' ପ୍ରଥମ ସପ୍ତାହରେ ଗ୍ରୀଷ୍ମ ଲହର ସର୍ବାଧିକ ସ୍ତର ଛୁଇଁବା ସହ ଝଡ଼ବର୍ଷା ସମ୍ଭାବନା ଥିବା ଆଇଏମ୍‌ଡି ବୈଜ୍ଞାନିକ ଆର୍.କେ. ଜେନାମଣି ସୂଚନା ଦେଇଛନ୍ତି।

ଇତିମଧ୍ୟରେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶରେ ପାରଦ ୪୫ ଡିଗ୍ରୀ ଟପିଛି। ଦିଲ୍ଲୀରେ ଗୁରୁବାର ସର୍ବାଧିକ ତାପମାତ୍ରା ୪୩ ଡିଗ୍ରୀ ରେକର୍ଡ କରାଯାଇଛି। ଶୁକ୍ରବାର ଏହା ଆହୁରି ବଢ଼ିବ। ଅସହ୍ୟ ଗ୍ରୀଷ୍ମ ☞ପୃଷ୍ଠା-୪




## ସଂକ୍ଷେପରେ

### ପାଟନାରେ ନୂଆ ଭାରିଆଣ୍ଟ ବିଏ.୧୨ ଚିହ୍ନଟ

ନୂଆଦିଲ୍ଲୀ,୨୮।୪
ବିହାରର ପାଟନାରୁ ଗୁରୁବାର କୋଭିଡ୍-୧୯ର ନୂଆ ଭାରିଆଣ୍ଟ ଚିହ୍ନଟ ହୋଇଛି। ମୋଟ ୧୩ଟି ନମୁନା ପରୀକ୍ଷା ହୋଇଥିବାବେଳେ ସେଥିରୁ ଗୋଟିଏ ବିଏ.୧୨ ଷ୍ଟ୍ରେନ୍। ଏହା ତୃତୀୟ ଲହର ସମୟର ବିଏ.୨ ଭାରିଆଣ୍ଟ ତୁଳନାରେ ୧୦ ଗୁଣ ବିପଜ୍ଜନକ ବୋଲି କୁହାଯାଉଛି। ପାଟନାର ଇନ୍ଦିରା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (ଆଇଜିଆଇଏମ୍ଏସ୍)ରେ ଓମିକ୍ରନ୍‌ର ଏହି ନୂଆ ଭାରିଆଣ୍ଟ ଚିହ୍ନଟ ହୋଇଛି। ବିଏ.୧୨ ଭାରିଆଣ୍ଟ ପ୍ରଥମେ ଆମେରିକାରେ ଦେଖାଦେଇଥିଲା। କିଛିଦିନ ପୂର୍ବରୁ ଦିଲ୍ଲୀରେ ମଧ ୨/୩ଟି ଏଭଳି ମାମଲା ନଜରକୁ ଆସିଥିଲା।
ଆଇଜିଆଇଏମ୍ଏସ୍‌ର ମାଇକ୍ରୋବାୟୋଲୋଜି ବିଭାଗ ମୁଖ୍ୟ ଡ. ନମ୍ରତା କୁମାରୀ କହିଛନ୍ତି, କୋଭିଡ୍ ସଂକ୍ରମଣ ବଢୁଥିବାରୁ କରୋନାର ଓମିକ୍ରନ୍ ଭାରିଆଣ୍ଟର ନମୁନାଗୁଡ଼ିକର ଜିନୋମ ସିକ୍ୱେନ୍ସିଂ ଆରମ୍ଭ କରାଯାଇଥିଲା। ମୋଟ ୧୩ ନମୁନା ପରୀକ୍ଷାରୁ ଗୋଟିଏ ବିଏ.୧୨ ମିଳିଥିବାବେଳେ ଅନ୍ୟ ୧୨ଟି ବିଏ.୨ ଷ୍ଟ୍ରେନ୍‌ର ଜଣାପଡ଼ିଥିଲା। ବିଏ.୧୨ ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ କେଉଁମାନେ ଆସିଛନ୍ତି, ତାହା ଜାଣିବା ପାଇଁ କଣ୍ଟାକ୍ଟ ଟ୍ରେସିଂ ଜାରି ରହିଥିବା ସେ କହିଛନ୍ତି।

### ଜ୍ଞାନ୍ବୀର ମନ୍ଦିର, ମସ୍‌ଜିଦରୁ ହଟିଲା ଡାକବାଜି ଯନ୍ତ୍ର

ଲକ୍ଷ୍ନୌ,୨୮।୪
ଉତ୍ତରପ୍ରଦେଶର ଧର୍ମୀୟ ସ୍ଥାନଗୁଡ଼ିକରେ ବେଆଇନ ଭାବେ ଲାଗିଥିବା ଡାକବାଜି ଯନ୍ତ୍ର ହଟାଇବା ପାଇଁ ଯୋଗୀ ଆଦିତ୍ୟନାଥ ସରକାର ରାଜ୍ୟର ୧,୫୬୫ ଥାନାକୁ ନିର୍ଦ୍ଦେଶନାମା ଜାରି କରିଥିଲେ। ଜ୍ଞାନ୍ବୀରେ ଥିବା ସର୍ବବୃହତ ମନ୍ଦିର ଓ ମସ୍‌ଜିଦରୁ ଡାକବାଜି ଯନ୍ତ୍ର ହଟାଇ ଦିଆଯାଇଛି। ଐକ୍ୟଭାବ ଓ ସାମ୍ପ୍ରଦାୟିକ ସଦ୍‌ଭାବନାର ସଦ୍‌ଭାବନାର ଏହା ଏକ ଉଦାହରଣ ହୋଇପାରିଛି। ବର୍ତ୍ତମାନ ସୁଦ୍ଧା ୟୁପିର ବିଭିନ୍ନ ମନ୍ଦିର, ମସ୍‌ଜିଦରୁ ୧୨୫ ଡାକବାଜି ଯନ୍ତ୍ର ହଟାଗଲାଣି। ଏହା ବ୍ୟତୀତ ବିଭିନ୍ନ ସ୍ଥାନରେ ଶବ୍ଦକୁ ୧୭ ହଜାର ଆମ୍ପ୍ଲିଫାୟାରକୁ ହ୍ରାସ କରାଯାଇଛି। ଜ୍ଞାନ୍ବୀର ଗାନ୍ଧୀ ଚୌକ୍ ଅଞ୍ଚଳରେ ଥିବା ବୃହତ୍ ରାମଜାନକୀ ମନ୍ଦିର ଏବଂ ସୁନ୍ନି ଜାମା ମସ୍‌ଜିଦ୍‌ର ପୂଜକ ଏବଂ ଇମାମ ଆଲୋଚନା କରି ସେମାନଙ୍କ ପରିସରରୁ ଡାକବାଜି ଯନ୍ତ୍ର ହଟାଇବାକୁ ନିଷ୍ପତ୍ତି ନେଇଥିଲେ। ଏହା ଦେଶବାସୀଙ୍କୁ ଭଲପାଇବା, ସୌହାର୍ଦ୍ଦ୍ୟ ଏବଂ ସଦ୍‌ଭାବନାର ବାର୍ତ୍ତା ଦେଇଥିବା କୁହାଯାଉଛି।

### କୋକା-କୋଲା କିଣିବେ କହିଲେ ମସ୍କ



ୱାଶିଂଟନ୍, ୨୮।୪: ସୋସିଆଲ ମିଡିଆ ପ୍ଲାଟଫର୍ମ ଟୁଇଟର କିଣିବା ପରେ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଏଲନ ମସ୍କ ଏବେ କୋକା-କୋଲା କମ୍ପାନୀ କିଣିବେ ବୋଲି ଗୁରୁବାର ଟୁଇଟ କରି କହିଛନ୍ତି। ସେଥିରେ ସେ ପୁଣି କୋକେନ୍ ମିଶାଇବେ ବୋଲି କହିବା ପରେ ମସ୍କ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଏହାର କିଛି ସମୟ ପରେ ସେ ପୂର୍ବରୁ କରିଥିବା ଏକ ଟୁଇଟ୍‌ର ସ୍କ୍ରିନ୍‌ଶଟ୍ ଶେୟାର କରିଛନ୍ତି। ଯେଉଁଥିରେ ସେ ଲେଖିଥିଲେ, 'ମୁଁ ମ୍ୟାକ୍‌ଡୋନାଲ୍ଡ କିଣିବାକୁ ଯାଉଛି'। ପରେ ସେ ମଜାଳିଆ ଢଙ୍ଗରେ 'ମୁଁ ଚମତ୍କାର କରିପାରିବ ନାହିଁ' ବୋଲି ଟୁଇଟ୍‌ରେ ଲେଖିଛନ୍ତି।

### ଶାମ୍ବାର ସବୁ ପରିବାର ଏବିପିଏମ୍‌ଜେଏୱାଇରେ ସାମିଲ

ନୂଆଦିଲ୍ଲୀ,୨୮।୪
ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ଶାମ୍ବା ଜିଲାରେ ଥିବା ସମସ୍ତ ପରିବାର ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା (ଏବିପିଏମ୍‌ଜେଏୱାଇ)ରେ ସାମିଲ ହୋଇଛନ୍ତି। କୌଣସି ଜିଲାର ୧୦୦% ପରିବାର ଏହି ଯୋଜନାରେ ସାମିଲ ହେବା ଏହା ଦେଶରେ ପ୍ରଥମ। ରାଜ୍ୟ ସ୍ୱାସ୍ଥ୍ୟସେବା ସଂସ୍ଥା (ଏସ୍ଏଚଏ) ପକ୍ଷରୁ ଜିଲାର ସମସ୍ତ ବ୍ଲକ୍‌ରେ ଏପ୍ରିଲ ୧୧ରୁ ୨୧ ମଧରେ ଏଥିପାଇଁ ସ୍ୱତନ୍ତ୍ର ପଞ୍ଜୀକରଣ ଅଭିଯାନ ଶେଷ ହୋଇଥିଲା। ଫଳରେ ଜିଲାର ୬୨,୬୪୧ ପରିବାରର ୩,୦୪,୫୧୦ ଲୋକ ଏବିପିଏମ୍‌ଜେଏୱାଇ-ଏସ୍‌ଇଏଚ୍‌ଏଟି ଗୋଲ୍ଡେନ୍ କାର୍ଡ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।



ଜର୍ମାନୀର ଫ୍ରାଙ୍କଫର୍ଟଠାରେ ଅନୁଷ୍ଠିତ ଫନ୍ ଫେୟାରରେ ୟୁକ୍ରେନ୍‌ର ଶରଣାର୍ଥୀ ପିଲା ଓ ସହାୟକମାନେ ଦୋଳି ଖେଳୁଛନ୍ତି।

## ଉଗ୍ରବାଦ ଛାଡ଼ି ବିକାଶ ପାଇଁ କାର୍ଯ୍ୟ କର

### ୟୁବପିଢ଼ିଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ



ଗୁଆହାଟୀ,୨୮।୪

ଉଗ୍ରବାଦ ରାସ୍ତା ଛାଡ଼ି ଦେଶର ବିକାଶ ପାଇଁ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତରପୂର୍ବାଞ୍ଚଳର ୟୁବପିଢ଼ିଙ୍କୁ ଗୁରୁବାର ଆହ୍ୱାନ ଦେଇଛନ୍ତି। ଉତ୍ତରପୂର୍ବାଞ୍ଚଳରୁ ସଶସ୍ତ୍ର ସେନା (ସ୍ୱତନ୍ତ୍ର କ୍ଷମତା) ଆଇନ (ଆଫସ୍ପା) ଉଚ୍ଛେଦ ଲାଗି କେନ୍ଦ୍ର ସରକାର କାର୍ଯ୍ୟ କରୁଥିବା ସେ କହିଛନ୍ତି। ଦୀର୍ଘଦିନ ଧରି ଉତ୍ତରପୂର୍ବାଞ୍ଚଳର ବିଭିନ୍ନ ରାଜ୍ୟରେ ଆଫସ୍ପା ଲାଗୁ ହୋଇଥିଲା। ଗତ ୮ ବର୍ଷ ମଧ୍ୟରେ ଆଇନ ଶୃଙ୍ଖଳା ସ୍ଥିତିରେ ସୁଧାର ଆସିଥିବାରୁ ଅଧିକାଂଶ ଅଞ୍ଚଳରୁ ଏହି ଆଇନକୁ ହଟାଇ ଦିଆଗଲାଣି। ଏପ୍ରିଲ ୧ରୁ ନାଗାଲାଣ୍ଡ, ଆସାମ, ମଣିପୁରର ବିଭିନ୍ନ ଅଞ୍ଚଳରୁ ଆଫସ୍ପା ପ୍ରତ୍ୟାହୃତ ହୋଇଛି ବୋଲି ଆସାମର କର୍ବି ଆଙ୍ଗଲଙ୍ଗ ଜିଲାର ଡିଫୁଠାରେ 'ଶାନ୍ତି, ଏକତା ଓ ବିକାଶ' ରାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସେ ଭେଟେରିନାରୀ କଲେଜ, କୃଷି କଲେଜ ସମେତ ଆସାମରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସ୍ଥାନୀୟ ୟୁବବର୍ଗଙ୍କୁ ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ଉତ୍ତମ ଶିକ୍ଷା ପ୍ରଦାନ ସାଙ୍ଗକୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।
ଆସାମ ଓ ଉତ୍ତରପୂର୍ବାଞ୍ଚଳରେ ବିକାଶ ସୁନିଶ୍ଚିତ କରିବା ଲାଗି ଭାଜପା ତୃଣମୂଳ ସ୍ତରରୁ କାର୍ଯ୍ୟ କରୁଛି। କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର (ଡବଲ ଇଞ୍ଜିନ ସରକାର) ଯୋଗୁ ଏହି ଅଞ୍ଚଳରେ ବିକାଶ ତ୍ୱରାନ୍ୱିତ ହୋଇଥିବା ପ୍ରଧାନମନ୍ତ୍ରୀ କହିଥିଲେ। ଆସାମରେ ଦୀର୍ଘସ୍ଥାୟୀ ଶାନ୍ତି ସ୍ଥାପନ ଲାଗି ୨୦୨୦ରେ କେନ୍ଦ୍ର, ଆସାମ ସରକାର ଏବଂ ବୋଡୋ ସଂଗଠନ ମଧ୍ୟରେ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷର ହୋଇଛି।

# ହିନ୍ଦୀ: ରାଷ୍ଟ୍ରଭାଷା ନୁହେଁ, ବୋମ୍ମାଇ

ନୂଆଦିଲ୍ଲୀ/ବେଙ୍ଗାଲୁରୁ/ ମୁମ୍ବାଇ,୨୮।୪

ଦେଶର ଅଣହିନ୍ଦୀ ଭାଷୀ ରାଜ୍ୟଗୁଡ଼ିକ ଉପରେ ହିନ୍ଦୀକୁ ଲଦି ଦିଆଯାଉଥିବା ନେଇ ବିବାଦ ସୃଷ୍ଟି ହୋଇଛି। ବଲିଉଡ୍ ଅଭିନେତା ଅଜୟ ଦେବଗନ ଓ କନ୍ନଡ଼ ଷ୍ଟାର କିଚ୍ଚା ସୁଦୀପଙ୍କ ମଧ୍ୟରେ ଏନେଇ ଟୁଇଟରରେ ବାକ୍‌ଯୁଦ୍ଧ ଚାଲିଥିବାବେଳେ ରାଜନେତାମାନେ ନିଆଁରେ ଘିଅ ଢାଳିଛନ୍ତି। କର୍ନାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ, ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏବଂ ଏଚ୍.ଡି. କୁମାରସ୍ୱାମୀ ଏହି ବିତର୍କକୁ ଲମ୍ଫ ଦେବା ପରେ ହିନ୍ଦୀ ଭାଷା ପ୍ରସଙ୍ଗ ଏବେ ରାଜନୈତିକ ରୂପ ନେଇଛି। କର୍ନାଟକ ନେତାମାନଙ୍କ ମତରେ ହିନ୍ଦୀ ରାଷ୍ଟ୍ରୀୟ ଭାଷା ନୁହେଁ, ବରଂ ଭାରତର ଅନ୍ୟ ଭାଷାଗୁଡ଼ିକ ମଧ୍ୟରୁ ଅନ୍ୟତମ। ଭାରତର କୌଣସି ରାଷ୍ଟ୍ରୀୟ ଭାଷା ନାହିଁ। ହିନ୍ଦୀ ଓ କନ୍ନଡ଼ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ଅନ୍ତର୍ଭୁକ୍ତ ୨୨ ଭାଷା ମଧ୍ୟରେ ରହିଛି। ଟୁଇଟରରେ ଏବେ 'ହ୍ୟାଶ୍‌ଟ୍ୟାଗ୍ ଷ୍ଟପ୍ ହିନ୍ଦୀ ଇମ୍ପୋଜିଶନ' ଏବଂ 'ହ୍ୟାଶ୍‌ଟ୍ୟାଗ୍ ହିନ୍ଦୀ ନଟ୍ ନ୍ୟାଶନାଲ ଲାଙ୍ଗୁଏଜ୍' ଟ୍ରେଣ୍ଡ କରୁଛି। ଅନ୍ୟ ଭାଷାର ଫିଲ୍ମଗୁଡ଼ିକୁ ହିନ୍ଦୀରେ ଡବିଂ ବା ରିମେକ୍ କରାଯିବା ପରେ ସେଗୁଡ଼ିକ କିପରି ବ୍ୟବସାୟିକ ସଫଳତା ହାସଲ କରିଥାଏ ସେନେଇ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ନିଜ ମତ ବ୍ୟକ୍ତ କରିଛନ୍ତି।
ହିନ୍ଦୀ ଭାଷାକୁ ନେଇ ବିବାଦର ସୂତ୍ରପାତ କରିଥିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା। ଭାଜପା ନେତା ଶାହା ଏପ୍ରିଲ ୮ରେ କହିଥିଲେ, ହିନ୍ଦୀକୁ ଇଂଲିଶ୍‌ର ଏକ ବିକଳ୍ପ ଭାବେ ଗ୍ରହଣ କରାଯିବା ଉଚିତ। ତେବେ ହିନ୍ଦୀ ସ୍ଥାନୀୟ ଭାଷାଗୁଡ଼ିକର ସ୍ଥାନ ନେବା କଥା ନୁହେଁ। ହିନ୍ଦୀ ବ୍ୟବହାର କରୁଥିବା ରାଜ୍ୟଗୁଡ଼ିକ ସେତୁ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରୀ କାର୍ଯ୍ୟ ପାଇଁ ଏହାକୁ ଅଫିସିଆଲ ଲାଙ୍ଗୁଏଜ୍‌ର ମାଧ୍ୟମ ଭାବେ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିଯୋଗୁ ହିନ୍ଦୀର ଗୁରୁତ୍ୱ ଆହୁରି ବଢ଼ିବ। ବର୍ତ୍ତମାନ କ୍ୟାବିନେଟ କାର୍ଯ୍ୟସୂଚୀର ୭୦% ହିନ୍ଦୀରେ ପ୍ରସ୍ତୁତ କରାଯାଉଛି ବୋଲି ଶାହା କହିଥିଲେ। ଶାହାଙ୍କ ଏହି ମନ୍ତବ୍ୟକୁ ନେଇ ହିନ୍ଦୀକୁ ମାତୃଭାଷା ଭାବେ ବ୍ୟବହାର କରୁ ନ ଥିବା ଦକ୍ଷିଣ ଓ ପୂର୍ବ ଭାରତରୁ ଅନେକ ପ୍ରତିକ୍ରିୟା ଆସିଥିଲା। ଏହି ବିଷୟରେ ମୁହଁ ଖୋଲିଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରୁ ଦକ୍ଷିଣ ଭାରତୀୟ ଅଭିନେତା କିଚ୍ଚା ସୁଦୀପ ଅନ୍ୟତମ। ୨୦୧୨ରେ 'ମକ୍ଖି' ଫିଲ୍ମକୁ ନେଇ ଚର୍ଚ୍ଚାକୁ ଆସିଥିବା ଏହି

### ଦେବଗନ୍-ସୁଦୀପଙ୍କ ଟୁଇଟର ୱାର୍





ଅଭିନେତା ଏପ୍ରିଲ ୨୩ରେ ନିଜ ନୂଆ ସିନେମା 'ରନ୍‌ୱେ ୩୪' ର ମୁକ୍ତିଲାଭ ଅବସରରେ ଗଣମାଧ୍ୟମକୁ କହିଥିଲେ, ହିନ୍ଦୀ ଆଉ ରାଷ୍ଟ୍ରଭାଷା ହୋଇ ରହିନାହିଁ। ବଲିଉଡ୍ ଫିଲ୍ମଗୁଡ଼ିକୁ ତାମିଲ ଓ ତେଲୁଗୁରେ ଡବିଂ କରିବା ସମୟରେ ଅନେକ ଅସୁବିଧା ହେଉଛି। କିନ୍ତୁ ସାଉଥ୍ ଇଣ୍ଡଷ୍ଟ୍ରିରେ ପ୍ରଯୋଜନା କରାଯାଉଥିବା ସିନେମାଗୁଡ଼ିକୁ ସବୁଠି ଦେଖାଯାଉଛି। ସର୍ବଭାରତୀୟ ସ୍ତରରେ କନ୍ନଡ ଫିଲ୍ମ 'କେଜିଏଫ୍: ଚାପ୍ଟର ୨'ର ସଫଳତାକୁ କିପରି ଦେଖନ୍ତି ବୋଲି ସୁଦୀପଙ୍କୁ ପ୍ରଶ୍ନ କରାଯିବାରୁ ସେ ଏହି ମନ୍ତବ୍ୟ ଦେଇଥିଲେ। ଏପ୍ରିଲ ୧୪ରେ ମୁକ୍ତିଲାଭ କରିବା ପରଠାରୁ ୟଶଙ୍କ ଅଭିନୀତ କେଜିଏଫ୍-୨ ବିଶ୍ୱବ୍ୟାପୀ ୮୫୦ କୋଟି ଟଙ୍କାର ବ୍ୟବସାୟ କରିଥିବାବେଳେ ଏହାର ହିନ୍ଦୀ ସଂସ୍କରଣ ୩୩୬ କୋଟି ଆୟ କରିଛି। ସୁଦୀପଙ୍କ ଏହି ମନ୍ତବ୍ୟ ଉପରେ ଗତ ୨୭ରେ ବଲିଉଡ୍ ଅଭିନେତା ଅଜୟ ଦେବଗନ୍ ଟୁଇଟ୍ କରି ତାଙ୍କୁ ଟ୍ୟାଗ୍ କରିଥିଲେ। ଦେବଗନ୍ ଲେଖିଥିଲେ, ହିନ୍ଦୀ ରାଷ୍ଟ୍ରଭାଷା। ଏହା ରାଷ୍ଟ୍ରଭାଷା ଥିଲା ଏବଂ ସବୁଦିନ ରହିବ। ହିନ୍ଦୀକୁ ଆପଣ ଯଦି ଆମ ରାଷ୍ଟ୍ରଭାଷା ବିବେଚନା କରୁନାହାନ୍ତି, ତେବେ ହିନ୍ଦୀରେ ରିଲିଜ ହେଉଥିବା ଫିଲ୍ମଗୁଡ଼ିକୁ କାହିଁକି ନିଜ ମାତୃଭାଷାରେ ଡବିଂ କରୁଛନ୍ତି ବୋଲି ଦେବଗନ୍ ପ୍ରଶ୍ନ କରିଥିଲେ। ସେ ଟୁଇଟରରେ ଏହି ପ୍ରଶ୍ନ କରିବାବେଳେ ଦେବନାଗରୀ ଲିପି ବ୍ୟବହାର କରିଥିଲେ। ସୁଦୀପ କହିଥିଲେ, ଆପଣ ହିନ୍ଦୀରେ ଯାହା ଲେଖିଛନ୍ତି ତାକୁ ମୁଁ ବୁଝିପାରୁଛି। କାରଣ ଆମେ ସବୁ ଭାଷାକୁ ସମ୍ମାନ ଦେଉ ଓ ଭଲ ପାଉ। କିନ୍ତୁ ଆପଣ ମୋତେ କନ୍ନଡ଼ ଭାଷାରେ ଉତ୍ତର ଦେଇଥିଲେ ସ୍ଥିତି କ'ଣ ହୋଇଥାଆନ୍ତା। ଆମେ କ'ଣ ଭାରତର ନୋହୁଁ। ଦେବଗନ କହିଲେ, ସୁଦୀପ ଆପଣ ମୋର ବନ୍ଧୁ। ଭୁଲ୍ ବୁଝାମଣା ଦୂର କରିଥିବାରୁ ଧନ୍ୟବାଦ। ସବୁ ଫିଲ୍ମ ଇଣ୍ଡଷ୍ଟ୍ରିକୁ ମୁଁ ଗୋଟିଏ ବୋଲି ବିବେଚନା କରେ। ଆମେ ସମସ୍ତ ଭାଷାକୁ ସମ୍ମାନ ଦେଉ ଏବଂ ଅନ୍ୟମାନେ ମଧ୍ୟ ଆମ ଭାଷାକୁ ସମ୍ମାନ ଦିଅନ୍ତୁ ବୋଲି ଆଶା କରେ। ବୋଧେ ଅନୁବାଦରେ କିଛି ମିସ୍ ହୋଇଯାଇଥିଲା।

- କନ୍ନଡ଼ ଅଭିନେତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମର୍ଥନ
- ହିନ୍ଦୀକୁ ଇଂଲିଶ୍‌ର ବିକଳ୍ପ କହିଥିଲେ ଶାହା
- ଦେବଗନ୍ ଭାଜପାର ମୁଖପାତ୍ର: କୁମାରସ୍ୱାମୀ

ଦୁଇ ଅଭିନେତାଙ୍କ ମଧ୍ୟରେ ଟୁଇଟରରେ ଏଭଳି ଶୀତଳଯୁଦ୍ଧ ଚାଲିଥିବାବେଳେ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ନେତା କୁମାରସ୍ୱାମୀ ଲେଖିଛନ୍ତି, ସମ୍ଭବତଃ ଦେବଗନ୍ ଭାଜପାକୁ ଖୁସି କରାଇବା ପାଇଁ ଏପରି କହିଛନ୍ତି। ହିନ୍ଦୀ ବିବାଦ ଏକ ଭାଇରାଲ ରୋଗ, ଯାହାକି ଦେଶ ବିଭାଜନ ପାଇଁ ସଂକ୍ରାମକ ହୋଇଯାଇଛି। ଏହା ଭାରତର ଏକତା ପାଇଁ ବିପଦ। ସେହିପରି କଂଗ୍ରେସ ନେତା ସିଦ୍ଧାରାମାୟାଙ୍କ ମତରେ ହିନ୍ଦୀ କେବେହେଲେ ଦେଶର ଜାତୀୟ ଭାଷା ନ ଥିଲା କି କେବେ ହୋଇପାରିବ ନାହିଁ। କର୍ନାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ମଧ କିଚ୍ଚା ସୁଦୀପଙ୍କୁ ସମର୍ଥନ କରିଛନ୍ତି। ଭାଜପା ନେତା ବୋମାଇ କହିଛନ୍ତି, ହିନ୍ଦୀ ଭାଷାକୁ ନେଇ ସୁଦୀପଙ୍କ ମନ୍ତବ୍ୟ ଯଥାର୍ଥ। ଏକ ଆଞ୍ଚଳିକ ଭାଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ। କାରଣ ଭାଷା ଆଧାରରେ ରାଜ୍ୟଗୁଡ଼ିକ ଗଠିତ ହୋଇଛି। ଆଞ୍ଚଳିକ ଭାଷାଗୁଡ଼ିକୁ ଗୁରୁତ୍ୱ ଦିଆଯାଇଥାଏ। ସୁଦୀପ ଠିକ୍ କଥା କହିଛନ୍ତି। ତାକୁ ସମସ୍ତେ ସମ୍ମାନ ଦେବା ଉଚିତ।

## ବିରୋଧୀ ଶାସିତ ରାଜ୍ୟ ଟିକସ କମାଇଲେ ପେଟ୍ରୋଲ ଶସ୍ତା ହେବ: ହରଦୀପ୍

**ନୂଆଦିଲ୍ଲୀ,୨୮।୪ :** ବିରୋଧୀ ଦଳ ଶାସିତ ରାଜ୍ୟଗୁଡ଼ିକ ଆମଦାନୀ ମଦ ଉପରୁ ଟିକସ ହ୍ରାସ ନ କରି ପେଟ୍ରୋଲ ଉପରୁ କମାଇଲେ ତେଲ ଶସ୍ତା ହେବ ବୋଲି ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀ ଗୁରୁବାର କହିଛନ୍ତି। ଭାଜପା ଶାସିତ ରାଜ୍ୟରେ ପେଟ୍ରୋଲ ଲିଟର ପ୍ରତି ୧୪ ଟଙ୍କା ୫୦ରୁ ୧୭ ଟଙ୍କା ୫୦ ପଇସା ଭାଟ୍ ଆଦାୟ ହେଉଥିବାବେଳେ ଅନ୍ୟ ଦଳ ଶାସିତ ରାଜ୍ୟରେ ୨୬ରୁ ୩୨ ଟଙ୍କା ସଂଗ୍ରହ କରାଯାଉଛି। ମହାରାଷ୍ଟ୍ର ସରକାର ପେଟ୍ରୋଲ ଉପରେ ୩୨ ଟଙ୍କା ୧୫ ପଇସା ଭାଟ୍ ସଂଗ୍ରହ କରୁଥିବାବେଳେ ରାଜସ୍ଥାନରେ ୨୯ ଟଙ୍କା ୧୦ ପଇସା ନିଆଯାଉଛି। ଅନ୍ୟପକ୍ଷରେ ଭାଜପା ଶାସିତ ଉତ୍ତରାଖଣ୍ଡରେ ଭାଟ୍ ୧୪ ଟଙ୍କା ୫୧ ପଇସା ଥିବାବେଳେ ଉତ୍ତରପ୍ରଦେଶରେ ୧୬.୫୦ ରହିଥିବା ହରଦୀପ୍ ଟୁଇଟ୍ କରିଛନ୍ତି। ହରିୟାଣାରେ ପେଟ୍ରୋଲ ଉପରେ ୧୮% ଏବଂ ଡିଜେଲ ଉପରେ ୧୬% ଭାଟ୍ ସଂଗ୍ରହ କରାଯାଉଛି। ବିରୋଧୀ ଦଳଗୁଡ଼ିକ ଲୋକଙ୍କ ସୁବିଧା ପାଇଁ କିଛି କରୁ ନ ଥିବା ସେ ଅଭିଯୋଗ କରିଛନ୍ତି।

## ଜାହାଙ୍ଗୀରପୁରୀ ହିଂସା: ମୁଖ୍ୟ ଅଭିଯୁକ୍ତ ଗିରଫ

କୋଲକାତା,୨୮।୪

ଜାହାଙ୍ଗୀରପୁରୀ ସାମ୍ପ୍ରଦାୟିକ ହିଂସା ଘଟଣାର ମୁଖ୍ୟ ଅଭିଯୁକ୍ତ ଫରିଦ ଇଲିଆସ ନିତୁଙ୍କୁ ଦିଲ୍ଲୀ କ୍ରାଇମବ୍ରାଞ୍ଚ ପୋଲିସ ଗୁରୁବାର ପଶ୍ଚିମବଙ୍ଗରୁ ଗିରଫ କରି ଆଣିଛି। ଫରିଦ୍ ବାରମ୍ବାର ନିଜ ଠିକଣା ବଦଳାଉଥିବାବେଳେ ତାଙ୍କୁ ଧରିବା ପାଇଁ ପଶ୍ଚିମବଙ୍ଗରେ ଏକାଧିକ ଟିମ୍ ମୁତୟନ କରାଯାଇଥିଲା। ଫରିଦ୍‌ଙ୍କ ବିରୋଧରେ ଚୋରି, ରାହାଜାନି ଭଳି ୬ ଅଭିଯୋଗ ରହିଛି। ଏପ୍ରିଲ ୧୬ ତାରିଖରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ବେଳେ ଦୁଇ ସମ୍ପ୍ରଦାୟ ମୁହାଁମୁହିଁ ହୋଇଥିଲେ। ୮ ପୋଲିସ ଅଧିକାରୀଙ୍କ ସମେତ ଏକାଧିକ ଆହତ ହୋଇଥିଲେ।

## ଶାହିନବାଗ୍‌ରୁ ୧୦୦ କୋଟିର ହେରୋଇନ୍ ଜବତ

ନୂଆଦିଲ୍ଲୀ, ୨୮।୪



### ଡ୍ରଗ୍ସ ଚାଲାଣରେ ଆଇଏସ୍ଆଇ ଲିଙ୍କ୍

ଦକ୍ଷିଣପୂର୍ବ ଦିଲ୍ଲୀର ଶାହିନ୍‌ବାଗରୁ ଗୁରୁବାର ୫୦ କେଜିର ହେରୋଇନ୍ ଜବତ ହୋଇଛି। ଏହାର ମୂଲ୍ୟ ପ୍ରାୟ ଶହେ କୋଟି ଟଙ୍କା ହେବ ବୋଲି ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ପକ୍ଷରୁ କୁହାଯାଇଛି। ଏଥିସହ ପ୍ରାୟ ୪୭ କେ.ଜିର ସନ୍ଦିଗ୍ଧ ପଦାର୍ଥ ଏବଂ ୩୦ ଲକ୍ଷ ଟଙ୍କା ମଧ୍ୟ ଏନ୍‌ସିବି ହାତରେ ଲାଗିଛି। ଘଟଣାରେ ଜଣେ ଭାରତୀୟଙ୍କୁ ଗିରଫ କରାଯାଇଛି। ଏଥିରେ ଅନ୍ତର୍ଜାତୀୟ ଡ୍ରଗ୍ସ ସିଣ୍ଡିକେଟ୍ କାମ କରୁଥିବା ଏବଂ ପାକିସ୍ତାନ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇର ଲିଙ୍କ୍ ରହିଥିବା ଜଣାପଡ଼ିଛି। ବନ୍ଦରଗୁଡ଼ିକକୁ ପରିବହନ ହୋଇ ଆସିବାପରେ ଭାରତର ବିଭିନ୍ନ ଅଞ୍ଚଳକୁ ଡ୍ରଗ୍ସ ଚାଲାଣ କରାଯାଉଛି। ଏପରି କି ଏହି ଅର୍ଥ ସିଏଏ ଆନ୍ଦୋଳନ ଏବଂ ଭାରତ ବିରୋଧୀ କାର୍ଯ୍ୟକଳାପରେ ଲାଗୁଥିବା ଏନ୍‌ସିବି ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। କେବଳ ଶାହିନବାଗ ଆନ୍ଦୋଳନ ନୁହେଁ ବରଂ ନିକଟରେ ମୁଜାଫରନଗର, କାଇରାନା ଆଦି ସ୍ଥାନରେ ବିଶୃଙ୍ଖଳା ସୃଷ୍ଟିରେ ମଧ୍ୟ ଏହି ଅର୍ଥ ଲଗାଯାଇଥିବା ତଦନ୍ତକାରୀ ଦଳ ସନ୍ଦେହ କରୁଛନ୍ତି। ଜବତ ୫୦ କେ.ଜି. ହେରୋଇନ୍ ଆଫଗାନିସ୍ତାନରୁ ଆସିଥିବାବେଳେ ତାହା ପଞ୍ଜାବ ଏବଂ ଉତ୍ତର ଭାଗରେ ଥିବା ରାଜ୍ୟଗୁଡ଼ିକୁ ପଠାଯିବାକୁ ଯୋଜନା ହୋଇଥିଲା ବୋଲି ଏନ୍‌ସିବି ଅପରେଶନର ଉପମହାନିର୍ଦ୍ଦେଶକ ସଞ୍ଜୟ ସିଂ କହିଛନ୍ତି। ଡ୍ରଗ୍ସ ଜବତ ପରେ ଏନ୍‌ସିବି ପଞ୍ଜାବ, ଉତ୍ତରପ୍ରଦେଶ, ଦିଲ୍ଲୀ ଏବଂ ହରିୟାଣାର କେତେକ ସ୍ଥାନରେ ଚଢ଼ାଉ କରିଛି।

## କୃଷ୍ଣସାଗରରେ ଡଲ୍‌ଫିନ୍ ଦଳ

### ରୁଷିଆ ନୌସେନା ଘାଟି ସୁରକ୍ଷାରେ ନିୟୋଜିତ

ମସ୍କୋ, ୨୮।୪:




ସବୁଠୁ ବୁଦ୍ଧିମାନ ମତ୍ସ୍ୟ ଡଲଫିନ୍‌କୁ ରୁଷିଆ କୃଷ୍ଣସାଗର ନୌସେନା ଘାଟିର ସୁରକ୍ଷା ପାଇଁ ମୁତୟନ କରିଛି। ୟୁଏସ୍ ନାଭାଲ ଇନଷ୍ଟିଚ୍ୟୁଟ୍ (ୟୁଏସ୍ଏନ୍ଆଇ) ଉପଗ୍ରହ ଚିତ୍ରରୁ ଏହା ଜାଣିବାକୁ ପାଇଛି। ରୁଷିଆର ଗୁରୁତ୍ୱପୂର୍ଣ୍ଣ ନାଭାଲ ବେସ୍ ସେଭାସ୍ତୋପୋଲ ହାର୍ବର ପ୍ରବେଶପଥରେ ଦୁଇ ଡଲଫିନ୍ ପେନ୍‌ଙ୍କୁ ଛଡ଼ାଯାଇଥିବା ୟୁଏସ୍ଏନ୍ଆଇ କହିଛି। ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପୂର୍ବରୁ ଫେବୃୟାରୀରେ ସେଠାରେ ତାଲିମପ୍ରାପ୍ତ ଡଲଫିନ୍‌ଗୁଡ଼ିକୁ ଛଡ଼ାଯାଇଛି।
ସୋନାର ଟେକ୍ନୋଲୋଜି ଦ୍ୱାରା ଜଳରାଶିରେ କିମ୍ବା ପାଣିତଳେ କୌଣସି ବସ୍ତୁର ସନ୍ଧାନ କରାଯାଇଥାଏ। ଏଥିସହ ସମୁଦ୍ରରେ କୌଣସି ବସ୍ତୁକୁ ଚିହ୍ନଟ କରିବା, ଦୂରତା ମାପିବା ସହ ନୌଜାହାଜ ବାବଦରେ ମଧ୍ୟ ସୋନାର ସିଷ୍ଟମ ଦ୍ୱାରା ଜଣାପଡ଼ିଥାଏ। ବିଭିନ୍ନ ଦେଶର ନୌସେନା କୃତ୍ରିମ ସୋନାର ବ୍ୟବହାର କରୁଥିବାବେଳେ ଡଲଫିନ୍ ସମୁଦ୍ର ତରଙ୍ଗ ମାଧ୍ୟମରେ ପ୍ରାକୃତିକ ଉପାୟରେ ସେସବୁକୁ ସହଜରେ ଜାଣିପାରିଥାଏ। ତାଲିମପ୍ରାପ୍ତ ଡଲ୍‌ଫିନ୍ ସମୁଦ୍ରରେ ଏ ସମ୍ପର୍କିତ ତଥ୍ୟ ଟ୍ରେନର ତଥା ଏହାର ପରିଚାଳକଙ୍କୁ ପ୍ରଦାନ କରିଥାଏ। ଏହି ଡଲଫିନ୍‌ଗୁଡ଼ିକ ଏତେ ଚାଲାକ ଯେ, ଏକ ଗଲ୍ଫ ବଲ୍ ଏବଂ ପିଙ୍ଗ ପଙ୍ଗ ବଲ୍ ମଧ୍ୟରେ ତଫାତ୍ ଜାଣିପାରିଥାନ୍ତି। ୟୁକ୍ରେନ୍ ଯୁଦ୍ଧ ଚାଲିଥିବାବେଳେ ରୁଷିଆର ନୌସେନା ଘାଟି ଉପରେ ମିଶାଇଲ ଆକ୍ରମଣର ଆଶଙ୍କା ରହିଛି। ମସ୍କୋର ନାଭାଲ ବେସ୍ ୟୁକ୍ରେନ୍ ରେଞ୍ଜଠାରୁ ବେଶ ଦୂରରେ ଥିଲେ ମଧ ଜଳତଳୁ ସମ୍ଭାବ୍ୟ ଆକ୍ରମଣକୁ ଦୃଷ୍ଟି ରଖି ରୁଷିଆ ଡଲଫିନ୍ ଦଳକୁ ସୁରକ୍ଷା ପାଇଁ ନିୟୋଜିତ କରିଛି। ଯୁଦ୍ଧ ଜାହାଜକୁ ଜଗିବା ସହ କାଉଣ୍ଟର-ଡାଇଭର ଅପରେଶନ୍ କରିବା ପାଇଁ ଏହି ସାମୁଦ୍ରିକ ସ୍ତନ୍ୟପାୟୀ ପ୍ରାଣୀଙ୍କୁ ତାଲିମ ଦିଆଯାଇଥିବା ୟୁଏସ୍ଏନ୍ଆଇ ରିପୋର୍ଟରେ କୁହାଯାଇଛି। ୨୦୧୪ରେ ରୁଷିଆ ୟୁକ୍ରେନ୍ ଉପଦ୍ୱୀପ କବ୍‌ଜା କରିବାବେଳେ ସେବାସ୍ତୋପୋଲ ସିରିଆରେ ମସ୍କୋର ଅପରେଶନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା।

## ଆମେରିକା ବି ଦେଇଛି ତାଲିମ

ୱାଶିଂଟନ୍, ୨୮।୪: ମେରାଇନ୍ ମାମାଲ ପ୍ରୋଗାମ ଅଧୀନରେ ଆମେରିକା ନୌସେନା ଡଲ୍‌ଫିନ୍, ରେ, ଶାର୍କ, କଇଁଛ, ସାମୁଦ୍ରିକ ପକ୍ଷୀଙ୍କୁ ପରୀକ୍ଷଣ କରିଛି। ଡଲଫିନ୍ ଏବଂ କାଲିଫର୍ନିଆର ସମୁଦ୍ର ସିଂହଙ୍କୁ ଆମେରିକା ତାଲିମ ଦେଇ ୧୯୫୯ ମସିହାରୁ ଏହାକୁ ବ୍ୟବହାର କରିଆସୁଛି। ସମୁଦ୍ର ତଳେ ମାଇନ୍ସ ତଥା ଅନ୍ୟ କୌଣସି ବିପଜ୍ଜନକ ତଥା ବିସ୍ଫୋରକ ବସ୍ତୁକୁ ଚିହ୍ନଟ କରିବା ପାଇଁ ଆମେରିକର ଡଲ୍‌ଫିନଙ୍କୁ ଉପକୂଳବର୍ତ୍ତୀ ଅଞ୍ଚଳ ନିକଟରେ ଛାଡ଼ିଛି। ଶୀତଳଯୁଦ୍ଧ ବେଳେ ଉଭୟ ମସ୍କୋ ଏବଂ ୱାଶିଂଟନ୍ ନିଜ ନିଜ ସାମୁଦ୍ରିକ ସୀମାରେ ପାଣି ତଳେ ମାଇନ୍ସ ତଥା ଅନ୍ୟ ବିପଜ୍ଜନକ ବସ୍ତୁର ଚିହ୍ନଟ ପାଇଁ ଡଲଫିନ ସେନାକୁ ବ୍ୟବହାର କରିଥିଲେ। ଡଲ୍‌ଫିନ୍ ଏବଂ ସାମୁଦ୍ରିକ ସିଂହଙ୍କୁ ତାଲିମ ନିମନ୍ତେ ପ୍ରାୟ ୨୮ ନିୟୁତ ଡଲାର ଖର୍ଚ୍ଚ କରିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୧,୧୮,୭୪,୪୬୮ | ୬୨,୫୫,୦୨୨ | ୪୬,୫୫,୯୩,୩୩୭ |
| ଭାରତ | ୪,୩୦,୬୮,୭୯୯ | ୫,୨୩,୬୯୩ | ୪,୨୫,୭୮,୧୨୬ |
| ଓଡ଼ିଶା | ୧୨,୮୮,୦୨୪ | ୯୧୨୪(+୫୩) | ୧୨,୭୮,୭୭୯ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




# ଘଟକେଶ୍ୱର ଓ ଛେଳିଗଡ଼ ଜଳସେଚନ ପ୍ରକଳ୍ପ ପରିଦର୍ଶନ କଲେ ୩ ସଚିବ

**ଗୋପାଳପୁର/ଆର.ଉଦୟଗିରି, ୨୮।୪(ଡି.ଏନ.ଏ.)**

ଗଞ୍ଜାମ ଓ ଗଜପତି ଜିଲାକୁ ଗୁରୁବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ୫–ଟି ସଚିବ ଭି.କାର୍ତ୍ତିକେୟନ ପାଣ୍ଡିଆନ ଏବଂ ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ହେଲିକପ୍ଟରରେ ଆସି ବିଭିନ୍ନ କାର୍ଯ୍ୟ ବୁଲି ଦେଖିଥିଲେ। ପ୍ରଥମେ ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଧୀନ କଙ୍କିଆଠାରେ ଚାଲିଥିବା ଘଟକେଶ୍ୱର ବହୁମୁଖୀ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ବିଭାଗୀୟ ଅଧିକାରୀମାନେ ପ୍ରକଳ୍ପର ରୂପରେଖ ଓ କାର୍ଯ୍ୟକାରିତା ନେଇ ଅବଗତ କରାଇଥିଲେ। ଏହି ପ୍ରକଳ୍ପର କାର୍ଯ୍ୟ ଡିସେମ୍ବର ୩୦, ୨୦୧୯ରେ ଆରମ୍ଭ ହୋଇଥିଲା। ଏହି ସମୟରେ ୧୬୮ କୋଟି ୧୦ ଲକ୍ଷ ୪୪ ହଜାର ୫୦୮ ଟଙ୍କା ଅଟକଳ ମୂଲ୍ୟ ଥିବା ବେଳେ ବର୍ତ୍ତମାନ ତାହା ୧୭୨ କୋଟିରେ ପହଞ୍ଚିଛି। ପ୍ରକଳ୍ପର ପ୍ରାୟ ୨୫ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିବା ଜଣାପଡ଼ିଛି। ଏଥିରେ ବର୍ଷା ଜଳ ସଂରକ୍ଷିତ ରଖାଯାଇ ଏହାର ସଦୁପଯୋଗ କରାଯିବ। ଏନେଇ ମୁଖ୍ୟ ଶାସନ ସଚିବ ମହାପାତ୍ର କହିଥିଲେ, ଉକ୍ତ ପ୍ରକଳ୍ପ ୨୨୦ ମିଟର କଂକ୍ରିଟ ଡ୍ୟାମ୍ ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ସରିଯିବ। ୬୦୦ ହେକ୍ଟରରୁ ଊର୍ଦ୍ଧ୍ୱ ଜମିକୁ ଏହି ପ୍ରକଳ୍ପ ଦ୍ୱାରା ଜଳସେଚିତ କରାଯାଇପାରିବ। ଏଥିସହ କୁକୁଡ଼ାଖଣ୍ଡି ପଞ୍ଚାୟତର ୧୪ଟି ଗ୍ରାମ ଓ ବ୍ରହ୍ମପୁର ମହାନଗର ନିଗମ ଗୋଷାଣୀନୂଆଗାଁ ଅଞ୍ଚଳର ପ୍ରାୟ ୭୫ ହଜାର ଲୋକଙ୍କୁ ପାନୀୟ ଜଳ ଯୋଗାଣ ହୋଇପାରିବ ବୋଲି କୁହାଯାଇଛି। ସେଠାରୁ ବାହାରି ୫–ଟିରେ ରୂପାନ୍ତରିତ ହୋଇଥିବା ପୁରୁଣାପାଟଣା ଉଚ୍ଚ ବିଦ୍ୟାଳୟର ସ୍ମାର୍ଟ କ୍ଲାସ ରୁମ୍, ଲାବୋରେଟୋରି ରୁମ୍ ବୁଲି ଦେଖିବା ସହ ପିଲାଙ୍କୁ କିପରି ଶିକ୍ଷାଦାନ କରାଯାଉଛି ସେ ସମ୍ପର୍କରେ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ପ୍ରକଳ୍ପ ମୁଖ୍ୟଯନ୍ତ୍ରୀ ଅଶ୍ୱିନୀ ମହାପାତ୍ର, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବିଭୁଦତ୍ତ ପଣ୍ଡା, ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜିତ ଦାସ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।


ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ମୁଖ୍ୟ ଶାସନ ସଚିବ, ୫–ଟି ସଚିବ ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ।

### ଖୁବ୍ ଶୀଘ୍ର କାର୍ଯ୍ୟ ଶେଷ ହେବ: ମୁଖ୍ୟ ଶାସନ ସଚିବ

ପରେ ୩ ସଚିବ ଗଜପତି ଜିଲା ଛେଳିଗଡ଼ ଜଳସେଚନ ଓ ଜଳବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିଥିଲେ। ମୃଷାଦଲିଠାରେ ନିର୍ମିତ ଟନେଲ କାର୍ଯ୍ୟ ବୁଲି ଦେଖିବା ସହ ଭିତରେ ପଶି ସମସ୍ତ ଆନୁଷଙ୍ଗିକ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ। କାର୍ଯ୍ୟ ଦେଖି ସଚିବମାନେ ସନ୍ତୋଷ ପ୍ରକାଶ କରିଛନ୍ତି। ଛେଳିଗଡ଼ ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ ହେବ ବୋଲି ମୁଖ୍ୟ ଶାସନ ସଚିବ ମହାପାତ୍ର ପ୍ରକାଶ କରିଥିଲେ। କାର୍ଯ୍ୟ ଶେଷ ହେବା ପରେ ପ୍ରଥମେ ଚାଷ ନିମନ୍ତେ କେନାଲ ସାହାଯ୍ୟରେ ଜଳ ଯୋଗାଇ ଦିଆଯିବ ବୋଲି କହିଥିଲେ। ସଚିବଙ୍କ ଗସ୍ତ ସମୟରେ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା, ବିଭାଗୀୟ ମୁଖ୍ୟଯନ୍ତ୍ରୀ ଇ. ଅଶ୍ୱିନ କୁମାର ମହାନ୍ତି, ପ୍ରକଳ୍ପ ଅଧୀକ୍ଷଣ ଯନ୍ତ୍ରୀ ଇଂ. ନଗେନ୍ଦ୍ର ନାଥ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଛେଳିଗଡ଼ ପ୍ରକଳ୍ପ କାର୍ଯ୍ୟ ୨୦୨୪ରେ ସମ୍ପୂର୍ଣ୍ଣ ହୋଇ ୬ହଜାର ହେକ୍ଟର ଜମିକୁ ଜଳ ଯୋଗାଇବା ସହ ୩୬ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହେବା ଲକ୍ଷ୍ୟ ରଖାଯାଇଛି।

# ଧକ୍କା ଦେଲା ମିନିଟ୍ରକ୍, ୨ ମୃତ

**ଦେବଗଡ଼,୨୮।୪(ଡି.ଏନ.ଏ)**

ଦେବଗଡ଼ ଥାନା ଅନ୍ତର୍ଗତ ୪୯ ନଂ. ଜାତୀୟ ରାଜପଥର ବଣିଆକିଲିଣ୍ଡା ଗ୍ରାମ ନିକଟରେ ଘଟିଥିବା ଦୁର୍ଘଟଣାରେ ୨ଜଣଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଦେବଗଡ଼ କାରଗିଲ ଛକର ଦେବରାଜ ମିଶ୍ର ଓ ପ୍ରଧାନସାହିର ସ୍ୱରାଜ ମୁଣ୍ଡା।ସୂଚନା ଅନୁସାରେ, ବୁଧବାର ଅପରାହ୍ନ ପ୍ରାୟ ୨ଟାବେଳେ ଦେବରାଜ ନିଜ ମିନି ଟ୍ରକ୍ ଯୋଗେ ବ୍ୟବସାୟିକ କାର୍ଯ୍ୟ ସାରି ବଳମ ପଟୁ ଦେବଗଡ଼ ଫେରୁଥିଲେ। ଏହି ସମୟରେ ୪୯ ନଂ. ଜାତୀୟ ରାଜପଥର ବଣିଆକିଲିଣ୍ଡା ଗ୍ରାମ ନିକଟରେ ଛିଡା ହୋଇଥିବା ଏକ ଟ୍ରକ୍‌ର ପଛପଟୁ ଉକ୍ତ ମିନିଟ୍ରକ୍ ଧକ୍କା ଦେବାରୁ ତିନିଜଣ ଗୁରୁତର ହୋଇଥିଲେ। ଖବର ପାଇ ଦେବଗଡ଼ ଦମକଳ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଦେବଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି।

# ପୁଅ ଠେଙ୍ଗା ମାଡ଼ରେ ମା' ମୃତ

**ହିଞ୍ଜିଳିକାଟୁ,୨୮।୪(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଅନ୍ତର୍ଗତ ଚାନ୍ଦୁଲି ଗ୍ରାମରେ ଗୁରୁବାର ପୁଅର ଠେଙ୍ଗା ମାଡ଼ରେ ବୃଦ୍ଧା ମା'ଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚାନ୍ଦୁଲି ଗାଁ ଆଡୁଆ ସାହିର କନକ ସାହୁ (୭୫)। ଅଭିଯୁକ୍ତ ପୁଅ ବାବୁଲା ସାହୁଙ୍କୁ ପୋଲିସ ଅଟକ ରଖିଛି। ପ୍ରକାଶ ଯେ, କନକଙ୍କ ସାନପୁଅ ହେଉଛନ୍ତି ବାବୁଲା। କୌଣସି କଥାକୁ ନେଇ ମା' ସହ ସେ ପାଟିତୁଣ୍ଡ କରିଥିଲେ। ପରେ ଠେଙ୍ଗାରେ ମା'ଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଗ୍ରାମବାସୀ ଗୁରୁତର ଅବସ୍ଥାରେ କନକଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ହିଞ୍ଜିଳି ପୋଲିସ ଅଭିଯୁକ୍ତ ବାବୁଲାଙ୍କୁ କାବୁ କରିଥିଲା। କନକଙ୍କ ବଡ଼ ପୁଅ ବିନୋଦଙ୍କ ଅଭିଯୋଗକ୍ରମେ ଏ ନେଇ ଥାନାରେ ନଂ ୨୧୫/୨୨ରେ ହତ୍ୟା ମାମଲା ରୁଜୁ ହୋଇଥିବା ଆଇଆଇସି ଅଭିମନ୍ୟୁ ଦାସ କହିଛନ୍ତି।

# ସର୍ଭିସ୍ ବନ୍ଧୁକରୁ ଗୁଳିକରି ଆତ୍ମହତ୍ୟା କଲେ ଯବାନ

**ମାଲକାନଗିରି, ୨୮।୪ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର କାଙ୍କେର ଜିଲାରେ ଗୁରୁବାର ଜଣେ ବିଏସ୍‌ଏଫ୍ ଯବାନ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ଉଜଳ ନନ୍ଦୀ। କାଙ୍କେର ଜିଲାର କାମଟେଡ଼ା ବିଏସ୍‌ଏଫ୍ କ୍ୟାମ୍ପରେ ଗୁରୁବାର ସକାଳ ୬ଟାରେ ଜଣେ ଯବାନ ଏକ କୋଠରିରେ କେହି ନ ଥିବା ବେଳେ ନିଜ ବନ୍ଧୁକରୁ ନିଜକୁ ଗୁଳିକରି ଆତ୍ମହତ୍ୟା କରିଥିଲେ। ଗୁଳି ଶବ୍ଦ ଶୁଣି ଅନ୍ୟ ଯବାନମାନେ ସେଠାରେ ପହଞ୍ଚିବା ବେଳକୁ ଉଜଳଙ୍କ ମୃତଦେହ କୋଠରିରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ତେବେ ସେ କାହିଁକି ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇନାହିଁ।

# ଗୁରୁ ମାୟାଧରଙ୍କୁ ଘରୁ ଉଚ୍ଛେଦ ଆପତ୍ତିଜନକ

## ମୋଦି ସରକାରରେ କଳାକାର ଅସମ୍ମାନିତ: ମଧୁମିତା

ନୂଆଦିଲ୍ଲୀ, ୨୮।୪: ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ୯୦ ବର୍ଷୀୟ ଓଡ଼ିଶୀ ନୃତ୍ୟଗୁରୁ ମାୟାଧର ରାଉତଙ୍କୁ ଦିଲ୍ଲୀର ଏସିଆନ୍ ଗେମ୍ସ ଗ୍ରାମରୁ ଉଚ୍ଛେଦ କରାଯାଇଛି। ବିନା ନୋଟିସ୍‌ରେ ତାଙ୍କୁ ସରକାରୀ ଘରୁ ବାହାର କରିଦିଆଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏପରିକି ଉଚ୍ଛେଦବେଳେ ତାଙ୍କୁ ପ୍ରଦାନ କରାଯାଇଥିବା ପଦ୍ମଶ୍ରୀ ମାନପତ୍ର ଅନ୍ୟ ସାମଗ୍ରୀ ସହ ରାସ୍ତାକଡ଼ରେ ପଡ଼ିଥିବା ଦୃଶ୍ୟ କଳାପ୍ରେମୀଙ୍କ ମନରେ ଉଦ୍‌ବେଗ ସୃଷ୍ଟି କରିଛି। କେନ୍ଦ୍ର ସରକାର କଳାକାରଙ୍କ ପ୍ରତି


ଓଡ଼ିଶୀ ନୃତ୍ୟଗୁରୁ ମାୟାଧର ରାଉତ

ଏପରି ବ୍ୟବହାର କରିବାକୁ ତାଙ୍କ ଝିଅ ମଧୁମିତା ରାଉତ ନିନ୍ଦା କରିଛନ୍ତି। ଉଚ୍ଛେଦ ନ୍ୟାୟସଙ୍ଗତ ହୋଇଥିଲେ ବି ଯେଉଁଭଳି ଭାବେ ତାଙ୍କ ବାପା ତଥା ନୃତ୍ୟଗୁରୁଙ୍କୁ ଘରୁ ବାହାର କରାଯାଇଛି ତାହା ଆପତ୍ତିଜନକ ବୋଲି ମଧୁମିତା କହିଛନ୍ତି। ସରକାରୀ ପଲିସି ଅନୁସାରେ ମାସକୁ ୨୦ ହଜାର ଟଙ୍କାରୁ କମ୍ ଆୟ ଥିବା ପ୍ରାୟ ୪୦ କଳାକାରଙ୍କୁ ସ୍ୱତନ୍ତ୍ର କୋଟା ଅଧୀନରେ ସଂସ୍କୃତି ମନ୍ତ୍ରଣାଳୟ ସୁପାରିଶ କ୍ରମେ ଘର ଆବଣ୍ଟନ କରାଯାଇପାରିବ। ଗୁରୁ ମାୟାଧରଙ୍କ ବ୍ୟାଙ୍କ ଆକାଉଣ୍ଟରେ ମାତ୍ର ୩ ହଜାର ଟଙ୍କା ଥିବାବେଳେ ତାଙ୍କ ନିକଟରେ କୌଣସି ସମ୍ପତ୍ତି କିମ୍ବା ଜମି ନାହିଁ। କେଉଁ ଆଧାରରେ ସରକାର ତାଙ୍କୁ ଉଚ୍ଛେଦ କରିଛନ୍ତି ବୋଲି ମଧୁମିତା ପ୍ରଶ୍ନ କରିଛନ୍ତି। ଏପରିକି ପୋଲିସ ଓ ଉଚ୍ଛେଦକାରୀ ଗୁରୁ ମାୟାଧରଙ୍କ ସହ ଅମାନବୀୟ ବ୍ୟବହାର କରିଥିବା ମଧୁମିତା ଅଭିଯୋଗ ଆଣିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରରେ କଳାକାରଙ୍କୁ ସମ୍ମାନ ଦିଆଯାଉ ନ ଥିବା କହି ସମାଲୋଚନା କରିଛନ୍ତି। ଆଗାମୀ ଦିନରେ ଆଉ ପ୍ରାୟ ୧୨ କଳାକାରଙ୍କୁ ସେମାନଙ୍କ ସରକାରୀ ବାସଭବନରୁ ଉଚ୍ଛେଦ କରାଯିବ। ସୂଚନା ଅନୁଯାୟୀ, ଶିଳ୍ପୀ ତଥା କଳାକାରମାନେ କେନ୍ଦ୍ର ସରକାରଙ୍କ ଇଚ୍ଛାଧୀନ କୋଟାରେ ସରକାରୀ ବାସଭବନରେ ଦଶନ୍ଧି ଧରି ରହିଆସୁଛନ୍ତି। କେତେକ ଆବଣ୍ଟନ ୧୯୮୦ ଦଶକରେ ହୋଇଥିବାବେଳେ ଅନ୍ୟ ଆବଣ୍ଟନ ୨୦୦୦ ଦଶକ ପ୍ରାରମ୍ଭରେ କରାଯାଇଥିଲା। କିନ୍ତୁ ୨୦୦୮ରେ ନୀତିରେ ପରିବର୍ତ୍ତନ ଅଣାଯାଇଥିବା ଦର୍ଶାଇ କେନ୍ଦ୍ର ସରକାର ଏବେ ସେମାନଙ୍କୁ ଘର ଖାଲି କରିବାକୁ କହିଛନ୍ତି। ସରକାରୀ ବାସଭବନରେ ରହୁଥିବା କଳାକାରମାନେ ଦୀର୍ଘ ବର୍ଷ ହେଲା ଲାଇସେନ୍ସ ବାବଦ ବକେୟା ଅର୍ଥ ମଧ୍ୟ ପଇଠ କରି ନ ଥିବା ସରକାର ପକ୍ଷରୁ କୁହାଯାଇଛି। ସେମାନେ ବାସଭବନ ଖାଲି କରିବାକୁ ୨୦୨୦ ଅକ୍ଟୋବରରେ ନୋଟିସ୍ ଜାରି କରାଯାଇ ଡିସେମ୍ବର ୩୧ ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। ଏହା ବିରୋଧରେ କଳାକାରମାନେ ଦିଲ୍ଲୀ ହାଇକୋର୍ଟ, ଡିଭିଜନ ବେଞ୍ଚଙ୍କ ନିକଟରେ ଆବେଦନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବାସଭବନ ଖାଲି କରିବା ପାଇଁ ସରକାର ଅଧିକ ସମୟ ଦେବାକୁ ଦାବି କରି ମଙ୍ଗଳବାର ଆଉ ଏକ ପିଟିଶନ ଦିଲ୍ଲୀ ହାଇକୋର୍ଟରେ ଦାଖଲ କରାଯାଇଛି।




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଦିବ୍ୟାଲିନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଲମୀଲୋ ଘରେ ଥା,**
**ଓଲେଇଲୋ ଘରୁ ଯା।**

ବୁଦ୍ଧିହୀନ, ନିର୍ବୋଧ ତଥା ଅଚତୁର ବ୍ୟକ୍ତିଙ୍କୁ ଓଲୁ ବା ଓଲି କୁହାଯାଏ। ଓଲି ବା ହୁଣ୍ଡି ନାରୀ କୌଣସି କଥା ଥରକରେ ବୁଝିପାରି ନ ଥାନ୍ତି କି ଜାଣିପାରି ନ ଥାନ୍ତି। ତାଙ୍କ ଦ୍ୱାରା କୌଣସି କାର୍ଯ୍ୟ ସଠିକ୍ ବା ସୁଚାରୁ ରୂପେ ହୋଇପାରି ନ ଥାଏ। ସେହିପରି ଓଲେଇ ଖାଇବା ଜିନିଷ ଦେଖିବା ମାତ୍ରକେ ପାଟିରେ ପକାଇ ଦେଇଥାଏ। ସମୟ ଓ ପରିମାଣ ଜ୍ଞାନ ରଖି ନ ଥାଏ। ଓଲି ଅପେକ୍ଷା ଓଲେଇ ନାରୀ ପ୍ରତି ଆଡ଼ ଆଡ଼ ଭାବ ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବଡ଼ଭାଇ ଟାଙ୍ଗିଆ ଚୋଟରେ ସାନ ମୃତ

## ଜମିରେ ଚାଷ କରିବାକୁ ନେଇ ବଚସା

**ରାଇଘର, ୨୮।୪(ଡି.ଏନ୍.ଏ.)**

ଏକ ଜମିକୁ ନେଇ ୨ ସମ୍ପର୍କୀୟ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହେବାରୁ ଉତ୍କ୍ଷିପ୍ତ ହୋଇ ବଡ଼ଭାଇ ଟାଙ୍ଗିଆରେ ସାନ ଭାଇଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଘଟଣାସ୍ଥଳରେ ସାନ ଭାଇଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନବରଙ୍ଗପୁର ଜିଲା ରାଇଘର ଥାନା ହତିବେନା ଗାଁର ଦେଓ ସିଂ ଗଣ୍ଡ (୫୦)।

ପୋଲିସ ସୂଚନାନୁଯାୟୀ, ହତିବେନା ଗାଁର ଚରଣ ସିଂ ଗଣ୍ଡଙ୍କ ଏକ ବୁଦା ଓ ଖାଲ ଜମି ଥିଲା। ଚରଣଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ସାଗରାଙ୍କୁ କିଛି ଟଙ୍କାଦେଇ ଉକ୍ତ ଜମିକୁ ଚାଷ କରିବାକୁ ଦେଓସିଂ ଆଣିଥିଲେ। ଦେଓସିଂ ଜମିକୁ ସଫା କରି ସେଥିରେ ମକା ଫସଲ କରିଥିଲେ। ଚଳିତ ବର୍ଷ ମଧ୍ୟ ଉକ୍ତ ଜମିରେ ଚାଷ କରିବାର ଥିଲା। କିନ୍ତୁ ଦାଦା ପୁଅ ଭାଇ କମଳ ସିଂ (୫୫) ମଧ୍ୟ ଏହି ଜମିକୁ ଚାଷ କରିବାକୁ ସାଗରାଙ୍କୁ ଟଙ୍କା ଦେଇଥିବା ଦେଓସିଂ ଜାଣିଥିଲେ। ଏ ସମ୍ପର୍କରେ ପଚାରିବାକୁ ସେ ଗୁରୁବାର କମଳଙ୍କ ଘରକୁ ଯାଇଥିଲେ। ଜମି କଥାକୁ ନେଇ ୨ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। କମଳ, ତାଙ୍କ ସ୍ତ୍ରୀ ଓ ଝିଅ ଦେଓସିଂଙ୍କୁ ଠେଲାପେଲା କରିଥିଲେ। ଏହାପରେ କମଳ ଉତ୍କ୍ଷିପ୍ତ ହୋଇ ଏକ ଟାଙ୍ଗିଆରେ ଦେଓସିଂଙ୍କ ମୁଣ୍ଡକୁ ଚୋଟ ମାରିଥିଲେ। ଘଟଣାସ୍ଥଳରେ ହିଁ ଦେଓସିଂଙ୍କ ମୃତ୍ୟୁ ହୋଇଯାଇଥିଲା। ଖବରପାଇ ରାଇଘର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ରାଇଘର ଥାନାଧିକାରୀ ଟଙ୍କଗିରି ଭୋଇ କମଳ ସିଂ, ତାଙ୍କ ସ୍ତ୍ରୀ ଓ ଝିଅଙ୍କୁ ରାଇଘର ଥାନାରେ ଅଟକ ରଖି ପଚରାଉଚୁରା କରୁଛନ୍ତି। ରାଇଘର ଥାନାରେ କେସ୍ ନଂ. ୮୪/୨୨ରେ ଏକ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ କହିଛନ୍ତି।

## କେନ୍ଦୁଝର ଜିଲାପାଳଙ୍କୁ ପୁଣି ସମନ

**କେନ୍ଦୁଝର,୨୮।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲାପାଳ ଆଶିଷ ଠାକରେଙ୍କୁ ପୁଣି ସମନ କରିଛନ୍ତି ଜାତୀୟ ଜନଜାତି କମିଶନ। କମିଶନଙ୍କ ସଦସ୍ୟ ଅନନ୍ତ ନାୟକଙ୍କ ନିର୍ଦ୍ଦେଶରେ ମେ'୯ ପୂର୍ବାହ୍ନ ୧୧ଟାରେ ହାଜର ହେବା ପାଇଁ ଜିଲାପାଳଙ୍କୁ କୁହାଯାଇଛି। ପ୍ରତିନିଧି ନୁହେଁ, ବ୍ୟକ୍ତିଗତ ଭାବେ ହାଜର ହେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, କେନ୍ଦୁଝର ଆଦିବାସୀ ସଂଗଠନ ବିଭିନ୍ନ ସମସ୍ୟା ନେଇ ଅନୁସୂଚିତ ଜନଜାତି ଆୟୋଗରେ ମାମଲା ଦାୟର କରିଥିଲେ। ଆୟୋଗ ପକ୍ଷରୁ ଶୁଣାଣି ସମୟରେ ଉପସ୍ଥିତ ରହିବା ପାଇଁ କେନ୍ଦୁଝର ଜିଲାପାଳଙ୍କୁ ବାରମ୍ବାର ନୋଟିସ ପରେ ହାଜର ହେଉ ନ ଥିବାରୁ ୱାରେଣ୍ଟ ମଧ୍ୟ ଜାରି କରିଥିଲେ ଜାତୀୟ ଜନଜାତି କମିଶନ।

## ୪ ସପ୍ତାହରେ ତଦନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ

ପୁରୀ ଅଫିସ,୨୮।୪: ପୁରୀ ଟାଉନ ଥାନା ଅଞ୍ଚଳରେ ଘଟିଥିବା ୫ବର୍ଷୀୟା ନାବାଳିକା ବଳାତ୍କାର ମାମଲାରେ ଭାରତୀୟ ବିକାଶ ପରିଷଦର ସୁବ୍ରତ କୁମାର ଦାଶ ମାନବ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। କମିଶନ ନାବାଳିକାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ନିରପେକ୍ଷ ତଦନ୍ତ ପାଇଁ ଦାଶ ଦାବି କରିଥିଲେ। ଏହି ମାମଲାରେ କମିଶନ ନିରପେକ୍ଷ ତଦନ୍ତ ରିପୋର୍ଟ ଦାଖଲ କରିବା ପାଇଁ ପୁରୀ ଏସ୍‌ପି ଏବଂ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ କୁହାଯାଇଛି।

ପ୍ରଥମ ପୃଷ୍ଠାରୁ...

### ସମ୍ପତ୍ତି ପାଇଁ...

ମହଲାରେ ଆଣି ରଖିଥିଲେ। ଏଥିସହ ତୁଷାରଙ୍କୁ କିଛିଦିନ ପାଇଁ କାମରୁ ଛୁଟି ମଧ୍ୟ ଦେଇଥିଲେ। ତୁଷାରଙ୍କ ପରିବାର ପାଇଁ ମାଲିକ ଖାଦ୍ୟପେୟର ମଧ୍ୟ ବ୍ୟବସ୍ଥା କରିଥିଲେ। ବୁଧବାର ସନ୍ଧ୍ୟାରେ ନିଲା ଉପର ମହଲାକୁ ଯାଇ ମାଲିକାଣୀଙ୍କଠୁ ଚା' ପିଇବା ସହ କୁନିଝିଅ ଶିବନ୍ୟାଙ୍କ ପାଇଁ କ୍ଷୀର ଆଣିଥିଲେ। ରାତି ପ୍ରାୟ ୮ଟା ୩୦ ବେଳେ ନିଲା ଉପର ମହଲାକୁ ଯାଇ ଖାଦ୍ୟ ଆଣିଥାନ୍ତି। ହେଲେ ସେ ନ ଯିବାରୁ ମାଲିକଙ୍କ ସ୍ତ୍ରୀ ନିଲାଙ୍କୁ ଫୋନ୍ କରିଥିଲେ। ସେ ଫୋନ୍ ନ ଉଠାଇବାରୁ ତାଙ୍କ ବଡ଼ପୁଅଙ୍କୁ ଡାକିବାକୁ ତଳକୁ ପଠାଇଥିଲେ। ବଡ଼ପୁଅ ରୁମ୍‌ର କବାଟ ବାଡ଼େଇ ଡାକିବା ସତ୍ତ୍ୱେ ମଧ୍ୟ ଖୋଲି ନ ଥିଲା। ତେଣୁ ଏନେଇ ଉତ୍ତମଙ୍କୁ ଜଣାଇଥିଲେ। ଉତ୍ତମ ତାଙ୍କ ୨ କର୍ମଚାରୀଙ୍କୁ ଘରକୁ ପଠାଇଥିଲେ। କର୍ମଚାରୀଦ୍ୱୟ ଝରକା ତାଡ଼ି ଦେଖିବାରୁ ଦମ୍ପତି ଓ ଶିଶୁ କନ୍ୟାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଏନେଇ ସେମାନେ ମାଲିକ ଉତ୍ତମଙ୍କୁ ଜଣାଇବାରୁ ପୋଲିସକୁ ଖବର ଦେଇଥିଲେ। ବିଳମ୍ବିତ ରାତି ପ୍ରାୟ ୧୨ଟା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ତାଡ଼ି ଭିତରେ ପଶିଥିଲା। ସ୍କାଏଲାଇଟରେ ଓଢ଼ଣି ଦ୍ୱାରା ଝୁଲୁଥିବା ଦମ୍ପତି ଓ ତାଙ୍କ ଶିଶୁକନ୍ୟାଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା।

### ସ୍ୱତନ୍ତ୍ର ହେଲିକପ୍ଟରରେ...

ବାହାଘରର ସମସ୍ତ ବ୍ୟବସ୍ଥା ସରିଛି। ତାଙ୍କୁ ତୁରନ୍ତ ଘରକୁ ପଠାଇବା ନିମନ୍ତେ ସେମାନେ ଅନୁରୋଧ କରିଥିଲେ। ବିଏସ୍‌ଏଫ୍ ଆଇଜି ରାଜାବାବୁ ସିଂଙ୍କୁ ଏ ନେଇ ଅଧିକାରୀମାନେ ଅବଗତ କରାଇଥିଲେ। ରାଜାବାବୁ ଶ୍ରୀନଗରରେ ଥିବା ଚିତା ହେଲିକପ୍ଟରରେ ନାରାୟଣଙ୍କୁ ପଠାଇବା ଲାଗି ବନ୍ଦୋବସ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜଣେ ଯବାନଙ୍କ ପାଇଁ ସୁରକ୍ଷା ବଳର ଏପରି ପଦକ୍ଷେପକୁ ପ୍ରଶଂସା କରାଯାଇଛି।

### ତାତିରୁ ମିଳୁନି...

ଅନୁମାନ କରାଯାଇଛି। ଚଳିତବର୍ଷ ତାତିରେ ରେକର୍ଡ ଭାଙ୍ଗିଛି ବୌଦ୍ଧ। ଗୁରୁବାର ଏଠାକାର ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ସେଲ୍‌ସିୟସ୍ ଛୁଇଁଛି। ସେହିପରି ରାଜ୍ୟର ୨୫ ସ୍ଥାନରେ ପାରଦ ୪୦ ଡିଗ୍ରୀ, ୧୩ଟି ସ୍ଥାନରେ ୪୩ ଡିଗ୍ରୀ ଏବଂ ୮ଟି ସ୍ଥାନରେ ୪୪ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ତରଫରୁ ମିଳିଥିବା ସୂଚନା ଅନୁଯାୟୀ, ଦେବଗଡ଼ର ସର୍ବୋଚ୍ଚ ତାପମାତ୍ରା ୪୪.୫ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି। ସେହିପରି ଝାରସୁଗୁଡ଼ା ୪୪.୪, ଅନୁଗୋଳ ୪୪.୩, ସମ୍ବଲପୁର ୪୪, ବଲାଙ୍ଗୀର ୪୪.୫, ଟିଟିଲାଗଡ଼ ୪୪.୨, ତାଳଚେର ୪୩.୫, ସୁନ୍ଦରଗଡ଼ ୪୩, ଭବାନୀପାଟଣା ୪୩, ବରଗଡ଼ ୪୩.୫, ଚାନ୍ଦବାଲି ୪୦.୪, କଟକ ୪୦, କେନ୍ଦୁଝର ୪୨.୮, ବାରିପଦା ୪୨.୪, ଫୁଲବାଣୀ ୪୧.୮, ଭଦ୍ରକ ୪୧.୫, ଯାଜପୁର ୪୧, ଢେଙ୍କାନାଳ ୪୨, ନୂଆପଡ଼ା ୪୨, ନୟାଗଡ଼ ୪୧.୫, ପାରଳାଖେମୁଣ୍ଡି ୪୧.୫ ଏବଂ ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଛୁଇଁଛି। ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାକୁ ଆହୁରି ୩ ଦିନ ସିଝାଇବ ତାତି। ୨୯ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ଅନୁଗୋଳ, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ, ବଲାଙ୍ଗୀର ଜିଲାରେ ପ୍ରଚଣ୍ଡ ଗ୍ରୀଷ୍ମ ଲହରି ଜାରି ରହିବ। ୩୦ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ସୋନପୁର, ବଲାଙ୍ଗୀର, ବୌଦ୍ଧ ଜିଲାକୁ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଅସ୍ତବ୍ୟସ୍ତ କରିବ। ଏହି ସବୁ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ମଧ୍ୟାହ୍ନ ସମୟରେ ଘରୁ ପଦାକୁ ନ ବାହାରିବାକୁ କୁହାଯାଇଛି। ବାହାରକୁ ଗଲାବେଳେ ଦେହ, ମୁଣ୍ଡକୁ ଭଲ ଭାବେ ଘୋଡ଼ାଇବାକୁ ପରାମର୍ଶ ଦିଆଯାଇଛି। ତେବେ ଆସନ୍ତା ୧ ତାରିଖରୁ ରାଜ୍ୟରେ ପାଗରେ ପରିବର୍ତ୍ତନ ହେବ। ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ନୟାଗଡ଼, କନ୍ଧମାଳ, ଗଞ୍ଜାମ, ଗଜପତି, ରାୟଗଡ଼ା ଏବଂ କୋରାପୁଟ ଜିଲାରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଓଡ଼ିଶା ସମେତ...

ପ୍ରବାହ ସମୟରେ କୋଇଲା ସଙ୍କଟରୁ ସୃଷ୍ଟି ହୋଇଥିବା ପାୱାର କଟ୍ ସମସ୍ୟାକୁ ବହୁଗୁଣିତ କରିଦେଇଛି। ଜମ୍ମୁ-କଶ୍ମୀରଠାରୁ ଆରମ୍ଭ କରି ଆନ୍ଧ୍ରପ୍ରଦେଶ ଯାଏ ଅନେକ ରାଜ୍ୟରେ ୨ରୁ ୮ ଘଣ୍ଟା ବିଦ୍ୟୁତ୍ କାଟ୍ ହେଉଛି। ଶିଳ୍ପ ଉତ୍ପାଦନ ବାଧାପ୍ରାପ୍ତ ହେଉଛି। ଦେଶରେ ମୋଟ ବିଦ୍ୟୁତ୍ ନିଅଣ୍ଟ ୬୨୩ ନିୟୁତ ୟୁନିଟ୍‌ରେ ପହଞ୍ଚିଛି। ଦେଶର ୭୦% ବିଦ୍ୟୁତ୍ କୋଇଲାଭିତ୍ତିକ ତାପଜ ବିଦ୍ୟୁତ୍ ପ୍ଲାଣ୍ଟରୁ ଉତ୍ପାଦନ ହୋଇଥାଏ। ଯୋଗାଣ ସମସ୍ୟା କାରଣରୁ ବିଭିନ୍ନ ବିଦ୍ୟୁତ୍ ପ୍ଲାଣ୍ଟରେ କୋଇଲା ଅଭାବ ଦେଖାଦେଇଛି। ଆଗାମୀ ୩ବର୍ଷ ଯାଏ କୋଇଲା ଆମଦାନୀ ବଢ଼ାଇବାକୁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀ ସାହାଯ୍ୟ ଓ ସହଯୋଗ କରିବାର ପ୍ରତିଶ୍ରୁତି ଦେଇପାରନ୍ତି। ଯାନ୍ତ୍ରିକ ଶିଳ୍ପରେ ଉନ୍ନତି, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଶିଥିଳତା ପରିଲକ୍ଷିତ ହୋଇପାରେ। ପରିବାରରେ ଅଶାନ୍ତି ଦୂର ହେବା ପାଇଁ ବନ୍ଧୁଙ୍କ ସାହାଯ୍ୟ ନେଇ ପାରନ୍ତି। ସନ୍ତାନ ହେତୁକ ଅନାଦର ଭାବ ଅନୁଭବ କରି ଦୁଃଖିତ ହେବେ।

**ବୃଷ** — ଆଜି ବିଶେଷ ଅସୁବିଧା ନ ହେଲେ ମଧ୍ୟ କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମ ସୃଷ୍ଟି ହୋଇପାରେ। ଅନ୍ୟମନସ୍କ ରହିବା ହେତୁ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। ଆଜି ଅଫିସରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ପାରିବାରିକ କ୍ଷେତ୍ରରେ ଜଗିରଖି ଚଳନ୍ତୁ, ଅନ୍ୟଥା ସମସ୍ୟା ବଢ଼ିବଢ଼ି ଯିବ।

**ମିଥୁନ** — ଚେଷ୍ଟା କରୁଥିବା କାମରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ଦୁଃସାହସିକ ପଦକ୍ଷେପ ନେବା ଶୁଭଫଳ ଦେବ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅଶାନ୍ତିକୁ ଡାକି ଆଣିପାରନ୍ତି। ଉଚ୍ଚ ପଦାଧିକାରୀଙ୍କୁ ମନକଥା କହି କାମ ହାସଲରେ ସମର୍ଥ ହେବେ।

**କର୍କଟ** — ମନକୁ ସୁହାଇଲା ଭଳି କଥା କହି ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାରେ ସଫଳ ହେବେ। ଅନ୍ୟାୟ ବିରୋଧରେ ସ୍ୱର ଉଠାଇବେ ସତ ସହଯୋଗ ପାଇବା କଷ୍ଟକର ହେବ। ବିଶେଷ ଭ୍ରମଣ କାରଣରୁ ସ୍ୱାସ୍ଥ୍ୟହାନି ଦେଖାଦେଇ ପାରେ। ଶିଳ୍ପ, ବାଣିଜ୍ୟ, ଯାତ୍ରା, ରାଜନୀତି, ପ୍ରଶାସନ କ୍ଷେତ୍ରରେ ସମସ୍ୟାକୁ ସୁଧାରି ନେବା ପାଇଁ ପ୍ରଯତ୍ନ କରିପାରନ୍ତି।

**ସିଂହ** — ବିଭିନ୍ନ ପ୍ରକାରର କାମ ଚାପରେ ମାନସିକ ସ୍ଥିରତା ରହିବ ନାହିଁ। ସଭାସମିତିରେ ପ୍ରିୟଜନମାନଙ୍କୁ ଯୁକ୍ତିଯୁକ୍ତକଥା କହି ସମସ୍ୟାକୁ ସୁଧାରି ନେବେ। କିଛି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି। ନିଜ ପସନ୍ଦର ଜିନିଷ ଆଣିବା ପାଇଁ ସ୍ୱାମୀଙ୍କୁ ଅନୁରୋଧ କରିପାରନ୍ତି।

**କନ୍ୟା** — ଆଜି ବିଭିନ୍ନ ଦିଗରୁ ସାହାଯ୍ୟ, ସହଯୋଗର ଅବାରିତ ଧାରା ବହି ଆସିବ। ଜମିଜମା, ମାଲିମକଦ୍ଦମା, ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ରାଜନୈତିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। କୌଣସି ନୂତନ ଭାବରେ ଆରମ୍ଭ କରିବାକୁ ଥିବା କାମ ନିର୍ବିଘ୍ନରେ ସମାପନ କରିପାରିବେ। ଆନୁଷ୍ଠାନିକ କାମରେ ବନ୍ଧୁମିଳନରୁ ଖୁସି ରହିବେ।

**ତୁଳା** — ଆଜି ପାରିବାରିକ, ସାମାଜିକ, ରାଜନୈତିକ, ସାଂଗଠନିକ ଓ ଲୋକ ସମ୍ପର୍କ କ୍ଷେତ୍ରରେ ସୁଫଳ ପାଇବେ। ଅତି ନିକଟରେ ରହି ସାହାଯ୍ୟ କରୁଥିବା ବ୍ୟକ୍ତି ଉପରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ। ଅଫିସରେ ପରିଚାଳନା ଦାୟିତ୍ୱ କ୍ରମେ ବୃଦ୍ଧି ପାଇପାରେ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି ।

**ବିଛା** — ଦୀର୍ଘଦିନରୁ ଚିନ୍ତା କରୁଥିବା କାମରେ ଅଗ୍ରଗତିର ସୂଚନା ପାଇ ସାମୟିକ ଖୁସି ହେବେ। ବନ୍ଧୁମିଳନ ସହ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ। କର୍ମକ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ। ଉଚ୍ଚବର୍ଗଙ୍କ ସହାୟତା ମିଳିବା ସାଙ୍ଗକୁ ପ୍ରଶାସନିକ ସ୍ତରରେ ସମସ୍ୟାର ସମାଧାନ ହୋଇଯିବ ।

**ଧନୁ** — ଅତୀତ ଘଟଣାକୁ ଚିନ୍ତା କରି ଆଜି ସକାଳୁ ବିଭିନ୍ନ ଦୁଶ୍ଚିନ୍ତା ମନକୁ ଆକ୍ରାନ୍ତ କରିବ। ପାରିବାରିକ ସମସ୍ୟା ପଛକୁ ପକାଇ ଏକ ଗୁରୁତ୍ୱପୂର୍ଣ୍ଣ କାମକୁ ପ୍ରାଧାନ୍ୟ ଦେବେ। ରଚନାତ୍ମକ କାମ, ଗବେଷଣା, ଅନୁସନ୍ଧାନ, କଳା, ସାହିତ୍ୟ ପ୍ରଭୃତି କ୍ଷେତ୍ରରେ ଶୁଭଫଳ ପାଇବେ। ଗୁରୁବର୍ଗୀୟ ବ୍ୟକ୍ତିଙ୍କ ଆରୋଗ୍ୟ ସକାଶେ ବ୍ୟାକୁଳତା ପ୍ରକାଶ ପାଇବ।

**ମକର** — ଯୁକ୍ତିଯୁକ୍ତ କଥା କହି ନିଜ ସଂସ୍ପର୍ଶରେ ଆସୁଥିବା ଲୋକମାନଙ୍କୁ ମୁଗ୍ଧ କରିବାରେ ଅଗ୍ରଣୀ ହେବେ। ଋଣ ଭାର କ୍ରମଶଃ ବୃଦ୍ଧି ପାଉଥିବା କାରଣରୁ ସାମୟିକ ଚିନ୍ତା କରିବେ। ଦୀର୍ଘ ପ୍ରତୀକ୍ଷାର ଅବସାନ ଘଟିବ ଏବଂ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ମାଙ୍ଗଳିକ ତଥା ଜନକଲ୍ୟାଣମୂଳକ କାମରେ ନିଜକୁ ନିୟୋଜିତ କରି ଖୁସି ରହିପାରନ୍ତି।

**କୁମ୍ଭ** — ଆଜି ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବା ସହ ନିଜ ଲୋକମାନଙ୍କ ଶତ୍ରୁତା ଦୁଶ୍ଚିନ୍ତାକୁ ବୃଦ୍ଧି କରିବ । ଗତକାଲିଠାରୁ ସ୍ଥଗିତ କାମକୁ ଆଜି ପୂରା କରିବାପାଇଁ ନିଷ୍ପତ୍ତି ନେବେ। ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବା ଦ୍ୱାରା ଅଟକି ଥିବା କାମ ତ୍ୱରାନ୍ୱିତ ହେବ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ମୀନ** — ଆପଣଙ୍କର ଯାହା କିଛି ସାଧାରଣ ସମସ୍ୟା ରହିଛି, ସେଥିରେ ବିଶେଷ କିଛି ଅସୁବିଧା ହେବ ନାହିଁ। ଲୋକ ସମ୍ପର୍କ, ଆଲୋଚନା, ସଭାସମିତି ପ୍ରଭୃତି ବିଭିନ୍ନ ଦିଗରୁ ଲାଭବାନ ହେବେ। ମାଙ୍ଗଳିକ କାମ ସକାଶେ ଦୂରଯାତ୍ରା କରିବାକୁ ପଡ଼ିପାରେ। ପରିବାରରେ ପିତୃଅର୍ଜିତ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ।


# classifieds

**Everyday**
0674-2580101, 2549302



## SALE

Plot for sale at Chhatabar Per Sqft @299/-. 9583295832, 9937816565. D-201

**Single owner 1500square feet gharabari plot having boundarywall yellowzone sthitiban BDA/BMC, North/ East facing, ward number 4 sale near Audi Showroom service centre, Bhubaneswar. Contact: 8260114933.** D-258

Bhubaneswarର Hanspal ନିକଟସ୍ଥ Benupur ଠାରେ ପିଚୁରୋଡ୍ ପାଖରେ 1500/2000sqft.ର ଦୁଇଟି ଘରବାରି ପ୍ଲଟ୍ ବାଉଣ୍ଡରୀ ସହିତ per sqft. 899/-ରେ ବିକ୍ରି ହେବ। ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 9937161494. D-277

ଭୁବନେଶ୍ୱର ପିତାପଲ୍ଲୀ ଛକରୁ **50mtr** ଦୂରରେ **BDA yellowzone** ପ୍ଲଟ୍ ମିଳୁଛି। **9556368377.** D-73238

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228

**Under construction 3 BHK Premium Flats (S+ 4) for sale at N1-285, I.R.C Village, BMC approved. Contact: 9178224385.** D-270

2000sqft. ପ୍ଲଟ୍ 8,00,000/- (15 plot available) ସୁନ୍ଦରପଦାରୁ ଜଟଣୀ ରୋଡ୍ Bhubaneswar. 9439493164. D-73242

ଭୁବନେଶ୍ୱର-ପୁରୀ ଯିବା ରାସ୍ତାରେ ମଙ୍ଗଳପୁର NHରୁ 1 Km. Distance 30 Ft. Road, ଘରବାରି, Boundary, ଇଲେକ୍ଟ୍ରିସିଟି ଥାଇ Shreekhetra Vihar Colony, Gated Society ରେ sqft. 399/- ପ୍ଲଟ୍ ବିକ୍ରିହେବ । 8117084862. D-73231

Plot for sale at Pitapalli NH-16 Side @900/-. 9583295832, 9937816565. D-200

**ଭୁବନେଶ୍ୱର ହଂସପାଳଛକ, ନଖରା ଛକ ଏବଂ ପଟିଆ KIIT College ଛକ ପାଖରେ 3BHK Duplex/ flat ଅଛି। 9658122456, 8327785834.** D-73241

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-1200କୁ 3,60,000/- outrateରେ ମିଳୁଛି। 9439660381, 9556055607. D-176

**Duplex sale at Bhubaneswar @45lakhs and apartment@42lakhs. 9439206202.** D-73235

**5BHK new construction individual house sale at Gita Engg. College, Madanpur, BBSR. Cost 1crore 10lakh (land area-2750sqft. built up area 2800sqft. Contact: 8144978585, 7978090773.** D-266

ଭୁବନେଶ୍ୱର Hanspal NHରୁ 3k.m. ଦୂରତାରେ duplex ଏବଂ plot କିଣନ୍ତୁ। 6372789556. D-73239

**NH-16A କାଟେଣି ଛକରୁ 1K.M. ଦୂରରେ କଟକ ଆଡ଼କୁ କଣ୍ଟାବାଡ଼ ହାଇସ୍କୁଲ ପାଖରେ ରୋଡ୍ side ଘରବାଡ଼ି ପ୍ଲଟ୍ ମିଳୁଛି। 8658219495.** D-220

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106



2BHK in Mahadev Nagar, Jharapada, BBSR Rs.- 9000/- P.M. with Car parking (for Family Members only). Contact # 9437756980. D-265

2BHK flat with parking at Lingipur rent family. Contact: 7894381416. D-71496

Halltypeaccommodation GF-500sqft., First Floor 1400sqft., Third Floor 1200sqft. available. Bapuji Nagar (12th lane). Contact: 9861082582. D-71983

## ACCOMMODATION

Required 200sqft. Godown with RCC Roof in Bhubaneswar. 7205845077. D-70272



Take one hour any therapy @888 only, Jaydev Vihar. Call: 7852986810. D-71490

Newly open SPA positively health benefits expert therapist, kalpana. 7846814019. D-71500

Newly open SPA positively health benifit with expert. Contact: 7749976301. D-71980

Newly open full body massage expert male/ female therapist. 7008713526. D-71497

## LOST

It is hereby informed that original sale deed bearing No.- 2038 dt. 02.09.1996 Executed by Gokula Barik in favour of Sachidananda Mohanty and others has been lost by me on dt. 24.04.2022 on the way while coming from my Petrol Pump at Jatamundia to my father in laws house at Harirajpur, Banki if found I request to hand over to me and not to misuse.

Sd./- Manoj Kumar Nayak. 9778216955. D-273

## AFFIDAVIT

By virtue of an affidavit dated 06.04.2022 before the Executive Magistrate, Cuttack I Smita Samal aged about 35 years, D/o- Hata Kishore Samal, At/PO.- Gopalpur, Dist.- Cuttack. That my Fathers name mentioned wrongly in my HSC Certificate as Hatakeswar Samal instead of Hata Kishore Samal that Hata Kishore Samal and Hatakeswar Samal is one and same person. That this affidavit is required to be produced before the concerned authority for proof of the name of my father as Hata Kishore Samal. D-279

By virtue of an affidavit in the Court of Executive Magistrate, Khaira I declare that in my Aadhaar & SBI (Antara Branch) passbook my name has been recorded as Lambodar Mohanty. But in LIC Certificate (Policy No.- 586243619) my name has been mentioned as Rajesh Mohanty. Both the name Lambodar & Rajesh are one and same person. I will be responsible if any discrepancies arise in future. D-276


## ନିରୁଦ୍ଦିଷ୍ଟ



କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ରଣପାଟୁଳୀ ଗ୍ରାମର ବସ୍ୟାନନ୍ଦ ପ୍ରଧାନ(୬୩), ଉଚ୍ଚତା- ୪ ଫୁଟ ୫ଇଞ୍ଚ, ଭୁବନେଶ୍ୱର ପଳାଶୁଣୀରେ ରହୁଥିବା ତାଙ୍କ ପୁଅଙ୍କ ପାଖକୁ ଯାଇଥିଲେ। ସେଠାରୁ ତାଙ୍କ ସମ୍ପର୍କୀୟଙ୍କ ପାଖକୁ ୟୁନିଟ୍ ୪ ଓଲ୍ଡ ଏଜି କଲୋନୀ ଯାଇଥିଲେ। ଗତ ୨୨ ତାରିଖ ସକାଳେ ମର୍ଣ୍ଣିଂ ୱାକ୍ କରିବା ପାଇଁ ଯାଇ କେଉଁଆଡେ ନିଖୋଜ ହୋଇଯାଇଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କର ସନ୍ଧାନ ପାଆନ୍ତି ଏହି ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ୮୮୯୫୯୮୬୪୭୧, ୮୮୯୫୭୩୬୩୦୪. ଧ-୨୭୩


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ବାଲ୍ୟ ବିବାହ ମଞ୍ଚର ବାର୍ଷିକ ଅଧିବେଶନ

**ବୌଦ୍ଧ,୨୮।୪(ସ୍ୱ.ପ୍ର.)**

ବୌଦ୍ଧ ଜିଲା ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚର ବାର୍ଷିକ ଅଧିବେଶନ ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ଭାରପ୍ରାପ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଧାଂଶୁ ଶେଖର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା ଶ୍ରମ ଅଧିକାରୀ ପ୍ରଶନ୍ନ କୁମାର ପ୍ରଧାନ ଯୋଗ ଦେଇ ନିର୍ମାଣ ଶ୍ରମିକ ଯୋଜନା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ଶିଶୁମାନଙ୍କ ପାଇଁ ଥିବା ଯୋଜନା ଉପରେ କହିବା ସହ ବାଲ୍ୟ ବିବାହରୁ ମୁକ୍ତ ହେଉଥିବା ବାଳିକାମାନଙ୍କୁ ଆଗକୁ ପାଠପଢା ଜାରି ରଖିବାକୁ ଆହ୍ୱାନ କରିଥିଲେ। ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ସାକ୍ଷୀଗୋପାଳ ପ୍ରଧାନ କିଶୋର ବାଳିକାବାଳକମାନେ ଯେପରି ସଶକ୍ତ ହୋଇପାରିବେ ସେ ନେଇ ଥିବା ଯୋଜନା ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲାପାଳ ଜିଲା ଯେପରି ବାଲ୍ୟବିବାହ ମୁକ୍ତ ହୋଇପାରିବ ସେ ନେଇ ମତ ରଖିଥିଲେ। କାର୍ଯ୍ୟକ୍ରମରେ ସିଡିପିଓ ନିରୁପମା ପାଣି ଓ ଜ୍ୟୋସ୍ନା ପାଢୀ ଆଗାମୀ ଦିନରେ ବାଲ୍ୟ ବିବାହ ମଞ୍ଚର କାର୍ଯ୍ୟକ୍ରମ ସ୍ଥିର କରିଥିଲେ। ବାଲ୍ୟ ବିବାହ ନିଷେଧ ପରାମର୍ଶ ଦାତ୍ରୀ ସୁଶ୍ରୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୋଗ୍ରାମ ଅଫିସର ଶର୍ମିଷ୍ଠା ହୋତା ଧନ୍ୟବାଦ ଦେଇଥିଲେ।

# 'ରାଷ୍ଟ୍ରପତି ନୁହେଁ, ପ୍ରଧାନମନ୍ତ୍ରୀ ହେବାର ସ୍ୱପ୍ନ ରହିଛି'

ଲକ୍ଷ୍ନୌ,୨୮।୪

ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଅଧ୍ୟକ୍ଷା ମାୟାବତୀଙ୍କ ରାଷ୍ଟ୍ରପତି ପଦ ଲୋଭ ଯୋଗୁ ଉତ୍ତରପ୍ରଦେଶରେ ଭାଜପା ପୁଣିଥରେ କ୍ଷମତାକୁ ଫେରିଲା ବୋଲି ସମାଜବାଦୀ ପାର୍ଟି ଗୁଜବ ପ୍ରଚାର କରୁଥିବା ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ସେ ଅଭିଯୋଗ କରିଛନ୍ତି। ବରଂ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ମୁଖ୍ୟମନ୍ତ୍ରୀ ହେବା ଲାଗି ବାଟ ସଫା କରିବା ନିମନ୍ତେ ତାଙ୍କୁ ରାଷ୍ଟ୍ରପତି କରାଇବାର ସ୍ୱପ୍ନ ଦେଖୁଥିଲେ ବୋଲି ମାୟାବତୀ କହିଛନ୍ତି। ଭୀମରାଓ ଆମ୍ବେଡ଼କର ଏବଂ ବିଏସ୍‌ପି ପ୍ରତିଷ୍ଠାତା କାଂଶୀରାମଙ୍କ ସ୍ୱପ୍ନ ପୂରଣ ଲାଗି ସେ ପ୍ରତିଶ୍ରୁତିବଦ୍ଧ। ଦଳିତ ତଥା ସମାଜର ଦୁର୍ବଳ ଶ୍ରେଣୀଙ୍କ ବିକାଶ ପାଇଁ ସେ ସଂଘର୍ଷ ଚଳାଇଆସିଛନ୍ତି। ମୁଖ୍ୟମନ୍ତ୍ରୀ


ମାୟାବତୀ

କିମ୍ବା ପ୍ରଧାନମନ୍ତ୍ରୀ ହେଲେ ସେ ଦଳିତଙ୍କ ମଙ୍ଗଳ ଲାଗି କାର୍ଯ୍ୟ କରିପାରିବେ, ରାଷ୍ଟ୍ରପତି ହୋଇ ନୁହେଁ। ତେଣୁ ପୁଣିଥରେ ମୁଖ୍ୟମନ୍ତ୍ରୀ ହେବା କିମ୍ବା ପ୍ରଧାନମନ୍ତ୍ରୀ ହେବା ଲାଗି ତାଙ୍କର ସ୍ୱପ୍ନ ରହିଥିବା ମାୟାବତୀ କହିଛନ୍ତି।

ବିଏସ୍‌ପି ସାଧାରଣ ସମ୍ପାଦକ ଏସ୍.ସି ମିଶ୍ରା ଏବଂ ୟୁପିରେ ଦଳର ଏକମାତ୍ର ବିଧାୟକ ଶଙ୍କର ସିଂ ଗୁରୁବାର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରିଥିଲେ। ବିଏସ୍‌ପି ସରକାର ସମୟରେ ରାଜ୍ୟରେ ନିର୍ମାଣ ହୋଇଥିବା ସ୍ମାରକୀଗୁଡ଼ିକର ସୁରକ୍ଷା ଲାଗି ସେମାନେ ଯୋଗୀଙ୍କୁ ଭେଟିଥିଲେ ବୋଲି ମାୟାବତୀ କହିଛନ୍ତି। ସୂଚନାଯୋଗ୍ୟ, ଅଖିଳେଶ ବୁଧବାର ମୈନପୁରୀରେ ଉଦ୍‌ବୋଧନ ଦେବା ଅବସରରେ ମାୟାବତୀଙ୍କୁ କଡ଼ା ସମାଲୋଚନା କରିଥିଲେ। ବିଏସ୍‌ପି ନେତ୍ରୀ ଭାଜପାକୁ ଭୋଟ ହସ୍ତାନ୍ତର କରି ଏହାକୁ ଜିତାଇଛନ୍ତି। ସେ କେବେ ଦେଶର ରାଷ୍ଟ୍ରପତି ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା ବୋଲି ଏସ୍‌ପି ଅଧ୍ୟକ୍ଷ କହିଥିଲେ।

# ୧୫୧ ଆସନ ସହ କ୍ଷମତାକୁ ଫେରିବା ଲକ୍ଷ୍ୟରେ ଜଗନମୋହନ

ଗୁଆହାଟୀ,୨୮।୪

ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନକୁ ଆଉ ୨ ବର୍ଷ ବାକି ଥିବାବେଳେ ମୁଖ୍ୟମନ୍ତ୍ରୀ ତଥା ୱାଇଏସ୍‌ଆର୍‌ସିପି ଅଧ୍ୟକ୍ଷ ଜଗନମୋହନ ରେଡ୍ଡୀ ପୁନର୍ବାର କ୍ଷମତାକୁ ଫେରିବା ଲାଗି ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ନିକଟରେ ସେ ତାଙ୍କ କ୍ୟାବିନେଟରେ ବଡ଼ ଧରଣର ଅଦଳବଦଳ କରିଥିଲେ। ଏବେ


ଜଗନମୋହନ ରେଡ୍ଡୀ

ସେ ଦଳୀୟ ନେତା ଓ ବିଧାୟକମାନଙ୍କ ପାଇଁ ଏକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଛନ୍ତି। ଯେଉଁମାନେ ସେଥିରେ ଭଲ ସ୍କୋର୍ କରିବେ ସେମାନେ ୨୦୨୪ ନିର୍ବାଚନରେ ଟିକେଟ ପାଇଁ ଆଶା କରିପାରିବେ ବୋଲି ଜଗନ କହିଛନ୍ତି। ଗତ ନିର୍ବାଚନରେ ୧୭୫ ଆସନ ବିଶିଷ୍ଟ ଆନ୍ଧ୍ରପ୍ରଦେଶ ବିଧାନସଭାରେ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ୧୫୦ ଆସନ ଜିତିଥିଲା। ଆଗାମୀ ନିର୍ବାଚନରେ ୧୫୧ ଆସନ ଜିତିବା ଲାଗି ଦଳ ଲକ୍ଷ୍ୟଧାର୍ଯ୍ୟ କରିଛି। ସେଥିପାଇଁ ବିଧାୟକମାନଙ୍କୁ ଘରକୁ ଘର ଯାଇ ପ୍ରଚାର କରିବା ଏବଂ ମେ'ରୁ ୯ ମାସ ପାଇଁ ଗଣଯୋଗାଯୋଗ କାର୍ଯ୍ୟକ୍ରମ ଲାଗି କୁହାଯାଇଛି। ଏଥିରେ ନେତାମାନେ ଜନସାଧାରଣଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବେ। ଅଭିଯାନର ସଫଳତା ଉପରେ ବିଧାୟକମାନଙ୍କର ଗ୍ରେଡେଶନ କରାଯିବ। ବିଧାୟକମାନଙ୍କୁ ମାସକୁ ଅନ୍ତତଃ ୧୦ଟି ଗ୍ରାମ କିମ୍ବା ୱାର୍ଡ କାର୍ଯ୍ୟାଳୟକୁ ଯାଇ ଦୁଇଦିନ ଲେଖାଏଁ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବେ।

# ପ୍ରଭାରୀ ବୁଝିଲେ, ତଥାପି ଦିଲ୍ଲୀରେ ଛାମୁଆ ନେତାଙ୍କ ମେଳି

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ରାଜ୍ୟ କଂଗ୍ରେସର ସାଙ୍ଗଠନିକ ପୁନର୍ବିନ୍ୟାସ ଖୁବ୍‌ଶୀଘ୍ର ହେବ। ପିସିସି ସଭାପତିଠାରୁ ଆରମ୍ଭକରି କାର୍ଯ୍ୟକାରୀ ସଭାପତି, ଛାମୁଆ ସଙ୍ଗଠନର ରୂପରେଖ ବଦଳିବାର ସମ୍ଭାବନା ଅଧିକ ରହିଛି। କଂଗ୍ରେସ ପ୍ରଭାରୀ ଏ. ଚେଲ୍ଲାକୁମାର ୨ଦିନ ଧରି ଓଡ଼ିଶାରେ ରହି


ରାଜ୍ୟ କଂଗ୍ରେସ ପ୍ରଭାରୀ
ଡ. ଏ. ଚେଲ୍ଲାକୁମାର

ନେତାମାନଙ୍କ ସହ ପର୍ଯ୍ୟାୟକ୍ରମେ ଆଲୋଚନା କରିବା ସତ୍ତ୍ୱେ ତାଙ୍କ ଉପରେ ସବୁ ନେତା ଭରସା କରିପାରିନାହାନ୍ତି। ଏଥିପାଇଁ ଦିଲ୍ଲୀରେ ହାଇକମାଣ୍ଡଙ୍କ ପାଖରେ ଲବି କରିବାକୁ କେତେଜଣ ନେତା ଡେରା ପକାଇଛନ୍ତି। ଚେଲ୍ଲାକୁମାର ଦୁଇଦିନ ଧରି ନେତାମାନଙ୍କ ସହ ମାରାଥନ୍ ଆଲୋଚନା କରି ଯିବା ପରେ କେତେଜଣ ନେତା ହାଇକମାଣ୍ଡଙ୍କ ପାଖରେ ସିଧାସଳଖ ମତାମତ ରଖିବାକୁ ଦିଲ୍ଲୀରେ ପହଞ୍ଚିବା ଘଟଣା ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱକୁ ଅଧିକ ଆଲୋଚନା ଭିତରକୁ ଆଣିଛି। ପ୍ରଥମ ଦିନରେ ବରିଷ୍ଠ ନେତା ଓ ବିଧାୟକଙ୍କ ସହ ପ୍ରଭାରୀ ଆଲୋଚନା କରିଥିବା ବେଳେ ୨ୟ ଦିନରେ ଜିଲା ସଭାପତିଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିଥିଲେ। ସମସ୍ତଙ୍କ ମତାମତ ନେବା ପରେ କଂଗ୍ରେସରେ ଆମୂଳଚୂଳ ପରିବର୍ତ୍ତନ ହେବ ବୋଲି ପ୍ରଭାରୀ କହିଥିଲେ। ତେବେ ପ୍ରଭାରୀଙ୍କ ଉପରେ କେତେଜଣ ନେତା ଭରସା ଜୁଟାଇ ନ ପାରି କିଛି ଗୋଷ୍ଠୀ ହାଇକମାଣ୍ଡଙ୍କ ପାଖରେ ଲବି ଆରମ୍ଭ କରିଦେଇଛନ୍ତି। ପିସିସି ସଭାପତି ରେସ୍‌ରେ ୩ ଜଣଙ୍କ ନାମକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ଏପର୍ଯ୍ୟନ୍ତ ଅଙ୍କ ଛିଡ଼ି ନ ଥିବା କୁହାଯାଉଛି। ଏହାରି ଭିତରେ ବିଭିନ୍ନ ଛାମୁଆ ସଂଗଠନ ଯଥା–ଛାତ୍ର, ଯୁବ ଓ ମହିଳା କଂଗ୍ରେସର ମୁଖିଆ ପଦ ହାତେଇବା ଲାଗି ହାଇକମାଣ୍ଡଙ୍କ ପାଖରେ ନିଜ ନିଜ ଦାବି ରଖିବେ। ଅନ୍ୟପକ୍ଷରେ ବିଧାୟକ ଦଳ ନେତା ପଦରୁ ନରସିଂହ ମିଶ୍ର ଏବଂ ମୁଖ୍ୟ ସଚେତକ ପଦରୁ ତାରାପ୍ରସାଦ ବାହିନୀପତି ଇସ୍ତଫା ଦେଉଥିବା ଚର୍ଚ୍ଚା ହେଉଥିବାବେଳେ ଏ ନେଇ କେହି କିଛି ସ୍ପଷ୍ଟ କରୁନାହାନ୍ତି। ଅନ୍ୟପକ୍ଷରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏ ବିଷୟରେ ଜାଣି ନ ଥିବା କହିଛନ୍ତି। କେବଳ ଯାହା ବିଷୟରେ ଆଲୋଚନା ଚାଲିଛି ସେମାନେ ହିଁ କହିପାରିବେ ବୋଲି ନିରଞ୍ଜନ କହିଛନ୍ତି। ସେ ଆହୁରି କହିଛନ୍ତି, ବ୍ୟକ୍ତିଗତ ଭାବେ ସେ ତାରା ଓ ନରସିଂହଙ୍କ ସହ ଆଲୋଚନା କରିନାହାନ୍ତି। ଦଳ ପାଇଁ ସେମାନେ ଯେଭଳି କାମ କରୁଛନ୍ତି ସେମିତି କାମ କରନ୍ତୁ। ଦଳର ନୀତି, ଆଦର୍ଶ ଯେମିତି ଥିଲା ସେମିତି ରହିଛି, ସେଥିରେ କିଛି ପରିବର୍ତ୍ତନ ହୋଇନାହିଁ। ଦଳ ଭିତରେ ଶୃଙ୍ଖଳା ଓ କଠିନ ପରିଶ୍ରମ ଆବଶ୍ୟକ ବୋଲି ସେ କହିଛନ୍ତି।

# କଂଗ୍ରେସ ବିଧାୟକ ଦଳ ନେତା ପଦରୁ କମଲନାଥଙ୍କ ଇସ୍ତଫା



**ଭୋପାଳ,୨୮।୪:** ମଧ୍ୟପ୍ରଦେଶ ବିଧାନସଭାରେ କଂଗ୍ରେସ ବିଧାୟକ ଦଳ(ସିଏଲ୍‌ପି) ନେତା ପଦରୁ କମଲନାଥ ଗୁରୁବାର ଇସ୍ତଫା ଦେଇଛନ୍ତି। ତାଙ୍କ ସ୍ଥାନରେ ଡ. ଗୋବିନ୍ଦ ସିଂ ବିଧାୟକ ଦଳ ନେତା ହେବେ ବୋଲି ଦଳ ପକ୍ଷରୁ କୁହାଯାଇଛି। କମଲନାଥ ଦଳର ରାଜ୍ୟ ସଭାପତି ସମେତ ସିଏଲ୍‌ପି ନେତା ଥିଲେ। ଜଣେ ନେତା ଗୋଟିଏ ପଦବୀ ନୀତି ଅନୁଯାୟୀ ତାଙ୍କୁ ଗୋଟିଏ ପଦ ଛାଡ଼ିବାକୁ ପଡ଼ିଛି। କଂଗ୍ରେସ ୨୦୧୮ ବିଧାନସଭା ନିର୍ବାଚନ ଜିତିବା ପରେ କମଲନାଥ ୧୫ ମାସ ପାଇଁ ମୁଖ୍ୟମନ୍ତ୍ରୀ ରହିଥିଲେ। ୨୦୨୦ ମାର୍ଚ୍ଚରେ କେତେଜଣ ଦଳୀୟ ବିଧାୟକ ଇସ୍ତଫା ଦେବାରୁ ତାଙ୍କ ସରକାର ଭାଙ୍ଗିଯାଇଥିଲା। ଏହା ପରେ ୨୦୨୦ ଜୁଲାଇରୁ କମଲନାଥ କଂଗ୍ରେସ ବିଧାୟକ ଦଳ ନେତା ଭାବେ କାର୍ଯ୍ୟ କରି ଆସୁଥିଲେ।

ସୂଚନାଯୋଗ୍ୟ, ନିକଟରେ କଂଗ୍ରେସ ହରିୟାଣା, ହିମାଚଳପ୍ରଦେଶ ଓ ପଞ୍ଜାବରେ ନେତୃତ୍ୱ ପରିବର୍ତ୍ତନ କରିଛି। ପଞ୍ଜାବ ପ୍ରଦେଶ କଂଗ୍ରେସ ସଭାପତି ଭାବେ ଅମରିନ୍ଦର ସିଂ ବ୍ରାର (ରାଜା ୱାରିଙ୍ଗ୍)ଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ରାଜ୍ୟ ସଭାର ପୂର୍ବତନ ସଦସ୍ୟ ପ୍ରତାପ ସିଂ ବାଜୱା ନୂଆ ବିଧାୟକ ଦଳ ନେତା ନିଯୁକ୍ତ ହୋଇଛନ୍ତି।

नालको NALCO
National Aluminium Company Limited
(A Government of India Enterprise)
Nalco Bhawan, P/1, Nayapalli
Bhubaneswar-751013, Odisha, India
CIN : L27203OR1981GOI000920
A NAVRATNA COMPANY

ADDENDUM
Advt. No. 10220201

Last date for receipt of physical application for the position **ADVISOR (Forest and Environment) is extended up to 20.05.2022.** However, all other terms and conditions of the advertisement No. 10220201 for applying for the posts shall remain unchanged. Interested candidates are requested to get the details of the position from the career section of the website of the company **i.e. www.nalcoindia.com.**

**BOARD OF REVENUE**
**ODISHA, CUTTACK**
**No. VII(A)-36/2021-2166/M.B.(Niz.).,**
**Dated: 28/04/2022**

**QUOTATION / TENDER CALL NOTICE**

Quotations/Tenders are invited for shifting of the Records of the old Record Room of Board of Revenue, Odisha, Cuttack
2. The details of the tender may be downloaded from this office website http://www.boardodisha.nic.in.
3. The last date of submission of Tender is 05.05.2022 by 1.00 P.M. The Tender shall open on 05.05.2022 at 3.00 PM.

**Sd./-Secretary**

# ଏଏସ୍‌ଆଇ ମୁଣ୍ଡରେ ଦୋଷ ଲଦିଲେ ଜୟନ୍ତ

ପୁରୀ ଅଫିସ,୨୮।୪

ଶ୍ରୀମନ୍ଦିର ଐତିହ୍ୟ କରିଡର ନିର୍ମାଣ ପ୍ରସଙ୍ଗରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ସମର୍ଥନ କରିଛନ୍ତି। ଜୟନ୍ତ ନିଜ ସ୍ୱର ବଦଳାଇ ଅପରାଜିତାଙ୍କୁ ସମର୍ଥନ କରିବା ସହ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ମୁଣ୍ଡରେ ସବୁ ଦୋଷ ଲଦିଛନ୍ତି। ଜୟନ୍ତ କହିଛନ୍ତି, ପ୍ରକଳ୍ପ କାର୍ଯ୍ୟରେ ବିବାଦ ନାହିଁ। କାମକୁ ବିରୋଧ ନ ଥିବାବେଳେ ଅନୁମୋଦନକୁ ନେଇ ସମସ୍ୟା ରହିଛି। ଏ ପ୍ରସଙ୍ଗରେ ଅପରାଜିତା ଠିକ୍ କହୁଛନ୍ତି। ଏଏସ୍‌ଆଇ ଅନୁମୋଦନ କ୍ରମେ କାର୍ଯ୍ୟ କରାଯିବା ଦରକାର। ଅନୁମତି ଆଣିବା ଦାୟିତ୍ୱ ରାଜ୍ୟ ସରକାରଙ୍କର। ପ୍ରକଳ୍ପ କାର୍ଯ୍ୟ ଆଇନଗତ ଭାବେ ହେବା ଦରକାର। ସେହିଭଳି କୌଣସି ବଡ଼ଧରଣର ନିର୍ମାଣ କାର୍ଯ୍ୟ ହେଉନାହିଁ। ଏଏସ୍‌ଆଇ ଜାଣତରେ ସବୁ କାମ ହେଉଛି। ସେହିଭଳି ଅପରାଜିତାଙ୍କ ପଦଯାତ୍ରା

## ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରସଙ୍ଗ

ସମ୍ପର୍କରେ ସେ କହିଛନ୍ତି, ଅପରାଜିତା ଦର୍ଶନ କରିବାକୁ ଯାଇଥିଲେ। ଅନୁମତି ମିଳି ନଥିବାରୁ ସେ ପଦଯାତ୍ରା କରିନାହାନ୍ତି। ଅନ୍ୟପକ୍ଷରେ ମତ ବଦଳାଇବା ସମ୍ପର୍କରେ ଜୟନ୍ତ କହିଛନ୍ତି, ବିକାଶ କାର୍ଯ୍ୟକୁ ବିରୋଧ କରାଯିବ ନାହିଁ। କାମ କରିବା ପାଇଁ ବିଧାୟକ ଭାବେ ନିର୍ବାଚିତ ହୋଇଛି। ତେଣୁ ରାଜନୀତି ନ କରି ବିଧାୟକ ଭାବେ କାର୍ଯ୍ୟ କରିବା ମୋ' ପ୍ରାଥମିକତା। ଶ୍ରୀସେତୁ, ଜଗନ୍ନାଥ ବଲ୍ଲଭ, ଅବଢ଼ା ଯୋଜନାରେ ପୁରୀ ଅଗ୍ରଗତି କରୁଛି। ସୂଚନାଯୋଗ୍ୟ, ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷ ନେଇ ଜୟନ୍ତ କହିଥିଲେ, ବିକାଶ କାର୍ଯ୍ୟ କରିବାକୁ ଦିଆଯାଉ ଓ ଅପରାଜିତା ରାଜନୀତି କରନ୍ତୁ ନାହିଁ। ତେବେ ଏହି ପ୍ରତିକ୍ରିୟାକୁ ୨୪ ଘଣ୍ଟା ପୂରି ନ ଥିବା ବେଳେ ଜୟନ୍ତ ନିଜ ସ୍ୱର ବଦଳାଇବା ଚର୍ଚ୍ଚାର ବିଷୟ ପାଲଟିଛି।

## ରାଜନୀତି ସରିଲେ ଗୃହ କମିଟି ଯିବ: ବାଚସ୍ପତି

ଐତିହ୍ୟ କରିଡର ପ୍ରସଙ୍ଗରେ କଂଗ୍ରେସ ବିଧାୟକ ନରସିଂହ ମିଶ୍ର କହିଛନ୍ତି, ଯେଉଁ ଯାଗାରେ ଖନନ ହେଉଛି, ଆଇନ ଅନୁସାରେ ଏଏସ୍‌ଆଇ ଅନୁମୋଦନ ବିନା ସେଠାରେ ଖନନ କାର୍ଯ୍ୟ ହୋଇପାରିବ ନାହିଁ। ବହୁ ବଡ଼ ବଡ଼ ଭିତ୍ତିଭୂମି ନିର୍ମାଣ ପାଇଁ ମୂଳଦୁଆ ପଡ଼ିଛି। ଏଣୁ ସରକାର ଅନୁମୋଦନ ସମ୍ପର୍କରେ ସ୍ପଷ୍ଟ କରନ୍ତୁ। ଅନ୍ୟପକ୍ଷରେ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ପ୍ରଶାସନ ବୁଝିଶୁଝି କାର୍ଯ୍ୟ କରୁଛନ୍ତି। ସେବାୟତ, ପରିଚାଳନା କମିଟି ଏବଂ ଗଜପତି ମହାରାଜା ପରିକ୍ରମା ପ୍ରକଳ୍ପ ସପକ୍ଷରେ ଯୁକ୍ତି ବାଢୁଥିବାବେଳେ ଜଣେ କେବଳ ବିରୋଧ କରୁଛନ୍ତି। ସେହିପରି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି, ଯିଏ ଯିବା କଥା ପୁରୀ ଯାଇ ବୁଲିଆସନ୍ତୁ, ରାଜନୀତି ସରୁ। ତା'ପରେ ବିଧାନସଭା ଗୃହ କମିଟି ଯାଇ ସ୍ଥିତି ଅନୁଧ୍ୟାନ କରିବ। ମୁଁ ନିଜେ ଏଠାକାର ଓ ସେଠାକାର ପରିସ୍ଥିତି ଉପରେ ନଜର ରଖିଛି।

ବାର୍ତ୍ତା



ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ୨୦୨୨ ହାଇସ୍କୁଲ ଏବଂ ମଧ୍ୟମା (ସଂସ୍କୃତ)ର ସମାପ୍ତି ସୂଚକ ଆକଳନ-୨ (Summative Assessment-II) ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଚଳିତ ବର୍ଷ ଅପ୍ରେଲ ୨୯ରୁ ମଇ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ କ୍ୟାରିଅର ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ । ତେଣୁ ପିଲାମାନେ ଯେପରି ସମ୍ପୂର୍ଣ୍ଣ ଚାପ ମୁକ୍ତ ହୋଇ ପରୀକ୍ଷା ଦେବେ ଏବଂ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିବେ, ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଉଚିତ୍ । ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ଭାବରେ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ତଥା ଜନସାଧାରଣ ଙ୍କ ସହଯୋଗ କାମନା କରୁଛି ।

ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ମୋର ଶୁଭକାମନା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

( ନବୀନ ପଟ୍ଟନାୟକ )
ମୁଖ୍ୟମନ୍ତ୍ରୀ

# ବାଲେଶ୍ୱର ବିଜେଡିରେ ଗୋଷ୍ଠୀ କନ୍ଦଳ

ବାଲେଶ୍ୱର ଅଫିସ, ୨୮।୪

ବାଲେଶ୍ୱର ବିଜେଡିରେ ଦେଖାଦେଇଛି ଗୋଷ୍ଠୀକନ୍ଦଳ। ସଦର ବିଧାୟକ ସ୍ୱରୂପ କୁମାର ଦାସଙ୍କ ବିରୋଧରେ ଏକାଠି ହୋଇଛନ୍ତି ଓଡ଼ଙ୍ଗୀ ପଞ୍ଚାୟତ ସରପଞ୍ଚ କପୁରୀ ସେଠୀଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ। ସେମାନେ ଗୁରୁବାର ପୂର୍ବାହ୍ନରେ ଜିଲା ବିଜେଡି କାର୍ଯ୍ୟାଳୟରେ ପହଞ୍ଚି ବିଧାୟକ ଦାସଙ୍କ ଗୁଣ୍ଡାରାଜ ବିରୋଧରେ ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଜିଲା ପର୍ଯ୍ୟବେକ୍ଷକ ପ୍ରତାପ ଚନ୍ଦ୍ର ଦେବଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ଚୟନକୁ ନେଇ ଦୁଇଗୋଷ୍ଠୀ (ସମର୍ଥକ ଓ ଅସନ୍ତୁଷ୍ଟ) ମଧ୍ୟରେ ଛକାପଞ୍ଝା ଲାଗି ରହିଥିବା ବେଳେ ଆଜି ତାହା ପଦାକୁ ଆସିଛି।

ଗତ ୨୨ତାରିଖରେ ସଦର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକ ପରେ ଓଡ଼ଙ୍ଗୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ରବିନାରାୟଣ ପାଣିଗ୍ରାହୀ ବିଧାୟକ ଦାସଙ୍କ ସହ ଜୁଣଗଡ଼ିଆ ପାଣି ପ୍ରକଳ୍ପ ଉଦ୍‌ଘାଟନ ସମ୍ପର୍କରେ ଆଲୋଚନା କରିଥିଲେ। ମାତ୍ର ଦଳ ବିରୋଧୀ କାମ କରିଥିବା ଲୋକଙ୍କ କାର୍ଯ୍ୟକ୍ରମରେ ଯୋଗଦେବାକୁ ବିଧାୟକ ମନା କରିବା ସହ ସେଠାରୁ ପଳାଇଯାଇଥିଲେ। ପରେ ବିଧାୟକଙ୍କ ଦୁଇଜଣ ସହଯୋଗୀ ରବିନାରାୟଣଙ୍କୁ ଗାଳିଗୁଲଜ ସହ ଜବରଦସ୍ତ

## ବିଧାୟକଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ମୋଟରସାଇକେଲରେ ବସାଇ ବିଧାୟକଙ୍କ ଘରକୁ ନେଇଯାଇଥିଲେ। ବିଧାୟକଙ୍କ ଉପସ୍ଥିତିରେ ଉକ୍ତ ଦୁଇଜଣ ଗାଳିଗୁଲଜ ସହିତ ମାଡ଼ ମାରିଥିବା ନେଇ ରବିନାରାୟଣ ଅଭିଯୋଗ କରିଛନ୍ତି। କିନ୍ତୁ ଏନେଇ ଥାନାରେ ସେ କୌଣସି ଅଭିଯୋଗ କରିନାହାନ୍ତି। ଗୁରୁବାର ଓଡ଼ଙ୍ଗୀ ସରପଞ୍ଚ ସେଠୀଙ୍କ ନେତୃତ୍ୱରେ ଗ୍ରାମବାସୀ ବିଧାୟକଙ୍କର ଏଭଳି ଆଚରଣକୁ ବିରୋଧ କରି ଜିଲା ସଭାପତିଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ ଜିଲା ପର୍ଯ୍ୟବେକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏଠାକୁ ଆସିଥିବା ଲୋକଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ରବିନାରାୟଣ ଅନୁପସ୍ଥିତ ଥିଲେ। ଅନ୍ୟପକ୍ଷରେ ଗ୍ରାମବାସୀ ଜିଲା ସଭାପତି ରବୀନ୍ଦ୍ର ଜେନାଙ୍କ ସାକ୍ଷାତ୍ ନ ପାଇ ତାଙ୍କ ଅଫିସ୍‌ରେ ବ୍ୟକ୍ତିଗତ ସହାୟକ ସାଗର ଦାସଙ୍କୁ ଅଭିଯୋଗ ପତ୍ର ଦେଇ ଫେରିଥିଲେ। ଏନେଇ ଓଡ଼ଙ୍ଗୀ ସରପଞ୍ଚ ସେଠୀ କହନ୍ତି, ରବିନାରାୟଣ ଆମ ଅଞ୍ଚଳର ଜଣେ ମାନ୍ୟଗଣ୍ୟ ବ୍ୟକ୍ତି। ତାଙ୍କ ନେତୃତ୍ୱରେ ଓଡ଼ଙ୍ଗୀ ପଞ୍ଚାୟତରେ ୩୦ବର୍ଷ ଧରି ସରପଞ୍ଚ ବିଜୟୀ ହୋଇଆସୁଛନ୍ତି। ତାଙ୍କୁ ବିଧାୟକ ଏବଂ ତାଙ୍କ ସହଯୋଗୀ ଏଭଳି ବ୍ୟବହାର କରିବା ନିନ୍ଦନୀୟ। ଏହାକୁ ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରେ ଦାବି କରିଛୁ।

ଗ୍ରାମର ଜ୍ୟୋତି କାନୁନ୍‌ଗୋ କହିଛନ୍ତି, ଗତ ଉପନିର୍ବାଚନ ସମୟରେ ପୂର୍ବତନ ବିଧାୟକ ସ୍ୱର୍ଗତ ଅରୁଣ ଦେଙ୍କ ପରାମର୍ଶରେ ବିଜେଡିରେ ମିଶିବା ସହ ବିଜେଡି ବିଧାୟକ ପ୍ରାର୍ଥୀ ଦାସଙ୍କୁ ଭୋଟ ଦେଇ ବିଜୟୀ କରାଇଥିଲୁ। ଗତ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡସଭ୍ୟ ପ୍ରାର୍ଥୀ ଚୟନ ପାଇଁ ବିଧାୟକଙ୍କ ସହ ମତାନ୍ତର ହେବାରୁ ରବିନାରାୟଣଙ୍କ ନେତୃତ୍ୱରେ ପ୍ରାର୍ଥୀ ଚୟନ କରାଯାଇ ସ୍ୱାଧୀନ ଭାବେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିଲୁ। ପରେ ଦଳରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ତଥା ଉତ୍ତମ ସମ୍ପର୍କ ସହ ପଞ୍ଚାୟତକୁ ଉନ୍ନତି ପଥେ ଆଗେଇ ନେବା ଆଶାରେ ବିଧାୟକଙ୍କୁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟରେ ସାମିଲ କରିବା ପାଇଁ ରବିନାରାୟଣ ପ୍ରୟାସ କରିବାରୁ ଏପରି ଅବସ୍ଥା ହୋଇଥିବା କହିଛନ୍ତି।

## ଅଭିଯୋଗ ଭିତ୍ତିହୀନ: ସ୍ୱରୂପ

ଏ ସମ୍ପର୍କରେ ବିଧାୟକ ସ୍ୱରୂପ କୁମାର ଦାସ କହିଛନ୍ତି, ଓଡ଼ଙ୍ଗୀ ପଞ୍ଚାୟତର କିଛି ଲୋକ ଯେଉଁ ଅଭିଯୋଗ ଆଣୁଛନ୍ତି ତାହା ଭିତ୍ତିହୀନ। ସେ କିମ୍ବା ତାଙ୍କ ସହଯୋଗୀ କାହାରିକୁ ଗାଳିଗୁଲଜ କରିନାହାନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ରବିନାରାୟଣ ଏବଂ ତାଙ୍କର ଅନୁଗତମାନେ ଦଳୀୟ ପ୍ରାର୍ଥୀଙ୍କୁ ବିରୋଧ କରି ସ୍ୱାଧୀନ ପ୍ରାର୍ଥୀଙ୍କୁ ସମର୍ଥନ ଜଣାଇଥିଲେ। ଫଳରେ ମାତ୍ର ୫/୬ଖଣ୍ଡ ଭୋଟରେ ଦଳୀୟ ପ୍ରାର୍ଥୀ ପରାସ୍ତ ହୋଇଥିଲେ। ଏନେଇ ସିଭିଲ ଜଜ୍ ଜୁନିୟର ଡିଭିଜନ୍ କୋର୍ଟରେ ରୁଜୁ ହୋଇଥିବା ଇଲେକ୍ସନ ପିଟିଶନ୍ (ନଂ. ୫/୨୨) ମାମଲା ବିଚାରାଧୀନ ରହିଛି। ଉକ୍ତ ମାମଲାକୁ କୋର୍ଟରୁ ଉଠାଇ ଆଣିବା ପାଇଁ କେତେଜଣ ଲୋକ ବିଭିନ୍ନ ସମୟରେ ମୋତେ ଚାପ ପକାଇଛନ୍ତି। ତାଙ୍କ ସହ ସାମିଲ ନ ହେବାରୁ କେତେଜଣ ରାଜନୈତିକ କୁଚକ୍ରୀ ଯୋଜନାବଦ୍ଧ ଭାବେ ଏପରି କାର୍ଯ୍ୟ କରିଛନ୍ତି।



ବିଜେଡି ଜିଲା କାର୍ଯ୍ୟାଳୟରେ ଓଡ଼ଙ୍ଗୀ ଗ୍ରାମବାସୀ।

ବାର୍ତ୍ତା



ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଆନୁକୂଲ୍ୟରେ ଚଳିତ ବର୍ଷ ଅପ୍ରେଲ ୨୯ ରୁ ମଇ ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ହାଇସ୍କୁଲ ଓ ମଧ୍ୟମା (ସଂସ୍କୃତ)ର ସମାପ୍ତି ସୂଚକ ଆକଳନ-୨ (Summative Assessment-II) ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହେଉଅଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସଫଳତା କାମନା କରୁଛି । ଛାତ୍ର ଜୀବନରେ ମାଟ୍ରିକ୍ ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପରୀକ୍ଷାର ସଫଳତା ଉଚ୍ଚଶିକ୍ଷାର ଭିତ୍ତିଭୂମୀ ନିର୍ମାଣ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ଅତ୍ୟଧିକ ଚାପର ବଶବର୍ତ୍ତୀ ନ ହୋଇ ଛାତ୍ରଛାତ୍ରୀମାନେ ଉତ୍ତମ ଅଧ୍ୟୟନ, କଠିନ ପରିଶ୍ରମ ଓ ଦୃଢ଼ ଆତ୍ମ ବିଶ୍ୱାସକୁ ନେଇ ପରୀକ୍ଷାର ସମ୍ମୁଖୀନ ହୁଅନ୍ତୁ । ସେମାନେ ଏ କ୍ଷେତ୍ରରେ ଶୃଙ୍ଖଳା ଓ ସ୍ୱଚ୍ଛତା ରକ୍ଷା କରିବା ସଙ୍ଗେ ସଙ୍ଗେ ଗଭୀର ବିଶ୍ୱାସ ଓ ଆତ୍ମପ୍ରତ୍ୟୟର ସହିତ ପରୀକ୍ଷାରେ ଅଂଶଗ୍ରହଣ କରିବେ ବୋଲି ମୋର ଆଶା ଓ ବିଶ୍ୱାସ । ପରୀକ୍ଷା ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ସମୀର ରଞ୍ଜନ ଦାଶ)

ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁ ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା

# ସବୁଜ ଶକ୍ତି ଚିନ୍ତା



ଜୋଶେପ ବୋରେଲ
ହାଇ ରିପ୍ରେଜେଣ୍ଟେଟିଭ, ୟୁରୋପିଆନ ୟୁନିୟନ ଫର୍ ଫରେନ୍ ଆଫେୟାର୍ସ ଆଣ୍ଡ ସିକ୍ୟୁରିଟି ପଲିସି



ୱର୍ନର ହୋୟେର
ଅଧ୍ୟକ୍ଷ, ୟୁରୋପିଆନ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ

ରୁଷିଆର ୟୁକ୍ରେନ୍ ଆକ୍ରମଣ ଶକ୍ତି ଓ ଜଳବାୟୁ ନୀତିକୁ ଅଧିକ ଗତିଶୀଳ କରିବାକୁ ୟୁରୋପୀୟ ସଂଘ(ଇୟୁ)କୁ ବାଧ୍ୟ କରିଛି। ରାଜନୈତିକ ପ୍ରଭାବ ଲାଗି ରୁଷିଆ ଶକ୍ତିକୁ ଏକ ସାଧନ ଭାବେ ଅଧିକ ବ୍ୟବହାର କରୁଥିବାରୁ ରୁଷିଆରୁ ଆମଦାନୀ କରାଯାଉଥିବା ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା କମାଇ ତାକୁ ଏଭଳି ବ୍ୟବସାୟରୁ ବଞ୍ଚିତ କରିବାକୁ ପଡ଼ିବ। ଏହା ଲାଗି ଭୂରାଜନୈତିକ କାର୍ଯ୍ୟଗୁଡ଼ିକୁ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପଗୁଡ଼ିକର ଏକ ଅଂଶ ଭାବେ ଗ୍ରହଣ କରି ସେହି ଧାରାରେ କାର୍ଯ୍ୟ କରିବା ଅନିବାର୍ଯ୍ୟ। କାର୍ବନ ନିର୍ଗମନ ହ୍ରାସ କରିବାକୁ ନେଇ ଇଣ୍ଟର ଗଭର୍ନମେଣ୍ଟାଲ ପ୍ୟାନେଲ ଅନ୍ କ୍ଲାଇମେଟ ଚେଞ୍ଜ( ଆଇପିସିସି)ର ସଦ୍ୟତମ ରିପୋର୍ଟ ମଧ୍ୟ ଏହା ଉପରେ ଗୁରୁତ୍ୱ ଦେଇଛି। ବିଶ୍ୱତାପନରେ ପ୍ରଳୟଙ୍କରୀ ବୃଦ୍ଧିକୁ ଯଦି ଆମେ ଅଣଦେଖା କରିବା, ତେବେ ୨୦୨୫ ସୁଦ୍ଧା ମୋଟ ସବୁଜ ଗୃହ ବାଷ୍ପ ନିର୍ଗମନ ଶୀର୍ଷରେ ପହଞ୍ଚିବ। ଏହା ସହ ଜୀବାଶ୍ମ ଇନ୍ଧନରୁ ସବୁଜ ଇନ୍ଧନକୁ ବ୍ୟାପକ ପରିବର୍ତ୍ତନ କରି ସାମାଜିକ ତଥା ଆର୍ଥିକ ପରିଣାମ ପାଇବାକୁ ହେଲେ ଆମକୁ ସତର୍କତାର ସହ ଅର୍ଥ ବ୍ୟବସ୍ଥାକୁ ସଞ୍ଚାଳନ କରିବାକୁ ପଡ଼ିବ। ଏହି ପରିବର୍ତ୍ତନରେ ସମସ୍ତେ ଜଡ଼ିତ ହେବା ଦରକାର। ଇୟୁ ଓ ୟୁରୋପିଆନ୍ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ (ଇଆଇବି)କୁ ପ୍ରମୁଖ ଭୂମିକା ନେବାକୁ ହେବ। ବାସ୍ତବରେ ଶକ୍ତି ନବୀକରଣ , ଶକ୍ତି ଦକ୍ଷତା ଏବଂ ନୂଆ ଟେକ୍ନୋଲୋଜି ଯଥା ସବୁଜ ଉଦ୍‌ଜାନ କ୍ଷେତ୍ରରେ ନିବେଶ ରୁଷିଆର ଆକ୍ରମଣାତ୍ମକ ଭାବନାକୁ ପ୍ରତିହତ କରିବାକୁ ଉତ୍ତମ ସାଧନ। ଏହା ମଧ୍ୟ ଜୀବାଶ୍ମ ଇନ୍ଧନ ନିର୍ଭରଶୀଳତାରୁ ବିଶ୍ୱକୁ ବଞ୍ଚାଇବାରେ ଭୂମିକା ନେବ। ବୁଝିବାକୁ ହେବ ଯେ, ଘରେ ଏନର୍ଜି ସିଷ୍ଟମରେ ଢାଞ୍ଚାଗତ ପରିବର୍ତ୍ତନ ଉପରେ ଆମେ ଖର୍ଚ୍ଚ କରୁଥିବା ପ୍ରତ୍ୟେକଟି ୟୁରୋ ଯୁଦ୍ଧ ଆରମ୍ଭ କରୁଥିବା ଏକଚ୍ଛତ୍ରବାଦୀ ଶକ୍ତିକୁ ରୋକିବା ଲାଗି ଖର୍ଚ୍ଚ କରୁଛେ। ସବୁଜ ଶକ୍ତି ପାଇଁ ଆମେ ଖର୍ଚ୍ଚ କରୁଥିବା ପ୍ରତ୍ୟେକଟି ୟୁରୋ ନିଷ୍ପତ୍ତି ନେବାରେ ଆମ ସ୍ୱାଧୀନତା ବଢାଉଛି। ଆଉ ମଧ୍ୟ ଅନ୍ତର୍ଜାତୀୟ ସ୍ତରରେ ଆମ ସହ ଯେଉଁମାନେ କାର୍ବନ ନିର୍ଗମନର ରଣନୀତିକୁ ଗତିଶୀଳ କରୁଛନ୍ତି, ସେମାନଙ୍କୁ ସାହାଯ୍ୟ କରିବା ଲାଗି ଆମେ ଖର୍ଚ୍ଚ କରୁଥିବା ପ୍ରତ୍ୟେକଟି ୟୁରୋ ଜଳବାୟୁ ପରିବର୍ତ୍ତନ ବିରୋଧୀ ଲଢ଼େଇରେ ଏକ ନିବେଶ ।



ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରଠାରୁ ରୁଷୀୟ ଜୀବାଶ୍ମ ଇନ୍ଧନ ଆମଦାନୀ ଉପରେ ନିର୍ଭରଶୀଳତାକୁ ଯଥାଶୀଘ୍ର ଶେଷ କରିବାକୁ ଇୟୁ ଶକ୍ତି ପରିବର୍ତ୍ତନ କ୍ଷେତ୍ରରେ ଯୋଜନାଗୁଡ଼ିକୁ ଅଧିକ ଗତିଶୀଳ କରିଛି। ଯଦିଓ ଏହା ରାତାରାତି ହୋଇ ପରିବ ନାହିଁ, ତଥାପି ପୂର୍ବାପେକ୍ଷା ଅଧିକ ପଦକ୍ଷେପ ନିଆଯାଉଛି। ଦକ୍ଷତା, ବିକେନ୍ଦ୍ରୀକରଣ ଯୋଗାଣ ଏବଂ ଅକ୍ଷୟ ଶକ୍ତି ବୃଦ୍ଧି କରି ଆମେ ଶକ୍ତି ସ୍ୱାଧୀନତା ଲାଭ କରିପାରିବା। ଅନ୍ତର୍ଜାତୀୟ ସଂସ୍ଥା ଠାରୁ ଆରମ୍ଭକରି ପରିବାର ତଥା ବ୍ୟକ୍ତି ସ୍ତରରେ ଏହି ପ୍ରକ୍ରିୟା ସଞ୍ଚାଳିତ ହେବା ଦରକାର। ଏହା ସକାଶେ ଆମକୁ ଦୁଇଟି ବିଷୟରେ ସାବଧାନ ହେବାକୁ ପଡ଼ିବ ଓ ବିଚାର କରିବାକୁ ହେବ। ପ୍ରଥମରେ ପ୍ରାକୃତିକ ବାଷ୍ପ ଯୋଗାଣକାରୀଙ୍କର ବିକଳ୍ପ ଖୋଜିବା ଓ ଏହା ସ୍ୱଳ୍ପ ମିଆଦୀ ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅତ୍ୟଧିକ ନିବେଶ ଆବଶ୍ୟକ କରୁଥିବା ଜୀବାଶ୍ମ ଇନ୍ଧନ ଭିତ୍ତିଭୂମିର ଏକ ନୂଆ ଦୀର୍ଘମିଆଦୀ ନିର୍ଭରଶୀଳତାରେ ବାନ୍ଧି ହୋଇ ରହୁ ନ ଥିବା ବିକଳ୍ପ ଦରକାର। ନ ହେଲେ ଏବକାର ଜଳବାୟୁ ସଚେତନ ବିକଳ୍ପଗୁଡ଼ିକ ତୁଳନାରେ ତାହା ପୃଥିବୀ ଲାଗି ବ୍ୟୟବହୁଳ ଓ ପ୍ରଳୟଙ୍କରୀ ହେବ। ଦ୍ୱିତୀୟରେ, ଗୋଟିଏ ବିନିମୟରେ ଆମେ ଅନ୍ୟଟିରେ ସମସ୍ୟା ସୃଷ୍ଟି କରିବା ଉଚିତ ନୁହେଁ। ଜୀବାଶ୍ମ ଇନ୍ଧନ ଉପରେ ଅଧିକ ନିର୍ଭର ନ କରିବା ପାଇଁ ସବୁଜ ଶକ୍ତି ପାଇଁ ଆବଶ୍ୟକ କଞ୍ଚାମାଲ ଉପରେ ଅତ୍ୟଧିକ ନିର୍ଭରଶୀଳ ହେବା ହୁଏତ ସମସ୍ୟା ସୃଷ୍ଟି କରିପାରେ। କାରଣ ବହୁ ଦେଶରେ ସଂସାଧନର ଅଭାବ ରହିଛି। ଶକ୍ତି ପରିବର୍ତ୍ତନ ସିଷ୍ଟମ୍‌ରେ ଇୟୁ ଭଳି ଆଗ୍ରହ ପ୍ରକାଶ କରୁଥିବା ସମସ୍ତ ଦେଶ ନୁହେଁ ବରଂ କେତୋଟି ହାତଗଣତି ଦେଶରେ ପ୍ରଚୁର ସଂସାଧନ ଠୁଳ ହୋଇଛି। ଏଣୁ ଶକ୍ତି ପରିବର୍ତ୍ତନ ଲାଗି ନିଆ ଯାଉଥିବା ପଦକ୍ଷେପଗୁଡ଼ିକରେ ଇୟୁର ଯୋଜନାବଦ୍ଧ ସ୍ୱାୟତ୍ତତା ଏବଂ ସଞ୍ଚାଳନ ସାମର୍ଥ୍ୟ ମଜଭୁତ କରିବା ହିଁ ମୁଖ୍ୟ ଲକ୍ଷ୍ୟ ହେବା ଆବଶ୍ୟକ।

ୟୁରୋପ ଏହି କାର୍ଯ୍ୟ ଏକାକୀ କରିପାରିବ ନାହିଁ। ଜଳବାୟୁ ବିରୋଧୀ ଯୁଦ୍ଧ ଜିତିବା ଏବଂ ରୁଷିଆର ଆକ୍ରମଣାତ୍ମକ ମନୋଭାବ ବିରୋଧରେ ଠିଆ ହେବା ଏବେ ବୈଶ୍ୱିକ ଆହ୍ୱାନ ପାଲଟିଛି। ଏହାକୁ ମୁକାବିଲା କରିବାକୁ ବିଶ୍ୱ ସ୍ତରରେ ପ୍ରତିକ୍ରିୟା ପ୍ରକାଶ ପାଇବା ଦରକାର। ପୁଟିନ୍‌ଙ୍କ ଯୁଦ୍ଧ ଜୀବାଶ୍ମ ଇନ୍ଧନ ଆମଦାନୀ କମ୍ କରିବା ଏବଂ ଜଳବାୟୁ ଉପଯୋଗୀ ଶକ୍ତି ଉତ୍ପାଦନ ଉପରେ ଅଧିକ ନିବେଶ କରିବା ଲାଗି ସବୁ ଦେଶର ରଣନୀତିକ ସିଦ୍ଧାନ୍ତକୁ ଦୃଢ଼ କରିଛି। ସେଥିପାଇଁ ଇୟୁ ସକ୍ରିୟ ଭାବେ ଜଳବାୟୁ କୂଟନୀତିରେ ଜଡ଼ିତ ରହିଛି। ଆମେ ମଧ୍ୟ ଜଳବାୟୁ ମହତ୍ତ୍ୱାକାଂକ୍ଷା ପ୍ରକାଶ କରିବାକୁ ଅନ୍ୟମାନଙ୍କୁ ଉତ୍ସାହିତ କରିବାକୁ ଚାହୁଁ। ପର୍ଯ୍ୟାପ୍ତ ସଂସାଧନ ଯୋଗାଇ ଦେଇ ଭାଗୀଦାରି ଦେଶଗୁଡ଼ିକ ସହ କାର୍ଯ୍ୟ କରିବା ପାଇଁ ଆମର ପ୍ରତିବଦ୍ଧତା ରହିଛି, ଯେଉଁଥିରେ ସେମାନେ ମଧ୍ୟ ଏକ ଦୃଢ଼ ଶୂନ କାର୍ବନ ନିର୍ଗମନ ଅର୍ଥ ବ୍ୟବସ୍ଥା ଆଡକୁ ମୁହାଁଇ ପାରିବେ। ୟୁରୋପିଆନ ସବୁଜ ଚୁକ୍ତି ଏବଂ ଇୟୁର ନୂଆ ଗ୍ଲୋବାଲ ଗେଟ୍‌ୱେ ଇନିସିଏଟିଭ୍ ମାଧ୍ୟମରେ ଇୟୁର ସଂସ୍ଥା ଏବଂ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଜଳବାୟୁ, ଜୈବବିବିଧତା ଏବଂ ଶକ୍ତି ସଙ୍କଟ ସମାଧାନ କରିବା ସକାଶେ ସବୁଜ ଓ ଡିଜିଟାଲ ଭିତ୍ତିଭୂମିରେ ୩୦୦ବିଲିୟନ ୟୁରୋ(୩୨୫ ବିଲିୟନ ଡଲାର) ପର୍ଯ୍ୟନ୍ତ ନିବେଶ ଜୁଟାଇ ପାରିଛନ୍ତି। ସର୍ବୋପରି ଇଆଇବି ୨୦୩୦ ସୁଦ୍ଧା ଜଳବାୟୁ କାର୍ଯ୍ୟକ୍ରମ ଏବଂ ପରିବେଶଗତ ନିରନ୍ତରତାରେ ୧ ଟ୍ରିଲିୟନ ୟୁରୋ ନିବେଶ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଛି। ଏହାର ନୂଆ ଶାଖା ଇଆଇବି ଗ୍ଲୋବାଲ ବ୍ୟାଙ୍କ ମାଧ୍ୟମରେ ସାରା ବିଶ୍ୱରେ ଏହା ଭାଗୀଦାରି ଦେଶଗୁଡ଼ିକ ସହ କାର୍ଯ୍ୟ କରୁଛି। ଶକ୍ତି କ୍ଷମତା, ଅକ୍ଷୟ ଶକ୍ତି ଏବଂ ବିଦ୍ୟୁତ ଗ୍ରୀଡ ପ୍ରୋଜେକ୍ଟଗୁଡ଼ିକ ପାଇଁ ଏହା ଆର୍ଥିକ ସଞ୍ଚାଳନ କରୁଛି ଓ ୟୁରୋପ ଟିମ୍ ଅଧୀନରେ ଓ ଇଆଇବି ସମର୍ଥନରେ ଭବିଷ୍ୟତର ସବୁଜ ଶକ୍ତି ପାଇଁ କାର୍ଯ୍ୟ କରୁଛି। ଏହା ମଧ୍ୟ ଭାରତରେ ଅନ୍ତର୍ଜାତୀୟ ସୋଲାର ମେଣ୍ଟ , ଯାହା ୧୦୫ଟି ଟ୍ରପିକାଲ ଦେଶରେ ସୌରଶକ୍ତି ବିକାଶକୁ ସହଯୋଗ କରୁଛି।

ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ଦୂର କରି ସବୁଜଶକ୍ତି ଆପଣାଇବାକୁ ବିଶ୍ୱ ସମୁଦାୟକୁ ସହଯୋଗ କରିବା ପାଇଁ ଇୟୁ ସବୁବେଳେ ପ୍ରସ୍ତୁତ । କିନ୍ତୁ ଜଳବାୟୁ କାର୍ଯ୍ୟକ୍ରମଗୁଡ଼ିକରେ ନିବେଶର ବିଳମ୍ବ ପାଇଁ ରୁଷିଆର ୟୁକ୍ରେନ୍ ଆକ୍ରମଣ ଏକ କାରଣ ନୁହେଁ। ଅନ୍ୟ ପକ୍ଷରେ ଅଧିକ ସବୁଜ ନିବେଶ ଆମକୁ ଅଧିକ ରଣନୀତିକ ସ୍ୱାୟତ୍ତତା ପ୍ରଦାନ କରିବ। କାର୍ବନ ନିର୍ଗମନ ହ୍ରାସ କରିବା ଏକ ଭୂରାଜନୈତିକ ଅନିବାର୍ଯ୍ୟତା। ସବୁଜ ଶକ୍ତି ପାଇଁ ପୁଞ୍ଜି ଯୋଗାଣକୁ ତୀବ୍ର କରିବାରେ ସରକାରରେ ଥିବା ଆମର ଭାଗୀଦାରିମାନେ ଏବଂ ସାରା ବିଶ୍ୱର ଅନ୍ତର୍ଜାତୀୟ ବିତ୍ତୀୟ ସଂସ୍ଥାଗୁଡ଼ିକୁ ଆମ ସହ ଯୋଗଦେବାକୁ ଆହ୍ୱାନ ଦେଉଛୁ। ସବୁଜଗୃହ ବାଷ୍ପ ନିର୍ଗମନ କମ୍ କରିବା ଲାଗି ଲକ୍ଷ୍ୟ ରଖିଲେ ଆମେ ମଧ୍ୟ ଶକ୍ତି ସୁରକ୍ଷା ହାସଲ କରିପାରିବା।

## ନିଦ୍ରାଭଙ୍ଗ ଯେଉଁଠି, ସକାଳ ସେଇଠି



ସୁପ୍ରଭା ବେହେରା

ଡାକୁ ଅଙ୍ଗୁଳିମାଳା, ପ୍ରତିଜ୍ଞା ଥିଲା ହଜାରେଜଣଙ୍କୁ ହତ୍ୟା କରି, ସେମାନଙ୍କ ଅଙ୍ଗୁଳି ଛେଦନ କରି ଗଳାରେ ଧାରଣ କରିବା। ନିଜ ପ୍ରତିଜ୍ଞା ଅନୁସାରେ ୯୯୯ଜଣଙ୍କୁ ହତ୍ୟା କରି ସାରିଥିଲା ଅଙ୍ଗୁଳିମାଳା । ଶେଷ ବ୍ୟକ୍ତିର ସନ୍ଧାନରେ ଥାଏ। ଭୟଭୀତ ଥା'ନ୍ତି ସମଗ୍ର ରାଜ୍ୟବାସୀ, ଏମିତିକି ରାଜା ବିମ୍ବିସାର ମଧ୍ୟ। କିଏ ହେବ ସେହି ଶେଷ ବ୍ୟକ୍ତି। ଦିନେ ଅଙ୍ଗୁଳିମାଳା ରହୁଥିବା ଜଙ୍ଗଲ ଦେଇ ଯାଉଥାନ୍ତି ବୁଦ୍ଧଦେବ। ହଠାତ୍ ଅଙ୍ଗୁଳିମାଳାର ଦୃଷ୍ଟି ପଡ଼ିଲା ବୁଦ୍ଧଦେବଙ୍କ ଉପରେ। ସେ ଖୁସିରେ ନାଚିଉଠିଲା। ଅଭିଳାଷ ତା'ର ଆଜି ପୂର୍ଣ୍ଣ ହେବ। ହିଂସ୍ର ରୂପ ନେଇ ମାଡ଼ିଆସିଲା ବୁଦ୍ଧଙ୍କ ଆଡ଼କୁ। ବୁଦ୍ଧଦେବ କହିଲେ, ମୋତେ ମାରିବା ପୂର୍ବରୁ ମୋର ଗୋଟିଏ କଥା ରକ୍ଷା କର। ପାଖରେ ଥିବା ବୃକ୍ଷକୁ ଲକ୍ଷ୍ୟ କରି କହିଲେ, ତୁମେ ଧରିଥିବା ଖଣ୍ଡାରେ ଏହି ବୃକ୍ଷର ଡାଳଟିକୁ ପ୍ରଥମେ ହାଣି ଦିଅ ତା'ପରେ ମୋତେ ହାଣିବ। ଅଙ୍ଗୁଳିମାଳା ତାହା ହିଁ କଲା। ବୁଦ୍ଧଦେବ କହିଲେ, ଏବେ ଡାଳଟିକୁ ପୁନର୍ବାର ଗଛରେ ଯୋଡ଼ି ଦିଅ। ଅଙ୍ଗୁଳିମାଳା ଗର୍ଜିଉଠିଲା। ଏହା କ'ଣ ସମ୍ଭବ? ଥରେ ବୃକ୍ଷରୁ ଅଲଗା ହେଲା ପରେ ଆଉ କ'ଣ ଯୋଡ଼ିବା କିମ୍ବା ଜୀବଦାନ ଦେବା ସମ୍ଭବ। ବୁଦ୍ଧଦେବ କହିଲେ, ମୁଁ ଠିକ୍ ସେହି କଥା କହୁଛି। ଯେଉଁ ୯୯୯ ଜଣଙ୍କ ଜୀବନ ତୁମେ ନେଇଛ, ଦେଇ ପାରିବ ସେମାନଙ୍କୁ ଜୀବଦାନ? ଅଙ୍ଗୁଳିମାଳାର ଜ୍ଞାନୋଦୟ ହେଲା। ଫିଙ୍ଗିଦେଲା ବେକରୁ ଅଙ୍ଗୁଳିର ମାଳା ଆଉ ହାତରୁ ଅସ୍ତ୍ର। ହୋଇଗଲା ବୌଦ୍ଧ ଭିକ୍ଷୁ।

ଦସ୍ୟୁ ରତ୍ନାକର। ଯାହାର ଚିନ୍ତା ଚେତନାରେ ଥିଲା ଆସୁଥିବା, ଯାଉଥିବା ପ୍ରତ୍ୟେକ ବାଟୋଇ ମନରେ ଆତଙ୍କ ସୃଷ୍ଟି କରି ସେମାନଙ୍କ ପାଖରେ ଥିବା କଉଡି, ସୁନାଗହଣା ଲୁଟି ନେବା । ହିଂସାତ୍ମକ ଶବ୍ଦରେ ଅଭ୍ୟସ୍ତ ଜିହ୍ୱା ପାଇଁ ରାମ ନାମ ଅପେକ୍ଷା ମରା ଶବ୍ଦ ଅଧିକ ସହଜ ଥିଲା। ଦସ୍ୟୁ ରତ୍ନାକରରୁ ବାଲ୍ମୀକି ହେବା ସହଜ ନ ଥିଲା କିନ୍ତୁ ଅସମ୍ଭବ ମଧ୍ୟ ନ ଥିଲା। ହୁଏତ ଅସମ୍ଭବ ବି ନ ଥିଲା- ରକ୍ତର ହୋଲି ଖେଳୁଥିବା ଗୋଟିଏ ପାଷାଣ ହୃଦୟରେ ବୁଦ୍ଧଂ ଶରଣଂ ଗଚ୍ଛାମି ଉଚ୍ଚାରିତ ହେବା, ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହେବା।

ବାଟରୁ ଅବାଟକୁ ଯେମିତି ରାସ୍ତାଟିଏ ଥାଏ, ଅବାଟରୁ ବାଟକୁ ସେମିତି ରାସ୍ତାଟିଏ ଲମ୍ବି ଥାଏ। ବୟସର ଉଦ୍ଦାମତା, ଠିକ୍ ଶୃଙ୍ଖଳା ଅନୁଶୀଳନର ଅଭାବ, ଅଜ୍ଞତା ଅନେକ ସମୟରେ ଯୁବ ସମାଜକୁ ଅବାଟକୁ ଟାଣି ନେଇଥାଏ। ଏହି ଅବାଟର ଗୋଟିଏ ଅନ୍ଧଗଳି ହେଉଛି ନିଶାଗ୍ରସ୍ତ ହେବା। ଆଜିର ଯୁବସମାଜ ପଥଭ୍ରାନ୍ତ ହୋଇ ନିଶା ସେବନ କରୁଛି। ହୁଏତ କେବେ ସାରା ଜୀବନ ବିତି ଯାଏ, କିନ୍ତୁ ସେମାନଙ୍କୁ ବାଟ କେଉଁଟି ଅବାଟ କେଉଁଟି ଜଣା ପଡ଼େ ନାହିଁ। କିଛି ଯୁବକ ଆତ୍ମହତ୍ୟାକୁ ନିଜର ରାସ୍ତା ବାଛି ନିଅନ୍ତି ଆଉ କିଛି ଫେରିବାକୁ ଚାହିଁ ମଧ୍ୟ ସାମାଜିକ ବ୍ୟବସ୍ଥାରେ ଖାପ ଖୁଆଇବାକୁ ଭୟ କରି ପୂର୍ବବତ୍ ରହିବାକୁ ପସନ୍ଦ କରନ୍ତି। ସମାନ ପରିସ୍ଥିତି ଉପୁଜି ଥାଏ, ଦେହ ବ୍ୟବସାୟ ଓ ଚୌର୍ଯ୍ୟ ବୃତ୍ତିରେ ଲିପ୍ତ ଥିବା ବ୍ୟକ୍ତି ବିଶେଷଙ୍କର। ଅବାଟରେ ଯାଉଛନ୍ତି ବୋଲି ହୃଦ୍‌ବୋଧ ହେବା ପରେ ସେମାନଙ୍କର ଜୀବନ ଓ ସାମାଜିକ ଚଳଣି ପ୍ରତି କୁଣ୍ଠାବୋଧ ଜୀବନକୁ ଦୁଃଖମୟ କରି ଗଢ଼ିତୋଳେ। ଏହା ସେମାନଙ୍କ ନିମନ୍ତେ ଅଭିମନ୍ୟୁର ଚକ୍ରବ୍ୟୂହ ଭଳି। ସେ ଚକ୍ରବ୍ୟୂହକୁ ଭେଦ କରିବା ସେମାନଙ୍କୁ ଜଣା ଅଛି କିନ୍ତୁ ସେଠାରୁ ମୁକୁଳିବା ସେମାନଙ୍କୁ ଜଣା ନାହିଁ। ସେହି ଚକ୍ରବ୍ୟୂହରୁ ସେମାନଙ୍କ ପ୍ରତ୍ୟାବର୍ତ୍ତନରେ ଆମ ସମସ୍ତଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କୁ ପୂର୍ବ କାମ ପାଇଁ ଉପହାସ ନ କରି ବରଂ ତାଙ୍କର ଭବିଷ୍ୟତ ସଜାଡ଼ିବାର ପ୍ରୟାସ ଲାଗି ହାତ ବଢ଼ାଇବା ଆବଶ୍ୟକ। ରୂପାନ୍ତରଣ ତ ସୃଷ୍ଟିର ନିୟମ। ଗୋଟେ କୁତ୍ସିତ କଦାକାର ଶାଁବାଳୁଆରୁ ସୁନ୍ଦର ଏକ ପ୍ରଜାପତି ଜନ୍ମ ନିଏ। ଯେବେ ଅଙ୍ଗୁଳିମାଳା ଶ୍ରମଣ ଓ ଦସ୍ୟୁ ରତ୍ନାକର ବାଲ୍ମୀକି ହୋଇପାରନ୍ତି, ବାଟ ହୁଡ଼ିଥିବା ଲୋକ ସୁନାଗରିକ ହେବାରେ ଅସୁବିଧା କେଉଁଠି! ଏଥି ପାଇଁ ଅନେକ ସୁଧାର ଗୃହ କାର୍ଯ୍ୟ କରୁଥିଲେ ମଧ୍ୟ ଆମ ସମସ୍ତଙ୍କର ପ୍ରୟାସ ନିଶ୍ଚିତ ଭାବେ ଲୋଡ଼ା। ସେମାନେ ବାଟକୁ ଆସି ଦେଶର ବିକାଶ ଓ ପ୍ରଗତିରେ ଭାଗୀଦାର ହୋଇପାରିବେ । ଯେଉଁଠି ନିଦ୍ରା ଭଙ୍ଗ ହୁଏ ସେଠାରେ ଏକ ସୁନ୍ଦର ସୂର୍ଯ୍ୟୋଦୟର ସକାଳ ଅପେକ୍ଷା କରିଥାଏ। କିନ୍ତୁ ନିଦ୍ରା ଭଙ୍ଗ ଯେତେ ଶୀଘ୍ର ହେବ ଜୀବନରେ ଆଲୋକର ପ୍ରଭାବ ସେତିକି ବିସ୍ତାରିତ ହେବ।

ଭୁବନେଶ୍ୱର, ମୋ-୯୦୪୦୩୬୦୨୫୯

## ଏଇ ଭାରତରେ

ଘରଚଟିଆଙ୍କ ସୁରକ୍ଷାରେ ସମର୍ପିତ ଏଡ୍‌ୱିନ ଜୋଶେଫ। ବୟସ ୭୨। ଭାରତ ଆର୍ଥ ମୁଭର୍ସ ଲିମିଟେଡ୍‌ରେ ଟେକ୍ନିସିଆନ ଭାବେ ଅବସର ନେବା ପରେ ସେ ଏହି କାର୍ଯ୍ୟରେ ଲାଗିଛନ୍ତି। ଜୋଶେଫ ୧୫ ବର୍ଷ ହେଲା ୨୫୦ ଘରଚଟିଆଙ୍କୁ ଖାଇବାକୁ ଦେଉଛନ୍ତି। ଏଥିପାଇଁ ଜୋଶେଫଙ୍କୁ ଘରଚଟିଆ ମଣିଷ ବୋଲି କୁହାଯାଉଛି। ସେମାନଙ୍କୁ ଖାଇବାକୁ ଦେବାକୁ ଘରେ ଫିଡର ଝୁଲାଇ ଦେଇଛନ୍ତି। ଏହାର ନିମ୍ନ ଭାଗରେ ପ୍ଲାଷ୍ଟିକ ପ୍ଲେଟ ଲଗାଇଛନ୍ତି, ଯେଉଁଥିରେ ଘରଚଟିଆ ଖାଇବା ପରେ ଖାଦ୍ୟର ଅବଶେଷାଂଶ ପଡୁଛି। ଏହା ବ୍ୟତୀତ ଚଢ଼େଇ ବସିବା ଲାଗି କାଠର ଫ୍ରେମ୍ ମଧ୍ୟ ଲଗାଇଛନ୍ତି। ଘରଚଟିଆଙ୍କୁ ମକା, ଧାନ, ରୁଟି ଏବଂ ଘରେ ରୋଷେଇ ହୋଇଥିବା ଖାଦ୍ୟ ମଧ୍ୟ ଦେଉଛନ୍ତି। ସେମାନଙ୍କୁ ଜୋଶେଫ ନିଜ ପରିବାରର ସଦସ୍ୟ ଭଳି ଦେଖୁଛନ୍ତି। ଘରଚଟିଆ ବ୍ୟତୀତ ସେ ପାରା, ବୁଲ୍‌ବୁଲ୍ ଆଦି ଚଢ଼େଇଙ୍କୁ ଖାଇବାକୁ ଦେଉଛନ୍ତି। କେବଳ ପକ୍ଷୀ ସୁରକ୍ଷାରେ ସୀମିତ ରହିନାହାନ୍ତି ଜୋଶେଫ, ସେ ସମାଜ ସେବା ମଧ୍ୟ ଜାରି ରଖିଛନ୍ତି। ଜୋଶେଫ ସ୍ଥାନୀୟ ସ୍କୁଲରେ ପଢ଼ାଇବା ସହ ଗରିବମାନଙ୍କୁ ମାଗଣାରେ ଖାଦ୍ୟ ଦେଉଛନ୍ତି। ଗୃହହୀନ ବୟସ୍କଙ୍କ ରହିବା ଓ ଖାଇବା ବ୍ୟବସ୍ଥା ବି କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଏପ୍ରିଲ ୧୯୯୭

- ୧୭୯୫.୪୫ କୋଟି ଟଙ୍କା ମୂଲ୍ୟର ୫୩ଟି ପ୍ରତ୍ୟେକ୍ଷ ବିଦେଶୀ ପୁଞ୍ଜିନିବେଶ ଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ।
- ହାଇକୋର୍ଟରେ ଦୁଇ ଜଣ ନବନିଯୁକ୍ତ ବିଚାରପତି ମାନ୍ୟବର ଜଷ୍ଟିସ ପ୍ରଫୁଲ୍ଲ କୁମାର ମିଶ୍ର ଓ ଜଷ୍ଟିସ୍ ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କ ଶପଥ ଗ୍ରହଣ।
- ବୀରମହାରାଜପୁର ନିର୍ବାଚନମଣ୍ଡଳୀର ପୂର୍ବତନ କଂଗ୍ରେସ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କାର୍ତ୍ତିକ ତରିଆଙ୍କ ଭାଜପାରେ ଯୋଗଦାନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | | | | |
| | | | 5 | | | 6 | 9 | |
| | | | 1 | | | | | |
| | | | | 2 | 6 | | | |
| | 1 | | | | | 8 | | |
| | 9 | | | 4 | | 3 | 2 | |
| 3 | 5 | | 9 | | | | | 7 |
| | | 7 | | | 5 | 1 | | |
| | | | | | 2 | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 4 | 9 | 5 | 1 | 7 | 3 | 6 |
| 5 | 7 | 3 | 2 | 6 | 8 | 4 | 1 | 9 |
| 9 | 1 | 6 | 4 | 3 | 7 | 2 | 8 | 5 |
| 1 | 3 | 5 | 7 | 8 | 2 | 6 | 9 | 4 |
| 2 | 4 | 8 | 1 | 9 | 6 | 5 | 7 | 3 |
| 7 | 6 | 9 | 3 | 4 | 5 | 1 | 2 | 8 |
| 3 | 9 | 7 | 6 | 2 | 4 | 8 | 5 | 1 |
| 6 | 8 | 2 | 5 | 1 | 3 | 9 | 4 | 7 |
| 4 | 5 | 1 | 8 | 7 | 9 | 3 | 6 | 2 |

ଗତକାଲିର ଉତ୍ତର

# ସ୍ୱର୍ଗପ୍ରାପ୍ତିର ମାର୍ଗ



ଉପେନ୍ଦ୍ର ବିଶ୍ୱାଳ

ସ୍ୱର୍ଗପ୍ରାପ୍ତିର ଅଭିଳାଷରେ ଜଣେ ବ୍ୟକ୍ତି ଦୀନ-ଦୁଃଖୀଙ୍କ ସେବା କଲେ, ଖୁବ୍ ଦାନ-ଦକ୍ଷିଣା ବି କଲେ। ତାଙ୍କର ଦେହାବସାନ ପରେ ତାଙ୍କର ସ୍ୱର୍ଗପ୍ରାପ୍ତି ହେଲା। ସ୍ୱର୍ଗଲୋକରେ ଜଣେ ସାଧାରଣ ବ୍ୟକ୍ତିଙ୍କୁ ଦେଖି ଧର୍ମରାଜକୁ ପଚାରିଲେ – 'ମହାରାଜ! ଏ ବ୍ୟକ୍ତିଙ୍କୁ ମୁଁ କେବେ ଦୁଃଖୀରଙ୍କୀଙ୍କ ସେବା କରିଥିବା ଦେଖିନାହିଁ। ସେ କିଭଳି ମୋ ପରି ସ୍ୱର୍ଗଲାଭ କଲେ ?' ଧର୍ମରାଜ କହିଲେ- ସେ ବହୁତ ବୃକ୍ଷ ଲଗାଇଛନ୍ତି। ତୁମ୍ଭ କମ ପାଇଁ ତୁମ୍ଭକୁ ନିର୍ଦ୍ଦିଷ୍ଟ କିଛିଦିନ ଲାଗି ସ୍ୱର୍ଗଲାଭ ହୋଇଛି। ମାତ୍ର ପୁଣ୍ୟର ପ୍ରଭାବ ଧୀରେ ଧୀରେ କ୍ଷୟ ହୋଇ ଆସିଲାଣି। କିଛି ସମୟ ପରେ ତୁମକୁ ଏଠାରୁ ଚାଲିଯିବାକୁ ହେବ। କିନ୍ତୁ 'ସ୍ୱର୍ଗପ୍ରାପ୍ତି'ର ଆଶା ନ ରଖି ସେ ପୁଣ୍ୟକୀର୍ତ୍ତି ରଚି ଯାଇଛନ୍ତି ବା ଗଛ ଲଗାଇଛନ୍ତି। ଯେତେଦିନ ପର୍ଯ୍ୟନ୍ତ ମର୍ତ୍ତ୍ୟର ଲୋକମାନେ ସେହି ଗଛଗୁଡ଼ିକରୁ ଉପକାର ପାଇଚାଲିଥିବେ, ସେ ପର୍ଯ୍ୟନ୍ତ ସ୍ୱର୍ଗରେ ତାଙ୍କ ସ୍ଥାନ ଥୟ। ବୃକ୍ଷରୋପଣ ମହାପୁଣ୍ୟ। ଲୋକଟି କହିଲେ, ଏଥର ମର୍ତ୍ତ୍ୟରେ ଜନ୍ମଲାଭ କଲେ ନିଶ୍ଚିତ ଭାବେ ଗଛ ଲଗାଇବି ।

ଏକଦା ଦାନକର୍ମରେ ଆଗ୍ରହ ରଖୁଥିବା ଜଣେ ଜମିଦାର ଥିଲେ। ତାଙ୍କର ପ୍ରାସାଦର ଟିକିଏ ଦୂରରେ ରହୁଥିଲେ ଜଣେ ଦରିଦ୍ର ବ୍ୟକ୍ତି। ପ୍ରଚଣ୍ଡ ଦାରିଦ୍ର୍ୟର ତାଡ଼ନାରେ ତାଙ୍କର ଦିନେ ଦେହାନ୍ତ ଘଟିଲା। କିଛିଦିନ ପରେ ଦାନୀ ଜମିଦାରଙ୍କ ମଧ୍ୟ ହୃଦ୍‌ଘାତରେ ମୃତ୍ୟୁ ହେଲା। ଜମିଦାର ସ୍ୱର୍ଗରେ ପହଁଚି ଦରିଦ୍ର ବ୍ୟକ୍ତିଙ୍କୁ ଦେଖି ଦେବଦୂତଙ୍କୁ ପଚାରିଲେ, ଏହି ବ୍ୟକ୍ତି ଜଣକ ଏଠି କେମିତି ? ଦେବଦୂତ କହିଲେ, 'ସେ ବହୁତ ଭଲ କାମ କରିଛନ୍ତି। ଏଣୁ ତାଙ୍କୁ ସ୍ୱର୍ଗଲୋକରେ ସ୍ଥାନ ମିଳିଛି । କିନ୍ତୁ ଆପଣ ଆଉ କିଛି ସମୟ ପର୍ଯ୍ୟନ୍ତ ଏଠି ରହିବା ପରେ ଆପଣଙ୍କୁ ନର୍କକୁ ଯିବାକୁ ହେବ। ସେ ବ୍ୟକ୍ତି କିନ୍ତୁ ଏଠାରେ ରହିବେ, ତାଙ୍କର ପୁଣ୍ୟ କ୍ଷୟ ନ ହେଲା ଯାଏଁ।' ଜମିଦାର କହିଲେ, 'ସ୍ୱର୍ଗରାଜ୍ୟରେ ଏହା କି ପ୍ରକାର ବିଚାର ? ମୁଁ ଏତେବଡ଼ ଦାନୀ ଅଥଚ ଖାଇବାକୁ ପାଉ ନ ଥିବା ଏ ବ୍ୟକ୍ତି ମୋ ଅପେକ୍ଷା ଅଧିକ ସ୍ୱର୍ଗସୁଖ ଲାଭ କରିବ ? ।' ଦେବଦୂତ କହିଲେ, 'ହଁ ସତକଥା । ତା' ପାଖରେ ଦାନ କରିବାକୁ ଧନ ନ ଥିଲା । ଯେତିକି ଅର୍ଜନ କରୁଥିଲା, ସେଇଥିରେ ଯଥାସମ୍ଭବ ଅନ୍ୟକୁ ସାହାଯ୍ୟ କରୁଥିଲା । କାହାରି ପ୍ରତି ରୁକ୍ଷଭାବ ପ୍ରୟୋଗ କରିନାହିଁ କି କାହା ମନରେ ଟିକିଏ କଷ୍ଟ ଦେଇନି । ନିରାଶ୍ରୟୀଙ୍କୁ ତା' ଭଙ୍ଗାକୁଡ଼ିଆରେ ଆଶ୍ରୟ ଦେଉଥିଲା। ପ୍ରତିବଦଳରେ କିଛି ବି ପ୍ରତ୍ୟାଶା ନଥିଲା ମନରେ। ତୁମେ କିନ୍ତୁ ଧନ ଉପାର୍ଜନ କରୁଥିଲ ଏବଂ ପାପ ଭୟରେ ଦାନଧର୍ମ କରୁଥିଲ। ବାସ୍ତବରେ ତୁମେ ଧନୀ ଥିଲ, କିନ୍ତୁ ହୃଦୟ ଥିଲା ଛୋଟ। ସେ ଦରିଦ୍ର ଥିଲେ ସତ, କିନ୍ତୁ ତାଙ୍କ ହୃଦୟ ଥିଲା ବିଶାଳ । ଏବେ କୁହ, ତୁମ୍ଭ ଦୁହିଁଙ୍କ ଭିତରୁ ସ୍ୱର୍ଗପ୍ରାପ୍ତି କାହାର ଆଗେ ହକ୍।'

ମଗଧର ରାଜା ବିମ୍ବିସାରଙ୍କ ପରମ ମିତ୍ର ପ୍ରସନ୍ନ ଆଦରିନେଲେ ସନ୍ୟାସ ମାର୍ଗକୁ। ଏକଦା ମହାବୀର ଜୈନଙ୍କୁ ଦର୍ଶନ କରିବାକୁ ରାଜା ବିମ୍ବିସାର ଯାଉଥାନ୍ତି ସୈନ୍ୟସାମନ୍ତଙ୍କ ସହିତ। ଯିବା ବାଟରେ ଦେଖିବାକୁ ପାଇଲେ, ପ୍ରସନ୍ନ ଚିତ୍ତରେ ଧ୍ୟାନମଗ୍ନ ରାଜା ପ୍ରସନ୍ନ।



ଭାବିଲେ, ଯାହାହେଉ ରାଜା ପ୍ରସନ୍ନ ଜଣେ ପୁଣ୍ୟାତ୍ମା। ସୌଭାଗ୍ୟକୁ ସେ ମହାମୁନି 'ମହାବୀର'ଙ୍କ ଦ୍ୱାରା ଦୀକ୍ଷିତ ହୋଇ ଜଣେ ଜୈନସନ୍ଥ ଭାବେ ତପସ୍ୟାରତ। ବନ୍ଧୁଙ୍କ ତପସ୍ୟାରେ ବାଧା ନ ଦେଇ ସେ ଆଗେଇ ଚାଲିଲେ 'ପ୍ରସନ'ଙ୍କ ଆଡ଼କୁ ମୁଣ୍ଡ ନୁଆଁଇ। ମହାବୀରଙ୍କ ଆଶ୍ରମରେ ପହଞ୍ଚି ବିମ୍ବିସାର ବ୍ୟକ୍ତ କଲେ ନିଜର ଭାବନାକୁ- ମହାଭାଗ! ମୁଁ ଜଣେ ଅଧମ ସଂସାରୀ। କିନ୍ତୁ ଦେଖନ୍ତୁ, ମିତ୍ରରାଜା ପ୍ରସନ୍ନ କିଭଳି ସାଧନାରତ। ମନେହେଉଛି, ଏହି ସାଧନା ବଳରେ ତା'ର ସ୍ୱର୍ଗପ୍ରାପ୍ତି ସୁନିଶ୍ଚିତ। ମହାମୁନି କହିଲେ- ହଁ, ଅବଶ୍ୟ। ବର୍ତ୍ତମାନର ସ୍ଥିତି ଅନୁଯାୟୀ ସେ ସ୍ୱର୍ଗଲାଭ କରିବେ ସୁନିଶ୍ଚିତ। କିନ୍ତୁ ଏହାର କେଇ ସମୟ ପୂର୍ବରୁ ତାଙ୍କର ଅବସ୍ଥା ଯାହା ଥିଲା, ସେ ନର୍କଗାମୀ ଅବଶ୍ୟ ହୋଇଥାନ୍ତେ। କିନ୍ତୁ ନିଜକୁ ସମ୍ଭାଳି ନେଇ ବଦଳିଗଲେ ସେ।

ଅତୀବ ଆଶ୍ଚର୍ଯ୍ୟରେ ବିମ୍ବିସାର ଅନାଇବାରୁ ମହାବୀର କହିଲେ- ତୁମ୍ଭେ ଯେବେ ଆସୁଥିଲ, ତୁମ ପଲ୍ଟଣର ଅଗ୍ରଭାଗରେ ଥିବା ଜଣେ ସୈନିକ, ରାଜା ପ୍ରସନ୍ନଙ୍କୁ ଦେଖି କହିଲେ, 'ଅପଦାର୍ଥ ରାଜାଟିଏ, ମୁନି ହେବାକୁ ବସି ରହିଛି ଏଠି। ସେପଟେ, ତା'ର ନାବାଳକ ପୁଅକୁ ଠକିଦେଇ ପାତ୍ରମନ୍ତ୍ରୀମାନେ ରାଜସମ୍ପଦକୁ ଲୁଟିବାରେ ବ୍ୟସ୍ତ।' ଏହି କଥାଟି ଯାଇ ବାଜିଲା ଧ୍ୟାନରତ ପ୍ରସନ୍ନଙ୍କ କାନରେ। ମନେମନେ ବାହାରି ପଡୁଥିଲେ ସୈନିକଙ୍କୁ ଶିକ୍ଷା ଦେବାକୁ। ଠିକ୍ ଏହି ସମୟରେ ତପସ୍ୟାରତ ବନ୍ଧୁଙ୍କୁ ତୁମ୍ଭେ ଯେବେ ମଥା ନୁଆଁଇ ସମ୍ମାନ ବାଢ଼ିଲ, ସେଇ ମୁହୂର୍ତ୍ତରେ ସେ ନିଜକୁ ସମ୍ଭାଳି ନେଲେ। 'ସିଦ୍ଧିପ୍ରାପ୍ତି ପାଇଁ ମାନ-ଅପମାନ, ଗାଳିମନ୍ଦ ଆଦିରୁ ନିର୍ଲିପ୍ତ ରହିବାକୁ ହିଁ ହେବ। ହୃଦୟରେ ଉଦାର ଓ କ୍ଷମାଶୀଳଭାବ ଧାରଣ କରିବାକୁ ହେବ'- ଏହା ଭାବି ପୁଣି ସେହି ବିଶୁଦ୍ଧ ଭାବନାରେ ବୁଡ଼ି ରହି ମହନୀୟ ମାର୍ଗରେ ବ୍ରତୀ ରହିଲେ।

ସ୍ୱର୍ଗ ଓ ନର୍କର ପାର୍ଥକ୍ୟ ଜାଣିବାକୁ ଇଚ୍ଛା କରି ଜଣେ ଯୁବକ ସାଧୁଙ୍କ ଆଶ୍ରମରେ ପହଞ୍ଚି ଆସିବାର ଅଭିପ୍ରାୟ ଜଣାଇଲେ। ସାଧୁ ପଚାରିଲେ- ତୁମ୍ଭେ କ'ଣ କର ? ଉତ୍ତର ଦେଲେ ଯୁବକ- ମୁଁ ଜଣେ ବୀରଯୋଦ୍ଧା। କଟାକ୍ଷ କରି ସାଧୁ କହିଲେ- 'ବୀରଯୋଦ୍ଧା ? ଭୀରୁ କ'ଣ କେବେ ଯୋଦ୍ଧା ହୋଇପାରେ ? କିଏ ସେ ମୂର୍ଖ ରାଜା ତୁମକୁ ସେନାବାହିନୀରେ ନିଯୁକ୍ତି ଦେଇଛନ୍ତି ?' ଯୁବକ ଜଣକ ରାଗିକି ତରବାରିକୁ ଖୋଲିବାକୁ ଉଦ୍ୟତ ହେଲାରୁ ସାଧୁ କହିଲେ- 'ତୁମେ ତା'ହେଲେ ଅଣ୍ଟିରେ ଅସ୍ତ୍ର ବି ଖୋସିଛ ? ତାହା ଏକ ଖେଳନା ନା ଅସଲ ତରବାରି ? ଏତିକିରେ ଯୁବକ ଜଣକ ତରବାରି ଧରି ସାଧୁଙ୍କ ଆଡ଼କୁ ଗଲାବେଳକୁ ସାଧୁ କହିଲେ- 'ବାଃ, ବାଃ! ଏତେଶୀଘ୍ର ନରକରେ ଆସି ପହଞ୍ଚିଗଲ ? ସଙ୍ଗେ ସଙ୍ଗେ ସାଧୁଙ୍କ ଗୋଡ଼ତଳେ ପଡ଼ିଗଲେ ଯୁବକ। ଅତି ଶ୍ରଦ୍ଧାରେ ସୈନିକଙ୍କ ଶିର ସ୍ପର୍ଶ କରି ସାଧୁ କହିଲେ, 'ଏବେ ବୁଝିଲ ତ, ସ୍ୱର୍ଗ ଓ ନର୍କର ପାର୍ଥକ୍ୟ କ'ଣ ?' ଯେବେ ଭୀଷଣ କ୍ରୋଧିତ ହୋଇ ଅସ୍ତ୍ରଧରି ଆଗେଇ ଆସୁଥିଲ, ସେତେବେଳେ ତୁମେ ଥିଲ ନର୍କରେ। ଆଉ ଯେବେ ଶାନ୍ତ ହୋଇଗଲ ଅର୍ଥାତ୍ ଚେତନାର ଉଚ୍ଚତର ସୋପାନରେ ଉପନୀତ ହେଲ, ସେତେବେଳେ ପହଞ୍ଚିଗଲ ସ୍ୱର୍ଗରେ। ମଣିଷର ସଦ୍‌ଗୁଣର ଭିତ୍ତି ଉପରେ ହିଁ ତିଆରି ହୁଏ, ସ୍ୱର୍ଗ ରାଜ୍ୟଟିଏ।

ଗୋଡ଼ିଶୁଳ, ସଜନାଗଡ଼, ବାଲେଶ୍ୱର
ମୋ: ୯୪୩୭୪୩୬୦୭୩

## ପାଠକ ଶ୍ରେଷ୍ଠ ବିଚାରକ

### ମାନସିକ ଏକ ଦୁର୍ବଳ ଚିନ୍ତାଧାରା

ମହାଶୟ,

ଲୋକମାନେ ବିପଦରେ ପଡ଼ିଲେ ଦେବଦେବୀଙ୍କ ପାଖରେ ମାନସିକ କରିଦିଅନ୍ତି। ଦେବଦେବୀଙ୍କଠାରେ ନିଜର ଅଭିଳାଷ ଜଣାଇବା ସହ ସର୍ତ୍ତ ରଖନ୍ତି ଯେ ମୋର ଏ କାମଟା କରିଦେଲେ ମୁଁ ତୁମକୁ ଏଇ ଜିନିଷଟା ଦେବି ଯଥା ସୁନା, ରୁପା, ମାଟିର ଇତ୍ୟାଦି। ଈଶ୍ୱରଙ୍କ କୃପାରୁ ଆମେ ବଞ୍ଚିଛୁ। ସେମାନଙ୍କ କୃପାରୁ ଆମେ ନିଃଶ୍ୱାସ-ପ୍ରଶ୍ୱାସ ନେଉଛୁ। ପିନ୍ଧିବା ପାଇଁ ବସ୍ତ୍ର, ଖାଇବା ପାଇଁ ଅନ୍ନ, ମୁଣ୍ଡ ଗୁଞ୍ଜିବା ପାଇଁ ଘର ପାଇଛୁ। ଯାହା ଆମ ପାଖରେ ଅଛି ସେସବୁ ତାଙ୍କ ଦୟାରୁ ଓ କୃପାରୁ। କହିବାକୁ ଗଲେ ଈଶ୍ୱରଙ୍କ ସୁଦୃଷ୍ଟିରୁ ମଣିଷ ଜୀବନ ଅତିବାହିତ ହେଉଛି। ମଣିଷର କ୍ଷମତା ନାହିଁ ତାଙ୍କୁ କିଛି ଦେବାକୁ। ଯଦି ଦେବା ତେବେ ନିଃସ୍ୱାର୍ଥପର ଭାବରେ ତାଙ୍କୁ ଯାହା କିଛି ଦାନ କରିଦେବା। ଭକ୍ତିଭାବ ଛଡ଼ା ସେ ଆମ ପାଖରୁ କିଛି ଚାହାନ୍ତି ନାହିଁ। ଏ ନୀଚ ଚିନ୍ତାଧାରାରୁ ଊର୍ଦ୍ଧ୍ୱକୁ ଉଠି ଆମେ ଈଶ୍ୱରଙ୍କଠାରେ ନିଜକୁ ସମ୍ପୂର୍ଣ୍ଣ ଭାବେ ସମର୍ପଣ କରିଦେବା ଓ ତାଙ୍କଠାରେ ଦୃଢ଼ ବିଶ୍ୱାସ ରଖିବା । ଆଜିକାଲି ଦୁନିଆରେ ଯେତେ ପାରିବା ସତ୍‌ରେ ଚଳିଲେ ଓ ଘରେ ଗୁରୁଜନମାନଙ୍କୁ ଉପଯୁକ୍ତ ସମ୍ମାନ ଦେବା ସହିତ ସେମାନଙ୍କର ଭଲ ମନ୍ଦ ପ୍ରତି ମୁହୂର୍ତ୍ତରେ ବୁଝିଲେ, ସେମାନଙ୍କୁ ନିଜର ସକ୍ଷମ ଅନୁସାରେ ଖୁସିରେ ରଖିପାରିଲେ ଈଶ୍ୱରଙ୍କ ଆଶୀର୍ବାଦ ଆମ ଉପରେ ସବୁବେଳେ ରହିବ। ମାନସିକ ଏକ ଦୁର୍ବଳ ଚିନ୍ତାଧାରା। ଏତିକି ସବୁ ଲୋକ ବୁଝିବା ଉଚିତ।

-ଚକ୍ରଧର ରାଉତ, ପଦ୍ମୁଆଁପଦା, ବାଲେଶ୍ୱର

### ସକାଳୁଆ ଅଫିସ ପ୍ରହସନ

ପ୍ରତିବର୍ଷ ଏପ୍ରିଲ ୧୦ରୁ ଜୁନ୍ ୧୫ ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କର ଅଫିସ ସକାଳୁଆ ହୁଏ। କାର୍ଯ୍ୟ ସମୟ ସକାଳ ୭ଟାରୁ ଦିବା ୧ ଘଟିକା ପର୍ଯ୍ୟନ୍ତ। କିନ୍ତୁ ପ୍ରାୟତଃ କେହି କର୍ମଚାରୀ ଦିନ ୯ଟା ପୂର୍ବରୁ ଅଫିସ୍‌ରେ ପହଞ୍ଚନ୍ତି ନାହିଁ। ଦିନ ୧୧ଟାରେ ଚା' ପାନ କରିବା ପାଇଁ ଯାଇଥାନ୍ତି। ଦିନ ୧ଟାରେ କାର୍ଯ୍ୟାଳୟ ଫାଟକରେ ତାଲା ପଡ଼ିଯାଇଥାଏ। ଯଦି ସକାଳ ସାତଟା ପରେ କେହି ବ୍ୟକ୍ତି ଅଫିସ କର୍ମଚାରୀଙ୍କୁ ଖୋଜିଲା ତେବେ ସକାଳେ ଅଫିସ ଖୋଲି ଫ୍ୟାନ ଚଳାଇଥିବା ପିଅନ ଜଣକ ଉତ୍ତର ଦିଏ ହାକିମ୍ କୁଆଡେ ମିଟିଂକୁ ପଠାଇଛନ୍ତି। ଏ ବର୍ଷ ସକାଳୁଆ ଅଫିସ କେବଳ ଏକ ପ୍ରହସନ ହେବ।

-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦେହର ପ୍ରସାଧନ ରହେ ପଡ଼ି ଦେହେ ଖାଲି
ମନର ବାସନା ଗୋ
ସବୁ ଦାଗ ଯାଏ ଜାଳି!
ନିରାଶ କବି ଯଥା ଆକାଶରେ ଗାଏ ଗୀତ
ତେସନ ଜୀବନ ହିଁ
ମଉଳଇ ଆରେ ମିତ !

-(ମରଣ ପାଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ



ମ୍ୟୁନିକ୍ ଏଟିପି ଟେନିସ ଟୁର୍ନାମେଣ୍ଟରେ ନରୱେର କାସ୍ପର ରୁଡ୍‌ଙ୍କ ବିପକ୍ଷରେ ରିଟର୍ନ ଶଟ୍ ଖେଳୁଛନ୍ତି ସ୍ଲୋଭାକିଆର ଆଲେକ୍ସ ମୋଲ୍‌କାନ୍।

# ସିନ୍ଧୁ, ସାତ୍ତ୍ୱିକ-ଚିରାଗ କ୍ୱାର୍ଟରରେ

**ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍**

**ସାଇନା, ଶ୍ରୀକାନ୍ତଙ୍କ ବିଦାୟ**

ମାନିଲା (ଫିଲିପାଇନ୍ସ), ୨୮।୪ (ପି.ଟି.)

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପିଭି ସିନ୍ଧୁ ତାଙ୍କଠାରୁ ନିମ୍ନ ର୍‌ୟାଙ୍କିଙ୍ଗପ୍ରାପ୍ତ ସିଙ୍ଗାପୁରର ୟୁଇ ୟାନ ଜାସ୍‌ଲିନ୍ ହୁଇଙ୍କ ବିପକ୍ଷରେ ସିଧାସଳଖ ବିଜୟ ହାସଲ କରି ଏଠାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍‌ର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଭାରତୀୟ ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ମଧ୍ୟ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି। କିନ୍ତୁ ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜୟିନୀ ସାଇନା ନେହ୍ୱାଲ ଓ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା କିଡାମ୍ବି ଶ୍ରୀକାନ୍ତ ସେମାନଙ୍କ ମ୍ୟାଚରେ ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ୨୦୧୪ ଜିମ୍‌ଚିଅନ୍ ସଂସ୍କରଣରେ ବ୍ରୋଞ୍ଜ ବିଜୟିନୀ ସିନ୍ଧୁ ଏଠାରେ ଚତୁର୍ଥ ସିଡ୍ ମାନ୍ୟତା ପାଇଛନ୍ତି। ସେ ୧୦୦ତମ ର୍‌ୟାଙ୍କିଙ୍ଗପ୍ରାପ୍ତ ଜାସ୍‌ଲିନ୍ ହୁଇଙ୍କୁ ୨୧-୧୬, ୨୧-୧୬ରେ ହରାଇ ଦେଇଥିଲେ। ବର୍ତ୍ତମାନ ସେ ତୃତୀୟ ସିଡ୍ ଚାଇନାର ହି ବିଙ୍ଗ୍ ଜିଆଓଙ୍କୁ ଭେଟିବେ, ଯାହାଙ୍କୁ ସେ ଟୋକିଓ ଅଲିମ୍ପିକ୍ସରେ ପରାସ୍ତ କରି ବ୍ରୋଞ୍ଜ ପଦକ ଲାଭ କରିଥିଲେ। ବିଶ୍ୱର ୭ ନମ୍ବର ମାନ୍ୟତାପ୍ରାପ୍ତ ସିନ୍ଧୁଙ୍କର ବିଙ୍ଗ୍ ଜିଆଓଙ୍କ ବିପକ୍ଷରେ ବିଜୟ ପରାଜୟ ରେକର୍ଡ ୭-୯ ରହିଛି। ହେଲେ ସିନ୍ଧୁ ତାଙ୍କ ଗତ ଦୁଇଟି ମ୍ୟାଚରେ ଜିଆଓଙ୍କୁ ପରାସ୍ତ କରିଛନ୍ତି। ତୃତୀୟ ସସିଡ୍ ମିକ୍ସଡ ଡବଲ୍ସ ଯୋଡ଼ି ସାତ୍ତ୍ୱିକ ଓ ଚିରାଗ ଯୋଡ଼ି ଚମତ୍କାର ପ୍ରଦର୍ଶନ କରି ଜାପାନର ଆକିରା କୋଗା ଓ ଟାଇଚି ସାଇତୋଙ୍କୁ ୨୧-୧୭, ୨୧-୧୫ରେ ହରାଇ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ୭ନମ୍ବର ଯୋଡି ଭାରତୀୟ ଯୋଡ଼ି ଏହି ପର୍ଯ୍ୟାୟରେ ମାଲେସିଆର ଆରୋନ ଚିଆ ଓ ସୋ ଉଇ ଇକ୍ ନିମ୍ୱା ସିଙ୍ଗାପୁର ଯୋଡ଼ି ଡାନି ବାୱା ଖ୍ରିସ୍‌ନାଣ୍ଟା ଓ ଜୁନ୍ ଲିଆଙ୍ଗ୍ ଆଣ୍ଡିୱେକ୍‌ଙ୍କୁ ଭେଟିବେ। ଅନ୍ୟପକ୍ଷରେ ଟୁର୍ନାମେଣ୍ଟରେ ଚତୁର୍ଥ ପଦକ ହାସଲ ଲକ୍ଷ୍ୟରେ ଥିବା ସାଇନାଙ୍କ ସ୍ୱପ୍ନ ଅଧୁରା ରହିଯାଇଥିଲା। ସେ ଚାଇନାର ୨୨ ବର୍ଷୀୟ ତଥା ବିଶ୍ୱର ୧୬ତମ ର୍‌ୟାଙ୍କିଙ୍ଗ ୱାଙ୍ଗ୍ ଝି ୟି'ଙ୍କଠାରୁ ୨୧-୧୨, ୭-୨୧, ୧୩-୨୧ରେ ହାରିଯାଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ଶ୍ରୀକାନ୍ତ ଲଚ୍ଚୁଆ ପ୍ରଦର୍ଶନ କରି ତାଙ୍କ ମ୍ୟାଚ ହାରିଯାଇଛନ୍ତି। ଚାଇନାର ୱେଙ୍ଗ୍ ହଙ୍ଗ୍ ୟାଙ୍ଗ୍‌ଙ୍କଠାରୁ ସେ ୧୬-୨୧, ୨୧-୧୭, ୧୭-୨୧ରେ ହାରିଯାଇଛନ୍ତି। ଏହି ଦ୍ୱିତୀୟ ରାଉଣ୍ଡ ମ୍ୟାଚ ୧ଘଣ୍ଟା ୧୭ ମିନିଟ ଧରି ଅନୁଷ୍ଠିତ ହୋଇଥିଲା।



ମ୍ୟାଚ୍ ଅବସରରେ ପି.ଭି. ସିନ୍ଧୁ।

## ହାଲେପ୍-ବାଡୋସା ମୁକାବିଲା

**ମାଡ୍ରିଡ, ୨୮।୪ (ଏପି):** ମାଡ୍ରିଡ୍ ଓପନ ଟେନିସ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡରେ ଏଠାରେ ଦୁଇଥର ଚାମ୍ପିୟନ ସିମୋନା ହାଲେପ୍ ଏବଂ ଦ୍ୱିତୀୟ ର୍‌ୟାଙ୍କିଙ୍ଗପ୍ରାପ୍ତ ପାଉଲା ବାଡୋସା ପରସ୍ପରକୁ ଭେଟିବେ। ପ୍ରଥମ ରାଉଣ୍ଡରେ ହାଲେପ୍ ୬-୨, ୬-୩ ସେଟ୍‌ରେ ଝାଙ୍ଗ୍ ଶୁଆଇଙ୍କୁ ପରାସ୍ତ କରିଥିବା ବେଳେ ବାଡୋସା ୬-୩, ୬-୦ରେ ଭେରୋନିକା କୁଦରମେତୋଭାଙ୍କୁ ହରାଇ ଦେଇଛନ୍ତି। ହାଲେପ୍ ଓ ବାଡୋସାଙ୍କ ମଧ୍ୟରେ ଏହା ପ୍ରଥମ ଭେଟ ହେବ। ହାଲେପ୍ ୨୦୧୬ ଓ ୨୦୧୭ରେ କ୍ରମାଗତ ମାଡ୍ରିଡ ଟାଇଟଲ ହାସଲ କରିଥିଲେ ଏବଂ ୨୦୧୪ ଓ ୨୦୧୯ରେ ରନରଅପ୍ ହୋଇଥିଲେ। ଅନ୍ୟପକ୍ଷରେ ବାଡୋସା ଗତବର୍ଷ ମାଡ୍ରିଡ୍‌ରେ ସେମିଫାଇନାଲିଷ୍ଟ ଥିଲେ। ଚଳିତ ସପ୍ତାହରେ ସେ ପ୍ରଥମ ଥର ବିଶ୍ୱର ୨ ନମ୍ବର ଖେଳାଳି ମାନ୍ୟତା ପାଇଛନ୍ତି।

## ବେଙ୍ଗାଲୁରୁରେ ହେବ ରଣଜୀ ଟ୍ରଫି ନକ୍‌ଆଉଟ

ମୁମ୍ବାଇ, ୨୮।୪ (ପି.ଟି.)

ବେଙ୍ଗାଲୁରୁରେ ରଣଜୀ ଟ୍ରଫି ନକ୍‌ଆଉଟ ମ୍ୟାଚଗୁଡ଼ିକ ଖେଳାଯିବ। କ୍ୱାର୍ଟରଫାଇନାଲ ସହ ଜୁନ୍ ୪ରୁ ଏହା ଆରମ୍ଭ ହେବ। ଫାଇନାଲ ମ୍ୟାଚ ଜୁନ୍ ୨୦ରୁ ହେବ। ରଣଜୀ ଟ୍ରଫି ଲିଗ୍ ପର୍ଯ୍ୟାୟ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପୂର୍ବରୁ ଖେଳାଯାଇଥିଲା। ବ୍ୟୟବହୁଳ ଲିଗ୍ ପରେ ନକ୍‌ଆଉଟ ପର୍ଯ୍ୟାୟ ଖେଳାଯିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ପୂର୍ବରୁ ସୂଚନା ଦିଆଯାଇଥିଲା। ଖବର ଅନୁସାରେ ନକ୍‌ଆଉଟ ପର୍ଯ୍ୟାୟରେ କ୍ୱାରାଣ୍ଟାଇନ ବାଧ୍ୟତାମୂଳକ ନୁହେଁ। କିନ୍ତୁ ଖେଳାଳିମାନଙ୍କୁ ବାୟୋ-ବବଲରେ ରହିବାକୁ ପଡ଼ିବ। ଭେନ୍ୟୁରେ ପହଞ୍ଚିବା ପୂର୍ବରୁ ଖେଳାଳିମାନଙ୍କୁ ସେମାନଙ୍କର ନେଗେଟିଭ୍ ଆର୍‌ଟି-ପିସିଆର୍ ରିପୋର୍ଟ ଦାଖଲ କରିବାକୁ ପଡ଼ିବ। ଚାରୋଟି ଯାକ କ୍ୱାର୍ଟରଫାଇନାଲ ଜୁନ୍ ୪ରୁ ୮ ପର୍ଯ୍ୟନ୍ତ ଖେଳାଯିବ। ପ୍ରଥମ କ୍ୱାର୍ଟରଫାଇନାଲ ବେଙ୍ଗଲ ଓ ଝାଡ଼ଖଣ୍ଡ ମଧ୍ୟରେ ହେବ। ୪୧ ଥର ଚାମ୍ପିୟନ ମୁମ୍ବାଇ ଉତ୍ତରାଖଣ୍ଡକୁ ଭେଟିବା କାର୍ଯ୍ୟକ୍ରମ ରହିଥିବା ବେଳେ ତୃତୀୟ କ୍ୱାର୍ଟର ଫାଇନାଲ କର୍ନାଟକ ଓ ଉତ୍ତର ପ୍ରଦେଶ ମଧ୍ୟରେ ହେବ। ପଞ୍ଜାବ ଓ ମଧ୍ୟପ୍ରଦେଶ ମଧ୍ୟରେ ଚତୁର୍ଥ କ୍ୱାର୍ଟରଫାଇନାଲ ଅନୁଷ୍ଠିତ ହେବ। ଦୁଇଟି ସେମିଫାଇନାଲ ଜୁନ୍ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ହେବ। ସମ୍ମାନଜନକ ଘରୋଇ ଚାମ୍ପିୟନଶିପ୍‌ର ଫାଇନାଲ ଜୁନ୍ ୨୦ରୁ ଖେଳାଯିବ।

# ଆରାଧ୍ୟା, କ୍ରିଷ୍ଟା ଡବଲ୍ସ ଚାମ୍ପିୟନ

**ସର୍ବଭାରତୀୟ ଟେନିସ**

ଭୁବନେଶ୍ୱର, ୨୮।୪ (କ୍ରୀଡ଼ା ପ୍ରତିନିଧି)

କୋଲକାତା ଓ ରୋହତକରେ ଅନୁଷ୍ଠିତ ୨ଟି ଭିନ୍ନ ସର୍ବଭାରତୀୟ ଟେନିସ ପ୍ରତିଯୋଗିତାରେ ଓଡ଼ିଶାର ଆରାଧ୍ୟା ଓ କ୍ରିଷ୍ଟା ରାଜ ଡବଲ୍ସରେ ଚାମ୍ପିୟନ ହୋଇଛନ୍ତି। କୋଲକାତାରେ ଅନୁଷ୍ଠିତ ଚାମ୍ପିୟନଶିପ୍ ସିରିଜର ୧୬ ବର୍ଷରୁ କମ୍ ବର୍ଗ ସିଙ୍ଗଲ୍ସ ସେମିଫାଇନାଲରେ ଆରାଧ୍ୟା ପଶ୍ଚିମବଙ୍ଗର ସୋହିନୀ ଚାଟାର୍ଜୀଙ୍କଠାରୁ ଟାଇବ୍ରେକର ୪-୭, ୬-୨, ୪-୬ ସେଟ୍‌ରେ ହାରି ଯାଇଥିଲେ। ତେବେ ସେ ପଶ୍ଚିମବଙ୍ଗର ଆକାଂକ୍ଷା ଘୋଷଙ୍କୁ ସାଥିକରି ଡବଲ୍ସ ଫାଇନାଲରେ ଘରୋଇ ଯୋଡ଼ି ସୌମ୍ୟା ଚାଟାର୍ଜୀ ଓ ଆଲିନା ଫରିଦଙ୍କୁ ୬-୨, ୫-୭ (୧୦-୮)ରେ ହରାଇ ଚାମ୍ପିୟନ ହୋଇଛନ୍ତି।



ଆରାଧ୍ୟା



କ୍ରିଷ୍ଟା ରାଜ

ସେହିପରି ହରିୟାଣାର ରୋହତକରେ ଅନୁଷ୍ଠିତ ସିଏସ୍‌୭ ଟେନିସ ଟୁର୍ନାମେଣ୍ଟର ୧୬ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ସେମିଫାଇନାଲରେ କ୍ରିଷ୍ଟା ରାଜ ୨-୬, ୬-୪, ୭-୧୦ ସେଟ୍‌ରେ ହରିୟାଣାର ଆଭାନୀ ସାହ୍ରାୟାଙ୍କଠାରୁ ହାରି ଯାଇଥିଲେ। ୧୮ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ସେ ମହାରାଷ୍ଟ୍ରର ଶିବାନୀ ଘୁଡାୟାଙ୍କଠାରୁ ୪-୬, ୩-୬ ସେଟ୍‌ରେ ହାରି ରନର୍ସଅପ୍ ହୋଇଥିଲେ। ତେବେ ୧୮ ବର୍ଷରୁ କମ୍ ଡବଲ୍ସରେ ସେ ଶିବାନୀଙ୍କୁ ସାଥିକରି ହରିୟାଣାର ଲିପିକା ଓ ଆନ୍ଧ୍ର ପ୍ରଦେଶର ହସିନୀ ରାନ୍ଧି ଯୋଡ଼ିଙ୍କୁ ୯-୪ରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଉଭୟ ଆରାଧ୍ୟା ଓ କ୍ରିଷ୍ଟା ପଟିଆସ୍ଥିତ ଫରହାନ ଟେନିସ ଏକାଡେମୀରେ ପ୍ରତିଷ୍ଠିତ କୋଚ୍ ସୟଦ ଫରହାନ ଅଲୀଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି।

# ପ୍ରତ୍ୟାଶାଙ୍କୁ ଦ୍ୱିତୀୟ ରୌପ୍ୟ ପଦକ

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

ଭୁବନେଶ୍ୱର, ୨୮।୪ (କ୍ରୀଡ଼ା ପ୍ରତିନିଧି)

ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଓ ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଆନୁକୂଲ୍ୟରେ ବେଙ୍ଗାଲୁରୁଠାରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଓଡ଼ିଶାର ପ୍ରତ୍ୟାଶା ରାୟ ବ୍ୟକ୍ତିଗତ ଦ୍ୱିତୀୟ ରୌପ୍ୟ ପଦକ ହାସଲ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପ୍ରତ୍ୟାଶା ଗୁରୁବାର ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ସନ୍ତରଣ ଇଭେଣ୍ଟରେ ୩୨.୬୭ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ପୂର୍ବରୁ ପ୍ରତ୍ୟାଶା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ସନ୍ତରଣରେ ରୌପ୍ୟ ପଦକ ପାଇଥିଲେ। ସେ ୧:୦୯.୭୨ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ରାଜ୍ୟର ସୁଇମିଂ ସେନ୍‌ସେଶନଭାବେ ପରିଚିତ ପ୍ରତ୍ୟାଶା ସମ୍ପ୍ରତି ଓଡ଼ିଶା ଜେଏସ୍‌ଡବ୍ଲ୍ୟୁ ସୁଇମିଂ ହାଇପରଫର୍ମାନ୍ସ ସେଣ୍ଟରେ ଟ୍ରେନିଂ ନେଉଛନ୍ତି।



ପ୍ରତ୍ୟାଶା ରାୟ

# କିଟ୍ ବିଶ୍ୱବିଦ୍ୟାଳୟର ପ୍ରଥମ ବିଜୟ



କିଟ୍ କ୍ରିକେଟ ଦଳ।

**ଭୁବନେଶ୍ୱର, ୨୮।୪ (କ୍ରୀଡ଼ା ପ୍ରତିନିଧି)**

ରେଭେନ୍ସା ଗ୍ରାଉଣ୍ଡ ଓ କିଟ୍ କ୍ରିକେଟ ଷ୍ଟାଡିୟମରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ (ପୁରୁଷ) ଟୁର୍ନାମେଣ୍ଟର ୩ଟି ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଛି। ୟୁନିଭର୍ସିଟି ଅଫ୍ କୋଲକାତା ୪୯ ରନରେ ବୋଧଗୟାର ମଗଧ ବିଶ୍ୱବିଦ୍ୟାଳୟକୁ ହରାଇଥିବାବେଳେ ଭୁବନେଶ୍ୱରର କିଟ୍ ୫ ଉଇକେଟରେ ଶିଲଂର ନର୍ଥ ଇଷ୍ଟର୍ନ ହିଲ୍ ୟୁନିଭର୍ସିଟିକୁ ପରାସ୍ତ କରିଛି। ଟୁର୍ନାମେଣ୍ଟରେ କିଟ୍ ବିଶ୍ୱବିଦ୍ୟାଳୟର ଏହା ପ୍ରଥମ ବିଜୟ। ଅନ୍ୟ ଏକ ମ୍ୟାଚରେ ଚାଇବସାର କୋହ୍ଲନ ବିଶ୍ୱବିଦ୍ୟାଳୟ ୬ ଉଇକେଟରେ ରାଞ୍ଚି ବିଶ୍ୱବିଦ୍ୟାଳୟ ବିପକ୍ଷରେ ବିଜୟୀ ହୋଇଛି। ମେ ୭ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ୫୩ଟି ବିଶ୍ୱବିଦ୍ୟାଳୟ ଦଳ ଅଂଶଗ୍ରହଣ କରିଛନ୍ତି।

# 'ଓଡ଼ିଶାର କ୍ରୀଡ଼ା ମଡେଲ ସର୍ବୋତ୍କୃଷ୍ଟ'

**ଭୁବନେଶ୍ୱର, ୨୮।୪ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶାର କ୍ରୀଡ଼ା ମଡେଲ ସମଗ୍ର ଦେଶରେ ସର୍ବୋତ୍କୃଷ୍ଟ ବୋଲି କନ୍ଧମାଳ ଏମ୍‌ପି ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି। ଗୁରୁବାର ବିହାର ସରକାରଙ୍କ ପକ୍ଷରୁ ପାଟନାଠାରେ ଦୁଇ ଦିନିଆ ବିହାର ସ୍ପୋର୍ଟ୍ସ କନ୍‌କ୍ଲେଭ-୨୦୨୨ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇ ସେ ଏହା ପ୍ରକାଶ କରିଛନ୍ତି। ଏହି କନ୍‌କ୍ଲେଭକୁ ବିହାର ସରକାରଙ୍କ କଳା, ସଂସ୍କୃତି ଓ ଯୁବ ବିଭାଗ ମନ୍ତ୍ରୀ ଡ. ଆଲୋକ ରଞ୍ଜନ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, କ୍ରୀଡ଼ା ପ୍ରତି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ଆଗ୍ରହ ଏବଂ ପ୍ରାଧାନ୍ୟ ପାଇଁ ଓଡ଼ିଶା ଦେଶର କ୍ରୀଡ଼ା ରାଜଧାନୀରେ ପରିଣତ ହୋଇଛି। ଓଡ଼ିଶାରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ବେଳେ ଏହି ରାଜ୍ୟରୁ ବହୁ କ୍ରୀଡ଼ାବିତ୍ ସୃଷ୍ଟି ହୋଇପାରିଛନ୍ତି। ଓଡ଼ିଶା ମଡେଲକୁ ସବୁ ରାଜ୍ୟ ଗ୍ରହଣ କଲେ କ୍ରୀଡ଼ା କ୍ଷେତ୍ରରେ ଭାରତ ଯଥେଷ୍ଟ ଉନ୍ନତି କରିପାରିବ। କିଟ୍ ଓ କିସ୍ ପ୍ରତିଷ୍ଠା ହେବା ଦିନଠାରୁ ଶିକ୍ଷା ସହିତ କ୍ରୀଡ଼ାକୁ ମଧ୍ୟ ସମାନ ଗୁରୁତ୍ୱ ପ୍ରଦାନ କରିଆସୁଛି। ଆଜି କିଟ୍ ଓ କିସ୍‌ର ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି, କ୍ରୀଡ଼ାବିତ୍ ଓ କ୍ରୀଡ଼ା ଆୟୋଜନକାରୀଙ୍କୁ ଆକର୍ଷିତ କରିଛି। ଏହି କାର୍ଯ୍ୟକ୍ରମରେ ରଗ୍‌ବୀ ଇଣ୍ଡିଆର ସଭାପତି ରାହୁଳ ବୋଷଙ୍କ ସମେତ ଦେଶର ବହୁ ବିଶିଷ୍ଟ କ୍ରୀଡ଼ାବିତ୍ ଓ କୋଚ୍ ଯୋଗ ଦେଇଥିଲେ।

# ଷ୍ଟୋକ୍ସ ଇଂଲଣ୍ଡ ଟେଷ୍ଟ ଅଧିନାୟକ

**ଲଣ୍ଡନ,୨୮।୪:** ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସଙ୍କୁ ଇଂଲଣ୍ଡ ପୁରୁଷ ଟେଷ୍ଟ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଏ ନେଇ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଚଳିତ ମାସରେ ଏହି ପଦରୁ ଜୋ ରୁଟ୍ ଇସ୍ତଫା ଦେଇଥିଲେ।

''ସେ ଇଂଲଣ୍ଡ ଟେଷ୍ଟ ଦଳର ନେତୃତ୍ୱକୁ ଗ୍ରହଣ କରିନେଇଥିବାରୁ ମୁଁ ଖୁବ୍ ଆନନ୍ଦିତ। ସେ ଏହି ସମ୍ମାନ ଏବଂ ଦାୟିତ୍ୱ ନେବାକୁ ପ୍ରସ୍ତୁତ। ସେ ଏହି ସୁଯୋଗ ଲାଗି ଯୋଗ୍ୟ'' ବୋଲି ଇଂଲଣ୍ଡ ପୁରୁଷ କ୍ରିକେଟ୍ ମ୍ୟାନେଜିଂ ଡାଇରେକ୍ଟର ରବ କି ଏକ ବିଜ୍ଞପ୍ତିରେ କହିଛନ୍ତି।

୩୧ ବର୍ଷୀୟ ରୁଟ୍ ଅଷ୍ଟ୍ରେଲିଆଠାରୁ ୪-୦ରେ ଆସେସ ଏବଂ ୱେଷ୍ଟଇଣ୍ଡିଜଠାରୁ ୧-୦ରେ ଟେଷ୍ଟ ପରାଜୟର ମାସକ ପରେ ଏହି ପଦରୁ ଇସ୍ତଫା ଦେଇଥିଲେ।

# ଇଂଲଣ୍ଡ ଟୁର୍‌ରେ ଉମରାନଙ୍କୁ ନିଆଯାଉ: ଗାଭାସ୍କର

**ମୁମ୍ବାଇ, ୨୮।୪ (ପି.ଟି.):** ଯୁବ ପେସ୍ ସେନସେଶନ ୨୨ବର୍ଷୀୟ ଉମରାନ ମଲିକଙ୍କୁ ଆସନ୍ତା ଇଂଲଣ୍ଡ ଟୁର୍ ପାଇଁ ଭାରତୀୟ କ୍ରିକେଟ ଦଳରେ ନେବା ଉଚିତ ବୋଲି କହିଛନ୍ତି କିମ୍ବଦନ୍ତୀ ବ୍ୟାଟର ସୁନିଲ ଗାଭାସ୍କର। ବୁଧବାର ଏଠାରେ ଗୁଜରାଟ ଟାଇଟାନ୍ସ ବିପକ୍ଷ ମ୍ୟାଚରେ ସନରାଇଜର୍ସ ହାଇଦ୍ରାବାଦର ଏହି ଯୁବ ଖେଳାଳି ଚମତ୍କାର ବୋଲିଂ କରି ୨୫ ରନ ବିନିମୟରେ ୫ ଉଇକେଟ ଦଖଲ କରିଛନ୍ତି। ଜମ୍ମୁର ଉମରାନଙ୍କୁ ଆଇପିଏଲ୍ ଇତିହାସରେ ଏପର୍ଯ୍ୟନ୍ତ ସବୁଠାରୁ ଦ୍ରୁତ ବୋଲର ବିବେଚନା କରାଯାଉଛି। ରଶିଦ ଖାଁ (୧୧ ବଲ୍‌ରୁ ୩୧ ନଟ ଆଉଟ) ଓ ରାହୁଲ ଟେୱାଟିଆ (୨୧ ବଲ୍‌ରୁ ୪୦ ନଟଆଉଟ) ଶେଷ ୪ ଓଭରରୁ ୫୬ ରନ ସଂଗ୍ରହ କରିନେଇଥିଲେ। ତନ୍ମଧ୍ୟରେ ଶେଷ ୬ଟି ବଲ୍‌ରୁ ୨୨ରନ ସାମିଲ। ଏଥିଯୋଗୁ ଟାଇଟନ ଶେଷ ବଲ୍‌ରେ ରୋମାଞ୍ଚକ ବିଜୟ ହାସଲ କରିଥିଲା। ଗାଭାସ୍କର ତାଙ୍କ କମେଣ୍ଟ୍ରିରେ କହିଛନ୍ତି ଉମରାନ ଯେପରି ବୋଲିଂ କରୁଛନ୍ତି ତାଙ୍କୁ ଯଥାଶୀଘ୍ର ଭାରତୀୟ ଦଳରେ ସାମିଲ କରାଯିବା ଉଚିତ୍। ଭାରତୀୟ ଦଳରେ ମହମ୍ମଦ ଶାମି, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ ଓ ଉମେଶ ଯାଦବଙ୍କ ଭଳି ଅଭିଜ୍ଞ ବୋଲର ରହିଥିବାରୁ ଏହି ଯୁବ ଫାଷ୍ଟ ବୋଲରଙ୍କୁ ହୁଏତ ଚୂଡ଼ାନ୍ତ ଏକାଦଶରେ ସାମିଲ କରା ନ ଯାଇ ପାରେ ହେଲେ ଭାରତୀୟ ଦଳ ସହିତ ସେ ଗସ୍ତ କରିବା ଉଚିତ୍। ଏହା ଦ୍ୱାରା ସେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ସହ ଡ୍ରେସିଂ ରୁମ୍‌ରେ ଭାବ ଆଦାନ ପ୍ରଦାନ କରିପାରିବେ। ଏହାର ଫଳାଫଳ ପରେ ଦେଖିବାକୁ ମିଳିବ। ଉମରାନ ଚଳିତ ସିଜନରେ ନିରବଚ୍ଛିନ୍ନ ଘଣ୍ଟାପ୍ରତି ୧୫୦ କିଲୋମିଟର ଅଧିକ ବେଗରେ ବୋଲିଂ କରି ଆସୁଛନ୍ତି। ସେ ୮ଟି ମ୍ୟାଚରେ ୧୫.୯୩ ଆଭରେଜରେ ୧୫ ଉଇକେଟ ନେଇ ସାରିଛନ୍ତି। ବୁଧବାର ମ୍ୟାଚରେ ତାଙ୍କୁ ୮ମ ଓଭରରେ ବୋଲିଂ ଦିଆଯାଇଥିଲା। ସେ ଘାତକ ବୋଲିଂ କରି ଗୁଜରାଟ ଟାଇଟାନ୍ସ ଟପ୍ ଅର୍ଡରରେ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଗୋଟିଏ ଇନିଂସରେ ସମସ୍ତ ପ୍ରଥମ ୫ ଉଇକେଟ ଦଖଲ କରିବାରେ ଉମରାନ ପ୍ରଥମ ଆଇପିଏଲ୍ ବୋଲର ହେବାର ଗୌରବ ଅର୍ଜନ କରିଛନ୍ତି। ଭାରତ ଜୁନ୍‌ରେ ଇଂଲଣ୍ଡ ଟୁର୍‌ରେ ଯିବ। ସେଠାରେ ପୂର୍ବରୁ ବାକି ରହିଥିବା ୫ ମ୍ୟାଚ ବିଶିଷ୍ଟ ସିରିଜର ଅନ୍ତିମ ମ୍ୟାଚ ଖେଳିବ। ଗତବର୍ଷ ଜୁଲାଇ ୧ରୁ ୫ ଖେଳାଯିବାକୁଥିବା ଏହି ମ୍ୟାଚ କୋଭିଡ୍ ଯୋଗୁ ସ୍ଥଗିତ ରଖାଯାଇଥିଲା।

## ମନେ ପଡ଼ନ୍ତି

ପ୍ରଥମ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ନିମାଇଁ ଚରଣ ନାଗ
ଲୁହୁରାପାଲି, ଲୋଇସିଂହା
ଆବିର୍ଭାବ: ୦୫।୦୬।୧୯୭୯
ତିରୋଧାନ: ୦୯।୦୫।୨୦୨୧
ଚାହୁଁ ଚାହୁଁ ବର୍ଷେ ପୂରି ଯାଇଛି। ତୁମର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ: ଦମୟନ୍ତୀ, ପୁଅ: ଲବିଦ୍, ଝିଅ: କ୍ରିଷ୍ଟାଆଲପା ଓ ନାଗ ପରିବାର।
ଧ-୨୭୮

ଏକାଦଶାହ ଉପଲକ୍ଷେ



୰ବସନ୍ତ କୁମାର ବେହେରା
ଦେଓପୁର, (ନାହାଭଙ୍ଗା, ବିରିବାଟୀ, କଟକ)
ଆବିର୍ଭାବ: ୨୫।୦୫।୧୯୭୨
ତିରୋଧାନ: ୧୯।୦୪।୨୨
ଭଗବାନ ତୁମ ଆତ୍ମାର ସଦ୍‌ଗତି କରନ୍ତୁ।
ହତଭାଗ୍ୟ ଶୁକଦେବ (ବଡ଼ଭାଇ), ପୁତ୍ର- କାହ୍ନା ଓ ବାଦଲ।
ଧ-୧୪୫୮୪

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ କୃଷ୍ଣପ୍ରିୟା ହରିଚନ୍ଦନ
ସ୍ୱାମୀ: ୰ ଦୁଃଖିଶ୍ୟାମ ହରିଚନ୍ଦନ
ଆବିର୍ଭାବ : ୧୦.୦୪.୧୯୪୫
ତିରୋଧାନ : ୧୦.୦୫.୨୦୨୧
ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମ ସମସ୍ତଙ୍କର ସ୍ମରଣୀୟ ହୋଇରହିଛି ଓ ସବୁଦିନ ପାଇଁ ରହିବ। ତୁମେ ଆମମାନଙ୍କୁ ଛାଡ଼ି ଚାଲିଯିବାର ଏକ ବର୍ଷ କେମିତି ଅତିକ୍ରମ କରିଯାଇଛି, ବିଶ୍ୱାସ ମଧ୍ୟ କରି ହେଉନାହିଁ। ତୁମର ଚିର ଶାନ୍ତି ପାଇଁ ଶ୍ରୀ ଶ୍ରୀ ଜଗନ୍ନାଥ, ମା ଉଗ୍ରତାରା ଏବଂ ଶ୍ରୀ ଶ୍ରୀ ସାଇନାଥଙ୍କର ପାଦତଳେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ :- ପୁତ୍ର-ବାବୁନୀ ପୁତ୍ରବଧୂ-ଲିନା, ପୁତ୍ର-ଦିପୁ ପୁତ୍ରବଧୂ-ବିନି, ପୁତ୍ର-ଆଲୋକ ପୁତ୍ରବଧୂ-ରେଖା, କନ୍ୟା-ଛବା ଜ୍ୱାଇଁ-ନିହାର, କନ୍ୟା-ରେବା ଜ୍ୱାଇଁ-ଅଜୟ ଏବଂ ସମସ୍ତ ନାତି, ନାତୁଣୀ, ନାତୁଣୀ ବୋହୂ, ଅଣନାତି, ବନ୍ଧୁ ଏବଂ ଆତ୍ମୀୟ ସ୍ୱଜନ।
ଧ-୨୬୬

ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



ଦିବ୍ୟାଲିନା ସାହୁ
ଡିହସାହି, ଶଙ୍କରପୁର, କଟକ
ଆଜି ତୋର ପଞ୍ଚମ ଜନ୍ମବାର୍ଷିକୀରେ ଜଗତର ନାଥ ଜଗନ୍ନାଥଙ୍କ ପାଖରେ ମୋର ଏତିକି ପ୍ରାର୍ଥନା ଭଗବାନ ତୋତେ ଦୀର୍ଘାୟୁ କରାନ୍ତୁ ଓ ତୋର ଚଲାପଥରେ ସର୍ବଦା ପୁଷ୍ପବୃଷ୍ଟି କରାନ୍ତୁ।
ଶୁଭେଚ୍ଛା ସହ: ବାପା (ଦିନବନ୍ଧୁ), ମାମା (ଲକ୍ଷ୍ମୀପ୍ରିୟା), ବଡ଼ବାପା, ବଡ଼ବୋଉ, କେକେବାପା, ଅଜା, ଆଈ, ମାମୁ, ମାଉସୀ, ମଉସା, ବନ୍ଧୁ ଓ ପରିବାରବର୍ଗ।
ଧ-୨୭୧

1st Wedding Anniversary



Silu with Rinky
Balianta
-:Best Compliments From:-
Father- Abhimanyu Sahoo & Family & Relatives
D-71208

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385
8637280816, 7894447167, 9338226625

GLOBAL FINANCE
(Registered)
ଭାରତର ନଂ୧ କମ୍ପାନୀ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8887313379

ALL EDITION - B/W
(Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# The all-new HP Pavilion with EyeSafe® Certified Display.

## Long hours in front of your laptop, now made easy on the eyes.

**Enhanced Video Call Quality**
Get crisp and clear video conferencing experience even in low light with TNR technology.

**12th Gen Intel® Core™ processors**
Get superior performance where you need it most.

**Eyesafe® Certified**
Now watch anything, anytime or all the time.

**Alexa built-in**
Go hands-free with Amazon Alexa built-in Voice Assistant.



## Avail exciting student offers

| Own a 12th Gen HP Pavilion at ₹6 250.00*/month | Only at HP World stores HP Pavilion 15-eg2036TU | HP Pavilion 15-eg2019TX | HP Pavilion 15-eg2039TU |
|---|---|---|---|
| Suggested Retail Price (incl. of all taxes) | ₹74 999.00 | ₹77 999.00 | ₹89 999.00 |
| Old PC Exchange Value | -₹15 000.00** | -₹15 000.00** | -₹15 000.00** |
| Cashback (5% up to ₹4 000.00)# | ₹3 750.00 | ₹3 900.00 | ₹4 000.00 |
| Effective Price | ₹56 249.00 | ₹59 099.00 | ₹70 999.00 |
| 9 Month No-cost EMI*** | ₹6 250.00 | ₹6 567.00 | ₹7 889.00 |
| HP Bluetooth Headset (Worth ₹2 999.00)$ | Free | Free | Free |
| HP Wireless Mouse (Worth ₹799.00)$ | Free | Free | Free |
| 1 Year Extended Warranty & 3 Years Protegent Antivirus (Worth ₹8 499.00)^$ | Free | Free | Free |

*Illustrative computation based on Suggested Retail Price combining HP Exchange Offer and 9 Month No-Cost EMI.
^The 1 Year Extended Warranty and 3 Years Protegent Antivirus is free only for students and at ₹999.00 for everyone else.




Windows 11 brings you closer to what you love

Scan QR code to locate nearest HP World
Call: 1800 419 4962 | Visit: www.hp.com/in-en/shop
Also available at Reliance Digital, Croma

hp with Windows 11

ICICI Bank Summer Bonanza | HDFC BANK | SUMMER TREATS

Terms and conditions apply. The above HP Offer is valid from 1st April'22 to 30th April'22. **Exchange offer benefits up to ₹15 000.00 are available on select HP laptop models in select stores. ***Valid on transactions via Pinelabs and Benow on end customer purchases from authorized over the counter HP stores, HP World stores, and HP Online Store only. #The cashback of 5% (on HDFC & ICICI Credit/Debit Cards on 6 and 9 month No-Cost EMI transactions made via Pinelabs) is applicable on a minimum transaction value of ₹50,000.00 from 1st April'22 to 30th April'22. It's valid on end customer purchases from authorized over the counter HP stores and HP Online Store only. $ To redeem the offers visit https://redeemnow.in/hpbacktoschooloffer. To know more about the offer and for offer T&Cs, please visit https://store.hp.com/in. Multi-core is designed to improve performance of certain software products. Not all customers or software applications will necessarily benefit from use of this technology. Performance and clock frequency will vary depending on application workload and your hardware and software configurations. Intel's numbering is not a measurement of higher performance. Not all features are available in all editions or versions of Windows. Systems may require upgraded and/or separately purchased hardware, drivers, software or BIOS update to take full advantage of Windows functionality. Windows 11 is automatically updated, which is always enabled. ISP fees may apply and additional requirements may apply over time for updates. See http://www.windows.com.

©Copyright 2022 HP Development Company, L.P

(ପୃଷ୍ଠା-୮+୮)

# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଏପ୍ରିଲ ୨୯/୨୦୨୨ (୮+୮=୧୬ ପୃଷ୍ଠା) | Sambalpur, Friday, April 29/2022 | Page 16 | ₹ 7.00 | ପୃଷ୍ଠା-୧



**କୁଳଦୀପଙ୍କୁ ୪ ଉଇକେଟ ସଫଳତା**
କୋଲକାତା ନାଇଟ ରାଇଡର୍ସ ବିପକ୍ଷ ଆଇପିଏଲ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସର କୁଳଦୀପ ଯାଦବ ୪ ଉଇକେଟ ସଫଳତା ହାସଲ କରିଛନ୍ତି। ୦୮

୦୨ **ବିଦ୍ୟାଙ୍କ ନୂଆ ପ୍ରୋଜେକ୍ଟ 'ନିୟତ'**
ଅନୁ ମେନନ୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ ଫିଲ୍ମ 'ନିୟତ'ରେ ବଲିଉଡ୍ ନାୟିକା ବିଦ୍ୟା ବଲାନ୍ ଅଭିନୟ କରିବେ ।





ସାରା ରାଜ୍ୟରେ ଗୁରୁବାରଠାରୁ ଯୁକ୍ତ୨ କଳା ଓ ବାଣିଜ୍ୟ ପରୀକ୍ଷା ଆରମ୍ଭ ହୋଇଥିବାବେଳେ ଭୁବନେଶ୍ୱର ରମାଦେବୀ ମହିଳା ମହାବିଦ୍ୟାଳୟରେ ଛାତ୍ରୀମାନେ ଧାଡ଼ିରେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରୁଛନ୍ତି।

# ୪୪ ବ୍ଲକ୍‌ରେ ଖସୁଛି ଭୂତଳ ଜଳ

- ୭ ବ୍ଲକରେ ଅବସ୍ଥା ସଙ୍ଗିନ
- ପ୍ରହସନ ପାଲଟିଛି ପୁନଃ ଭରଣ ଯୋଜନା
- ୨ ବର୍ଷ ହେବ ବନ୍ଦ ରହିଛି ଛାତ ଉପର ଜଳ ସଂରକ୍ଷଣ ପ୍ରକଳ୍ପ



**ଭୁବନେଶ୍ୱର,୨୮।୪(ବ୍ୟୁରୋ)**

ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ବଢ଼ି ଚାଲିଛି। ପ୍ରବଳ ଖରା ଯୋଗୁ ରାଜ୍ୟର ଜଳ ଉତ୍ସ ଉପରେ ଗଭୀର ପ୍ରଭାବ ପଡ଼ିବାରେ ଲାଗିଛି। ଆବଶ୍ୟକ ବର୍ଷା ହେଉ ନ ଥିବାରୁ ନଦୀ, ପୋଖରୀ ଓ ହ୍ରଦ ବର୍ଷାଦିନର ବହୁ ପୂର୍ବରୁ ଶୁଖିଯାଉଛି। ଭୂପୃଷ୍ଠ ଜଳ ଉତ୍ସ ଶୁଷ୍କ ହୋଇ ଯାଉଥିବାରୁ ଭୂତଳ ଜଳ ଉପରେ ନିର୍ଭରଶୀଳତା ବଢ଼ିବାରେ ଲାଗିଛି। ଫଳରେ ରାଜ୍ୟର କେତେକ ଭାଗରେ ଭୂତଳ ଜଳସ୍ତର ଭୟଙ୍କର ଭାବେ ହ୍ରାସପାଇ ଚାଲିଛି। ଅନେକ ସ୍ଥାନରେ ଗଭୀର ନଳକୂପରୁ ମଧ୍ୟ ପାଣି ବାହାରୁ ନାହିଁ। ରାଜ୍ୟରେ ଗୁରୁତର ଜଳ ସଙ୍କଟ ସୃଷ୍ଟି ହେବା ଆଶଙ୍କା ପ୍ରକାଶ ପାଇଲାଣି।

ଭୂତଳ ଜଳ ନିର୍ଦ୍ଦେଶାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ ୭ଟି ବ୍ଲକରେ ଭୂଗର୍ଭସ୍ଥ ଜଳସ୍ତର ବିପଜ୍ଜନକ ଭାବେ ହ୍ରାସ ପାଉଛି। ସେହି ବ୍ଲକଗୁଡ଼ିକ ହେଲା ବାହାନଗା, ବାଲିଆପାଳ, କୋରେଇ, ଗରଦପୁର, ବୋଲଗଡ଼, ନୂଆପଡ଼ା ଓ ଭଦ୍ରକ। ଏହି ସବୁ ବ୍ଲକରେ ଭୂଗର୍ଭ ଜଳ ୭୦ରୁ ୯୦ ପ୍ରତିଶତ ବ୍ୟବହାର କରାଯାଉଛି। ଏହାଛଡ଼ା ୪୪ଟି ବ୍ଲକରେ ସେମି କ୍ରିଟିକାଲ ସ୍ତରକୁ ଯାଉଥିବା ନେଇ ଭୂତଳ ଜଳ ନିର୍ଦ୍ଦେଶାଳୟ ପକ୍ଷରୁ ସତର୍କ କରାଯାଇଛି। ଏହି ବ୍ଲକରେ ୬୦ରୁ ୭୦ ପ୍ରତିଶତ ଜଳ ବ୍ୟବହୃତ ହେଉଛି। ଉକ୍ତ ବ୍ଲକଗୁଡ଼ିକରେ ଯଦି ଭୂଗର୍ଭସ୍ଥ ଜଳ ସଞ୍ଚରଣ ବୃଦ୍ଧି ନ ହୁଏ ତେବେ ଆଗାମୀ ଦିନରେ ପାଣି ଟୋପାଏ ପାଇଁ ଲୋକଙ୍କୁ ହଇରାଣ ହରକତ ହେବାକୁ ପଡ଼ିବ। ଏହାଛଡ଼ା ଭୁବନେଶ୍ୱର, କଟକ ଭଳି ବଡ଼ ବଡ଼ ସହରାଞ୍ଚଳରେ ମଧ୍ୟ ଭୂଗର୍ଭସ୍ଥ ଜଳ ଉପରେ ଚାପ ବଢ଼ିବାରେ ଲାଗିଛି। ଗ୍ରାଉଣ୍ଡ ୱାଟର ରିସୋର୍ସ ଆସେସମେଣ୍ଟ(ଜିଡବ୍ଲୁଆରଏ) ରିପୋର୍ଟ ଅନୁଯାୟୀ ରାଜ୍ୟରେ ୧୮,୯୭,୧୫୦.୫୩ ହେକ୍ଟର ମିଟର ଜଳ ସଞ୍ଚରଣ ହେଉଥିବା ବେଳେ ୧,୫୩, ୧୭୩.୧୬ ହେକ୍ଟର ମିଟର ଜଳ ତଳକୁ ଖସୁଛି।

ଭୂଗର୍ଭସ୍ଥ ଜଳ ସ୍ତର ହ୍ରାସ ପାଉଥିବାରୁ ଜଳ ସଂରକ୍ଷଣ ଜରୁରୀ ହୋଇ ପଡ଼ିଛି। ଭୂତଳ ଜଳ ସ୍ତର ବୃଦ୍ଧି କରିବାକୁ ରାଜ୍ୟ ସରକାର ୨୦୧୫ରେ ଛାତ ଉପର ଭୂତଳ ଜଳ ପ୍ରକଳ୍ପ ଯୋଜନା ଆରମ୍ଭ କରିଥିଲେ । ଜଳ ସଂରକ୍ଷଣ ପାଇଁ ଏହି ଯୋଜନାରେ ପ୍ରୋତ୍ସାହନ ରାଶି ଯୋଗାଇ ଦେବାର ବ୍ୟବସ୍ଥା ରହିଥିଲା। ଏଥିଯୋଗୁ ଉକ୍ତ ପ୍ରକଳ୍ପ ଲୋକମାନଙ୍କ ମଧ୍ୟରେ ଦ୍ରୁତ ଆଦୃତି ଲାଭ କରିଥିଲା। ତେବେ ଗତ ୨ ବର୍ଷ ହେବ ଏହି ଯୋଜନା ବନ୍ଦ ହୋଇ ଯାଇଛି। ଅନ୍ୟପକ୍ଷରେ ସହରାଞ୍ଚଳରେ କୋଠାବାଡ଼ି ନିର୍ମାଣ ଅନୁମୋଦନ(ବିଲ୍ଡିଂ ଆପ୍ରୁଭାଲ ପ୍ଲାନ)ରେ ଏହି ଯୋଜନାକୁ ବାଧ୍ୟତାମୂଳକ କରିବାକୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ତାହା ମଧ୍ୟ କାର୍ଯ୍ୟକାରୀ ହେଉ ନାହିଁ। ଫଳରେ ଏହି ଯୋଜନାର ଲକ୍ଷ୍ୟ ଏବେ ବାଟବଣା ହୋଇଯାଇଛି।

ଜଳସମ୍ପଦ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୫ରୁ ୨୦୧୯ ମଧ୍ୟରେ ୯୪୩୮ଟି ବେସରକାରୀ ଏବଂ ୩୫୮ଟି ସରକାରୀ ଗୃହ ଛାତ ଉପର ଜଳ ସଂରକ୍ଷଣ ପୁନଃଭରଣ ଯୋଜନା କାର୍ଯ୍ୟକାରୀ କରାଯାଇଛି। ୨୦୧୯-୨୦ରେ ଏହି ଯୋଜନା ପାଇଁ ☞ପୃଷ୍ଠା-୬

# ଯୁକ୍ତ୨ ପରୀକ୍ଷା ଆରମ୍ଭ

- ପ୍ରଥମ ଦିନରେ କଳା ଓ ବାଣିଜ୍ୟରେ ୨, ୩୭, ୫୬୮ଜଣ ପରୀକ୍ଷା ଦେଲେ
- କପି କରି ୨୯ ଛାତ୍ରୀଛାତ୍ର ଏମ୍‌ପି ହେଲେ
- ୯ରୁ ବିଜ୍ଞାନ, ଧନ୍ଦାମୂଳକ ପରୀକ୍ଷା

**ଭୁବନେଶ୍ୱର,୨୮।୪(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା ଓ ବାଣିଜ୍ୟ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଛି। ମେ ୩୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରୀକ୍ଷାର ପ୍ରଥମ ଦିନ ଓଡ଼ିଆ ବିଷୟ ରହିଥିଲା। କଳାରେ ୨,୧୩,୪୩୨ଜଣ ଏବଂ ବାଣିଜ୍ୟରେ ୨୪,୧୩୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଦୁଇବର୍ଷ ପରେ ଛାତ୍ରୀଛାତ୍ରମାନେ ପ୍ରଥମ କରି ଅଫ୍‌ଲାଇନ୍‌ରେ ପରୀକ୍ଷା ଦେଇଥିବାରୁ ସେମାନଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ଓ ଖୁସି ବାରି ହୋଇପଡିଥିଲା। ପ୍ରଥମ ଦିନର ପରୀକ୍ଷା ଶାନ୍ତିଶୃଙ୍ଖଳାରେ ଶେଷ ହୋଇଥିବାବେଳେ କପିରେ ଧରାପଡ଼ି ମୋଟ ୨୯ଜଣ ପିଲା ଏମ୍.ପି. ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ସମ୍ବଲପୁରର ୧୧ ଜଣ, ବାରିପଦା ଜୋନ୍‌ରୁ ୧୦ ଜଣ ଏବଂ ସେଣ୍ଟ୍ରାଲ ଜୋନ୍‌ର ୮ଜଣ ଛାତ୍ରୀଛାତ୍ର ରହିଛନ୍ତି।

କରୋନା ସ୍ଥିତି ପାଇଁ ଗତ ୨ବର୍ଷ ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ କରାଯାଇ ଛାତ୍ରୀଛାତ୍ରଙ୍କ ଫଳ ପ୍ରକାଶ ପାଇଥିଲା। ଏବର୍ଷ ସ୍ଥିତିରେ ସୁଧାର ଆସିଥିବାରୁ ଅଫ୍‌ଲାଇନ ପରୀକ୍ଷା କରିବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। କୋଭିଡ୍ ନିୟମ ପାଳନ ପୂର୍ବକ ପରୀକ୍ଷା ପରିଚାଳନା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅନୁସାରେ କଡା ସୁରକ୍ଷା ଭିତରେ ଯାଞ୍ଚ କରାଯାଇ ପିଲାଙ୍କୁ ପରୀକ୍ଷା କେନ୍ଦ୍ର ଭିତରକୁ ଛଡା ଯାଇଥିଲା। ଛାତ୍ରୀଛାତ୍ର ହାତରେ ଆଡ୍‌ମିଟ୍ କାର୍ଡ ଓ ମୁହଁରେ ମାସ୍କ ପିନ୍ଧି ଧାଡ଼ିରେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିଥିଲେ। ପିଲାଙ୍କ ମନରେ ଉତ୍ସାହ ବୃଦ୍ଧି ପାଇଁ ପରୀକ୍ଷା କେନ୍ଦ୍ରରେ ସ୍ୱାଗତ କରାଯାଇଥିଲା। ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିଥିଲା।

ଚଳିତବର୍ଷ ଯୁକ୍ତ୨ରେ ମୋଟ ୩ ଲକ୍ଷ ୨୧ ହଜାର ୫୦୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବାବେଳେ ୧୧୩୩ ପରୀକ୍ଷା କେନ୍ଦ୍ର ଓ ୨୦୨ ପରୀକ୍ଷା ପରିଚାଳନା ହବ୍(ନୋଡାଲ ସେଣ୍ଟର) ହୋଇଛି। ଏଥିସହ ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା କରାଯାଇଛି। ଛାତ୍ରୀଛାତ୍ରମାନେ ପରୀକ୍ଷା କେନ୍ଦ୍ରରେ ଅଧଘଣ୍ଟା ପୂର୍ବରୁ ଅର୍ଥାତ୍ ସାଢେ ୮ଟାରୁ ପହଞ୍ଚିବା ସହ ୮ଟା ୪୫ ସୁଦ୍ଧା ପରୀକ୍ଷା ହଲ୍‌ରେ ବସିବାକୁ କୁହାଯାଇଥିଲା। ପିଲାମାନେ ତାହାକୁ ପାଳନ କରିଥିଲେ। ସେହିପରି ନିର୍ଦ୍ଧାରିତ ସମୟ ୮ଟା ୫୦ରେ ଉତ୍ତର ଖାତା ଓ ୮ଟା ୫୫ରେ ପ୍ରଶ୍ନପତ୍ର ଦିଆଯାଇଥିଲା। ଅନ୍ୟପକ୍ଷରେ, ଆସନ୍ତା ୯ ତାରିଖରୁ ବିଜ୍ଞାନ ଓ ଧନ୍ଦାମୂଳକ ବିଭାଗର ପରୀକ୍ଷା ଆରମ୍ଭ ହେବ। ପ୍ରଥମ ଦିନ ଇଂଲିଶ ବିଷୟରେ ପରୀକ୍ଷା ରହିଛି। ୭୮,୦୭୭ ଜଣ ବିଜ୍ଞାନ ଓ ୫, ୮୬୩ ଜଣ ଧନ୍ଦାମୂଳକ ବିଷୟରେ ପରୀକ୍ଷା ଦେବେ।

ସୂଚନାଯୋଗ୍ୟ, କରୋନା କଟକଣା ଲାଗି ୨ ବର୍ଷ ଅଫ୍‌ଲାଇନ ପରୀକ୍ଷା ଓ କ୍ଲାସ୍ ବନ୍ଦ ରହିଥିଲା। ପିଲାଙ୍କୁ ଅନ୍‌ଲାଇନରେ ପାଠ ପଢିବାକୁ ପଡିଥିଲା। ଗତ ଡିସେମ୍ବରରୁ ଫିଜିକାଲ କ୍ଲାସ ଆରମ୍ଭ ହୋଇଥିଲା।

# ଆଜିଠୁ ପଶ୍ଚିମ ଦ୍ୱାରରେ ଦର୍ଶନ

**ପୁରୀ ଅଫିସ,୨୮।୪**

ଶ୍ରୀମନ୍ଦିର ପଶ୍ଚିମଦ୍ୱାରରେ ଦର୍ଶନ ବ୍ୟବସ୍ଥା ଶୁକ୍ରବାରଠାରୁ ଆରମ୍ଭ ହେବ। ଶ୍ରଦ୍ଧାଳୁମାନେ ସିଂହଦ୍ୱାର ସମେତ ପଶ୍ଚିମଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରି ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ। ରଥ ନିର୍ମାଣ ପାଇଁ ସିଂହଦ୍ୱାର ସମ୍ମୁଖରେ କାର୍ଯ୍ୟ ହେବାକୁ ଥିବାରୁ ଗହଳି କମାଇବା ଉଦ୍ଦେଶ୍ୟରେ ଏଭଳି ନିଷ୍ପତ୍ତି ନିଆଯାଇଛି। ସମ୍ପ୍ରତି କେବଳ ପୁରୀ ସହରବାସୀ ପଶ୍ଚିମ ଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରିବାର ଅନୁମତି ରହିଛି। ତେବେ ଶୁକ୍ରବାରଠାରୁ ଉଭୟ ପୁରୀ ସହରବାସୀ ଏବଂ ଅନ୍ୟ ଶ୍ରଦ୍ଧାଳୁମାନେ ପଶ୍ଚିମଦ୍ୱାର ଦେଇ ପ୍ରବେଶ କରିବେ। ସେହିପରି ଶ୍ରଦ୍ଧାଳୁମାନେ ଉତ୍ତରଦ୍ୱାର ଓ ଦକ୍ଷିଣଦ୍ୱାର ଦେଇ ମନ୍ଦିରରୁ ପ୍ରସ୍ଥାନ କରିବେ। ପଶ୍ଚିମଦ୍ୱାରରେ ଏପର୍ଯ୍ୟନ୍ତ ଭକ୍ତଙ୍କ ଲାଗି ଶେଡ୍ ବ୍ୟବସ୍ଥା ହୋଇପାରିନାହିଁ। ସିଂହଦ୍ୱାରରେ ଥିବା ଶେଡ୍ ବାହାର କରାଯାଇ ନ ଥିବାରୁ ପଶ୍ଚିମଦ୍ୱାରରେ ଲଗାଯାଇପାରିନାହିଁ। ଶେଡ୍ ବାହାର କରାଯାଇ ପଶ୍ଚିମଦ୍ୱାରରେ ଲଗାଯିବ ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ପଶ୍ଚିମଦ୍ୱାରରେ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଥିବା ଛୋଟ ଛାମୁଣ୍ଡିଆ ରହିଥିବା ବେଳେ ମେଟାଲ୍ ଡିଟେକ୍ଟର ଓ ସାନିଟାଇଜର ବ୍ୟବସ୍ଥା ହୋଇଛି। ଖରାକୁ ଦେଖି ଶ୍ରଦ୍ଧାଳୁଙ୍କ ପାଇଁ ଉତ୍ତର ଓ ପୂର୍ବଦ୍ୱାରରେ ପାଦଚଲା ମ୍ୟାଟ୍ ପକାଯାଇଥିବା ବେଳେ ଏବେ ସବୁ ଦ୍ୱାରରେ ଏଭଳି ବ୍ୟବସ୍ଥା କରାଯିବ। ଫଳରେ ଶ୍ରଦ୍ଧାଳୁଙ୍କ ପ୍ରବେଶ ଓ ପ୍ରସ୍ଥାନ ସମୟରେ ପାଦ ତାତିବ ନାହିଁ। ମାର୍କଣ୍ଡେଶ୍ୱର ସାହି ବାସିନ୍ଦା ପଦ୍ମଲୋଚନ ମିଶ୍ର କହିଛନ୍ତି, ସିଂହଦ୍ୱାର ନିକଟବର୍ତ୍ତୀ ଅଞ୍ଚଳରେ ମାତ୍ରାଧିକ ଗହଳି ହେଉଥିଲା। ପଶ୍ଚିମଦ୍ୱାରରେ ଦର୍ଶନ ସୁଯୋଗ ମିଳିବା ପରେ ଗହଳି କମିବ। ଯାହାଫଳରେ ଯାତାୟାତ ସୁବିଧାଜନକ ହେବ।

# ଓଡ଼ିଶାରେ ବଢ଼ିପାରେ ସଂକ୍ରମଣ

**ଭୁବନେଶ୍ୱର, ୨୮।୪(ବ୍ୟୁରୋ)**

ରାଜଧାନୀ ଦିଲ୍ଲୀରେ କରୋନା ସଂକ୍ରମଣ ବୃଦ୍ଧି ପାଇବାର ୩ରୁ ୪ ସପ୍ତାହ ପରେ ଓଡ଼ିଶାରେ ସଂକ୍ରମଣ ବୃଦ୍ଧି ପାଏ। କରୋନାର ପୂର୍ବ ୩ଟି ଲହରରେ ଏପରି ସ୍ଥିତି ହୋଇଛି। ଏବେ ଦିଲ୍ଲୀରେ ସଂକ୍ରମଣ ବୃଦ୍ଧି ପାଉଥିବାରୁ ଖୁବ୍‌ଶୀଘ୍ର ଓଡ଼ିଶାରେ ଏହାର ପ୍ରଭାବ ପଡିବା ଆଶଙ୍କା ରହିଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ସୂଚନା ଦେଇଛନ୍ତି। ତେବେ କୋଭିଡ୍ ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଥିବା ସେ କହିଛନ୍ତି। ସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ଭିତ୍ତିଭୂମି ସହ ହସ୍ପିଟାଲ ପ୍ରସ୍ତୁତ ହୋଇଛି। ସଂକ୍ରମଣ ବଢ଼ିଲେ ପୂର୍ବରୁ କୋଭିଡ୍ ସଂକ୍ରମିତଙ୍କ ପାଇଁ ପ୍ରସ୍ତୁତ ଥିବା ହସ୍ପିଟାଲଗୁଡ଼ିକୁ ତୁରନ୍ତ ଖୋଲାଯିବ। ସ୍ଥିତି ଉପରେ ନଜର ରଖିବାକୁ ସବୁ ଜିଲାକୁ ନିର୍ଦ୍ଦେଶ ଦିଆଯାଇଛି।



ରାଜ୍ୟ ସରକାର କୋଭିଡ୍ ନିୟନ୍ତ୍ରଣ ପାଇଁ ସବୁ ପ୍ରକାର ପଦକ୍ଷେପକୁ ଆପଣାଇଛନ୍ତି। ଟୀକାକରଣକୁ ବୃଦ୍ଧି କରାଯାଇଛି। ରାଜ୍ୟରେ ଏବେ ସଂକ୍ରମଣ ୧୦ରୁ ୨୦ ଭିତରେ ରହୁଥିବାରୁ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। କୌଣସି ରୋଗୀ ହସ୍ପିଟାଲରେ ନାହାନ୍ତି। ତେବେ ସଂକ୍ରମଣ ବୃଦ୍ଧିକୁ ଏଡାଇବା ପାଇଁ ସମସ୍ତଙ୍କୁ କୋଭିଡ୍ ଗାଇଡ୍‌ଲାଇନ୍ ମାନିବାକୁ ପଡିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

# ବିବାହ ଶୋଭାଯାତ୍ରାରେ ନାଗ ସହ ନାଗୀନ୍ ଡ୍ୟାନ୍ସ

**ବାରିପଦା ଅଫିସ, ୨୮।୪**

ବିବାହ ଶୋଭାଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଲୋକେ ଦିନକୁ ଦିନ ନୂଆ ଟ୍ରେଣ୍ଡ୍ ଆପଣାଉଛନ୍ତି । ଛାତିଫଟା ଶବ୍ଦ ପ୍ରଦୂଷଣ ସହିତ ଆଖି ଝଲସାଉଥିବା ଏଲ୍ଇଡି ଲାଇଟ୍ ପରେ ଏବେ ସରୀସୃପଙ୍କୁ ଧରି ନୃତ୍ୟ କରାଯାଉଥିବା ନଜରକୁ ଆସିଛି। ମୟୂରଭଞ୍ଜ ଜିଲା କରଞ୍ଜିଆ ବଜାରର ଜନଗହଳିପୂର୍ଣ୍ଣ ସ୍ଥାନରେ ବିଷଧର ନାଗ ଧରି ନାଗୀନ୍ ଡ୍ୟାନ୍ସ କରିବା ଘଟଣାରେ ବନବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଚର୍ଚ୍ଚାର ବିଷୟ ହୋଇଛି। ବରଯାତ୍ରୀ ଦଳ ସହ ସାପ ଧରି ନାଚୁଥିବା ଯାଜପୁର ଜିଲା କୋରେଇ ଥାନା ତୁଳଡ଼ି ଗ୍ରାମର ରାମ ସିଂଙ୍କୁ ବନବିଭାଗ ଗିରଫ ପରେ କୋର୍ଟଚାଲାଣ କରିଛି। ତାଙ୍କ ନିକଟରୁ ୩ଟି ନାଗ ଉଦ୍ଧାର କରାଯାଇଛି।



ନାଗୀନ୍ ଡ୍ୟାନ୍ସ କରୁଥିବା ସାପ ଧରାଳି ରାମ ସିଂ।

## ସାପ ଧରାଳି ଗିରଫ

ସୂଚନା ଅନୁଯାୟୀ, ବୁଧବାର ରାତିରେ ଏକ ବିବାହ ଶୋଭାଯାତ୍ରାରେ ବରଯାତ୍ରୀମାନେ ନାଚଗୀତରେ ମସଗୁଲ୍ ଥିଲେ। ଏହି ସମୟରେ ରାମ ସିଂ ସାପ ଧରାଳି ବେଶରେ ସଜ୍ଜିତ ହୋଇ ନାଗୀନ ଗୀତରେ ନୃତ୍ୟ ଆରମ୍ଭ କରିଥିଲେ। ପେଡ଼ିରୁ ବିଷଧର ସାପ ବାହାର କରି ବୀନ୍ ବଜାଇ ବିଭିନ୍ନ ଭଙ୍ଗୀରେ ନୃତ୍ୟ ପରିବେଷଣ କରିଥିଲେ। ତାଙ୍କ ସହିତ ବରଯାତ୍ରୀମାନେ ମଧ୍ୟ ନୃତ୍ୟ କରିବାକୁ ଲାଗିପଡ଼ିଥିଲେ। ଜନଗହଳିପୂର୍ଣ୍ଣ ସ୍ଥାନରେ ଏହି ନୃତ୍ୟ ଦୀର୍ଘ ସମୟ ଧରି ଚାଲିଥିଲା। ଖବରପାଇ ବନବିଭାଗର କର୍ମଚାରୀମାନେ ପହଞ୍ଚି ସାପ ଧରାଳିଙ୍କ ସମେତ ୫ଜଣଙ୍କୁ ଅଟକ ରଖିଥିଲେ। ଗୁରୁବାର ଅଟକଙ୍କ ମଧ୍ୟରୁ ୪ଜଣଙ୍କୁ ଛାଡ଼ି ଦିଆଯାଇଥିବା ବେଳେ ରାମଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କରଞ୍ଜିଆ ଡିଏଫ୍‌ଓ ଶ୍ରୀକାନ୍ତ ନାଏକ କହିଛନ୍ତି। ସରୀସୃପ କିମ୍ବା ବନ୍ୟଜନ୍ତୁମାନଙ୍କୁ ଧରି ଅର୍ଥ ରୋଜଗାର କରୁଥିବା ଲୋକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିତ୍ୟାନ୍ତ ଜରୁରୀ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି। ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି ବନ୍ୟଜୀବ ସଂରକ୍ଷଣ ଆଇନକୁ କଡ଼ାକଡ଼ି କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ବନ୍ୟଜନ୍ତୁଙ୍କ ସୁରକ୍ଷା ହୋଇପାରିବ।



## ଜୁନ୍‌ରେ ନିଲାମ ହୋଇପାରେ ୫ଜି ସ୍ପେକ୍ଟ୍ରମ୍

ନୂଆଦିଲ୍ଲୀ: ଚଳିତ ବର୍ଷ ଜୁନ୍ ପ୍ରଥମ ସପ୍ତାହ ସୁଦ୍ଧା ୫ଜି ସ୍ପେକ୍ଟ୍ରମ୍ ନିଲାମ ହୋଇପାରେ ବୋଲି କେନ୍ଦ୍ର ଟେଲିକମ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ସୂଚନା ଦେଇଛନ୍ତି। ନିର୍ଦ୍ଧାରିତ ସମୟସୀମା ଅନୁସାରେ ଦୂରସଞ୍ଚାର ବିଭାଗ କାର୍ଯ୍ୟ କରୁଥିବା ଏବଂ ସ୍ପେକ୍ଟ୍ରମ୍ ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟା ଜାରି ରହିଛି। ଟେଲିକମ୍ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆ (ଟ୍ରାଇ)ର ସୁପାରିସ ଏବଂ ସ୍ପଷ୍ଟୀକରଣ ଅନୁସାରେ କାର୍ଯ୍ୟ ଚାଲିଥିବା ସେ କହିଛନ୍ତି। କିଛିଦିନ ତଳେ ଟ୍ରାଇ ପକ୍ଷରୁ ୫ଜି ସେବା ସମ୍ପର୍କରେ ୩୦ ବର୍ଷରୁ ଅଧିକ ସମୟ ପାଇଁ ବିଭିନ୍ନ ବ୍ୟାଣ୍ଡରେ ୭.୫ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ସ୍ପେକ୍ଟ୍ରମ୍ ନିଲାମୀର ସୁପାରିସ କରାଯାଇଥିଲା।

**ସଂକ୍ଷେପରେ**

## ସେନ୍‌ସେକ୍ସରେ ୭୦୦ ଅଙ୍କ ବୃଦ୍ଧି

ମୁମ୍ବାଇ,୨୮।୪: ସପ୍ତାହର ୪ର୍ଥ କାରବାର ଦିନ ଅର୍ଥାତ୍ ଗୁରୁବାର ଶେୟାର ବଜାରରେ ବୃଦ୍ଧି ଦେଖିବାକୁ ମିଳିଛି। ଫଳରେ ଚଳିତ ସପ୍ତାହରେ ବଜାରରେ ହ୍ରାସ ବୃଦ୍ଧି ପରିସ୍ଥିତି ଜାରି ରହିଛି। ଦିନର ଟ୍ରେଡିଂ ସମୟରେ ସେନ୍‌ସେକ୍ସରେ ୭୦୧.୬୭ ପଏଣ୍ଟ (୧.୨୩%) ଏବଂ ନିଫ୍ଟିରେ ୨୦୬.୬୫ ଅଙ୍କ (୧.୨୧%) ବୃଦ୍ଧି ଦେଖିବାକୁ ମିଳିଥିଲା। ଫଳରେ ଦିନର କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୫୭,୫୨୧.୬ ଇଣ୍ଡେକ୍ସ ଏବଂ ୧୭,୨୪୫.୦୫ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନରେ ୧୬୬୦ଟି ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୧୭୫୦ ଶେୟାରରେ ହ୍ରାସ ପରିଲକ୍ଷିତ ହୋଇଥିଲା। ଗୁରୁବାରର ଟପ୍ ଗେନର୍ସ ତାଲିକାରେ ଏଚ୍‌ଡିଏଫ୍‌ସି ଲାଇଫ୍, ଏଚ୍‌ୟୁଏଲ୍, ୟୁପିଏଲ୍ ଲିମିଟେଡ୍ ଏବଂ ପାୱାର ଗ୍ରୀଡ୍ ରହିଥିବା ବେଳେ ଟପ୍ ଲୁଜର୍ସ ତାଲିକାରେ ବଜାଜ ଅଟୋ, ହିଣ୍ଡାଲ୍‌କୋ, ଭାରତୀ ଏୟାରଟେଲ୍ ଏବଂ ଏମ୍ ଆଣ୍ଡ ଏମ୍ ରହିଛନ୍ତି।

## ୮୦,୦୦୦ ଇଭି ନିର୍ମାଣ କରିବ ଟାଟା ମୋଟର୍ସ

ନୂଆଦିଲ୍ଲୀ,୨୮।୪: ଟାଟା ମୋଟର୍ସ ପକ୍ଷରୁ ଚଳିତ ଆର୍ଥିକ ବର୍ଷ ସୁଦ୍ଧା ୮୦,୦୦୦ ଇଲେକ୍‌ଟ୍ରିକ୍ ଭେହିକିଲ୍ (ଇଭି) ନିର୍ମାଣ ପାଇଁ ଯୋଜନା ରଖାଯାଇଥିବା ରଏଟର୍ସ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୧-୨୨ରେ କମ୍ପାନୀ ପକ୍ଷରୁ ୧୯,୦୦୦ ସଂଖ୍ୟକ ଇଭି ନିର୍ମାଣ କରାଯାଇ ବିକ୍ରି କରାଯାଇଥିଲା। ଦେଶର ଏହି ସର୍ବବୃହତ୍ ଅଟୋମେକର କମ୍ପାନୀ ପକ୍ଷରୁ ଏ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ। ତେବେ ଭାରତୀୟ ବଜାରରେ ଇଭିର ଚାହିଦା ବୃଦ୍ଧି ପାଇବାରେ ଲାଗିଛି ଏବଂ ଲୋକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଅଧିକ ବାହାନ ନିର୍ମାଣ କରାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୬ ସୁଦ୍ଧା କମ୍ପାନୀର ୧୦ଟି ଇଭି ମଡେଲ ବଜାର ପ୍ରବେଶ ହେବ ବୋଲି ଗତ ମାସରେ ଟାଟା ମୋଟର୍ସ ପକ୍ଷରୁ ସୂଚନା ଦିଆଯାଇଥିଲା। ଇଭି କ୍ଷେତ୍ରରେ ଟାଟା ପକ୍ଷରୁ ପ୍ରାୟ ୨ ବିଲିୟନ ଡଲାର ନିବେଶ କରାଯାଇଛି।

# ରାଜ୍ୟକୁ ମିଳିଲା ୮ ମାସର ଜିଏସ୍‌ଟି କ୍ଷତିପୂରଣ

ନୂଆଦିଲ୍ଲୀ,୨୮।୪




କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ୨୦୨୧–୨୨ରେ ଶେଷ ହୋଇଥିବା ଆର୍ଥିକ ବର୍ଷର ୮ ମାସର ଗୁଡ୍ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ (ଜିଏସ୍‌ଟି) କ୍ଷତିପୂରଣ ଭରଣା ପାଇଁ ରାଜ୍ୟଗୁଡ଼ିକୁ ସୂଚନା ଦିଆଯାଇଛି। ବର୍ତ୍ତମାନ ସେସ୍ ଫଣ୍ଡ ପର୍ଯ୍ୟାପ୍ତ ହେଉ ନ ଥିବା କାରଣରୁ ୭୮,୭୦୪ କୋଟି ଟଙ୍କା ବକେୟା ରହିଛି। ମନ୍ତ୍ରଣାଳୟର ବୟାନ ଅନୁସାରେ ଯେକୌଣସି ଆର୍ଥିକ ବର୍ଷର ୧୦ମାସ (ଏପ୍ରିଲରୁ ଜାନୁୟାରୀ) ପାଇଁ ଜିଏସ୍‌ଟି ବକେୟା ଜାରି କରାଯାଉଥିବା ବେଳେ ଫେବୃୟାରୀ ଏବଂ ମାର୍ଚ୍ଚ ମାସ ପାଇଁ ପରବର୍ତ୍ତୀ ଆର୍ଥିକ ବର୍ଷରେ ବକେୟା ଜାରି ହୋଇଥାଏ। ମନ୍ତ୍ରଣାଳୟର ସୂଚନା ଅନୁସାରେ, ଆର୍ଥିକ ବର୍ଷ ୨୦୨୧–୨୨ର ୧୦ ମାସ ମଧ୍ୟରୁ ୮ ମାସ ପାଇଁ ରାଜ୍ୟଗୁଡ଼ିକୁ ଜିଏସ୍‌ଟି ବକେୟା ଜାରି ହୋଇଛି। ତେବେ ସେସ୍ ଫଣ୍ଡରେ ଅର୍ଥ ଥିବା ସମୟରେ ଅର୍ଥରାଶି ସମ୍ପର୍କରେ ସୂଚନା ଦିଆଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଜିଏସ୍‌ଟି ଜରିଆରେ ଆବଶ୍ୟକ ଜିନିଷଗୁଡ଼ିକ ଉପରେ ଟ୍ୟାକ୍ସକୁ ହ୍ରାସ କରିବା ପାଇଁ କିମ୍ବା ସର୍ବନିମ୍ନ ସ୍ଲାବ୍ ଜରିଆରେ ଟିକସ ଆଦାୟ କରାଯାଇଥାଏ। ଅନ୍ୟପଟେ ବିଳାସପୂର୍ଣ୍ଣ ଏବଂ ବିଶେଷ ଆବଶ୍ୟକ ନ ଥିବା ଜିନିଷଗୁଡ଼ିକ ଉପରେ ସର୍ବାଧିକ ୨୮% ସ୍ଲାବ୍ ଲାଗୁ କରାଯାଇ ଟିକସ ଆଦାୟ ହୋଇଥାଏ। ରାଜସ୍ୱ କ୍ଷତି ବଦଳରେ ଜିଏସ୍‌ଟି ଲାଗୁ ହେବା ଦ୍ୱାରା ହେଉଥିବା ବକେୟା ପୂରଣ ପାଇଁ ସେସ୍ ଜରିଆରେ ମିଳିଥିବା ଧନରାଶିକୁ ବ୍ୟବହାର କରାଯାଉଛି। ୨୦୧୭ ଜୁଲାଇ ପହିଲାରୁ ଜିଏସ୍‌ଟି ଲାଗୁ କରାଯାଇଥିଲା। ସେହି ସମୟରେ କେନ୍ଦ୍ର ୫ ବର୍ଷ ଅର୍ଥାତ୍ ୨୦୨୨ ଜୁନ୍ ପର୍ଯ୍ୟନ୍ତ ରାଜ୍ୟକୁ ବକେୟା ଭରଣା ଏବଂ ୨୦୧୫–୧୬ର ବେସ୍ ଇୟରରେ ବାର୍ଷିକ ୧୪% ଅଧିକ ରାଜସ୍ୱ ସୁରକ୍ଷା ଉପରେ ସହମତି ଦିଆଯାଇଥିଲା। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ରାଜସ୍ୱ କ୍ଷତିର ଭରଣା ପାଇଁ ରାଜ୍ୟଗୁଡ଼ିକୁ ୭.୩୫ ଲକ୍ଷ କୋଟି ଟଙ୍କା ଜାରି କରାଯାଇଛି। ବର୍ତ୍ତମାନ ସ୍ଥିତିରେ କେବଳ ୨୦୨୧–୨୨ ବର୍ଷ ପାଇଁ ୭୮,୭୦୪ କୋଟି ଟଙ୍କାର ବକେୟା ଭରଣା ହେବାର ରହିଛି। ୨୦୨୦–୨୧ ଆର୍ଥିକ ବର୍ଷ ପାଇଁ ରାଜ୍ୟଗୁଡ଼ିକର କୌଣସି ବକେୟା ନାହିଁ। ସୂଚନାଯୋଗ୍ୟ, ୨୦୧୭–୧୮ରେ ରାଜ୍ୟଗୁଡ଼ିକର କମ୍ପେନ୍‌ସେସନ୍ ଫଣ୍ଡରୁ ୪୯,୦୦୦ କୋଟି ଟଙ୍କା କ୍ଷତିପୂରଣ ଜାରି କରାଯାଇଥିଲା। ସେହିପରି ୨୦୧୮–୧୯ରେ ଏହି ପରିମାଣରେ ବୃଦ୍ଧି ଘଟି ୮୩,୦୦୦ କୋଟି ଏବଂ ୨୦୧୯–୨୦ରେ ୧.୬୫ ଲକ୍ଷ କୋଟିରେ ପହଞ୍ଚିଥିଲା।

**୭୮,୭୦୪ କୋଟି ଟଙ୍କା ବକେୟା**

# କୋଇଲା ସଙ୍କଟ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ

ଭୁବନେଶ୍ୱର,୨୮।୪

କ୍ରମାଗତ କୋଇଲା ଅଭାବ ହେତୁ ସଙ୍କଟଜନକ ପରିସ୍ଥିତିରେ ଗତି କରୁଥିବା ଉତ୍ପାଦନ କ୍ଷେତ୍ରର ଏକ ପ୍ରମୁଖ ବିଭାଗ ଏମ୍‌ଏସ୍‌ଏମ୍‌ଇ ଓ କ୍ୟାପ୍‌ଟିଭ ପାୱାର ପ୍ଲାଣ୍ଟ ଆଧାରିତ ଶିଳ୍ପ ମିଳିତ ଭାବେ ୧୦ଟି ଶିଳ୍ପ ସଙ୍ଗଠନର ଏକ ଦଳ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଣନିୟନ୍ତ୍ରିତ କ୍ଷେତ୍ରକୁ କୋଇଲା ଯୋଗାଣରେ ଦୀର୍ଘଦିନର ଅଭାବ ମଧ୍ୟରେ ଉତ୍ପାଦନ କ୍ଷେତ୍ର ଚାଲୁ ରହିବା ସୁନିଶ୍ଚିତ କରିବାକୁ ଶିଳ୍ପଗୁଡ଼ିକ ଜରୁରିକାଳୀନ ଭିତ୍ତିରେ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ବିଦ୍ୟୁତ୍ କ୍ଷେତ୍ର ପାଇଁ ସ୍ଥିର ଯୋଗାଣକୁ ନିଶ୍ଚିତ କରିବା ଲାଗି ଚାଲିଥିବା ପ୍ରୟାସକୁ ଆସୋସିଏସନ ପ୍ରଶଂସା କରୁଥିବାବେଳେ ଏହା ଦେଶର ଶିଳ୍ପ ବା ନିୟନ୍ତ୍ରିତ କ୍ଷେତ୍ର ପାଇଁ କ୍ଷତିକାରକ ବୋଲି ସଂଘ ସୂଚାଇ ଦେଇଛି । ଦେଶର ଶିଳ୍ପ ଗୋଷ୍ଠୀଗୁଡ଼ିକ ଉଲ୍ଲେଖ କରିଛନ୍ତି, ସେପ୍ଟେମ୍ବର ୨୦୨୧ ପରଠାରୁ ଅନେକ ପ୍ରତିବନ୍ଧକ ଲଗାଯାଇଛି। ଏହାଦ୍ୱାରା ଶିଳ୍ପଗୁଡ଼ିକୁ କୋଇଲା ଯୋଗାଣ ବହୁତ କମିଯାଇଛି। ଏହା ମଧ୍ୟରେ ସମସ୍ତ କୋଲ୍ ଇଣ୍ଡିଆ ସହାୟକ କମ୍ପାନୀରୁ ରେକ୍ ଯୋଗାଣରେ ପ୍ରତିବନ୍ଧକ, ଶିଳ୍ପ ପାଇଁ କୋଇଲା ନିଲାମରେ ଅଧିକ ବ୍ୟବଧାନ, ସ୍ୱଟ୍ ନିଲାମରେ ଦିଆଯାଉଥିବା କୋଇଲା ପରିମାଣ ଓ ନିର୍ଦ୍ଧାରିତ ପରିମାଣ ପରିବର୍ତ୍ତେ ଟ୍ରିଗର ସ୍ତର ଅନୁଯାୟୀ ଲିଙ୍କେଜ କୋଇଲା ଯୋଗାଣ ଅନ୍ତର୍ଭୁକ୍ତ ରହିଛନ୍ତି। ଦୀର୍ଘଦିନର ଅଭାବ ଯୋଗୁ ବହୁ ଉଦ୍ୟୋଗ ପ୍ରଭାବିତ ହେଉଛନ୍ତି। ବିଶେଷକରି ସିମେଣ୍ଟ, ସ୍ପଞ୍ଜ, ଆଇରନ, ଆଲୁମିନିୟମ, କେମିକାଲ, ରେୟନ, ବୟନ ଇତ୍ୟାଦି ସଂସ୍ଥା ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସେମାନେ ପ୍ରଧାନମନ୍ତ୍ରୀଙ୍କୁ କରିଥିବା ନିବେଦନପତ୍ରରେ ଉଲ୍ଲେଖ କରାଯାଇଛି।

# ବୋଧି ଟ୍ରି ସିଷ୍ଟମ୍ସ ସହ ସହଯୋଗିତା ସ୍ଥାପନ ଘୋଷଣା

ଭୁବନେଶ୍ୱର,୨୮।୪




ଜେମ୍‌ସ ମୁର୍ଡୋଚ୍‌ଙ୍କ ଲୁପା ସିଷ୍ଟମ୍ସର ନିବେଶ ସଂସ୍ଥା ବୋଧି ଟ୍ରି ସିଷ୍ଟମ ଓ ଉଦୟ ଶଙ୍କର ପ୍ରସାରଣ ସେବା କ୍ଷେତ୍ର ସହ ଜଡ଼ିତ କମ୍ପାନୀ ଭାୟାକମ୍ ୧୮ରେ ୧୩,୫୦୦ କୋଟି ଟଙ୍କା ନିବେଶ କରିବା ବିଷୟରେ ଘୋଷଣା ହୋଇଛି। ଉଦୟ ଶଙ୍କର ହେଉଛନ୍ତି ଷ୍ଟାର ଓ ଡିଜ୍‌ନି ଇଣ୍ଡିଆର ପୂର୍ବତନ ଅଧ୍ୟକ୍ଷ। ମୁକେଶ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସହ ତ୍ରିପାକ୍ଷିକ ଭାଗୀଦାରି ଜରିଆରେ ଏହି ନିବେଶ କରାଯିବ। ଏହାଦ୍ୱାରା ଦେଶର ସବୁଠୁ ବଡ଼ ଟିଭି ଓ ଡିଜିଟାଲ ଷ୍ଟ୍ରିମିଂ କମ୍ପାନୀକୁ ଏକ ଆକାର ମିଳିପାରିବ। ଏହି ସହଯୋଗିତା ଜରିଆରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ସମ୍ପୂର୍ଣ୍ଣ ମାଲିକାନାରେ ଥିବା ସଂସ୍ଥା ରିଲାଏନ୍ସ ପ୍ରୋଜେକ୍ଟସ୍ ଆଣ୍ଡ ପ୍ରପର୍ଟିଜ୍ ମ୍ୟାନେଜମେଣ୍ଟ ସର୍ଭିସେସ୍ ଲିମିଟେଡ୍ (ଆର୍‌ପିପିଏମ୍‌ଏସ୍‌ଏଲ୍) ୧,୬୪୫କୋଟି ଟଙ୍କାର ନିବେଶ କରିବ। ଏହା ବ୍ୟତୀତ ଲୋକପ୍ରିୟ ଜିଓ ସିନେମା ଓଟିଟି ଆପ୍‌କୁ ଭାୟାକମ୍୧୮କୁ ସ୍ଥାନାନ୍ତର କରାଯିବ। ଟେଲିଭିଜନ, ଓଭର ଦି ଟପ୍ (ଓଟିଟି), ବିତରଣ, ସାମଗ୍ରୀ ନବସୃଜନ ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା କ୍ଷେତ୍ରରେ ଆର୍‌ପିପିଏମ୍‌ଏସ୍‌ଏଲ୍‌ର ଉଲ୍ଲେଖନୀୟ ଉପସ୍ଥିତି ରହିଛି। ଏହି ଅବସରରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ କହିଛନ୍ତି, ଜେମ୍‌ସ ଓ ଉଦୟଙ୍କ ଟ୍ରାକ୍‌ରେକର୍ଡ ଅତୁଳନୀୟ। ଗତ ୨ ଦଶନ୍ଧିରୁ ଅଧିକ ସମୟ ଧରି ଭାରତ ସମେତ ସାରା ଦୁନିଆରେ ମିଡିଆ ବ୍ୟବସ୍ଥାକୁ ଆକାର ପ୍ରଦାନ କରିବାରେ ସେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ବୋଧି ଟ୍ରି ସହିତ ସହଯୋଗିତା ସ୍ଥାପନ କରିବା ଏବଂ ଏକ ଷ୍ଟ୍ରିମିଂ ପ୍ରଥମ ମିଡିଆ ବଜାର ଆଡ଼କୁ ଭାରତର ରୂପାନ୍ତରଣର ନେତୃତ୍ୱ ନେଉଥିବାରୁ ଆମେ ଅତ୍ୟନ୍ତ ଉତ୍ସାହିତ। ଏହି ସହଯୋଗିତା ଜରିଆରେ ଭାରତୀୟ ଗ୍ରାହକମାନଙ୍କ ପାଇଁ ଶ୍ରେଷ୍ଠ ମିଡିଆ ଓ ମନୋରଞ୍ଜନ ସେବା ଆଣିବାକୁ ଆମେ ପ୍ରତିବଦ୍ଧ ରହିଥିବା ଅମ୍ବାନୀ କହିଛନ୍ତି।

# ଦର ବୃଦ୍ଧି ହ୍ରାସକଲା ସୁନା ଚାହିଦା

ନୂଆଦିଲ୍ଲୀ,୨୮।୪

ଗତ କିଛି ମାସ ହେଲା ସୁନା ଦରରେ ବୃଦ୍ଧି କାରଣରୁ ୨୦୨୧–୨୨ ଆର୍ଥିକ ବର୍ଷର ଶେଷ ତ୍ରୈମାସ ଅର୍ଥାତ୍ ଜାନୁୟାରୀ–ମାର୍ଚ୍ଚରେ ସୁନା ବିକ୍ରି ପ୍ରଥମ ତ୍ରୈମାସ ତୁଳନାରେ ୧୮% ହ୍ରାସ ପାଇଛି। ବିଶ୍ୱ ସୁନା ପରିଷଦ ଦ୍ୱାରା ଜାରି ତଥ୍ୟ ଅନୁସାରେ ୨୦୨୦–୨୧ ଆର୍ଥିକ ବର୍ଷ ଶେଷ ତ୍ରୈମାସରେ ଦେଶରେ ସୁନା ବିକ୍ରି ୧୬୫.୮ ଟନ୍ ଥିବା ବେଳେ ଗତ ଆର୍ଥିକ ବର୍ଷରେ ତାହା ୧୩୫.୫ ଟନ୍ ରହିଛି। ଦରବୃଦ୍ଧି କାରଣରୁ ସମସ୍ତ ପ୍ରକାର ଗହଣା ବିକ୍ରିରେ ହ୍ରାସ ଦେଖିବାକୁ ମିଳିଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ମୂଲ୍ୟ ଅନୁସାରେ ସୁନା କ୍ରୟରେ ୧୨% ହ୍ରାସ ଦେଖିବାକୁ ମିଳିଛି। ପୂର୍ବ ଆର୍ଥିକ ବର୍ଷର ଜାନୁୟାରୀ–ମାର୍ଚ୍ଚ ତ୍ରୈମାସରେ ୬୯,୭୨୦ କୋଟି ଟଙ୍କାର ସୁନା ବିକ୍ରି ହୋଇଥିଲା।

# ବେଦାନ୍ତର ଲାଭରେ ୪.୮% ହ୍ରାସ

ନୂଆଦିଲ୍ଲୀ,୨୮।୪




ମାଇନିଂ କମ୍ପାନୀ ବେଦାନ୍ତ ପକ୍ଷରୁ ଗୁରୁବାର ୨୦୨୧–୨୨ ଆର୍ଥିକ ବର୍ଷର ଜାନୁୟାରୀ–ମାର୍ଚ୍ଚ ତ୍ରୈମାସ ଫଳାଫଳ ପ୍ରକାଶ ପାଇଛି। ଗତ ଆର୍ଥିକ ବର୍ଷର ୪ର୍ଥ ତଥା ଶେଷ ତ୍ରୈମାସରେ ବାର୍ଷିକ ଆଧାରରେ କମ୍ପାନୀର ଲାଭ ୪.୮% ହ୍ରାସ ଘଟି ୭,୨୬୧ କୋଟି ଟଙ୍କା ରହିଛି। ପୂର୍ବ ବର୍ଷ ଅର୍ଥାତ୍ ୨୦୨୦–୨୧ର ମାର୍ଚ୍ଚ ତ୍ରୈମାସରେ କମ୍ପାନୀର ଲାଭ ୭,୬୨୯ କୋଟି ଟଙ୍କା ରହିଥିଲା। ତେବେ ୪ର୍ଥ ତ୍ରୈମାସରେ କମ୍ପାନୀର ରାଜସ୍ୱରେ ଆଖିଦୃଶିଆ ବୃଦ୍ଧି ଦେଖିବାକୁ ମିଳିଥିଲା। ଗତ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସରେ କମ୍ପାନୀର ଆୟରେ ୪୧.୧% ବୃଦ୍ଧି ଘଟି ୩୯,୩୪୨କୋଟି ଟଙ୍କା ରହିଛି। ୨୦୨୦–୨୧ର ମାର୍ଚ୍ଚ ତ୍ରୈମାସରେ ଏହା ୨୭,୮୭୪ କୋଟି ଟଙ୍କା ରହିଥିଲା। ଶେଷ ତ୍ରୈମାସରେ କମ୍ପାନୀର ଅର୍ନିଙ୍ଗ୍ ବିଫୋର ଇଣ୍ଟ୍ରେଷ୍ଟ, ଟ୍ୟାକ୍ସେସ୍, ଡେପ୍ରିସିଏସନ୍ ଆଣ୍ଡ ଆମୋର୍ଟିଜେସନ୍ (ଇବିଆଇଟିଡିଏ)ରେ ୫୧.୧% ବୃଦ୍ଧିସହିତ ୧୩,୧୫୩କୋଟିଟଙ୍କା ରହିଛି। ପୂର୍ବ ଆର୍ଥିକ ବର୍ଷର ଏହି ସମୟସୀମା ମଧ୍ୟରେ ଇବିଆଇଟିଡିଏ ୮,୭୦୫ କୋଟି ଟଙ୍କା ଥିଲା। ବାର୍ଷିକ ଆଧାରରେ କମ୍ପାନୀର ଇବିଆଇଟିଡିଏ ମାର୍ଜିନ୍ ୨୦୨୦–୨୧ ୪ର୍ଥ ତ୍ରୈମାସର ୩୧.୨୩%ରୁ ବୃଦ୍ଧି ଘଟି ୩୩.୪୩% ରହିଛି। କମ୍ପାନୀର କନ୍‌ସୋଲିଡେଟେଡ୍ ଇବିଆଇଟିଡିଏ ୧୩,୭୬୮ କୋଟି ଟଙ୍କା ରହିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏହାଛଡ଼ା ଗତ ଆର୍ଥିକ ବର୍ଷରେ କମ୍ପାନୀର ଋଣରେ ୬,୯୫୦ କୋଟି ଟଙ୍କାର ହ୍ରାସ ଘଟିଛି।

**ଫୁର୍‌ସତ୍**

# ଜଳବାୟୁ ପରିବର୍ତ୍ତନ: ସଙ୍କଟରେ ସରୀସୃପ

**ବିଲୁପ୍ତପ୍ରାୟ ୨୧% ପ୍ରଜାତି**



ନୂଆଦିଲ୍ଲୀ

ଜଳବାୟୁ ପରିବର୍ତ୍ତନ ପ୍ରଭାବ କେବଳ ଯେ, ମନୁଷ୍ୟଙ୍କ ଉପରେ ପଡୁଛି ତା' ନୁହେଁ ଏହାର କୁପ୍ରଭାବ ସରୀସୃପଙ୍କ ଉପରେ ମଧ୍ୟ ପଡ଼ିବା ଆରମ୍ଭ କରିଛି। ବିଶ୍ୱରେ ଥିବା ୨୧% ପ୍ରଜାତିର ସରିସୃପ ଜଳବାୟୁ ପରିବର୍ତ୍ତନ କାରଣରୁ ବିଲୁପ୍ତ ହେବାକୁ ବସିଲେଣି। ପ୍ରଥମ ଥର ସରୀସୃପଙ୍କୁ ନେଇ ନେଚରସର୍ଭ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଏହା ଜଣାପଡ଼ିଛି। କ୍ଷୁଦ୍ର ଝିଟିପିଟିଠାରୁ ଆରମ୍ଭ କରି ବିଶାଳ ଅହିରାଜ ସାପ ପର୍ଯ୍ୟନ୍ତ ସମସ୍ତଙ୍କ ଜୀବନ ଏବେ ବିପଦରେ ପଡ଼ିଥିବା ଅଧ୍ୟୟନ ଜରିଆରେ ସାମ୍ନାକୁ ଆସିଛି। ଅତିକମ୍‌ରେ ୧,୮୨୯ ପ୍ରକାର ସରୀସୃପ ଯଥା, ସାପ, କଇଁଛ, କୁମ୍ଭୀର ଆଦି ବିଲୁପ୍ତ ତାଲିକାରେ ରହିଛନ୍ତି। ତେବେ ଦୁର୍ଲଭ ସରୀସୃପଙ୍କ ଚୋରା ଚାଲାଣ ମଧ୍ୟ ଏହାର ଏକ ମୁଖ୍ୟ କାରଣ ବୋଲି କୁହାଯାଉଛି। ବୁଧବାର ପ୍ରକାଶ ପାଇଥିବା ଏହି ଷ୍ଟଡି ରିପୋର୍ଟ ମୁତାବକ ମନୁଷ୍ୟ ନିଜର ଆନୁସଙ୍ଗିକ ବ୍ୟବହାର ପାଇଁ ଗଛ, ଜଙ୍ଗଲ ଓ ଜଳାଶୟ ନଷ୍ଟ କରିବା ଦ୍ୱାରା ସରୀସୃପମାନଙ୍କୁ ରହିବାକୁ ସ୍ଥାନ ମିଳୁ ନଥିବା ନେଚରସର୍ଭର ବରିଷ୍ଠ ବୈଜ୍ଞାନିକ ତଥା ଅଧ୍ୟୟନର ମୁଖ୍ୟ ବ୍ରୁସ୍ ୟଙ୍ଗ କହିଛନ୍ତି। ଖାଦ୍ୟ ସଙ୍କଟ ସାଙ୍ଗକୁ ବାସୋପଯୋଗୀ ସ୍ଥାନ ନ ମିଳିବାରୁ ଧୀରେ ଧୀରେ ସରିସୃପଙ୍କ ସଂଖ୍ୟା କ୍ଷୟ ହେବାକୁ ବସିଲାଣି। ଫଳରେ ଇକୋସିଷ୍ଟମ୍ ମଧ୍ୟ ପ୍ରଭାବିତ ହେଉଛି। ଉତ୍ତପ୍ତ ଜଳବାୟୁ କାରଣରୁ ୬୦ ପ୍ରତିଶତ କଇଁଛ ପ୍ରଜାତି ହଜିବାକୁ ବସିଥିବାବେଳେ କୁମ୍ଭୀରଙ୍କ ସ୍ଥିତି ମଧ୍ୟ ଶୋଚନୀୟ ହୋଇପଡ଼ିଛି। ସରୀସୃପଙ୍କ ସଂଖ୍ୟା କମିବା କାରଣରୁ ପକ୍ଷୀ, ସ୍ତନ୍ୟପାୟୀ ଏବଂ ଉଭୟଚର ପ୍ରାଣୀଙ୍କ ସଂଖ୍ୟା କ୍ରମାଗତ ଭାବେ କମିବା ନେଇ ସମ୍ଭାବନା ଉପୁଜୁଛି। କୌଣସି ଉନ୍ନତ ଜ୍ଞାନ କୌଶଳ ନୁହେଁ, ବରଂ ଲୋକଙ୍କୁ ସଚେତନତା ଦ୍ୱାରା ହିଁ ବିଲୁପ୍ତ ହେବାକୁ ବସିଥିବା ସରୀସୃପ ପ୍ରଜାତିଙ୍କୁ ରକ୍ଷା କରାଯାଇପାରିବ। ବୃକ୍ଷରୋପଣ, କୃଷି ଉତ୍ପାଦନ ବୃଦ୍ଧି କରିବା ଦ୍ୱାରା କିଛିମାତ୍ରାରେ ଏ ପ୍ରକାର ବିପତ୍ତିକୁ ଏଡ଼ାଇ ହେବ ବୋଲି ବ୍ରୁସ୍ ୟଙ୍ଗ କହିଛନ୍ତି।

# ବିଦ୍ୟାଙ୍କ ନୂଆ ପ୍ରୋଜେକ୍ଟ 'ନିୟତ'

ମୁମ୍ବାଇ



ଖୁବ୍‌ଶୀଘ୍ର ବଲିଉଡ୍ ଅଭିନେତ୍ରୀ ବିଦ୍ୟା ବଲାନ୍ ନିଜ ଫ୍ୟାନ୍‌ମାନଙ୍କୁ ଆଉ ଏକ ଫିଲ୍ମ ଭେଟି ଦେବାକୁ ଯାଉଛନ୍ତି। ବଲିଉଡ୍ ଫିଲ୍ମ ନିର୍ଦ୍ଦେଶିକା ଅନୁ ମେନନ୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ ଶକୁନ୍ତଳା ଦେବୀ ସିନେପ୍ରେମୀଙ୍କୁ ପସନ୍ଦ ଆସିବା ପରେ ଅନୁ ପୁଣିଥରେ ବିଦ୍ୟାଙ୍କ ସହ ଆଉ ଏକ ଫିଲ୍ମ କରିବାକୁ ଯାଉଛନ୍ତି। ତେବେ ବିଦ୍ୟାଙ୍କ ଏହି ନୂଆ ପ୍ରୋଜେକ୍ଟର ନାମ ରହିଛି ନିୟତ। ଫିଲ୍ମରେ ବିଦ୍ୟାଙ୍କ ସହ ସ୍କ୍ରିନ୍ ଶେୟାର କରିବେ ରାମ କପୁର। ନିୟତରେ ପ୍ରାଜ୍ଞାକ୍ତା କୋଲି, ମିତା ବଶିଷ୍ଠ ପ୍ରମୁଖ କଳାକାର ଅଭିନୟ କରିବେ। ସୂଚନାଯୋଗ୍ୟ ପ୍ରଥମ ଥର ପାଇଁ ବିଦ୍ୟା ରାମ କପୁରଙ୍କ ସହ ଅଭିନୟ କରିବାକୁ ଯାଉଛନ୍ତି। ଏ ନେଇ ବିଦ୍ୟା ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରିଛନ୍ତି। ନିୟତ ନେଇ ସେ ଖୁବ୍ ଖୁସି ଥିବାବେଳେ ଅନୁଙ୍କ ସହ ଆଉ ଥରେ କାମ କରିବାର ସୁଯୋଗ ମିଳିଥିବାରୁ ସେ ଖୁସି ଥିବା ଉକ୍ତ ପୋଷ୍ଟରେ କହିଛନ୍ତି।

# ୧୬୫ ବର୍ଷ ପୁରୁଣା ନରକଙ୍କାଳ

ନୂଆଦିଲ୍ଲୀ:

ପଞ୍ଜାବର ଅଜନଲାରୁ ୨୦୧୪ରେ ମିଳିଥିବା ୧୬୫ ବର୍ଷ ପୁରୁଣା ନରକଙ୍କାଳ ଶହୀଦ ସ୍ୱାଧୀନତା ସଂଗ୍ରାମୀମାନଙ୍କ ବୋଲି ଏକ ଅଧ୍ୟୟନ ରିପୋର୍ଟରେ ଦର୍ଶାଯାଇଛି। ୧୮୫୭ ମସିହାରେ ପ୍ରାଣ ହରାଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ଏହି ନରକଙ୍କଳ। ଅଜନଲା ସହରର ଏକ ପୁରୁଣା କୂଅରୁ ବହୁ ସଂଖ୍ୟାରେ ମନୁଷ୍ୟ କଙ୍କାଳ ମିଳିଥିଲା। ୧୯୪୭ରେ ଭାରତ ପାକିସ୍ତାନ ବିଭାଜନବେଳେ ହୋଇଥିବା ଦଙ୍ଗାରେ ପ୍ରାଣ ହରାଇଥିବା ଲୋକଙ୍କ ଏହି କଙ୍କାଳ ହୋଇଥାଇପାରେ ବୋଲି ପ୍ରାରମ୍ଭିକ ପର୍ଯ୍ୟାୟରେ କୁହାଯାଉଥିଲା। କିନ୍ତୁ ଗୁରୁବାର ପ୍ରକାଶ ପାଇଥିବା ସଦ୍ୟ ରିପୋର୍ଟ ମୁତାବକ ମିଳିଥିବା ନରକଙ୍କାଳ ସବୁ ପଶ୍ଚିମବଙ୍ଗ, ଓଡ଼ିଶା ଓ ବିହାର ସ୍ୱାଧୀନତା ସଂଗ୍ରାମୀମାନଙ୍କର। ଅଧ୍ୟୟନରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି ବୋଲି ବାରାଣସୀ ହିନ୍ଦୁ ୟୁନିଭର୍ସିଟି ପ୍ରାଣୀବିଜ୍ଞାନ ପ୍ରଫେସର ଜ୍ଞାନେଶ୍ୱର ଚୌଧୁରୀ କହିଛନ୍ତି। ପ୍ରଥମଟି ହେଲା ୧୮୫୭ ସ୍ୱାଧୀନତା ସଂଗ୍ରାମରେ ଏହି ଯବାନ ଶହୀଦ ହୋଇଥିଲେ ଏବଂ ଦ୍ୱିତୀୟଟି ହେଲା ସମସ୍ତ ସୈନିକ ଗାଙ୍ଗେୟ ଉପତ୍ୟକାର ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସତ୍ୟାସତ୍ୟ ଜାଣିବା ପାଇଁ ନରକଙ୍କାଳଗୁଡ଼ିକର ଡିଏନ୍‌ଏ ଟେଷ୍ଟ କରାଯିବା ସହ ଏକ ସ୍ୱତନ୍ତ୍ର ଟିମ୍ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିବା ବରିଷ୍ଠ ବିଶେଷଜ୍ଞ ନୀରଜ ରାଇ କହିଛନ୍ତି। ପ୍ରାୟ ୫୦ ଡିଏନ୍‌ଏ ନମୁନା ସାଙ୍ଗକୁ ୮୫ ସ୍ପେଶିମେନ ଆଇସୋଟପ୍ ଆନାଲିସିସ୍ ପାଇଁ ବ୍ୟବହାର କରାଯାଇଥିଲା। ନରକଙ୍କାଳଗୁଡ଼ିକର ଡିଏନ୍‌ଏ ପଞ୍ଜାବ କି ପାକିସ୍ତାନ ଲୋକଙ୍କ ଡିଏନ୍‌ଏ ସହ ନୁହେଁ ବରଂ ବିହାର, ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗ ରାଜ୍ୟର ଲୋକଙ୍କ ଡିଏନ୍‌ଏ ସହ ମେଳ ଖାଉଥିବା ଅଧ୍ୟୟକକକକନ ରିପୋର୍ଟରେ ଦର୍ଶାଯାଇଛି।

**୧୮୫୭ର ସ୍ୱାଧୀନତା ସଂଗ୍ରାମୀଙ୍କ କଙ୍କାଳ**



# ରେକର୍ଡ ସାଉଁଟୁଛି କେଜିଏଫ୍ ଚାପ୍ଟର–୨

**ମୁମ୍ବାଇ:** କେଜିଏଫ୍ ଚାପ୍ଟର ୨ ରିଲିଜ୍ ହେବା ପରଠାରୁ ଗୋଟିଏ ପରେ ଗୋଟିଏ ରେକର୍ଡ ହାସଲ କରିବାରେ ଲାଗିଛି। ଫିଲ୍ମର ହିନ୍ଦୀ ସଂସ୍କରଣ ରିଲିଜ୍‌ର ୧୪ ଦିନପରେ ୩୪୩ କୋଟି ଟଙ୍କାର ବ୍ୟବସାୟ କରିଛି। ଫିଲ୍ମର କନ୍ନଡ ସାଙ୍ଗକୁ ହିନ୍ଦୀ ସଂସ୍କରଣ ସିନେପ୍ରେମୀଙ୍କୁ ଖୁବ୍ ପସନ୍ଦ ଆସିଛି। ଏହା ବକ୍ସଅଫିସରେ ଭଲ ରୋଜଗାର କରିବାରେ ଲାଗିଛି। ସୁପରହିଟ୍ ଫିଲ୍ମ ଟାଇଗର ଜିନ୍ଦା ହୈ, ପିକେ, ସଞ୍ଜୁ ଭଳି ସୁପରହିଟ ଚଳଚ୍ଚିତ୍ରକୁ ପଛରେ ପକାଇଦେଇଛି କେଜିଏଫ୍। କନ୍ନଡ ଫିଲ୍ମ ଅଭିନେତା ୟଶ ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିଥିବାବେଳେ ସଞ୍ଜୟ ଦତ୍ତ, ରବିନା ଟଣ୍ଡନ, ଶ୍ରୀନିଧି ସେଟ୍ଟୀ ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି। ରିଲିଜ୍‌ର ୧୨ ଦିନରେ ଫିଲ୍ମର ବକ୍ସ ଅଫିସ କଲେକ୍ସନ ୯୦୦ କୋଟି ଟଙ୍କା ରହିଥିଲା। ଏହି କନ୍ନଡ ଫିଲ୍ମଟଇ ମାଲୟାଲମ, ତାମିଲ, ତେଲୁଗୁ ଏବଂ ହିନ୍ଦୀ ଭାଷାରେ ରିଲିଜ୍ କରାଯାଇଛି। ପ୍ରଶାନ୍ତ ନିଲ୍ ଫିଲ୍ମର ନିର୍ଦ୍ଦେଶନା ଦେଇଥିବାବେଳେ ଏପ୍ରିଲ ୧୪ ତାରିଖରେ ଏହା ମୁକ୍ତିଲାଭ କରିଥିଲା।

# ମନ,ଶରୀରକୁ ସୁସ୍ଥ ରଖେ ନୃତ୍ୟ

**ଅନ୍ତର୍ଜାତୀୟ ନୃତ୍ୟ ଦିବସ**

ମାନବ ସଭ୍ୟତାରେ ସ୍ଥାୟୀ ବସତି ଆରମ୍ଭ ହେବା ପରଠାରୁ ଅବସର ବିନୋଦନର ବିଭିନ୍ନ ମାଧ୍ୟମ ଆରମ୍ଭ ହୋଇଛି। ପ୍ରତିଟି ଅବସର ବିନୋଦନ କାର୍ଯ୍ୟ ମନ ଏବଂ ଶରୀର ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ । ଏହା ଦ୍ୱାରା ପରବର୍ତ୍ତୀ ସମୟରେ ନୂଆ ଉତ୍ସାହ ସହିତ ଲୋକେ କାମରେ ଯୋଗଦେଇ ପାରିଥାନ୍ତି। ନୃତ୍ୟ ମଧ୍ୟ ଅବସର ବିନୋଦନର ଏକ ମୁଖ୍ୟ ମାଧ୍ୟମ। ଏହା ଦ୍ୱାରା ଶରୀରର ବିଭିନ୍ନ ଅଙ୍ଗର ବ୍ୟାୟାମ ସହଜରେ ହୋଇ ପାରିଥାଏ। ନୃତ୍ୟର ବିଭିନ୍ନ ଅଙ୍ଗଭଙ୍ଗୀ ଏବଂ ମୁଦ୍ରା ଦ୍ୱାରା ଶରୀର ଉପରେ ଭଲ ପ୍ରଭାବ ପଡ଼ିଥାଏ।

ନୃତ୍ୟର ଉପକାରିତା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ୨୯ ଏପ୍ରିଲରେ ଅନ୍ତର୍ଜାତୀୟ ନୃତ୍ୟ ଦିବସ ପାଳନ କରାଯାଇଥାଏ।ଅନ୍ତର୍ଜାତୀୟ ନୃତ୍ୟ ଦିବସ ହେଉଛି ନୃତ୍ୟର ଏକ ବିଶ୍ୱସ୍ତରୀୟ ଉତ୍ସବ। ୟୁନେସ୍କୋର ପ୍ରଦର୍ଶନ କଳା ପାଇଁ ଅନ୍ତର୍ଜାତୀୟ ଥିଏଟର ଇନ୍‌ଷ୍ଟିଚ୍ୟୁଟ (ଆଇଟିଆଇ)ର ଡ୍ୟାନ୍ସ କମିଟି ଦ୍ୱାରା ଏହାର ସୃଷ୍ଟି ହୋଇଛି। ଏହି କାର୍ଯ୍ୟକ୍ରମ ପ୍ରତିବର୍ଷ ୨୯ ଏପ୍ରିଲରେ ପାଳିତ ହୋଇଥାଏ। ଏହି ଦିନଟି ଆଧୁନିକ ବାଲେଟର ସୃଷ୍ଟିକର୍ତ୍ତା ଜାନ–ଜର୍ଜ ନୋଭେର (୧୭୨୭–୧୮୧୦)ଙ୍କ ଜନ୍ମ ବାର୍ଷିକୀ ଅବସରରେ ପାଳିତ ହୁଏ। ଏହି ଦିନଟି ସମଗ୍ର ବିଶ୍ୱରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଉତ୍ସବ ମାଧ୍ୟମରେ ନୃତ୍ୟରେ ଅଂଶଗ୍ରହଣ ଏବଂ ଏହି ଶିକ୍ଷାକୁ ଉତ୍ସାହିତ କରିବାକୁ ଚେଷ୍ଟା କରାଯାଇଥାଏ। ୟୁନେସ୍କୋ ଆନୁଷ୍ଠାନିକ ଭାବରେ ଆଇଟିଆଇକୁ ଏହି ଦିବସ ପାଳନର ସୃଷ୍ଟିକର୍ତ୍ତା ଏବଂ ସଂଗଠକ ଭାବରେ ସ୍ୱୀକୃତି ପ୍ରଦାନ କରିଥାଏ। ୧୯୮୨ରେ ଏହାର ସୃଷ୍ଟି ପରଠାରୁ ପ୍ରତିବର୍ଷ ଅନ୍ତର୍ଜାତୀୟ ନୃତ୍ୟ ଦିବସ ଲାଗି ଏକ ବାର୍ତ୍ତା ଲେଖିବା ତଥା ଉଲ୍ଲେଖନୀୟ ନୃତ୍ୟ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରିବା ଲାଗି ଚୟନ କରାଯାଇଥାଏ। ଏକ ମନୋନୀତ ହୋଷ୍ଟ ସହରରେ ଆଇଟିଆଇ ଏକ ବଡ଼ ଧରଣର କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ କରିଥାଏ। ଏହି କାର୍ଯ୍ୟକ୍ରମରେ ନୃତ୍ୟ ପ୍ରଦର୍ଶନ, ଶିକ୍ଷାଗତ କର୍ମଶାଳା, ମାନବିକତା ପ୍ରକଳ୍ପ ଏବଂ ରାଷ୍ଟ୍ରଦୂତ, ମାନ୍ୟଗଣ୍ୟ ବ୍ୟକ୍ତି, ନୃତ୍ୟ ବ୍ୟକ୍ତିତ୍ୱ ଯୋଗଦେଇଥାନ୍ତି।

# ଭଲ ଫଳ ପାଇବାକୁ ଆଶା



କଟକ ଶୈଳବାଳା ମହାବିଦ୍ୟାଳୟରେ ଗୁରୁବାର ଆରମ୍ଭ ହୋଇଥିବା ଯୁକ୍ତ ୨ ପରୀକ୍ଷା।

ଦୀର୍ଘ ୨ବର୍ଷର ବ୍ୟବଧାନ ପରେ ଆରମ୍ଭ ହୋଇଛି ଯୁକ୍ତ ଦୁଇ ପରୀକ୍ଷା। ତାତିର ପ୍ରକୋପ ରାଜ୍ୟରେ ଭାରି ପଡ଼ିଥିଲେ ସୁଦ୍ଧା ଛାତ୍ରୀଛାତ୍ରଙ୍କ ମନରେ ପରୀକ୍ଷା ଦେବାର ଉନ୍ମାଦ ବେଶ୍ ବାରି ହୋଇପଡୁଥିଲା। ଗତ ବର୍ଷ ବିନା ପରୀକ୍ଷାରେ ଯେଉଁ ନମ୍ବର ମିଳିଥିଲା ତାହା ଅନେକଙ୍କୁ ସନ୍ତୁଷ୍ଟ କରି ପାରି ନ ଥିଲା। ତେଣୁ ଏଥର କରୋନାର ଭୟ ନ ଥିବାରୁ ପିଲାମାନେ ପରୀକ୍ଷା ଦେଇଛନ୍ତି। ଆଉ ଭଲ ଫଳ ପାଇବାର ଆଶା ମଧ ରଖିଛନ୍ତି।

### ଅଡୁଆ ଲାଗିଲାନି ଅଫ୍ ଲାଇନ ପରୀକ୍ଷା



ଦୀର୍ଘଦିନ ପରେ ଅଫ୍‌ଲାଇନ୍ ପରୀକ୍ଷା ଦେଲି। କିଛି ଅଡୁଆ ଲାଗିବ ବୋଲି ଭାବୁଥିଲି। ହେଲେ ସେଭଳି କିଛି ଅନୁଭବ ହେଲା ନାହିଁ। କରୋନା କାଳରେ ପଢ଼ିବାକୁ ଯଥେଷ୍ଟ ସମୟ ମିଳିଥିଲା। ପରୀକ୍ଷା ପାଇଁ ଭଲ ପ୍ରସ୍ତୁତି ମଧ୍ୟ କରିଥିଲି। ମାସ୍କ ପିନ୍ଧି ପରୀକ୍ଷା କେନ୍ଦ୍ରକୁ ଯାଇଥିଲି। ସାମାଜିକ ଦୂରତା ରଖି ସିଟ୍‌ଗୁଡ଼ିକ ପଡିଥିଲା। ଆଜି ମାତୃଭାଷା (ଓଡ଼ିଆ) ପରୀକ୍ଷା ଥିଲା। ଏହି ବିଷୟ ପରୀକ୍ଷା ବହୁତ ଭଲ ହୋଇଛି। ଆଗକୁ ମଧ୍ୟ ପରୀକ୍ଷା ଭଲ ହେବ ବୋଲି ଆଶା ରଖିଛି।

**- ସୋନୁ ଷଡ଼ଙ୍ଗୀ, ତୋରା କଲେଜ, ବରଗଡ଼**

### ଅଫ୍ ଲାଇନ ପରୀକ୍ଷା ପାଇଁ ଖୁସି ଲାଗୁଛି



ଦୀର୍ଘ ଦୁଇ ବର୍ଷର ବ୍ୟବଧାନ ପରେ ଚଳିତବର୍ଷ କରୋନା କଟକଣା ହଟିବାରୁ ଅଫ୍ ଲାଇନ ଦ୍ୱାରା ପରୀକ୍ଷା ହେଉଛି। ଏହାଦ୍ୱାରା ବହୁତ ଖୁସି ଲାଗୁଛି। କରୋନା ସମୟରେ ପରୀକ୍ଷା ଅନ୍‌ଲାଇନ ଦ୍ୱାରା ହୋଇଥିବା ଯୋଗୁ ଆମର ଦକ୍ଷତା ଉପରେ ଅନେକ ପ୍ରଶ୍ନ ଦେଖାଦେଇଥାଏ । ଅନ୍‌ଲାଇନ ପରୀକ୍ଷା ଯୋଗୁ ଅନେକ ସମୟରେ ଜଣେ ଭଲ ପିଲା ମଧ ତାର ମାର୍କ ଠିକ ଭାବେ ପାଇ ନ ଥାଏ। କିନ୍ତୁ ହଲରେ ପରୀକ୍ଷା ଯୋଗୁ ନିଜର ମାର୍କ ଠିକ ଆସିଥାଏ।

**- ସୌମ୍ୟରଞ୍ଜନ ନାଏକ, ବୌଦ୍ଧ ନୂଆସାହି**

### ଅଫଲାଇନ୍ ପରୀକ୍ଷା ଭଲ



କରୋନା କଟକଣା ପାଇଁ ସରକାରୀ ଗାଇଡ୍‌ଲାଇନ୍ ଅନୁଯାୟୀ ଅନ୍‌ଲାଇନ୍‌ରେ ପରୀକ୍ଷା ହେଉଥିଲା। ଦୀର୍ଘ ୨ବର୍ଷ ପରେ ଶ୍ରେଣୀଗୃହରେ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ରହି ପରୀକ୍ଷା ଦେବାର ସୁଯୋଗ ମିଳିଛି। ପ୍ରଥମ ଦିନ ଏମ୍‌ଆଇଏଲ୍ (ଓଡ଼ିଆ) ପରୀକ୍ଷା ଥିଲା। କଲେଜ ପକ୍ଷରୁ ପାଣି, ପଙ୍ଖା ସାଙ୍ଗକୁ ସାମାଜିକ ଦୂରତ୍ୱ ରକ୍ଷା ଲାଗି ବ୍ୟବସ୍ଥା କରାଯାଇଥିଲା। ଅନ୍‌ଲାଇନ୍ ଅପେକ୍ଷା ଅଫ୍‌ଲାଇନ୍ ପରୀକ୍ଷା ଭଲ। ମୁଁ ସର୍ବଶ୍ରେଷ୍ଠ ଉଦ୍ୟମ କରିଛି।

**- ବୋଇରାଣୀ ମଲ୍ଲିକ, ଯୁକ୍ତ୨ କଳା ବିଭାଗ, ଢେଙ୍କାନାଳ କନିଷ୍ଠ ମହାବିଦ୍ୟାଳୟ**

### ପଢ଼ିବା ପିଲା ହିଁ ପାସ୍ କରିବେ



କରୋନା ମହାମାରୀ ଯୋଗୁ ୨ ବର୍ଷ ହେଲା ଅଫଲାଇନ ପରୀକ୍ଷା ହୋଇ ନ ଥିଲା। ଫଳରେ ସମସ୍ତେ ପାସ କରିଯାଉଥିଲେ। ଏଥିରେ ଛାତ୍ରୀଛାତ୍ରଙ୍କ ଟାଲେଣ୍ଟ ଜଣାପଡୁ ନ ଥିଲା। ଏବେ ଅଫଲାଇନରେ ପରୀକ୍ଷା ହେବା ପରେ ଏଥର ପ୍ରକୃତ ପଢ଼ିବା ପିଲା ହିଁ ପାସ କରିବେ। କରୋନା ଲାଗି ପଢ଼ିବାକୁ ଯଥେଷ୍ଟ ସମୟ ମିଳିଥିଲା। ପରୀକ୍ଷା ପାଇଁ ଭଲ ପ୍ରସ୍ତୁତି ମଧ୍ୟ କରିଥିଲି। ଆଜି ବିଷୟର ପରୀକ୍ଷା ବହୁତ ଭଲ ହୋଇଛି। ଆଗକୁ ମଧ୍ୟ ପରୀକ୍ଷା ଭଲ ହେବ ବୋଲି ଆଶା ରଖିଛି।

**- ରିତୁ ସେଠି, ଜୁନାଗଡ଼ ଚମେଲିଦେବୀ ମହିଳା ମହାବିଦ୍ୟାଳୟ**

### ପରୀକ୍ଷା ହୋଇଥିବାରୁ ମୁଁ ବହୁତ ଖୁସି



ଆଜି ସାହିତ୍ୟ ପରୀକ୍ଷା ଥିଲା। ବହୁତ ଭଲ ହୋଇଛି। କୋଭିଡ୍ ଯୋଗୁ ଗତ ୨ ବର୍ଷ ହେଲା ପାଠପଢ଼ା ବାଧାପ୍ରାପ୍ତ ହୋଇଥିଲା। ଗତଥର ପିଲା ବିନା ପରୀକ୍ଷାରେ ପାସ୍ କରିଥିଲେ। ଫଳରେ କାହାକର କେତେ ଟ୍ୟାଲେଣ୍ଟ୍ ତାହା ଜଣାପଡ଼ି ନ ଥିଲା। ଏବେ ପରୀକ୍ଷା ହୋଇଥିବାରୁ ମୁଁ ବହୁତ ଖୁସି। ଏହାଦ୍ୱାରା କାହାର କେତେ ଟ୍ୟାଲେଣ୍ଟ୍ ଅଛି ତାହା ଜଣାପଡ଼ିବ।

**- ଆଶା ଦାଶ, ନରସିଂହ ଚୌଧୁରୀ ହାଇୟର ସେକେଣ୍ଡାରି ସ୍କୁଲ୍, ଯାଜପୁର**

### ଫଳାଫଳକୁ ନେଇ ଦ୍ୱନ୍ଦ୍ୱ ରହିଛି



ଦୀର୍ଘ ଦୁଇ ବର୍ଷ ପରେ ପରୀକ୍ଷା ହେଉଥିବାରୁ ଖୁସି ଲାଗୁଛି। କିନ୍ତୁ ପାଠ ପଢା ଠିକ୍ ଭାବରେ ହୋଇ ନ ଥିବାରୁ ଫଳାଫଳକୁ ନେଇ କିଛିଟା ଦ୍ୱନ୍ଦ୍ୱ ରହିଛି। କୋଭିଡ୍ କଟକଣା ଯୋଗୁ କ୍ଲାସ୍ ଓ ଅନ୍ୟାନ୍ୟ ପରୀକ୍ଷା ଠିକ୍ ଭାବରେ ହୋଇ ପାରି ନ ଥିଲା। ନିଜ ଉଦ୍ୟମ ଓ ସାର୍‌ମାନଙ୍କ ସହଯୋଗରେ ପ୍ରସ୍ତୁତ ହୋଇ ପରୀକ୍ଷା ଦେଉଛୁ।

**- ପୀତବାସ ନାୟକ, ଯୁକ୍ତ୨ବାଣିଜ୍ୟ, ରାଇସୁଆଁ ଉଚ୍ଚ ଶିକ୍ଷା ବିଦ୍ୟାଳୟ, କେନ୍ଦୁଝର**

### ୨ ବର୍ଷ ପରେ ଶ୍ରେଣୀଗୃହ ପରୀକ୍ଷାକୁ ନେଇ ଦ୍ୱନ୍ଦ୍ୱ ଥିଲା



କରୋନା ମହାମାରୀର ୨ ବର୍ଷ ପରେ ଶ୍ରେଣୀଗୃହରେ ପରୀକ୍ଷା ଦେଉଥିବାରୁ ଅଧିକ ଏବଂ କଠିନ ପ୍ରଶ୍ନ ଆସିବା ନେଇ ମନରେ ଦ୍ୱନ୍ଦ୍ୱ ଓ ଆଶଙ୍କା ରହିଥିଲା। କିନ୍ତୁ ପ୍ରଶ୍ନ ସେପରି କିଛି କଠିନ କିମ୍ବା ଦ୍ୱନ୍ଦ୍ୱାତ୍ମକ ଆସି ନ ଥିଲା। ପରୀକ୍ଷାକୁ ନେଇ ପୂର୍ବପ୍ରସ୍ତୁତି କରିଥିଲୁ। ଆମେ ପ୍ରଥମ ଦିନରେ ଖୁସିରେ ମାତୃଭାଷା ପରୀକ୍ଷା ଦେଇଥିଲୁ। ସେଟ୍ ପ୍ରଶ୍ନ ପଡିଥିଲା, ତାହା ଭଲ ହୋଇଛି। ଏଥିରେ ଅଧିକ ପ୍ରତିଶତ ନମ୍ବର ମିଳିବ ବୋଲି ଆଶା ରହିଛି।

**- ସାଗରିକା ସାହୁ, ଯୁକ୍ତ ୨ କଳା, ଖଲ୍ଲିକୋଟ କନିଷ୍ଠ ଉଚ୍ଚ ବିଦ୍ୟାଳୟ**

### ପ୍ରସ୍ତୁତି ଅନୁଯାୟୀ ଫଳ ମିଳିବ



ପୂର୍ବରୁ ପରୀକ୍ଷାକୁ ନେଇ ନାନା ଆଶଙ୍କା ରହୁଥିଲା। ପ୍ରସ୍ତୁତି କରୁଥିଲେ ମଧ ପରୀକ୍ଷା ବାତିଲ ହୋଇଯାଉଥିଲା। ତେଣୁ ଆଶାନୁରୂପ ଫଳ ମିଳିପାରୁ ନ ଥିଲା। ଚଳିତବର୍ଷ ପରୀକ୍ଷା ଅଫ୍ ଲାଇନରେ ହେଉଥିବାରୁ ଉତ୍ସାହ ରହିଛି। ପ୍ରସ୍ତୁତି ଅନୁଯାୟୀ ଫଳ ମଧ ମିଳିବ ବୋଲି ବିଶ୍ୱାସ ରଖିଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଟିକେ ଆଗୁଆ ପରୀକ୍ଷା କରାଯାଇଥିଲେ ଭଲ ହୋଇଥାନ୍ତା।

**- ପ୍ରିୟାଂଶୁ ପଣ୍ଡା, ଯୁକ୍ତ ୨ ବାଣିଜ୍ୟ, ଅନୁଗୋଳ କଲେଜ**

# ଉତ୍କଳ ଗୌରବ ସଂଗ୍ରହାଳୟ ଲୋକାର୍ପିତ

- ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ
- ମଧୁବାବୁଙ୍କ ଜୀବନୀ ଓଡ଼ିଆ ସ୍ୱାଭିମାନର ଗୌରବମୟ ଗାଥା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ସନ୍ଧ୍ୟାରେ ଭିଡିଓ କନ୍ଫରେନ୍ସିଂ ଜରିଆରେ ମଧୁବାବୁଙ୍କ ଜନ୍ମସ୍ଥାନ ସତ୍ୟଭାମାପୁର ଠାରେ 'ଉତ୍କଳ ଗୌରବ ମଧୁସୂଦନ ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ର' ଲୋକାର୍ପିତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉତ୍କଳ ଗୌରବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି ଯେ ମଧୁ ବାବୁ ଥିଲେ ଓଡ଼ିଆ ସ୍ୱାଭିମାନର ପ୍ରତୀକ। ତାଙ୍କ ଜୀବନୀ ହେଉଛି ଓଡ଼ିଆ ସ୍ୱାଭିମାନର ଗୌରବମୟ ଗାଥା। ସତ୍ୟଭାମାପୁର ସବୁ ଓଡ଼ିଆଙ୍କ ପାଇଁ ଏକ ତୀର୍ଥ କ୍ଷେତ୍ର। ଏହି ସଂଗ୍ରହାଳୟରେ ସମସ୍ତଙ୍କୁ ବିଶେଷ କରି ଯୁବ ପିଢିଙ୍କୁ ଓଡିଆ ସ୍ୱାଭିମାନର ସୁରକ୍ଷା ପାଇଁ ପ୍ରେରଣା ଦେଇ ଚାଲିବ। ସତ୍ୟଭାମାପୁରକୁ ଏକ ଆଦର୍ଶ ଗ୍ରାମ ରୂପେ ବିକାଶ କରାଯାଉଛି। ଏହି ଗ୍ରାମକୁ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳ ଭାବରେ ପରିଣତ କରିବା ପାଇଁ ସରକାରଙ୍କ ପଦକ୍ଷେପ ଜାରି ରହିବ।

ମଧୁବାବୁଙ୍କ ଆଦର୍ଶରେ ଓଡିଶାକୁ ଶ୍ରେଷ୍ଠ ରାଜ୍ୟ କରିବାପାଇଁ ମିଳିମିଶି କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ମଧୁବାବୁଙ୍କ ଜାତି ପ୍ରୀତି ଓ ତ୍ୟାଗର ତୁଳନା ନାହିଁ। ତାଙ୍କ ପାଇଁ ଓଡ଼ିଆ ସ୍ୱାଭିମାନ ଥିଲା ସବୁଠୁ ଉପରେ। ତା ସହ ସେ କେବେବି ସାଲିସ କରିନାହାନ୍ତି। ଏ ଜାତି ପାଇଁ ତାଙ୍କର ଅବଦାନ ତାଙ୍କୁ ଓଡ଼ିଆଙ୍କ ହୃଦୟରେ ଯୁଗ ଯୁଗ ପାଇଁ ଅମର କରି ରଖିବ।

ଓଡିଶାକୁ ମଧୁବାବୁଙ୍କ ଅବଦାନ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ଭାଷାକୁ ଭିତ୍ତିକରି ରାଜ୍ୟ ଗଠନ ପାଇଁ ମଧୁ ବାବୁଙ୍କ ଉଦ୍ୟମ, ତାଙ୍କର ଦୂର ଦୃଷ୍ଟିର ପରିଚୟ ଦିଏ। ସ୍ୱାଧୀନତା ପରେ ଭାଷା ସୂତ୍ରରେ ହିଁ ଭାରତର ଅନେକ ରାଜ୍ୟ ଗଠିତ ହୋଇଛି। କିନ୍ତୁ ସେତେବେଳେ ଓଡିଶା ଥିଲା ଭାଷା ଭିତିରେ ଭାରତର ପ୍ରଥମ ରାଜ୍ୟ। କାର୍ଯ୍ୟକ୍ରମରେ ଯୋଗ ଦେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ ମଧୁ ବାବୁ ଥିଲେ ଓଡ଼ିଆ ଜାତିର ପୁରୋଧା। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା କହିଥିଲେ ଯେ ମୁଖ୍ୟମନ୍ତ୍ରୀ ସତ୍ୟଭାମାପୁର ଗାଁ ର ବିକାଶ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି।

ଜିଲ୍ଲାପାଳ ଭବାନୀ ଶଙ୍କର ଚଇନି ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସତ୍ୟଭାମାପୁର ମଧୁସୂଦନ ସାଂସ୍କୃତିକ ସଂଘର ସଭାପତି ପ୍ରଶାନ୍ତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଲୋକ ସେବା ଭବନ ରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏହି ଅବସରରେ ଉତ୍କଳ ଗୌରବ ମଧୁସୂଦନ ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ର ସଂପର୍କରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏହି ସଂଗ୍ରହାଳୟରେ ମଧୁବାବୁଙ୍କ ଏନ୍ତୁଡ଼ି ଶାଳ, ପିଲା ଦିନର ବିରଳ ଫଟୋ, ଜନ୍ମ ଜାତକ, ଢ଼ିଙ୍କି ଆଦି ବିଭିନ୍ନ ବିରଳ ଜିନିଷ ସ୍ଥାନ ପାଇଛି।

# ୧୨ ଘଣ୍ଟିଆ ଆଠଗଡ଼ ବନ୍ଦ



ଆଠଗଡ଼ ସହରରେ ଦୋକାନ ବଜାର ବନ୍ଦ ରହିଛି।

- ରାଜରାସ୍ତାକୁ ଓହ୍ଲାଇଲେ ଜନତା
- ବିଭିନ୍ନ ରାଜନୈତିକ ଦଳ, ସାମାଜିକ ଅନୁଷ୍ଠାନର ସମର୍ଥନ

ଆଠଗଡ଼,୨୮।୪(ସ୍ୱ.ପ୍ର.)

ଆଠଗଡ଼ ବ୍ଲକର ୭୧ଟି ରାଜସ୍ୱ ଗ୍ରାମ ସମେତ ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ଧବଳେଶ୍ୱର ଓ ସର୍ବେଶ୍ୱର ପୀଠ ଆଦିକୁ କଟକ ଉନ୍ନୟନ ସଂସ୍ଥା(ସିଡିଏ)ରେ ମିଶିବା ପାଇଁ ମାର୍ଚ୍ଚ ୩୧ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାର ପ୍ରତିବାଦରେ ଆଠଗଡ଼ ସୁରକ୍ଷା ମଞ୍ଚ ପକ୍ଷରୁ ଗୁରୁବାର ସକାଳ ୬ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଏହା ପ୍ରଭାବରେ ଆଠଗଡ଼ ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। କେବଳ ଆପାତଃକାଳୀନ ସେବା ବ୍ୟତୀତ ସମସ୍ତ ଯାନବାହନ ଚଳାଚଳ ବନ୍ଦ ରହିଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟଗୁଡ଼ିକ ଖୋଲା ଥିଲେ ମଧ କର୍ମଚାରୀମାନଙ୍କ ଉପସ୍ଥିତି କମିଥିଲା। ବ୍ୟାଙ୍କଗୁଡ଼ିକରେ ଜନତାଙ୍କ ଅନୁପସ୍ଥିତି ଯୋଗୁ ବ୍ୟବସାୟ ସ୍ୱାଭାବିକ ହୋଇ ନ ଥିଲା। ସକାଳୁ ମଞ୍ଚ ସଭାପତି ଫଣୀ ଭୂଷଣ ରଥଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ସାଧାରଣ ଜନତା ମଧ ରାଜରାସ୍ତା ଆସି ଏହି ବନ୍ଦକୁ ସମର୍ଥନ କରିଥିଲେ। କୌଣସି ଅପ୍ରୀତିକର ପରିସ୍ଥିତିକୁ ଆଖି ଆଗରେ ରଖି ସହର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପ୍ରଶାସନ ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା। ଆଠଗଡ଼ ଆରକ୍ଷୀ ଉପାଧକ୍ଷ ବିଜୟ କୁମାର ବିଶିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩ ଇନ୍ସପେକ୍ଟର ୫ ସବ୍‌ଇନ୍ସପେକ୍ଟର ସମେତ ୫ ପ୍ଲାଟୁନ ସୁରକ୍ଷା ବଳ ନିୟୋଜିତ କରାଯାଇଥିଲା। ମୋଟାମୋଟି ବନ୍ଦ ଶାନ୍ତିପୂର୍ଣ୍ଣଭାବେ ପାଳିତ ହୋଇଛି।

ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ ଅନୁଷ୍ଠାନମାନେ ପ୍ରତିକ୍ରିୟା ରଖିଛନ୍ତି। ଭାଜପା ଜିଲା ସାଧାରଣ ସମ୍ପାଦକ ରାମ ନାରାୟଣ ମହାନ୍ତି କହିଛନ୍ତି, ଲୋକଙ୍କ ଭାବାବେଗ ସହ ଛଳନା କଲେ ଏହା ବିରୋଧରେ ଜନମତ ସୃଷ୍ଟି କରାଯାଇ ଆନ୍ଦୋଳନକୁ ତୀବ୍ର କରାଯିବ। ଏହି ଅଧାଦେଶ ବିରୋଧରେ ଜିଲା ପ୍ରଶାସନ ଆଗରେ ଅଭିଯୋଗ ଦାଖଲ ପାଇଁ ମଞ୍ଚ ସମ୍ପାଦକ ଆଇନଜୀବୀ ଜଗଦାନନ୍ଦ ତ୍ରିପାଠୀ ଗ୍ରାମବାସୀଙ୍କୁ ନିବେଦନ କରିଛନ୍ତି। ଏ ସଂକ୍ରାନ୍ତରେ ଏନ୍‌ଏସି ଅଧକ୍ଷା ସସ୍ମିତା ରାଉତଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ମୁହଁ ଖୋଲିବାକୁ ମନା କରି ଦେଇଥିଲେ। ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ କହିଛନ୍ତି, ଯଦିଓ ନଗର ଉନ୍ନୟନ ବିଭାଗ ତରଫରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି ତେବେ ମିଶ୍ରଣ ନେଇ ରାଜସ୍ୱ ବିଭାଗ ତରଫରୁ କୌଣସି ଚିଠି ହସ୍ତଗତ ହୋଇନାହିଁ। ଏହି ବିଜ୍ଞପ୍ତିକୁ ରଦ୍ଦ କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ଆର୍‌ଏମ୍‌ସି ମାର୍କେଟ ସରକାରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଯାଜପୁର ଟାଉନ,୨୮।୪(ଡି.ଏନ.ଏ.)

**ଖାଲି ହାତରେ ଫେରିଲା ଟିମ୍**

ଯାଜପୁର ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି)ର ମାର୍କେଟ ସରକାର ଗୟାଧର ସାହୁଙ୍କ ଘରେ ଗୁରୁବାର କଟକ ଓ ଯାଜପୁରର ଭିଜିଲାନ୍ସ ଟିମ୍ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ଯାଜପୁର ଭିଜିଲାନ୍ସ ଡିଏସ୍‌ପି ସୁଶୀଲ ଏକ୍କାଙ୍କ ନେତୃତ୍ୱରେ ଇନ୍ସପେକ୍ଟର ଅନସୂୟା ସେନାପତି, କଟକରୁ ଆସିଥିବା ଇନ୍ସପେକ୍ଟର ସଂଘମିତ୍ରା ଦାସ, ସୁଜାତା ଜେନା, ଗୀତାଞ୍ଜଳି ସାହୁ, ପ୍ରଜ୍ଞା ସାହୁ, ସବ୍‌ଇନ୍ସପେକ୍ଟର ଅନିଲ ସେଠୀ, କନଷ୍ଟେବଳ ପ୍ରଦୀପ ପତିଙ୍କ ସମେତ ମୋଟ ୨୨ଜଣ ଅଧିକାରୀ ଓ କର୍ମଚାରୀ ୪ଟି ଟିମ୍‌ରେ ଭାଗହୋଇ ଯାଜପୁର ସହର ସନ୍ଥେଶ୍ୱରପୁରସ୍ଥିତ ସାହୁଙ୍କ ବାସଗୃହ, ନିକଟରେ ଭଡ଼ା ଦିଆଯାଇଥିବା ଏକ ଘର, ଆରଏମ୍‌ସି ଅଫିସ ଓ ପୈତୃକ ଗୃହ ଦଶରଥପୁର ବ୍ଲକ ଅନ୍ତର୍ଗତ ଚମ୍ପେଇପାଳରେ ଚଢ଼ାଉ କରିଥିଲେ। ଏହି ସମୟରେ ଯାଜପୁର ଘରୁ ମାତ୍ର ୪୯ ଗ୍ରାମ ସୁନା ଅଳଙ୍କାର ଓ ନଗଦ ସାଢ଼େ ସାତ ହଜାର ଟଙ୍କା ଭିଜିଲାନ୍ସକୁ ମିଳିଥିଲା। ସହରର ଦୁଇଟି କୋଠାକୁ ଆୟ ବହିର୍ଭୁତ ସମ୍ପତ୍ତି ଭାବେ ଭିଜିଲାନ୍ସ ମାମଲା ପରିସରଭୁକ୍ତ କରିଛି। ତେବେ ଏହି ଚଢ଼ାଉରେ ଭିଜିଲାନ୍ସ ବିଶେଷ ସଫଳତା ପାଇ ନ ଥିବା ଜଣାପଡ଼ିଛି। ୪ଟି ଯାକ ସ୍ଥାନରୁ ଅନ୍ୟ କୌଣସି ସମ୍ପତ୍ତି, ନଗଦ ଅର୍ଥ, ବ୍ୟାଙ୍କ ଜମାଖାତା, ଅଳଙ୍କାର ଆଦି ଭିଜିଲାନ୍ସକୁ ମିଳିନାହିଁ। ଦିନତମାମ ଘଣ୍ଟାଘଣ୍ଟି ପରେ ଭିଜିଲାନ୍ସ ଟିମ୍ ଏକ ରକମ ଶୂନ୍ୟହସ୍ତରେ ଫେରିଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଭିଜିଲାନ୍ସ କେସ୍ ରୁଜୁ କରି ନ ଥିବା ଜଣାପଡ଼ିଛି।

# ବିଦ୍ୟୁତ୍ କାଟକୁ ନେଇ ବନ କର୍ମଚାରୀଙ୍କୁ ଆକ୍ରମଣ

**କେନ୍ଦୁଝର,୨୮।୪(ସ୍ୱ.ପ୍ର.):** ହାତୀ ଚଳପ୍ରଚଳ ଅଞ୍ଚଳରେ ବିଦ୍ୟୁତ୍ କାଟ ହେଉଥିବାରୁ ଜନ ଅସନ୍ତୋଷ ଦେଖାଦେଇଛି। ଅନେକ ସ୍ଥାନରେ ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହେଉଛି। ଖରା ଦିନେ ପ୍ରବଳ ଗରମ ସାଙ୍ଗକୁ ପରୀକ୍ଷା ସମୟରେ ବିଦ୍ୟୁତ୍ କାଟ ଯୋଗୁ ଅସନ୍ତୋଷ ବଢୁଛି। ଗୁରୁବାର ସନ୍ଧ୍ୟାରେ କେନ୍ଦୁଝର ସଦର ଥାନା ଅଞ୍ଚର ଅଞ୍ଚଳର ମହିଳାମାନେ ସ୍ଥାନୀୟ ଭୂୟାଁ ଜୁଆଙ୍ଗ ପିଢ଼ ରେଞ୍ଜ ଅଫିସକୁ ଘେରାଉ କରି ବନ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଖବର ପାଇବା ସତ୍ତ୍ୱେ ତୁରନ୍ତ ପୋଲିସ ପହଞ୍ଚି ନ ଥିଲା। ଏସ୍‌ପିଙ୍କ ହସ୍ତକ୍ଷେପ ପରେ ସଦର ଥାନା ପୋଲିସ ପହଞ୍ଚିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ରେଞ୍ଜ ଅଧିକାରୀ ମାନସ ମୁର୍ମୁ କହିଛନ୍ତି ଯେ, ବିଦ୍ୟୁତ୍ କାଟ ହେଉଥିବାରୁ ମହିଳାମାନେ ଆସି ଆକ୍ରମଣ କରିଥିଲେ। ବୁଝାଶୁଝା କରିଥିଲେ ମଧ ସେମାନେ ଶୁଣି ନ ଥିଲେ। ପରେ ସେମାନେ ବନ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ।

# ଭିଜିଲାନ୍ସ ଜାଲରେ ନିଲମ୍ବିତ ଏଏସ୍ଆଇ

- ଏକକାଳୀନ ୫ ସ୍ଥାନରେ ଚଢ଼ାଉ ଜାରି
- ଗଞ୍ଜେଇ ଚାଲାଣ ମାମଲାରେ ନିଲମ୍ବିତ ହୋଇଥିଲେ
- ଚଢ଼ାଉ ଶେଷ ପରେ ମିଳିବ ସବିଶେଷ ତଥ୍ୟ

ମାଲକାନଗିରି/ସୁନାବେଡ଼ା, ୨୮।୪ (ଡି.ଏନ୍.ଏ./ସ୍ୱ.ପ୍ର.)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ନିଲମ୍ବିତ ହୋଇଥିବା ଏଏସ୍ଆଇ ଜୟଦାଶ ଖରାଙ୍କ ଘରେ ଗୁରୁବାର ସକାଳୁ ଭିଜିଲାନ୍ସ ଚଢ଼ାଉ କରିଛି। ସେ ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ କର୍ତ୍ତନପାଲି ଫାଣ୍ଡିରେ କାର୍ଯ୍ୟରତ ଥିଲେ। ଜୟପୁର, ମାଲକାନଗିରି ଓ ନବରଙ୍ଗପୁରର ଭିଜିଲାନ୍ସ ଟିମ୍ ଏକକାଳୀନ ୫ଟି ସ୍ଥାନରେ ଚଢ଼ାଉ କରିଛନ୍ତି। କୋରାପୁଟରେ ଖରାଙ୍କ ୨ଟି ଘର, ଶ୍ୱଶୁର ଅବସରପ୍ରାପ୍ତ ଆର୍‌ଆଇ ବିଜୟ କୁମାର ସୁନାଙ୍କ ଘରେ, ସୁନାବେଡ଼ାରେ ଥିବା ସରକାରୀ କ୍ୱାର୍ଟର୍ସ ଓ ମାଲକାନଗିରିରେ ଥିବା ଭଡ଼ାଘରେ ଚଢ଼ାଉ ଜାରି ରଖିଛନ୍ତି। ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ ବିଶ୍ୱାଳ, ଇନ୍ସପେକ୍ଟର କଳାବତୀ ବାଗ, ଇନ୍ସପେକ୍ଟର ସଞ୍ଜୟ ପ୍ରଧାନ, ଇନ୍ସପେକ୍ଟର ବଙ୍କିମ ବବାଲିଙ୍କ ନେତୃତ୍ୱରେ କୋରାପୁଟର ୩ଟି ସ୍ଥାନରେ ଚଢ଼ାଉ ଜାରି ରହିଥିବା ବେଳେ ସୁନାବେଡ଼ା ଏଇଏଫ୍ କଲୋନି କ୍ୱାର୍ଟର୍ସରେ ଡିଏସ୍‌ପି ଅନନ୍ତ ମଲିକ,ଇନ୍ସପେକ୍ଟର ସୂର୍ଯ୍ୟକାନ୍ତି ଟାକ୍ରିଙ୍କ ନେତୃତ୍ୱରେ ଚଢ଼ାଉ ଚାଲିଛି। ସୂଚନାଯୋଗ୍ୟ, ମାଥିଲି ଥାନା ଅନ୍ତର୍ଗତ କର୍ତ୍ତନପାଲି ଫାଣ୍ଡିରେ କାର୍ଯ୍ୟ କରୁଥିବା ବେଳେ ଖରା ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତି ଅଭିଯୋଗରେ ଗତ ମାର୍ଚ୍ଚ ମାସରେ ଗିରଫ ହୋଇ କାର୍ଯ୍ୟରୁ ନିଲମ୍ବିତ ହୋଇଥିଲେ। ଖରାଙ୍କ କେତେ ସମ୍ପତ୍ତି ଜବତ ହୋଇଛି ତାହା ଏଯାବତ୍ ଆକଳନ କରାଯାଇନାହିଁ। ୯୦ ହଜାର ଟଙ୍କା ଏବଂ ୨୩୦ ଗ୍ରାମ ସୁନା ଜବତ ହୋଇଛି। ଚଢ଼ାଉ ଶେଷରେ ସବିଶେଷ ତଥ୍ୟ ମିଳିବ ବୋଲି ଡିଏସ୍‌ପି ବିଶ୍ୱାଳ କହିଛନ୍ତି।



ଏଏସ୍ଆଇ ଜୟଦାଶ ଖରାଙ୍କ ମାଲକାନଗିରିସ୍ଥିତ ବାସଭବନରେ ଭିଜିଲାନ୍ସ ଟିମ୍ ଯାଞ୍ଚ ଜାରି ରଖିଛନ୍ତି।

# ଚଢ଼ାଉ କରିବାକୁ ଯାଇଥିବା କର୍ମଚାରୀଙ୍କୁ ୮ଘଣ୍ଟା ଅଟକ ରଖିଲେ ଗ୍ରାମବାସୀ

କୋରାପୁଟ,୨୮।୪(ସ୍ୱ.ପ୍ର.)

**ଗଞ୍ଜେଇ ଚୋରା ଚାଲାଣ**

ବିପୁଳ ପରିମାଣରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଗୁରୁବାର କୋରାପୁଟ ଜିଲା ନନ୍ଦପୁର ଥାନା ଅନ୍ତର୍ଗତ ଡଙ୍ଗବିର ଗ୍ରାମରେ ଚଢ଼ାଉ କରିବାକୁ ଯାଇ ଅବକାରୀ ବିଭାଗ କର୍ମଚାରୀଙ୍କୁ ଦୀର୍ଘ ୮ଘଣ୍ଟା ଧରି ଅଟକ ରଖିଥିବା ଜଣାପଡ଼ିଛି। ଡଙ୍ଗବିର ଗ୍ରାମରୁ ଏକ ଟନ୍‌ରୁ ଊର୍ଦ୍ଧ୍ୱ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଖବର ପାଇ ଅବକାରୀ ବିଭାଗ ଓ ପୋଲିସ ବୁଧବାର ରାତିରେ ଗ୍ରାମକୁ ପ୍ରବେଶ କରିଥିଲେ। ତେବେ ଏଥିରେ ସମ୍ପୃକ୍ତ ଥିବା ଗଞ୍ଜେଇ ମାଫିଆ ଟିମ୍‌କୁ ଗ୍ରାମ ମୁଣ୍ଡରେ ଅଟକାଇଥିଲେ। ଏ ସମ୍ପର୍କରେ ଖବର ପାଇବା ପରେ ଗୁରୁବାର ସକାଳେ ଅଟକ ୨ ଜଣ କର୍ମଚାରୀଙ୍କୁ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର କରାଯାଇଛି। ଆଇନ ଅନୁଯାୟୀ ଅଭିଯୁକ୍ତ ଗ୍ରାମବାସୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀ କହିଛନ୍ତି।

No. DSPL - 14

ବାର୍ତ୍ତା

ମୋର ପ୍ରିୟ ଛାତ୍ରୀ, ଛାତ୍ରମାନେ,

ଆପଣମାନେ ଦଶମ ବୋର୍ଡ ପରୀକ୍ଷା ଦେବାକୁ ଯାଉଛନ୍ତି। ଏଥିପାଇଁ ଆପଣଙ୍କୁ ଅନେକ ଶୁଭେଚ୍ଛା ଓ ଆପଣମାନଙ୍କ ସଫଳତା କାମନା କରୁଛି। ସଫଳତା ଓ ବିଫଳତା ଜୀବନର ଅଂଶ। ତେଣୁ ଫଳକୁ ନେଇ ଏବେ ବ୍ୟସ୍ତ ନ ହୋଇ ପରିଶ୍ରମ କରନ୍ତୁ, ଫଳାଫଳକୁ ନେଇ ଏବେ ଚିନ୍ତିତ ହୁଅନ୍ତୁ ନାହିଁ। ପାଠ ଓ ପରୀକ୍ଷାକୁ ଆନନ୍ଦ ସହ ସମ୍ମୁଖୀନ ହୁଅନ୍ତୁ। ପରୀକ୍ଷା ଦେବାକୁ ଥିବା ଛାତ୍ରୀ, ଛାତ୍ରଙ୍କ ପିତାମାତାଙ୍କୁ ମଧ ଅନୁରୋଧ ଯେ, ସେମାନେ ପିଲାଙ୍କ ଉପରେ ଚାପ ପ୍ରୟୋଗ କରନ୍ତୁ ନାହିଁ। ପ୍ରତ୍ୟେକ ଛାତ୍ରୀ, ଛାତ୍ରଙ୍କ ଭିନ୍ନ ଭିନ୍ନ ସାମର୍ଥ୍ୟ ରହିଛି। ତେଣୁ ସେମାନଙ୍କ ସଫଳତାର ମାପକାଠି ବି ଭିନ୍ନ ହେବ। ଏଣୁ ଆସନ୍ତୁ, ଆମେ ସମସ୍ତେ ପିଲାଙ୍କୁ ପ୍ରୋତ୍ସାହିତ କରିବା ଓ ସେମାନଙ୍କର ସଫଳତା କାମନା କରିବା।

ଆପଣଙ୍କ

ସ୍ୱା./- ସନ୍ଧ୍ୟାବତୀ ପ୍ରଧାନ
ଅଧକ୍ଷା
ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ

OIPR-33008/13/0002/2223

**୧୨୦ ପରୀକ୍ଷା କେନ୍ଦ୍ରରେ ୨୫୧୧୮ ମାଟ୍ରିକ ପରୀକ୍ଷାର୍ଥୀ**

ସୁନ୍ଦରଗଡ,୨୮।୪(ଡି.ଏନ.ଏ.): ଶୁକ୍ରବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେଉଛି। ଚଳିତବର୍ଷ ସୁନ୍ଦରଗଡ ଜିଲାରେ ୧୨୦ଟି ପରୀକ୍ଷା କେନ୍ଦ୍ରରେ ମୋଟ ୨୫୧୧୮ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏ ନେଇ ସମସ୍ତ ପ୍ରସ୍ତୁତି ହୋଇଛି ବୋଲି ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ସୂଚନା ଦେଇଛନ୍ତି। ଏହାଛଡା ମଧମାରେ ୨୪ ଓ ଏସଓଏସିରେ ୩୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ଜଣାପଡିଛି।

## ଆଜି କ'ଣ କେଉଁଠି

ସମ୍ବଲପୁର

- କ୍ୟାଥ୍‌ଲ୍ୟାବ ଉଦ୍‌ଘାଟନୀ ଉତ୍ସବ, ବରେଇପାଲି ଶିଳ୍ପାଞ୍ଚଳସ୍ଥିତ ବିକାଶ ହସ୍ପିଟାଲ, ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ପଡିଆବାହାଲ, ୨୮।୪(ଡି.ଏନ.ଏ.): ଝୁଝୁମୁରା ବ୍ଲକ କବରାପାଲି ପଞ୍ଚାୟତ ବାରିବନ୍ଧ ଗ୍ରାମର ସରୋଜ ପଧାନଙ୍କ ସ୍ତ୍ରୀ ମୁକ୍ତା ପଧାନ (୩୧)ଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ଘରୋଇ ମନୋମାଳିନ୍ୟରୁ ମୁକ୍ତା ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଶାସନ ଥାନା ଯାମପାଲି ଗ୍ରାମର ମୁକ୍ତାଙ୍କ ବାପଘର ଲୋକେ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିବା ପରେ ସଦର ଥାନା ପକ୍ଷରୁ ତଦନ୍ତ ଚାଲୁ ରହିଛି।

### ମଧୁବାବୁ ଜୟନ୍ତୀ

ଝାରସୁଗୁଡ଼ା ଅଫିସ,୨୮।୪: ଝାରସୁଗୁଡ଼ା ଜିଲା ଓକିଲ ସଂଘ ପକ୍ଷରୁ ଗୁରୁବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ସଂଘ ସଭାପତି ତ୍ରିନାଥ ଗୁଆଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ଓକିଲ ତାପସ ରାୟ ଚୌଧୁରୀ, ସତ୍ୟ ନାରାୟଣ ବହିଦାର, ଗଙ୍ଗାଧର ଗଡନାୟକ, ଦିନେଶ ଜୈନ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ସ୍ମୃତି ଚାରଣ କରିଥିଲେ। ସାଧାରଣ ସମ୍ପାଦକ ତୁଳସୀ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ସଂଘ ଉପସଭାପତି ରାଧାକାନ୍ତ ପ୍ରଧାନ, କୋଷାଧକ୍ଷ ସଞ୍ଜୟ ପ୍ରଧାନ, ସହ ସମ୍ପାଦକ କବିରାଜ ପରିଡା, କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜିବ କୁମାର ପାଟଯୋଷୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ମଧୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

### ଯୁବ ବିଜେଡିର ଥଣ୍ଡା ପାନୀୟ ଜଳ ବଣ୍ଟନ

ଦେବଗଡ଼, ୨୮।୪ (ଡି.ଏନ.ଏ ): ଉତ୍ସବ ପ୍ରଧାନପାଟ -୨୦୨୨ ଅବସରରେ ଦେବଗଡ଼ ଜିଲା ବିଜୁ ଯୁବ ଜନତା ଦଳ ପକ୍ଷରୁ ଥଣ୍ଡା ପାନୀୟ ଜଳ ଓ ସରବତ ବଣ୍ଟନ କରାଯାଇଛି। ପୋରାଞ୍ଚଳର ପ୍ରଧାନପାଟ ରାସ୍ତାରେ ଏହା ବଣ୍ଟନ କରାଯାଇଥିଲା। ଜିଲା ଯୁବ ବିଜେଡି ସଭାପତି ପ୍ରତାପ ଦେବଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲା ପରିଷଦ ଅଧକ୍ଷ କୌଶିକ ପ୍ରଧାନ, ଉପାଧକ୍ଷା ବର୍ଷା ରାଣୀ ମୁଣ୍ଡା, ଦେବଗଡ଼ ପୌରାଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ରିଆମାଳ ବ୍ଲକ ଅଧକ୍ଷ ମଧୁସୂଦନ ପ୍ରଧାନ, ବାରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ପାତ୍ର, ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ସାମଲ, ଗୀତାଞ୍ଜଳି ପାଣି, ବାସନ୍ତୀ ବେହେରା, ରାଜେଶ ମହାନାୟକ ପ୍ରମୁଖ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଜଳଛତ୍ର ଷ୍ଟଲକୁ ଉଦ୍‌ଘାଟନ କରିଥିଲେ। ନଗର ସଭାପତି ଶୁକଦେବ ଭଞ୍ଜ, ସୁଜିତ କୁମାର ପ୍ରଧାନ, ରାଜକିଶୋର ଦାଶ, କାଉନସିଲର ଯତୀନ ନାଏକ, ପ୍ରମିଳା ବେହେରା, ସଂଯୁକ୍ତା ଆଚାର୍ଯ୍ୟ, ବାସନ୍ତୀ ମାଝୀ, ଯୁବନେତା ଶରତ ମେହେର, ରୂପକ ମାଝୀ, ମାନସ ପ୍ରଧାନ, ଲିକନ ପ୍ରଧାନ, ସୁନୀଲ ସାହୁ, ସୁବ୍ରତ ସାହୁ ପ୍ରମୁଖ ଦଳର ବହୁ ନେତା ଓ କର୍ମୀ ଯୋଗ ଦେଇ ପାଣି ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଯୁବ ବିଜେଡି ସଭାପତି ଦେବ ସୂଚନା ଦେଇଛନ୍ତି।

# କୁଚିଣ୍ଡାରେ ହେବ ପୋଷାକ କାରଖାନା

- ଓର୍‌ମାସ୍-କେଭିଆଇସି ଏମ୍‌ଓୟୁ
- ୫୦ ଏସ୍‌ଏଚ୍‌ଜିର ୫୦୩ ମହିଳାଙ୍କୁ ମିଳିବ ନିଯୁକ୍ତି

ସମ୍ବଲପୁର,୨୮।୪(ବ୍ୟୁରୋ)

ସମ୍ବଲପୁର ଜିଲାର ଆଦିବାସୀ ଅଧ୍ୟୁଷିତ କୁଚିଣ୍ଡା ଅଞ୍ଚଳର ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ସରକାର ଏଠାରେ ଏକ ପୋଷାକ କାରଖାନା ପ୍ରତିଷ୍ଠା କରିବାକୁ ଯୋଜନା କରିଛନ୍ତି। ୨.୯୯ କୋଟି ବ୍ୟୟରେ ହେବାକୁ ଥିବା ଏହି ପ୍ରକଳ୍ପରେ ୫୦ ଏସ୍‌ଏଚ୍‌ଜିର ୫୦୩ ମହିଳାଙ୍କୁ ନିଯୁକ୍ତି ମିଳିବ। ଏ ନେଇ ବୁଧବାର ରାଜ୍ୟ ସରକାରଙ୍କ ଓର୍‌ମାସ୍ ଓ କେନ୍ଦ୍ର ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ଖଦି ଓ ଗ୍ରାମଦ୍ୟୋଗ ଆୟୋଗ (କେଭିଆଇସି) ସହ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି।

କୁଚିଣ୍ଡାର ଅର୍ଡାବାହାଲରେ ଆରମ୍ଭ ହେବ ଏହି ପ୍ରକଳ୍ପ। ଏଥିରେ କେନ୍ଦ୍ର ସରକାର ୯୦ ପ୍ରତିଶତ ଓ ରାଜ୍ୟ ସରକାର ୧୦ ପ୍ରତିଶତ ଟଙ୍କା ବିନିଯୋଗ କରିବେ। ଏହାକୁ କାର୍ଯ୍ୟକାରୀ କରିବାକୁ ଜିଲା ପ୍ରଶାସନ ଓ ଓର୍‌ମାସ୍ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ୨୦୨୩ ମାର୍ଚ୍ଚ ସୁଦ୍ଧା ଏହାର କାମ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏ ନେଇ ସମ୍ବଲପୁର ଓର୍‌ମାସ ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମନ୍ତ ହୋତା କହିଛନ୍ତି, ଏହି ପ୍ରକଳ୍ପରେ ୫୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ୫୦୩ ଜଣ ମହିଳା ସିଧାସଳଖ ନିଯୁକ୍ତି ପାଇବେ। ୨୫୦ଟି ସିଲେଇ ମେଶିନ ଦିଆଯାଇ ସେମାନଙ୍କ ପାଇଁ ବାର୍ଷିକ ରୋଜଗାର ସୃଷ୍ଟି କରାଯିବ। ଏହା ସହ ତିଆରି ହୋଇଥିବା ପୋଷାକକୁ ବିକ୍ରି ପାଇଁ ଓର୍‌ମାସ ସମସ୍ତ ସୁବିଧା କରିବ। ପ୍ରଥମ ପର୍ଯ୍ୟାୟରେ ଜିଲାରେ ଥିବା ସମସ୍ତ ଅଙ୍ଗନୱାଡି କେନ୍ଦ୍ରର ପୋଷାକ ତିଆରି ପାଇଁ ଯୋଜନା କରାଯାଇଛି।

ଏହା ପରେ ଜିଲାରେ ଥିବା ସରକାରୀ ବିଦ୍ୟାଳୟ ଓ ଅନ୍ୟ ଅନୁଷ୍ଠାନର ୟୁନିଫର୍ମ ତିଆରି କରାଯିବ। ଏଥିରେ ସଫଳ ହେଲେ ଆଗକୁ ସମ୍ବଲପୁରୀ କପଡ଼ାରେ ବିଭିନ୍ନ ଡିଜାଇନର ଡ୍ରେସ୍ ପ୍ରସ୍ତୁତ କରାଯିବ। ଫଳରେ ହସ୍ତତନ୍ତର ପ୍ରଚାର ପ୍ରସାର ସହ ମହିଳାଙ୍କୁ ରୋଜଗାର ମିଳିବ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରତି ମହିଳା ମାସିକ ୮ ହଜାର ଟଙ୍କା ଲେଖାଏ ଆୟ କରିପାରିବେ ବୋଲି ଓର୍‌ମାସ ଅଧିକାରୀ ହୋତା କହିଛନ୍ତି। ସମ୍ବଲପୁର ଜିଲାର କୁଚିଣ୍ଡା ବ୍ଲକ ମରୁଡ଼ିଗ୍ରସ୍ତ ଅଞ୍ଚଳ। ଏଠାରେ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ସଂଖ୍ୟା ଅଧିକ। ଏଭଳି ଅଞ୍ଚଳରେ ୫ ଶହ ମହିଳା ନିଯୁକ୍ତି ପାଇବା ନିଶ୍ଚିତ ଭାବେ ବଡ଼ ଉପଲବ୍ଧି ବୋଲି କୁହାଯାଉଛି। ଏମ୍‌ଓୟୁ ସ୍ୱାକ୍ଷର ସମୟରେ ଉଭୟ ବିଭାଗର ବରିଷ୍ଠ ଅଧିକାରୀ ସାମିଲ ଉପସ୍ଥିତ ଥିଲେ।



ଏମ୍‌ଓୟୁ ସ୍ୱାକ୍ଷର ସମୟରେ ଉପସ୍ଥିତ ଅଧିକାରୀମାନେ ।



**ଗୁରୁବାରଠାରୁ ଆରମ୍ଭ ହୋଇଛି ଯୁକ୍ତ ୨ ପରୀକ୍ଷା :** ସମ୍ବଲପୁର ସରକାରୀ ମହିଳା କଲେଜ ପରୀକ୍ଷା କେନ୍ଦ୍ରରୁ ଛାତ୍ରୀମାନେ ପରୀକ୍ଷା ଦେଇ ଫେରୁଛନ୍ତି ।

# ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ବୈଠକ


ବୈଠକରେ ଉପସ୍ଥିତ ଶିକ୍ଷକ ସଂଘ କର୍ମକର୍ତ୍ତା ଓ ସିଆର୍‌ସିସି ।

ଜମନକିରା,୨୮।୪(ଡି.ଏନ.ଏ.)

ଜମନକିରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ଓ ସିଆର୍‌ସିସିଙ୍କ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣି, ମୁଖ୍ୟ କିରାଣି, ହିସାବ ରକ୍ଷକ ଏବଂ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦବୀ ପୂରଣ ନିମନ୍ତେ ସରକାରଙ୍କଠାରେ ଦାବି ଉପସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଥିଲା। ସମସ୍ତ ବିଦ୍ୟାଳୟକୁ ସିଧାସଳଖ ଚାଉଳ ଯୋଗାଣ, ଶିକ୍ଷକଙ୍କ ବକେୟା ଦରମା ତଥା ଅନ୍ୟାନ୍ୟ ଅର୍ଥ ଶୀଘ୍ର ପ୍ରଦାନ ନିମନ୍ତେ ଏବିଇଓ ସୁଦୀପ୍ତ ନାୟକଙ୍କୁ ଅନୁରୋଧ କରାଯାଇଥିଲା। ପିଆରଏନ ନମ୍ବର ଅସୁବିଧା ଯୋଗୁ ଯେପରି କୌଣସି ଶିକ୍ଷକ ଦରମା ପାଇବାରେ ବିଳମ୍ବ ନ ହୁଏ ସେଥିପ୍ରତି ଦୃଷ୍ଟିଦେବାକୁ ବୈଠକରେ ଆଲୋଚନା ହୋଇଥିଲା। ମୋ ସ୍କୁଲ ଅଭିଯାନ ଓ ମଧ୍ୟାହ୍ନଭୋଜନ ପରିଚାଳନାରେ ଥିବା ଅସୁବିଧା ଦୂର କରିବାକୁ ଏବିଇଓ ଦେବକୀ ନାଏକ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ସଂଘ ସଭାପତି ଭୁବନେଶ୍ୱର ଦ୍ୱିବେଦି ଅଧକ୍ଷତା କରିଥିଲେ। ଶ୍ରୀକାନ୍ତ କରଲି, ପ୍ରଶାନ୍ତ କୁମାର ପଣ୍ଡା, ସୁଶୀଲ କୁମାର ସାହୁ, ନାଳିନା ବାଘ, ଅଭିମନ୍ୟୁ ବୁଢା, ଅନନ୍ତ ଚୌଧୁରୀ, ନରହରି ବେହେରା, ସୁଭଦ୍ରା ନାଏକ, ରାମଚନ୍ଦ୍ର ସିଂ ଓ ସିଆର୍‌ସିସିମାନେ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଗୋପାଳଜି ନାୟକ ଧନ୍ୟବାଦ ଦେଇଥିଲେ।

# ଜମନକିରାରେ ୧୨୨୮ଜଣ ଦେବେ ମାଟ୍ରିକ ପରୀକ୍ଷା

ଜମନକିରା, ୨୮।୪(ଡି.ଏନ.ଏ.)

ଜମନକିରା ବ୍ଲକରେ ମୋଟ ୧୨୨୮ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍କୁଲଠାରୁ ପରୀକ୍ଷା କେନ୍ଦ୍ର ଦୂରତା ୫ କି.ମି. ଭିତରେ ରହିବା ପାଇଁ ଘୋଷଣା କରାଯାଇଛି। ହେଲେ ଏଠାରେ ତାହା ଖିଲାପ କରାଯାଉଥିବା ନେଇ ଅଭିଭାବକମାନେ ଅଭିଯୋଗ କରି ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ଲକରେ ଚଳିତବର୍ଷ ମୋଟ ୮ଟି ପରୀକ୍ଷା କେନ୍ଦ୍ର ହୋଇଛି। ଫାଶୀମାଲ ହାଇସ୍କୁଲ କେନ୍ଦ୍ରରେ ୧୬୪, ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲ ଭୋଜପୁରରେ ୧୬୪, ଏସ୍‌ଏସ୍‌ଡି ହାଇସ୍କୁଲ ଷଣ୍ଢପଥର ୧୭୯, ଗୁଣ୍ଡୁରୁଚୁଆଁ ହାଇସ୍କୁଲରେ ୧୪୫, ଜମନକିରା ହାଇସ୍କୁଲରେ ୨୨୪, କୁଲୁଣ୍ଡି ହାଇସ୍କୁଲ ୧୦୪, ପଞ୍ଚାୟତ ହାଇସ୍କୁଲ ଭାତପୁରାରେ ୧୧୫ ଓ ମୁଢ଼େନପାଲି ହାଇସ୍କୁଲରେ ୧୩୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ପଞ୍ଜୀକରଣ କରିଛନ୍ତି। ଦୂରତା ସମ୍ପର୍କରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ ନାୟକଙ୍କୁ ପଚାରିବାରୁ ସେ ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପରୀକ୍ଷା କେନ୍ଦ୍ର ନିର୍ଦ୍ଧାରିତ କରାଯାଉଥିବା କହିଥିଲେ।

# ଅଧିବକ୍ତା ପରିଷଦର ଆଇନ ଓ ସମରସତା ଦିବସ



ଆଇନଜୀବୀ ସତ୍ୟନାରାୟଣ ପଣ୍ଡା ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

ସମ୍ବଲପୁର,୨୮।୪(ବ୍ୟୁରୋ)

ସମ୍ବଲପୁର ଅଧିବକ୍ତା ପରିଷଦ ପକ୍ଷରୁ ଆଇନ ଓ ସମରସତା ଦିବସ ଗୁରୁବାର ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଦେୱାନୀ ଆଇନଜୀବୀ ବରଦାମାଧବ ଗୁରୁ ମୁଖ୍ୟଅତିଥି ଓ ବରିଷ୍ଠ ଆଇନଜୀବୀ ସତ୍ୟନାରାୟଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଓକିଲମାନେ ସମାଜର ସମସ୍ତ ବର୍ଗର ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇନଜୀବୀ ଦିଲୀପ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ ସହ ଅଧିବକ୍ତା ପରିଷଦର ଲକ୍ଷ୍ୟ, ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ । ଜିଲା ସଭାପତି କ୍ଷେତ୍ରମୋହନ ବେଉରିଆ, ଆଇନସେଲ ସଭାପତି, ସଞ୍ଜିବ କୁମାର ତ୍ରିପାଠୀ, ପ୍ରଦୀପ କୁମାର ସୁପକାର, ନନ୍ଦକିଶୋର ମିଶ୍ର, ସ୍ୱଜିତ ମିଶ୍ର ଆଲୋଚନାରେ ଭାଗଦେଇଥିଲେ। ଆଇନଜୀବୀ ଅରବିନ୍ଦ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଅଭିଯୁକ୍ତମାନଙ୍କ ୧୫ ଆକାଉଣ୍ଟ ଅଚଳ

**ଆନ୍ତଃ ରାଜ୍ୟ ଗଞ୍ଜେଇ ର୍‌ୟାକେଟ ଧରାପଡ଼ିବା ଘଟଣା**

- ସମ୍ପତ୍ତି ଆକଳନ ଆରମ୍ଭ

ସମ୍ବଲପୁର,୨୮।୪(ବ୍ୟୁରୋ)

ସମ୍ବଲପୁର ପୋଲିସ ଗତ ୨୬ ତାରିଖରେ ଏକ ଆନ୍ତଃ ରାଜ୍ୟ ଗଞ୍ଜେଇ ଚୋରା ଚାଲାଣ ର୍‌ୟାକେଟର ପର୍ଦ୍ଦାଫାଶ କରିଥିଲା। ଏହି ର୍‌ୟାକେଟର ମୁଖ୍ୟ ଅଭିଯୁକ୍ତ ଦିବ୍ୟାଙ୍ଗ ସଦର ଥାନା ପୁଟିବନ୍ଧ ଶ୍ରୀରାମନଗରର ସୁଶାନ୍ତ କୁମାର ଲେଙ୍କା (୪୪)ଙ୍କ ସମେତ ୭ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏବେ ଅଭିଯୁକ୍ତମାନଙ୍କ ସମ୍ପତ୍ତି ବାଜ୍ୟାପ୍ତି କରିବାକୁ ପୋଲିସ ପ୍ରକ୍ରିୟା ଆରମ୍ଭ କରିଛି। ଏହାସହ ସମସ୍ତ ଅଭିଯୁକ୍ତଙ୍କ ନାମରେ ଥିବା ବିଭିନ୍ନ ବ୍ୟାଙ୍କର ୧୫ ଜମାଖାତାକୁ ଅଚଳ କରିଦେବାକୁ ପୋଲିସ ଅନୁରୋଧ କରିଥିଲା। ତଦନୁଯାୟୀ ବ୍ୟାଙ୍କ ସେମାନଙ୍କ ଜମାଖାତା ଅଚଳ କରିଦେଇଛି। ସମସ୍ତ ଜମା ଖାତାରେ ୧୬ ଲକ୍ଷ ଟଙ୍କା ରହିଥିବା ପୋଲିସ ସୂଚନା ଦେଇଛି। ଆଗକୁ ଜମି, କୋଠା ଓ ଅନ୍ୟ ସମ୍ପତ୍ତି ଆକଳନ କରାଯାଉଛି। ଏହା ମଧ୍ୟ ଜବତ କରାଯିବ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ ପୋଲିସ ୧୫ ଦିନ ଧରି ସ୍ୱତନ୍ତ୍ର ଅଭିଯାନ ଚଳାଇ ପୁଟିବନ୍ଧ ଅଞ୍ଚଳରୁ ଏହି ର୍‌ୟାକେଟକୁ କାବୁ କରିଥିଲା। ଏହି ର୍‌ୟାକେଟ ବୌଦ୍ଧ ଜିଲାରୁ ଗଞ୍ଜେଇ ଆଣି ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଛତିଶଗଡ, କୋଲକାତା ଆଦି ରାଜ୍ୟ ସମେତ ଓଡ଼ିଶାର ବ୍ରହ୍ମପୁରକୁ ଚାଲାଣ କରୁଥିଲା। ଶାସନ ଥାନା ଗଣ୍ଡପାଲି ଗ୍ରାମରେ ସେମାନେ ଏକ ଗୋଦାମ କରିଥିଲେ। ସେଠାରେ କେଜିକିଆ ପ୍ୟାକେଟ କରି ଚାଲାଣ କରୁଥିଲେ। ୩ ହଜାର ଟଙ୍କାରେ କିଣି ୧୦ ହଜାର ଟଙ୍କାରେ ବିକ୍ରି କରୁଥିଲେ। ଦୀର୍ଘ ୮ବର୍ଷ ଧରି ସେମାନେ ଏଭଳି କରିଆସୁଥିଲେ।

# ଓଲଟିଲା ଯାତ୍ରୀବାହୀ ବସ, ୧୫ ଆହତ

ଲେଫ୍ରିପଡ଼ା/ସୁନ୍ଦରଗଡ,୨୮।୪(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ଝରିଆପାଲି ବ୍ରିଜ ନିକଟରେ ଏକ ଯାତ୍ରୀବାହୀ ବସ ଗୁରୁବାର ଭାରସାମ୍ୟ ହରାଇ ଓଲଟି ପଡିବାରୁ ୧୫ଜଣ ଯାତ୍ରୀ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ବସଟି ସରପଗଡ ପଞ୍ଚାୟତର ବଇଲମାଠାରୁ ସୁନ୍ଦରଗଡ ଅଭିମୁଖେ ଯାଉଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଖବରପାଇ ଲେଫ୍ରିପଡ଼ା ଥାନା ଆଇଆଇସି ହେମାଙ୍ଗିନୀ ଗର୍ଡିଆ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଜନସାଧାରଣଙ୍କ ସହାୟତାରେ ଆହତ ଯାତ୍ରୀଙ୍କୁ ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସୁନ୍ଦରଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସୁନ୍ଦରଗଡ ଉପଜିଲାପାଳ ଅଭିମନ୍ୟୁ ବେହେରା ମଧ ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ଦୁର୍ଘଟଣା ନେଇ ଲେଫ୍ରିପଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଲଳିତ ସାହୁ ମୃତ୍ୟୁ ଘଟଣା | ସବୁ ବ୍ଲକରେ ହେବ ବିକ୍ଷୋଭ

ଝାରସୁଗୁଡ଼ା ଅଫିସ,୨୮।୪

ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ରୋଷେୟା ଲଳିତ ସାହୁ ମୃତ୍ୟୁ ଘଟଣାରେ ଭାଜପା ସବୁ ବ୍ଲକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବ। ଗୁରୁବାର ଝାରସୁଗୁଡ଼ା ଜିଲା ବେହେରାମାଲସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ଭାଜପା ପକ୍ଷରୁ ଏହି ସୂଚନା ଦିଆଯାଇଛି। ଦଳର ଜିଲା ସଭାପତି ମଙ୍ଗଳ ସାହୁ ଏଥିରେ ଅଧକ୍ଷତା କରିଥିଲେ। ବ୍ରଜରାଜନଗର ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା ରୋଷେୟାଙ୍କ ପ୍ରତି ହୋଇଥିବା ଅବହେଳା ମନ୍ତ୍ରୀଙ୍କୁ ସନ୍ଦେହଘେରକୁ ଆଣିଥିବା କହିଥିଲେ। ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ରୋଷେୟାଙ୍କ ସନ୍ଦେହଜନକ ମୃତ୍ୟୁର ସିବିଆଇ ତଦନ୍ତ ପାଇଁ ରାଜ୍ୟ ସରକାର ତୁରନ୍ତ ନିର୍ଦ୍ଦେଶ ଦିଅନ୍ତୁ। ନଚେତ ଆଗାମୀ ଦିନରେ ଭାଜପା ପକ୍ଷରୁ ବ୍ଲକ ସ୍ତରରୁ ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ କରି ବିଡ଼ିଓଙ୍କ ଜରିଆରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ବ୍ରଜରାଜନଗର ପୂର୍ବତନ ବିଧାୟକ ପ୍ରେମସେନ ରାଏ, ପୁରୁଷୋତ୍ତମ ଥିରାନିଙ୍କ ସମେତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା କର୍ମକର୍ତ୍ତା ।

# ମରୁଡ଼ି ସହାୟତା ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର

କୁଚିଣ୍ଡା,୨୮।୪ (ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଟାଇଁସର ପଞ୍ଚାୟତର ଚାଷୀ ମାନେ ୨୦୨୧-୨୨ବର୍ଷରେ ହୋଇଥିବା ମରୁଡି ସହାୟତା ପାଇଁ ଗୁରୁବାର କୁଚିଣ୍ଡା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ବର୍ଷର ଖରିଫ ଋତୁରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ଏ ନେଇ ପ୍ରଶାସନ ପକ୍ଷରୁ ଫସଲ କ୍ଷୟକ୍ଷତି ଆକଳନ କରାଯାଇ ଶତପ୍ରତିଶତ ଫସଲ ହାନି ହୋଇଥିବା ରିପୋର୍ଟ ସରକାରଙ୍କୁ ଦିଆଯାଇଥିଲା। ମାତ୍ର ଦୀର୍ଘ ୮ମାସ ବିତିଯାଇଥିଲେ ମଧ ସରକାର ଏ ଦିଗରେ ପଦକ୍ଷେପ ନେଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଆଉ କିଛିଦିନ ପରେ ପୁଣି ଖରିଫ ଧାନ ଫସଲ ଆରମ୍ଭ ହେବାକୁ ଥିବାବେଳେ ତୁରନ୍ତ ମରୁଡି ସହାୟତା ପ୍ରଦାନ କରିବାକୁ ଟାଇଁସର ପଞ୍ଚାୟତର ଚାଷୀବୃନ୍ଦ ଦାବି ଜଣାଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପଞ୍ଚାୟତର ଉପେନ୍ଦ୍ର ପଟେଲ, ସୁଶାନ୍ତ ସେନାପତି, ବୃଷଭାନୁ ଡୁଙ୍ଗୁମ, ଭରତ ପ୍ରଧାନ, ଶରତ ପାଣିଗ୍ରାହୀ, ମୁକ୍ତେଶର କିସାନ, କୃଷ୍ଣଚନ୍ଦ୍ର ପଟେଲ, ସୁରଜ ପଟେଲ, ସୁଦାମା ପଟେଲ, ନବୀନ ମୁଣ୍ଡା, ଆଦିତ୍ୟ କିସାନଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।


ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଚାଷୀବୃନ୍ଦ।

# ପଲ୍ଲିଶ୍ରୀ ମେଳା, ଜିଲାସ୍ତରୀୟ ପ୍ରଦର୍ଶନୀ ଉଦ୍‌ଘାଟିତ

ଦେବଗଡ଼,୨୮।୪ (ଡି.ଏନ.ଏ)

ଉତ୍ସବ ପ୍ରଧାନପାଟ-୨୦୨୨କୁ ସରସ ସୁନ୍ଦର ଓ ଅଧିକ ଆକର୍ଷଣୀୟ କରିବା ପାଇଁ ଦେବଗଡ଼ ମେଳା ପଡିଆରେ ଓରମାସ୍ ପକ୍ଷରୁ ପଲ୍ଲିଶ୍ରୀ ମେଳା, ଖାଦ୍ୟ ମେଳା, ପୁସ୍ତକ ମେଳା, ଜିଲାସ୍ତରୀୟ ଉନ୍ନୟନ ଏବଂ ଫଳପୁଷ୍ପ ପ୍ରଦର୍ଶନୀ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଦେବଗଡ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତାକାଟି ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦେବଗଡ ଜିଲା ପରିଷଦ ଅଧକ୍ଷ କୌଶିକ କୁମାର ପ୍ରଧାନ, ଜିଲା ଆରକ୍ଷୀ ଅଧୀକ୍ଷକ ରାଜକିଶୋର ପାଇକରାୟ, ଅତିରିକ୍ତ ଜିଲାପାଳ ରେବିକା ବିଲୁଙ୍ଗ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଲୁକାସ ପ୍ରଧାନ, ଦେବଗଡ ପୌର ପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ଜିଲା ପରିଷଦ ସଦସ୍ୟ ରାଜେଶ ମହାନାୟକ, ପୁଷ୍ପାଞ୍ଜଳି ସାମଲ, ଗୀତାଞ୍ଜଳି ପାଣି, ତିଲେଇବଣି ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ, ଉପାଧକ୍ଷା ଆରତୀ ପ୍ରଧାନ, ବାରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ପାତ୍ର, ରିଆମାଳ ବ୍ଲକ ଅଧକ୍ଷ ମଧୁସୂଦନ ପ୍ରଧାନ, ଉପ ଜିଲାପାଳ ବ୍ରଜବନ୍ଧୁ ଭୋଇ, ସହକାରୀ କଲେକ୍ଟର କୈବଲ୍ୟ କିଶୋର କର, ସୁଶାନ୍ତ କୁମାର ନାୟକ ଓ ଯଶୋବନ୍ତ ଦେହୁରୀଙ୍କ ସମେତ ବହୁ ଜିଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ମେଳାରେ ମୋଟ ୧୭୬ଟି ଷ୍ଟଲ ଖୋଲାଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ପସରା ମେଳାଇଛନ୍ତି। ସେହିପରି ଜିଲାର ବିଭିନ୍ନ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କିତ ଉନ୍ନୟନ ପ୍ରଦର୍ଶନୀ ମଧ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଖୋଲାଯାଇଥିବା ପୁସ୍ତକ ମେଳା, ଖାଦ୍ୟ ମେଳା ଓ ଫଳପୁଷ୍ପ ପ୍ରଦର୍ଶନୀ ଦର୍ଶକ ଓ ଗ୍ରାହକମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି ।


ଉତ୍ସବ ପ୍ରଧାନପାଟ ଅବସରରେ ପଲ୍ଲିଶ୍ରୀ ମେଳାକୁ ଉଦ୍‌ଘାଟନ କରାଯାଉଛି ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଭବାନୀପାଟଣା,(ସ୍ୱପ୍ର): କଳାହାଣ୍ଡି ଜିଲା ପୋଲିସ ପକ୍ଷରୁ ଗୁରୁବାର ଭବାନୀପାଟଣାସ୍ଥିତ ରିଜର୍ଭ ପୋଲିସ କାର୍ଯ୍ୟାଳୟଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏସ୍‌ପି ଡ.ଶ୍ରବଣ ବିବେକ ଏମ୍ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଶିବିରରେ ସିଆରପିଏଫ୍, ଏସ୍‌ଓଜି, ଡିଭିଏଫ୍ ଯବାନଙ୍କ ସମେତ ସ୍ଥାନୀୟ ପୋଲିସ କର୍ମଚାରୀ, ସାମାଜିକ କର୍ମୀ, ଯୁବଗୋଷ୍ଠୀ ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତ ଦେଇଥିଲେ। ମୋଟ ୧୦୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

## ପ୍ରଥମ ପୃଷ୍ଠାରୁ...

### ୪୪ ବ୍ଲକ୍‌କୁ ଭୂତଳ ଜଳ...

୨୪ କୋଟି ବ୍ୟୟ ଅଟକଳ କରାଯାଇଥିଲା। ୧୧ଟି ସହରକୁ ମିଶାଇ ମୋଟ ୨୫ଟି ସହରର ୬୫ଟି ସରକାରୀ ଓ ୫୫୦୦ ବେସରକାରୀ ଘର ଛାତ ଉପରେ ଜଳ ଅମଳ ପ୍ରକଳ୍ପ ଯୋଜନା କାର୍ଯ୍ୟକାରୀ କରାଯାଇଥାଆନ୍ତା। ମାତ୍ର ଏହି ପ୍ରସ୍ତାବକୁ ସରକାରୀ ଅନୁମୋଦନ ନ ମିଳିବାରୁ ଗତ ୨ ବର୍ଷ ହେବ ପଡ଼ିରହିଛି।

ଭୂତଳ ଜଳ ନିର୍ଦ୍ଦେଶାଳୟର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ ଏହି ଯୋଜନାକୁ ଆଗାମୀ ୫ ବର୍ଷ ପାଇଁ କାର୍ଯ୍ୟକାରୀ କରିବା ସକାଶେ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଅନୁମୋଦନ ମିଳିବା ପରେ ୨୭ଟି ସହରରେ ଏହାକୁ କାର୍ଯ୍ୟକାରୀ କରାଯିବ। କେନ୍ଦ୍ର ସରକାର ମଧ୍ୟ ଏହି ଯୋଜନା କାର୍ଯ୍ୟକାରୀ କରିବା ନେଇ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ମେ' ୫ ତାରିଖରେ ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ କେନ୍ଦ୍ର ସରକାରଙ୍କ ସହ ଏହି ଯୋଜନା ନେଇ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ଏହା ପରେ ଯୋଜନା ଅନୁମୋଦନ ପାଇଁ ପଦକ୍ଷେପ ନିଆଯିବ ।

# ବ୍ଲକ ଅଫିସ ସମ୍ମୁଖରେ ଗର୍ଜିଲା ସିପିଆଇ

ଜୁନାଗଡ,୨୮।୪(ଡି.ଏନ.ଏ.)



ଜୁନାଗଡ ବ୍ଲକ ଅଫିସ ସମ୍ମୁଖରେ ସିପିଆଇ ପକ୍ଷରୁ ଗଣବିକ୍ଷୋଭ କରାଯାଉଛି।

■ ବୋରଗୁଡା ଗ୍ରାମରେ ପାନୀୟ ଜଳ ଯୋଗାଣ ଦାବି

■ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦୁନ୍ଦେଲମାଲ ପଞ୍ଚାୟତ ବୋରଗୁଡା ଗ୍ରାମରେ ପାନୀୟ ଜଳଯୋଗାଣ ଦାବି ନେଇ ଗୁରୁବାର ସିପିଆଇ ପକ୍ଷରୁ ବ୍ଲକ ଅଫିସ ସମ୍ମୁଖରେ ଗଣବିକ୍ଷୋଭ କରାଯାଇଛି। ସ୍ଥାନୀୟ ଲଙ୍କେଶ୍ୱରୀ ମନ୍ଦିରରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ସେଠାରେ ଅନୁଷ୍ଠିତ ସଭାରେ ଜୁନାଗଡ ଜୋନ୍ ସମ୍ପାଦକ ଅକ୍ଷୟ ମେହେର ଅଧ୍ୟକ୍ଷତା କରିଥିଲେ। ଏହି ସମୟରେ ବୋରଗୁଡାର ପାନୀୟ ଜଳ ଏବଂ ଅନ୍ୟ ମୌଳିକ ସମସ୍ୟା ନେଇ ସ୍ଥାନୀୟ ପ୍ରଶାସନ ଓ ଲୋକପ୍ରତିନିଧିଙ୍କୁ ଦାୟୀ କରି ବର୍ଷିଥିଲେ। ପ୍ରକାଶ ଯେ, ବୋରଗୁଡା ଗ୍ରାମରେ ୩ ଶହରୁ ଅଧିକ ପରିବାର ବାସ କରୁଥିବାବେଳେ ଜନସଂଖ୍ୟା ପ୍ରାୟ ୧୬୮୪ । ଏଠାରେ ଅଧିକାଂଶ ଆଦିବାସୀ ଓ ଦଳିତ ସମ୍ପ୍ରଦାୟର ଲୋକେ ବାସ କରୁଥିବାବେଳେ ସେମାନେ ଚାଷ ଉପରେ ନିର୍ଭର କରି ଚଳିଆନ୍ତି। ଚଳିତବର୍ଷ ମରୁଡି ଯୋଗୁ ଖରିଫ ଫସଲ ଧାନ, କପା, କାନ୍ଦୁଲ, ବିରି, ମୁଗ, ମାଣ୍ଡିଆ, କୋସଲା, ଗୁରଜି ଆଦି ନଷ୍ଟ ହୋଇଗଲା। ଏ ନେଇ ଗ୍ରାମବାସୀ ଜିଲାପାଳଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ପାଣିର ଅଭାବ ଯୋଗୁ ଏଥର ରବି ଫସଲ ମଧ୍ୟ ହୋଇପାରି ନ ଥିଲା। ଫଳରେ ଏଠାକାର ଲୋକମାନେ ଆର୍ଥିକଭାବ ଯୋଗୁ ଦାଦନ ଯିବାକୁ ବାଧ୍ୟ ହେଉଛନ୍ତି। ଏବେ ଖରାଦିନ ହୋଇଥିବାରୁ ଏଠାରେ ଜଳକଷ୍ଟ ଦେଖିବାକୁ ମିଳିଛି। ଫଳରେ ପାନୀୟ ଜଳ ପାଇଁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତେଣୁ ପାନୀୟ ଜଳର ଶୀଘ୍ର ବ୍ୟବସ୍ଥା କରିବା ସହ ମରୁଡିଜନିତ ଚାଷର କ୍ଷତିପୂରଣ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୭ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଡିଓ ଉପସ୍ଥିତ ନ ଥିବାରୁ ଏହାକୁ ଜିପିଓ ରାଜେନ୍ଦ୍ର ଭୋଇ ଗ୍ରହଣ କରିଥିଲେ। ଆସନ୍ତା ୭ ଦିନ ଭିତରେ ବୋରଗୁଡା ଗ୍ରାମରେ ପାନୀୟ ଜଳ ସମାଧାନ ପାଇଁ ନଳକୂପ ଖନନ କରାଯିବ ବୋଲି କହିବା ସହ ଟ୍ୟାଙ୍କରେ ପାଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଦାମୋଦର ବେହେରା, ଦୁର୍ଯ୍ୟୋଧନ ମାଝି, ହୃଦାନନ୍ଦ ମାଝି, ହରେକୃଷ୍ଣ ମାଝି, ଏଆଇଏସଏଫ୍ ଜିଲା ସଭାପତି ରାଜାରାମ ଡଙ୍ଗରୀ, ସହସମ୍ପାଦକ ଜଗଦିଶ ଦୁର୍ଗା, ସଞ୍ଜୟ ସୁନାନୀ, ପୂର୍ଣ୍ଣଚନ୍ଦ୍ର ପ୍ରଧାନୀ, କର୍ଣ୍ଣ ମାଝିଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଭାଷାଭିତ୍ତିକ ଓଡ଼ିଶା ଗଠନରେ ମଧୁବାବୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବଲାଙ୍ଗୀର ଅଫିସ,୨୮।୪

### ବଲାଙ୍ଗୀର ଜିଲା ଓକିଲ ସଂଘ ପକ୍ଷରୁ ଅଧିବକ୍ତା ଦିବସ

ବଲାଙ୍ଗୀର ଜିଲା ଓକିଲ ସଂଘ ପକ୍ଷରୁ ସ୍ଥାନୀୟ ସିଭିଲ କୋର୍ଟ ବାର୍ ହଲରେ ଗୁରୁବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀକୁ ଅଧିବକ୍ତା ଦିବସ ଭାବେ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ର ଯୋଗଦେଇ ମଧୁସୂଦନଙ୍କ ଜୀବନ ଦର୍ଶନ ଉପରେ କହିଥିଲେ । ତାଙ୍କ ବକ୍ତବ୍ୟରେ ମୁଖ୍ୟଅତିଥି ମିଶ୍ର କହିଥିଲେ ଯେ, ଓକିଲ ଓ ମହକିଲର ସମ୍ପର୍କ ଉପରେ ବକ୍ତବ୍ୟ ଉପସ୍ଥାପନ କରି ସୁପ୍ରିମକୋର୍ଟର ଗାଇଡ ଲାଇନ୍ ମୁତାବକ ଜଣେ ଓକିଲକୁ ଜଣେ ମହକିଲର ମୁକଦ୍ଦମା ଲଢ଼ିବାରେ କେହି ମନା କରିପାରିବେ ନାହିଁ। ନିଜ ମହକିଲର ପକ୍ଷକୁ ଯୁକ୍ତିଯୁକ୍ତ ଭାବେ ଉପସ୍ଥାପନ କରିବା ଜଣେ ମହକିଲର ଦାୟିତ୍ୱ ବୋଲି ମିଶ୍ର କହିଥିଲେ । ଓକିଲମାନଙ୍କ ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ଷ୍ଟେଟ ବାର୍ କାଉନସିଲ ଓ ଇଣ୍ଡିଏନ ବାର୍ କାଉନସିଲ ଧ୍ୟାନ ଦେବା ଉପରେ ମିଶ୍ର ଜୋର୍ ଦେଇଥିଲେ । ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ମଧୁସୂଦନ ଦାସ ପରବର୍ତ୍ତୀ ପିଢ଼ି ପାଇଁ ଯେଉଁ ଆଦର୍ଶ ଛାଡି ଯାଇଛନ୍ତି ତାହା ଆମ ସମସ୍ତଙ୍କ ପାଇଁ ଅନୁକରଣୀୟ ହେବା ଉଚିତ ବୋଲି ବକ୍ତାମାନେ କହିଥିଲେ । ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଆଇନଜୀବୀ ଜୟକୃଷ୍ଣ ସାହୁ ଯୋଗଦେଇ ଏକ ଭାଷାଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ମହନୀୟ ଯୋଗଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ଓକିଲ ସଂଘ ସମ୍ପାଦକ ଅଧିକାରୀ ଦନ୍ତା, ଭବାନୀ ଶଙ୍କର ଶତପଥୀ, ଅନନ୍ତ ଥନାପତି, ଚନ୍ଦ୍ରଶେଖର ମିଶ୍ର ମଧୁସୂଦନ ଦାସଙ୍କ ସ୍ତୁତିଚାରଣ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ହିଁ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି କହିଥିଲେ। ସଂଘ ଉପସଭାପତି ସରୋଜ ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକ୍ଷେପରେ

### ପୂର୍ବତନ ଏମ୍‌ପି ବାଳଗୋପାଳ ମିଶ୍ର ଅସୁସ୍ଥ

ବଲାଙ୍ଗୀର ଅଫିସ,୨୮।୪: ବଲାଙ୍ଗୀରର ପୂର୍ବତନ ଏମ୍‌ପି ତଥା ବିଶିଷ୍ଟ ରାଜନେତା ବାଳଗୋପାଳ ମିଶ୍ର ଅସୁସ୍ଥ ହୋଇପଡିବାରୁ ଗତ ୨୧ତାରିଖରୁ ତାଙ୍କୁ ଭୁବନେଶ୍ୱରର



ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ଯକୃତ ଏବଂ ହୃତ୍‌ପିଣ୍ଡ ସଂଯୋଗକାରୀ ଏକ ଶୀରାରେ ସଂକ୍ରମଣ ହୋଇଥିବା ଜଣାପଡିଥିଲା। ବୁଧବାର ଏହାର ସଫଳ ଅସ୍ତ୍ରୋପଚାର କରାଯାଇଥିଲେ ମଧ ତାଙ୍କୁ ଏବେ ଆଇସିୟୁରେ ରଖାଯାଇଥିବା ତାଙ୍କ ଜ୍ୟେଷ୍ଠପୁତ୍ର ଆକାଶ ମିଶ୍ର ସୂଚନା ଦେଇଛନ୍ତି। ପୂର୍ବତନ ଏମପି ମିଶ୍ରଙ୍କ ଅସୁସ୍ଥତା ସମ୍ପର୍କରେ ଜାଣିବା ପରେ ଓଡିଶାର ବହୁ ରାଜନେତା, କୋଶଲବାଦୀ ନେତା, ସଙ୍ଗଠକ ତଥା ଜନସାଧାରଣ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ବିଭିନ୍ନ ସ୍ଥାନରେ ତାଙ୍କ ଆରୋଗ୍ୟ କାମନା କରାଯାଇ ପୂଜାର୍ଚ୍ଚନା କରାଯାଉଛି।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା

ନୂଆପଡ଼ା ଅଫିସ,୨୮।୪



ମଞ୍ଚାସୀନ ଅତିଥି ବୃନ୍ଦ।

### କେନ୍ଦ୍ର ଆଇନ ମନ୍ତ୍ରୀଙ୍କ ୨ ଦିନିଆ ନୂଆପଡ଼ା ଜିଲା ଗସ୍ତ

କେନ୍ଦ୍ର ଆଇନ ମନ୍ତ୍ରୀ ପ୍ରୋଫେସର ସତ୍ୟପାଲ ସିଂ ବଘେଲ ଗୁରୁବାର ଦୁଇଦିନିଆ ନୂଆପଡା ଜିଲା ଗସ୍ତରେ ଆସିଛନ୍ତି। ମଧ୍ୟାହ୍ନରେ ବଘେଲ ଜିଲାପାଳଙ୍କ ସଦଭାବନା ଗୃହଠାରେ ଆକାଂକ୍ଷା ଜିଲାର ବିଭିନ୍ନ ସାଙ୍କେତିକ ଉପରେ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ବିଭିନ୍ନ ଯୋଜନା ଉପରେ ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ମନ୍ତ୍ରୀ ଜିଲାରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ଉପରେ ସନ୍ତୋଷ ପ୍ରକାଶ କରିଥିଲେ। ବୈଠକ ପ୍ରାରମ୍ଭରେ ଜିଲାପାଳ ସ୍ୱାଧାଦେବ ସିଂ ମନ୍ତ୍ରୀ ତଥା ଉପସ୍ଥିତ ସମସ୍ତ ପଦାଧିକାରୀମାନଙ୍କୁ ସ୍ୱାଗତ କରିଥିଲେ। ସମସ୍ତ ଅଧିକାରୀମାନଙ୍କୁ ନିଜ ବିଭାଗ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଉପରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ କଳାହାଣ୍ଡି ଏମପି ବସନ୍ତ ପଣ୍ଡା ଜିଲାର ବିଭିନ୍ନ ସମସ୍ୟା ଉପରେ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ ଜିଲା ବିଭିନ୍ନ ସମସ୍ୟା ଉପରେ ମନ୍ତ୍ରୀ ତଥା ଏମ୍‌ପିଙ୍କୁ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ, ନୂଆପଡା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ପ୍ରକଳ୍ପ ନିର୍ଦ୍ଦେଶିକା ମଧୁଛନ୍ଦା ସାହୁ, ଉପଜିଲାପାଳ ତରଣୀସେନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମନ୍ତ୍ରୀ ଯେଉଁ ଆକାଂକ୍ଷା ଜିଲାର ଯେଉଁ ସାଙ୍କେତିକ ଆଶାନୁରୂପ ସଫଳତା ପାଇନାହିଁ, ତାହା ଉପରେ ବିଶେଷ ଧ୍ୟାନ ଦେବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ନରେ ମନ୍ତ୍ରୀ ଜିଲାର ଅଣସରକାରୀ ସଙ୍ଗଠନ (ଏନଜିଓ) ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ସହିତ ଜିଲାରେ ଚାଲିଥିବା ବିଭିନ୍ନ ସରକାରୀ ଉନ୍ନୟନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଚାଲିଥିବା ସମସ୍ତ କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ଭାବେ ସାମିଲ ହୋଇ ଜିଲା ପ୍ରଶାସନକୁ ସହଯୋଗ କରିବା ଅନୁରୋଧ କରିଥିଲେ। ଶୁକ୍ରବାର କ୍ଷେତ୍ର ପରିଦର୍ଶନ କରିବେ। ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜିଲା ମୁଖ୍ୟ ଚିକିତ୍ସାଳୟ, ଅଙ୍ଗନୱାଡି କେନ୍ଦ୍ର, ସାରାବଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ଓ ରକ୍ତତୀର୍ଥ ସାଲିହାଠାରେ ଥିବା ସ୍ମୃତିସ୍ତମ୍ଭକୁ ଯାଇ ଦିବଙ୍ଗତ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବେ ଏବଂ ସାଲିହାସ୍ଥିତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି।

## ତହସିଲ ଅଫିସ୍ ସମ୍ମୁଖରେ ସ୍ପିଡ୍ ବ୍ରେକର ନିର୍ମାଣ ଦାବି

କୋକସରା,୨୮।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସର ବ୍ଲକ ଦେଇ ୨୬ ନଂ. ଜାତୀୟ ରାଜପଥ ଯାଇଛି। ବରଗଡ଼ରୁ ବରିଗୁମ୍ମାକୁ ସଂଯୋଗ କରୁଥିବା ଏହି ଜାତୀୟ ରାଜପଥରେ ପ୍ରତିଦିନ ହଜାର ହଜାର ଯାନବାହନ ଯିବାଆସିବା କରୁଛି। ଏହି ରାସ୍ତାରେ କୋକସରା ବ୍ଲକ କାର୍ଯ୍ୟାଳୟ, ତହସିଲ, ବ୍ୟାଙ୍କ, ସ୍କୁଲ, କଲେଜ ସମେତ ଡାକଘର ଆଦି ସଂଯୋଗ ରହିଛି। ପ୍ରତିଦିନ ଛାତ୍ରୀଛାତ୍ରମାନେ ସ୍କୁଲ, କଲେଜ ଓ ବିଭିନ୍ନ କାମ ପାଇଁ ସବୁବେଳେ ଏଠାରେ ଲୋକଙ୍କ ଭିଡ ଲାଗିଥାଏ। ଏହି ରାସ୍ତା ଉପରେ ଭାରି ଯାନବାହନ ଚଳାଚଳ ସହ ଦ୍ରୁତଗତି ଯୋଗୁ ଛୋଟବଡ ଦୁର୍ଘଟଣା ଘଟିଥିବା ନଜିର ରହିଛି। ଅନ୍ୟପଟେ ସ୍ପିଡ୍ ବ୍ରେକର ନ ଥିବାରୁ ପ୍ରତି ମୁହୂର୍ତ୍ତରେ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିକୁ ରଖି ଜତୀୟ ରାଜପଥ ବିଭାଗ କୋକସରା କଲେଜଛକ, ତହସିଲ ଓ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ସ୍ପିଡ୍ ବ୍ରେକର ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ୩ ଏମ୍‌ପି ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା


ନବାଗତ ୩ ଏମ୍‌ପି ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଜୁନାଗଡ,୨୮।୪(ଡି.ଏନ.ଏ.)

କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ବୁଧବାର ଜିଲାର ବିଭିନ୍ନ ବ୍ଲକ, ଏନ୍‌ଏସି ଓ ରୋଗୀ କଲ୍ୟାଣ ସମିତି ପାଇଁ ତାଙ୍କ ପ୍ରତିନିଧି ଘୋଷଣା କରିଛନ୍ତି। ଏଥିରେ ଜୁନାଗଡ ବ୍ଲକ ପାଇଁ ଚନ୍ଦ୍ରହାସ୍ୟ ବିଶ୍ୱାଳ, ଏନ୍‌ଏସି ପାଇଁ କାଳିନ୍ଦ୍ରୀ ପାଣିଗ୍ରାହୀ ଓ ଡାକ୍ତରଖାନା ରୋଗୀ କଲ୍ୟାଣ ସମିତି ପାଇଁ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକଙ୍କ ନାମ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ନବାଗତ ୩ ଏମ୍‌ପି ପ୍ରତିନିଧିଙ୍କୁ ଗୁରୁବାର ଜୁନାଗଡ ସହରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସମୟରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଜୁନାଗଡ ଏନ୍‌ଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ଜିଲା ଉପସଭାପତି କାଳି ପ୍ରସାଦ ରାୟଗୁରୁ, ସମ୍ପାଦକ ସତ୍ୟ ରଞ୍ଜନ ବେହେରା, ଯୁବ ମୋର୍ଚ୍ଚା ଉପସଭାପତି ଦିବ୍ୟ ଦୀପ, ଲକ୍ଷ୍ମୀ ନାରାୟଣ ବାଣୁଆ, ଶିଶିର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ଷୁଦ୍ର ଶସ୍ୟ ସଚେତନତା କାର୍ଯ୍ୟକ୍ରମ

ବୋଡେନ,୨୮।୪(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ମାଓବାଦୀ ପ୍ରବଣ ଧୋବଘାଟ ସାପ୍ତାହିକ ହାଟରେ ପଲ୍ଲି ବିକାଶ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଏକ ସଚେତନତା କ୍ଷୁଦ୍ର ଶସ୍ୟ ଚାଷ ସମ୍ବନ୍ଧିୟ ଏକ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡିଶା ମିଲେଟ ମିଶନ ପ୍ରୋଜେକ୍ଟର ବୋଡେନ ବ୍ଲକ ସଂଯୋଜକ ଭକ୍ତ ଚରଣ ବାଗ, ଗୋଷ୍ଠୀ ସାଧନ କର୍ମୀ ଭକାଲୁ ତାଣ୍ଡି, ଚିତ୍ରସେନ ସଲମା, ଯଶୋବନ୍ତ ବାଗ, ହେରମ୍ବ ବାଗ, ଏସ୍‌ପିପିଆଇଏଫ୍ ପ୍ରୋଜେକ୍ଟର ବୋଡେନ ବ୍ଲକ ସଂଯୋଜକ ଜୟକାନ୍ତ ଗହିର ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀଙ୍କୁ ମାଣ୍ଡିଆ, ବାଜରା ଆଦି କ୍ଷୁଦ୍ର ଚାଷ ପାଇଁ ସରକାରୀ ପ୍ରୋତ୍ସାହନ ଓ ସହାୟତା ଯୋଜନା ଉପରେ ବୁଝାଇଥିଲେ। ପାହାଡିଆ ଅଞ୍ଚଳରେ କମ୍ ବର୍ଷରେ ଚାଷ ହୋଇପାରୁଥିବା ଚାଷଗୁଡିକ ଉପରେ ଧ୍ୟାନ ଦେଇ ଅଧିକ ଲାଭ ପାଇବାକୁ ଯୋଜନା କରିବା ନେଇ ଆଲୋଚନା ହୋଇଥିଲା। ଆଲୋଚନାରେ ଭାଗ ନେଇ କୁଇମୁଣ୍ଡା ଗ୍ରାମର ଅକୁର ମାଝି ସୋଲାର ଚାଳିତ ପମ୍ପ ପାଇଁ ସରକାରୀ ସହାୟତା କରିବାକୁ କହିଥିବା ବେଳେ କାଠଫାର ଗ୍ରାମର ଶ୍ରୀଧର ପହରିଆ କୃଷି ଯନ୍ତ୍ରପାତି ସହାୟତା ପାଇଁ କହିଥିଲେ।


## ତହସିଲଦାରଙ୍କ କାର୍ଯ୍ୟାଳୟ, ଦିଗପହଣ୍ଡି (ଗଞ୍ଜାମ)

ଭୂ-ଅର୍ଜନ ପ୍ରକୋଷ୍ଠ (ଜାତୀୟ ରାଜପଥ)
ଭୂ-ଅର୍ଜନ ଅଧିକାରୀ (ଜାତୀୟ ରାଜପଥ-୩୨୬) ଓ କ୍ଷମତାପନ୍ନ ଅଧିକାରୀ, ଦିଗପହଣ୍ଡି

ବିଜ୍ଞପ୍ତି ସଂଖ୍ୟା: ୨୦୫୩ | ସର୍ବସାଧାରଣ ବିଜ୍ଞାପନ | ତା: ୨୭।୦୪।୨୦୨୨

No. F-36: ଜାତୀୟ ରାଜପଥ ଆଇନ ୧୯୫୬ (Act 48 of 1956)ରେ ଧାରା ୩ 'କ'ର ଉପଧାରା (୧) ୧୯୫୬ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଅଧିସୂଚନା ସଂଖ୍ୟା S.O. ୧୨୪୯ ତା ୨୨ ମାର୍ଚ୍ଚ ୨୦୨୨ରିଖ ଭାରତ ସରକାରଙ୍କ ରାଜପତ୍ର ସଂ. ୧୨୦୮ ତା୨୨।୦୩।୨୦୨୨ରିଖ ପ୍ରୋକ୍ତ ଆଇନର ଧାରା-୩(କ)ରେ ଉଲ୍ଲେଖିତ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟର ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଦିଗପହଣ୍ଡି ତହସିଲର ମୌଜା: ଚାଞ୍ଚଡ଼ାପଲ୍ଲୀର ରାଜପଥ ୩୨୬ର ଜମି ସମ୍ପ୍ରସାରଣ ପାଇଁ KM 22 to KM 27 ପର୍ଯ୍ୟନ୍ତ ଅଧିଗ୍ରହଣ କରିବାକୁ ସ୍ଥିରୀକୃତ କରି ଅଧିସୂଚନା ଜାରି ହୋଇଅଛି।

ଜମି ସମ୍ପ୍ରସାରଣ ସକାଶେ କୌଣସି ବ୍ୟକ୍ତିର ଆପତ୍ତି ଅଭିଯୋଗ ଥାଏ ତାହାହେଲେ ବିଜ୍ଞାପନ ପ୍ରକାଶନର ୨୧ଦିନ ମଧ୍ୟରେ ଧାରା ୩ ଉପଧାରା (୧) ପ୍ରକାରେ ଲିଖିତ ଭାବରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଦାଖଲ କରିବେ।

ପ୍ରତ୍ୟେକ ଆପତ୍ତି ଅଭିଯୋଗ ବିଚାର କରି ଓ ଅଭିଯୋଗର ଶୁଣାଣି କରି ଏବଂ ଯଥେଷ୍ଟ କାରଣ ଥିବା ଅଭିଯୋଗଗୁଡ଼ିକୁ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ପୁନଃ ତଦନ୍ତ କରାଯାଇ ପ୍ରକୃତ ହିତାଧିକାରୀଙ୍କ ଅଭିଯୋଗଗୁଡ଼ିକୁ ମଞ୍ଜୁର କିମ୍ବା ନାମଞ୍ଜୁର କରାଯିବ।

ଧାରା ୩ ଗ ଉପଧାରା (୨) ପ୍ରକାରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଶୁଣାଣି ହିଁ ସର୍ବଶେଷ ଶୁଣାଣି।

ସମ୍ପୃକ୍ତ ଜମିର ନକ୍ସା ଓ ଆନୁଷଙ୍ଗିକ କାଗଜାତ ଉକ୍ତ ତହସିଲରେ ଗଚ୍ଛିତ ଅଛି। ଇଚ୍ଛୁକ ଥିବା ବ୍ୟକ୍ତିମାନେ ଯଦି ଚାହାନ୍ତି ତାହା ହେଲେ କାର୍ଯ୍ୟାଳୟକୁ ଆସି ଦେଖିପାରିବେ।

### ଜମିର ବିବରଣୀ

ତଫସିଲଭୁକ୍ତ ଜମିର ସମ୍ପୂର୍ଣ୍ଣ ବିବରଣୀ ଯାହା କି ଜାତୀୟ ରାଜପଥ ୩୨୬ (KM 22 to KM 27) ଅଧିଗ୍ରହଣ ନିମନ୍ତେ ଆବଶ୍ୟକ ତାହା ନିମ୍ନରେ ଦର୍ଶାଇ ଦିଆଗଲା।

ତହସିଲ: ଦିଗପହଣ୍ଡି, ମୌଜା: ଚାଞ୍ଚଡ଼ାପଲ୍ଲୀ, ଜିଲ୍ଲା: ଗଞ୍ଜାମ, ରାଜ୍ୟ: ଓଡ଼ିଶା

| କ୍ର.ସଂ. | ସର୍ଭେ ନଂ. | ଜମିର ପ୍ରକାର | ଜମିର କିସମ | ଜମିର ରକବା ଏକର | ଜମିର ହେକ୍ଟର |
|---|---|---|---|---|---|
| ୧ | ୩୦୧୬ | ବେସରକାରୀ | ବିଲ ଜଳସେଚିତ ଦୋଫସଲି | ୦.୦୧୬୦୦୦୦ | ୦.୦୦୬୪୭୫୧ |
| ୨ | ୩୦୨୦ | ବେସରକାରୀ | ବିଲ ଜଳସେଚିତ ଦୋଫସଲି | ୦.୦୦୨୦୦୦୦ | ୦.୦୦୦୮୦୯୪ |
| ୩ | ୩୦୨୦/ ୩୬୫୫ | ବେସରକାରୀ | ବିଲ ଜଳସେଚିତ ଦୋଫସଲି | ୦.୦୦୨୦୦୦୦ | ୦.୦୦୦୮୦୯୪ |
| ୪ | ୩୦୨୦/ ୩୭୦୦ | ବେସରକାରୀ | ବିଲ ଜଳସେଚିତ ଦୋଫସଲି | ୦.୦୦୩୦୦୦୦ | ୦.୦୦୧୨୧୪୧ |
| ୫ | ୩୦୨୦/ ୩୭୧୨ | ବେସରକାରୀ | ବିଲ ଜଳସେଚିତ ଦୋଫସଲି | ୦.୦୦୫୦୦୦୦ | ୦.୦୦୨୦୨୩୫ |
| ୬ | ୩୦୨୧/ ୩୭୭୪ | ବେସରକାରୀ | ବିଲ ଜଳସେଚିତ ଦୋଫସଲି | ୦.୦୦୭୦୦୦୦ | ୦.୦୦୨୮୩୨୯ |
| ୭ | ୩୨୮୦ | ବେସରକାରୀ | ବିଲ ଜଳସେଚିତ ଦୋଫସଲି | ୦.୦୦୪୦୦୦୦ | ୦.୦୦୧୬୧୮୮ |
| ୮ | ୩୨୮୧ | ବେସରକାରୀ | ବିଲ ଜଳସେଚିତ ଦୋଫସଲି | ୦.୦୧୩୦୦୦୦ | ୦.୦୦୫୨୬୧୦ |
| ୯ | ୩୨୮୨ | ବେସରକାରୀ | ବିଲ ଜଳସେଚିତ ଦୋଫସଲି | ୦.୦୩୩୦୦୦୦ | ୦.୦୧୩୩୫୪୯ |
| ୧୦ | ୩୨୮୩ | ବେସରକାରୀ | ବିଲ ଜଳସେଚିତ ଦୋଫସଲି | ୦.୦୩୫୦୦୦୦ | ୦.୦୧୪୧୬୪୩ |
| ୧୧ | ୩୨୮୩/ ୩୫୧୨ | ବେସରକାରୀ | ବିଲ ଜଳସେଚିତ ଦୋଫସଲି | ୦.୦୦୮୦୦୦୦ | ୦.୦୦୩୨୩୭୬ |
| | | | ମୋଟ ରକବା | ୦.୧୨୮୦ | ୦.୦୫୧୮ |

ସ୍ୱା./- ସିପକ୍ କୁମାର ପାତ୍ର
ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ ଓ କ୍ଷମତା ପନ୍ନ ଅଧିକାରୀ, ଭୂ-ଅର୍ଜନ ପ୍ରକୋଷ୍ଠ (ଜାତୀୟ ରାଜପଥ - ୩୨୬)
ପ୍ରକଳ୍ପ, ଦିଗପହଣ୍ଡି
OIPR-24206/11/0001/2223



## BHUBANESWAR DEVELOPMENT AUTHORITY

AKASH SHOVA BUILDING,
JAWAHARLAL NEHRU MARG, BHUBANESWAR - 751001
Visit us at: https://www.bda.gov.in

### INVITATION FOR BIDS

Bid Identification No. 405/EM/BDA/2022-23 Date: 28.04.2022

No. CAD-351: The Engineer Member, BDA on behalf of Bhubaneswar Development Authority, Bhubaneswar invites percentage rate bids in Double Cover System in ONLINE MODE only from the eligible bidders for Road Work as mentioned below.

1. Name of work : Road works
2. Total No. of work : 02 (Two) Nos.
3. Estimated cost : Rs.132.70 lakh to Rs.395.58 lakh
4. Class of Contractor : 'B' & 'A' Class
5. Period of Completion : 06 (Six) months to 09 (Nine) months
6. Cost of Bid documents for each work : Rs.10,000.00 + 12% GST = Rs.11,200.00
7. Earnest Money Deposit (EMD): Bid Security Declaration
8. Availability of Tender : From 04.05.2022 to 5.00 P.M. of 17.05.2022 in the website
9. Place of opening of tender : As per IFB

Further details can be seen from the website: https://tendersodisha.gov.in as well as in BDA website: https://bda.gov.in. Any addendum/ corrigendum/cancellation of tender can also be seen in the said website.

Sd./- Engineer Member,
BDA, Bhubaneswar
OIPR-13033/11/0045/2223



## CHIEF DISTRICT MEDICAL & PUBLIC HEALTH OFFICER cum DISTRICT MISSION DIRECTOR, NHM,SUBARNAPUR (ZILLA SWASTHYA SAMITI, SUBARNAPUR)

Advt. Letter No.136, Date:28.04.2022

### Tender Call Notice for Disposal of Out of service EMAS Ambulances (108)

No.E-38:Sealed tenders are invited for disposal of condemned EMAS Ambulances lying at different locations of the district/outside district. Intending bidders may obtain Tender paper containing Terms & conditions, detail of vehicles and its location in the district website i.e. www.Subarnapur.nic.in. Also they may inspect the said Ambulances to be disposed off in "as is where is conditions" on any working day during office hours at the designated locations. The filled in Formats (Annexure-1 to 3) should be submitted as single sealed envelope subscribing at the top of the envelope "TENDER FOR DISPOSAL OF CONDEMNED AMBULANCES (108)" to the CDM & PHO cum DMD, SUBARNAPUR on or before 10.05.2022 by Regd post/ Speed post/Courier by 5 PM and the same will be opened on the next day 11.05.2022 at 10.00 AM. The authority reserves the right to cancel or rejects any or all Tender without assigning any reason thereof.

SD./-CDM & PHO CUM DMD, SUBARNAPUR
OIPR-10118/11/0002/2223



## ଜଳେଶ୍ୱର ପୌର କାର୍ଯ୍ୟାଳୟ, ଜଳେଶ୍ୱର
Office of the Jaleswar Municipality, Jaleswar
Dist:Balasore,Odisha-756032
Ph:(06781)222407, E-mail:jaleswarmunicipality@gmail.com

No........... ବିଜ୍ଞାପନ Date.............

No.C-169:ଏତଦ୍ୱାରା ଜଳେଶ୍ୱର ପୌରପାଳିକାରେ ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ ବର୍ଜ୍ୟ ବସ୍ତୁ ଉଠାଇବା ନିମନ୍ତେ ବ୍ୟାଟେରୀ ଚାଳିତ ଯାନ ଚଳାଇବା ପାଇଁ ପରିଷଦ ଇଲାକା ମଧ୍ୟରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ଆଞ୍ଚଳିକ ମହାସଂଘମାନଙ୍କ ନିକଟରୁ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି । ଆବେଦନ ନିମନ୍ତେ ନିମ୍ନଲିଖିତ ଯୋଗ୍ୟତା ଆବଶ୍ୟକ

୧। ପ୍ରାର୍ଥୀନୀଙ୍କର ବୟସ ୧୮ ରୁ ୪୫ ବର୍ଷ ମଧ୍ୟରେ ହୋଇଥିବ ।
୨। ପ୍ରାର୍ଥୀନୀ ଏକ ସାଦା କାଗଜରେ କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ଆଞ୍ଚଳିକ ମହାସଂଘ ମାଧ୍ୟମରେ ଆବେଦନ କରିପାରିବେ ।
୩। ପ୍ରାର୍ଥୀନୀ ବ୍ୟାଟେରୀଯାନ ଚଳାଇବାର ଅଭିଜ୍ଞତା ଥିବ ।
୪। ପୌର ସଂସ୍ଥା ଅଧୀନରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ଆଞ୍ଚଳିକ ମହାସଂଘର ସଦସ୍ୟତା ପ୍ରମାଣପତ୍ର ଏବଂ ଘୋଷଣାନାମା ପ୍ରଦାନ କରିବେ ।
୫। ଆବେଦନକାରୀ ସ୍ୱଚ୍ଛତା ଓ ପରିମଳ କାର୍ଯ୍ୟ କରିବା ପାଇଁ ଆଗ୍ରହୀ ଥିବେ ।
୬। ସ୍ୱଚ୍ଛତା ଓ ପରିମଳ କାର୍ଯ୍ୟ କରିବା ପାଇଁ ସମୟ ବିନିଯୋଗ କରିପାରୁଥିବେ ।
୭। କୌଣସି ଫୌଜଦାରୀ ମକଦ୍ଦମା ନ ଥିବ କିମ୍ବା କୌଣସି ଅପରାଧ ବା ହତ୍ୟା ଅଭିଯୋଗ କିମ୍ବା ସମ୍ପୃକ୍ତି ନ ଥିବେ ।
୮। ପରିଷଦ ଦ୍ୱାରା ସମସ୍ତ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିପାରୁଥିବେ ।

ଦରଖାସ୍ତ ତା.୦୭.୦୫.୨୦୨୨ ରିଖ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ବ୍ୟକ୍ତିଗତ/ସ୍ପୀଡ ପୋଷ୍ଟ ମାଧ୍ୟମରେ ପହଞ୍ଚିବା ଆବଶ୍ୟକ । ଏହାପରେ କୌଣସି ଦରଖାସ୍ତ କିମ୍ବା କୌଣସି ଆପତ୍ତି ଗ୍ରହଣ କରାଯିବ ନାହିଁ ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ,ପୌରପରିଷଦ, ଜଳେଶ୍ୱର
OIPR-13126/11/0001/2223



## GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
SAMBALPUR IRRIGATION DIVISION, SAMBALPUR
E-mail id-sidsambalpur@gmail.com
e-Procurement Notice No. SESID-01/2022-23
Bid Identification No. SESID-01(01)/2022-23 to SESID-01(16)/2022-23

No. 932 Date:- 25/04/2022

No.A-105:Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in complete online process only.

| | | | |
|---|---|---|---|
| 1 | Nature of Works | : | Canal Works |
| 2 | Nos. of works | : | 16 (Sixteen) |
| 3 | Bid Identification No. | : | SESID-01(01)/2022-23 to SESID-01(16)/2022-23 |
| 4 | Estimated Cost | : | 6.93 Lakhs to 16.07 Lakhs |
| 5 | Earnest Money Deposit | : | Referred to DTCN |
| 6 | Cost of Tender Paper | : | Referred to DTCN |
| 7 | Period of Completion | : | Referred to DTCN |
| 8 | Date and Time of availability of Bid Document in the Portal | : | Dt: 30.04.2022 at 11.00 A.M. to Dt: 10.05.2022 upto 17.00 P.M. |
| 9 | Last Date / Time for receipt of Bids in the Portal | : | Dt: 10.05.2022 upto 17.00 P.M. |
| 10 | Date of Bid opening | : | Dt: 11.05.2022 at 11.00 A.M. |
| 11 | Clarification seeking date | : | Dt: 30.04.2022 at 11.00 A.M. to 10.05.2022 at 17.00 P.M. |
| 12 | Date of Lottery (if required) | : | Dt:17.05.2022 at 10.00 hours in the O/o. Superintending Engineer, Sambalpur Irrigation Division, Sambalpur |

Further details can be seen from the e-procurement portal https://tendersodisha.gov.in.Any addendum/ corrigendum/ cancellation of tender can also be seen in said website.

Sd./- Superintending Engineer
Sambalpur Irrigation Division, Sambalpur
OIPR-32129/11/0003/2223

ବିସିସିଆଇର ଘରୋଇ ପ୍ରତିଯୋଗିତା ମଧ୍ୟରେ ରଣଜୀ ଟ୍ରଫି, ଦୁଲୀପ ଟ୍ରଫି, ଦେଓଧର ଟ୍ରଫି, ବିଜୟ ହଜାରେ ଟ୍ରଫି, ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି, ସିନିୟର ଓମେନ୍ସ ଚ୍ୟାଲେଞ୍ଜ ଟ୍ରଫି ଆଦି ଅନ୍ୟତମ ।

# ଘରୋଇ କ୍ରିକେଟ



ନିର୍ମଳ କୁମାର ମିଶ୍ର

ତୃଣମୂଳସ୍ତରରୁ ପ୍ରତିଭା ଅନୁସନ୍ଧାନ ସହ ଖେଳାଳିଙ୍କୁ ଭବିଷ୍ୟତର ତାରକାଭାବେ ଗଢ଼ିତୋଳିବାରେ ଘରୋଇ କ୍ରିକେଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ଦ୍ୱାରା ଅନୁମୋଦିତ ବିଭିନ୍ନ ବର୍ଗର କ୍ରିକେଟ ପ୍ରତିଯୋଗିତା ରାଜ୍ୟ ଆସୋସିଏଶନଗୁଡ଼ିକ ଆୟୋଜନ କରିଥାନ୍ତି। ବିସିସିଆଇର ଘରୋଇ ପ୍ରତିଯୋଗିତା ମଧ୍ୟରେ ରଣଜୀ ଟ୍ରଫି, ଦୁଲୀପ ଟ୍ରଫି, ଦେଓଧର ଟ୍ରଫି, ବିଜୟ ହଜାରେ ଟ୍ରଫି, ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି, ସିନିୟର ଓମେନ୍ସ ଚ୍ୟାଲେଞ୍ଜ ଟ୍ରଫି ଆଦି ଅନ୍ୟତମ। ରଣଜୀ ଟ୍ରଫି ଭାରତୀୟ କ୍ରିକେଟର ସର୍ବୋଚ୍ଚ ଟୁର୍ନାମେଣ୍ଟ ଯାହାକି ୧୯୩୪ ମସିହାରୁ ଆରମ୍ଭ ହୋଇଥିଲା। ରଣଜିତ ସିଂଙ୍କ ପରି ମହାନ୍ କ୍ରିକେଟରଙ୍କ ନାମରେ ଏହି ପ୍ରତିଯୋଗିତା ନାମିତ। ଚଳିତ ସିଜନରେ ଲିଗ୍ ପର୍ଯ୍ୟାୟ ଶେଷ ହୋଇଥିବାବେଳେ ନକ୍‌ଆଉଟ ମ୍ୟାଚଗୁଡ଼ିକ ଆଇପିଏଲ୍-୧୫ ପରେ ଅନୁଷ୍ଠିତ ହେବ।



ଦୁଲୀପ ଟ୍ରଫି ହେଉଛି ପ୍ରଥମ ଶ୍ରେଣୀ କ୍ରିକେଟ ଚାମ୍ପିୟନଶିପ୍ ଯାହାକି ବିଭିନ୍ନ ଜୋନ୍ ଆଧାରରେ ୧୯୬୧ ମସିହାରୁ ଖେଳାଯାଇ ଆସୁଛି। ୨୦୧୫-୧୬ ସିଜନ ପରେ ଖେଳାଳିଙ୍କୁ ଅଧିକ ସୁଯୋଗ ଦେବା ପାଇଁ ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ଖେଳାଯାଉଛି। ସେହିପରି ବିଜୟ ହଜାରେ ଟ୍ରଫି ହେଉଛି ଏକଦିବସୀୟ ଫର୍ମାଟ୍‌ର ଶ୍ରେଷ୍ଠ ଟୁର୍ନାମେଣ୍ଟ। ଏହି ସୀମିତ ଓଭର ଟୁର୍ନାମେଣ୍ଟ ୨୦୦୩-୦୪ ସିଜନରୁ ଆରମ୍ଭ କରାଯାଇଥିଲା। ଟୁର୍ନାମେଣ୍ଟ ରାଉଣ୍ଡ ରବିନ ଏବଂ ନକ୍‌ଆଉଟ ପଦ୍ଧତିରେ ଖେଳାଯାଇଥାଏ। ଅନ୍ୟତମ ଶ୍ରେଷ୍ଠ ପ୍ରତିଯୋଗିତା ଦେଓଧର ଟ୍ରଫି। ବିସିସିଆଇ ଦ୍ୱାରା ପରିଚାଳିତ ଏହି ଟୁର୍ନାମେଣ୍ଟ ଲିଷ୍ଟ-ଏ କାଟେଗୋରି ଭାବେ ପରିଗଣିତ ହୋଇଆସୁଛି। ଭାରତୀୟ କ୍ରିକେଟ କିମ୍ବଦନ୍ତୀ ବି.ଡି. ଦେଓଧରଙ୍କ ନାମରେ ଏହି ପ୍ରତିଯୋଗିତା ନକ୍ ଆଉଟ ପଦ୍ଧତିରେ ୫୦ଓଭରବିଶିଷ୍ଟ ଫର୍ମାଟ୍‌ରେ ୧୯୭୩-୭୪ରୁ ସଫଳତାର ସହିତ ଆୟୋଜନ ହୋଇଆସୁଛି। ଇରାନୀ ଟ୍ରଫି ୧୯୫୯-୬୦ ମସିହାରୁ ଭାରତୀୟ ରଣଜୀ ଟ୍ରଫିର ୨୫ବର୍ଷ ପୂର୍ତ୍ତି ଅବସରରେ ଆରମ୍ଭ କରାଯାଇଥିଲା। ଜାତୀୟ ଦଳର ଖେଳାଳି ଚୟନ ପ୍ରକ୍ରିୟାରେ ଏହି ଟୁର୍ନାମେଣ୍ଟର ପ୍ରମୁଖ ଭୂମିକା ରହିଥାଏ। ଏହି ଟୁର୍ନାମେଣ୍ଟ ପ୍ରତିବର୍ଷର ରଣଜୀ ଟ୍ରଫି ଚାମ୍ପିୟନ ଏବଂ ଅବଶିଷ୍ଟ ଭାରତୀୟ ଏକାଦଶ ଖେଳାଳିମାନଙ୍କୁ ନେଇ ହୋଇଆସୁଛି। ପ୍ରଥମ ଭାରତୀୟଭାବେ ବିଦେଶ ମାଟିରେ ଶତକ ଅର୍ଜନ କରିଥିବା ସୟଦ ମୁସ୍ତାକ ଅଲ୍ଲୀଙ୍କ ନାମରେ ଟି୨୦ କ୍ରିକେଟ ଟୁର୍ନାମେଣ୍ଟକୁ ନାମିତ କରାଯାଇଛି। ୨୦୦୬-୦୭ରୁ ଏହା ଆରମ୍ଭ ହୋଇଥିଲା। ଟି୨୦ ଫର୍ମାଟ୍‌ର ଶ୍ରେଷ୍ଠ ପ୍ରଫେଶନାଲ ଲିଗ୍ ହେଲା ଇଣ୍ଡିଆନ ପ୍ରିମିୟର ଲିଗ୍। ବିସିସିଆଇ ମହିଳା କ୍ରିକେଟକୁ ମଧ୍ୟ ପ୍ରାଧାନ୍ୟ ଦେଉଛି। ଫଳରେ ସିନିୟର ଓମେନ୍ସ ଚ୍ୟାଲେଞ୍ଜର ଟ୍ରଫି ନାମରେ ଲିଷ୍ଟ-ଏ ଟୁର୍ନାମେଣ୍ଟ ଖେଳା ଯାଉଛି। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆସନ୍ତା ସିଜନ ପାଇଁ ତା'ର ପ୍ରସ୍ତୁତି ରାଜ୍ୟର ସର୍ବୋଚ୍ଚ ପ୍ରତିଯୋଗିତା କଳାହାଣ୍ଡି କପରୁ ଆରମ୍ଭ କରିଛି। ଏପ୍ରିଲ ଦ୍ୱିତୀୟ ସପ୍ତାହରୁ ଏହି ପ୍ରତିଯୋଗିତା ଦୁଇ ମେଟ୍ରୋ ସିଟି କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଆୟୋଜନ ହେଉଛି।



ରୁଦ୍ର ପ୍ରସନ୍ନ ରଥ





# ସ୍ପିଡ୍‌ଷ୍ଟର ଉମରାନ

ଅତୀତରେ ଭାରତରେ କେବଳ ମଧ୍ୟମ ଦ୍ରୁତଗାମୀ ବୋଲର ଥିଲେ, ଯେଉଁମାନେ ୧୩୦ରୁ ୧୪୦ କି.ମି. ବେଗରେ ବୋଲିଂ କରୁଥିଲେ ଏବଂ ସୁଇଂ ଉପରେ ଭରସା କରୁଥିଲେ । ଏବେ କିନ୍ତୁ ଭାରତୀୟ ବୋଲରମାନେ କେବଳ ସୁଇଂ ଉପରେ ନୁହେଁ ବରଂ ଗତି ଉପରେ ମଧ୍ୟ ଭରସା କଲେଣି, ଯାହାର ସଦ୍ୟତମ ଉଦାହରଣ ହେଉଛନ୍ତି ଉମରାନ ମଲିକ୍ ।

ସେ ଏମିତି ଜଣେ ବୋଲର ଯିଏ ନିଜ ମୋଟ୍ ବୋଲିଂର ୯୦ ପ୍ରତିଶତ ବଲକୁ ୧୪୦ କିଲୋମିଟରରୁ ଅଧିକ ବେଗରେ ପକାଇ ପାରନ୍ତି। ସେ ଏମିତି ରାଜ୍ୟରୁ ଆସିଛନ୍ତି, ଯେଉଁଠାରେ କ୍ରିକେଟ ତ ଖେଳାଯାଏ ହେଲେ କ୍ରିକେଟ ବ୍ୟତୀତ ଅନ୍ୟ କାରଣ ପାଇଁ ଦେଶ ଏବଂ ବିଦେଶରେ ଚର୍ଚ୍ଚାରେ ଥାଏ। ସେ ଏମିତି ବୋଲିଂ କରୁଛନ୍ତି, ଯାହାକୁ ଖେଳିବାକୁ ଅନ୍ୟମାନଙ୍କୁ ବେଶ୍ କଷ୍ଟକରିବାକୁ ପଡ଼େ। ଆଉ ଶେଷରେ କହିବାକୁ ଗଲେ ସେ ନିଜର ପ୍ରତିଭା, ପ୍ରଦର୍ଶନ ବଳରେ ଏମିତି ଏକ ପରିଚୟ ସୃଷ୍ଟି କରିବା ଆରମ୍ଭ କରିଛନ୍ତି, ଯାହା ଧୀରେ ଧୀରେ ଅନ୍ୟମାନଙ୍କର ଦୃଷ୍ଟିଆକର୍ଷଣ କରିବାରେ ଲାଗିଛି। ଏବେ ଆଇପିଏଲ୍‌ରେ ସନ୍ ରାଇଜର୍ସ ହାଇଦ୍ରାବାଦ ତରଫରୁ ଦ୍ରୁତ ବୋଲିଂ କରି ଭାରତୀୟ କ୍ରିକେଟ ପାଇଁ ସମ୍ଭାବନାର ନୂଆ ଆଶା ସୃଷ୍ଟି କରିଥିବା ଜମ୍ମୁ ଏବଂ କଶ୍ମୀରର ଉମରାନ ମଲ୍ଲିକ୍‌ଙ୍କ କଥା ହିଁ କହୁଛୁ। ବୟସ ମାତ୍ର ୨୨ବର୍ଷ। ଆଉ ଗତ କିଛିବର୍ଷ ମଧ୍ୟରେ ସେ ଆଇପିଏଲ୍‌ରେ ନିଜର ନୂଆ ପରିଚୟ ସୃଷ୍ଟି କରିଛନ୍ତି କହିଲେ ଭୁଲ୍ ହେବ ନାହିଁ।

ଜମ୍ମୁର ସାହେବୀ ଚୌକରେ ଫଳ ଦୋକାନ କରିଥିବା ଅବଦୁଲ ରସିଦଙ୍କ ପୁଅ ହେଉଛନ୍ତି ଉମରାନ। ୨୦୨୧ରେ ସେ ରାଜ୍ୟସ୍ତରୀୟ କ୍ରିକେଟ୍‌ରୁ କ୍ୟାରିୟର ଆରମ୍ଭ କରିଥିଲେ। ଜାତୀୟ ସ୍ତରରେ କ୍ରିକେଟ ଖେଳର ଆରମ୍ଭକୁ ଦୁଇବର୍ଷ ହୋଇନାହିଁ। ଅଥଚ ସେ ଏବେ ଗଣମାଧ୍ୟମର ଶିରୋନାମା ଆବୋରି ବସିବାକୁ ଲାଗିଲେଣି। ତାଙ୍କୁ ଆଗାମୀ ଦିନରେ ଭାରତୀୟ କ୍ରିକେଟ୍‌ର ସ୍ପିଡ୍‌ଷ୍ଟର ବୋଲି କୁହାଯାଉଛି। ତାଙ୍କ ରିଷ୍ଟ ମାଧ୍ୟମରେ ଭାରତୀୟଙ୍କର ବହୁତ ସ୍ୱପ୍ନ ସାକାର ହେବ ବୋଲି ଅନେକେ ଆଶାବାଦୀ। ଅତୀତରେ ଭାରତରେ କେବଳ ମଧ୍ୟମ ଦ୍ରୁତଗାମୀ ବୋଲର ଥିଲେ, ଯେଉଁମାନେ ୧୩୦ରୁ ୧୪୦ କିମି ବେଗରେ ବୋଲିଂ କରୁଥିଲେ ଏବଂ ସୁଇଂ ଉପରେ ଭରସା କରୁଥିଲେ । ଏବେ କିନ୍ତୁ ଭାରତୀୟ ବୋଲରମାନେ କେବଳ ସୁଇଂ ଉପରେ ନୁହେଁ ବରଂ ଗତି ଉପରେ ମଧ୍ୟ ଭରସା କରିବା ଆରମ୍ଭ କଲେଣ, ଯାହାର ସଦ୍ୟତମ ଉଦାହରଣ ହେଉଛନ୍ତି ଉମରାନ।

ଭାରତୀୟ ପେସ୍ ବାହିନୀ ଗତ କିଛିବର୍ଷ ମଧ୍ୟରେ ବିଦେଶରେ ବେଶ୍ ସଫଳ ହୋଇଛି। ଏହାର କାରଣ ହେଉଛି ଯେ ଏକାଧିକ ପ୍ରତିଭାବାନ ଖେଳାଳି ଭାରତୀୟ ଦଳରେ ଅଛନ୍ତି। ଏବେ ଦଳରେ ରହିବା ପାଇଁ ପ୍ରତିଯୋଗିତା ଏତେ ଜୋରଦାର ଯେ ନିୟମିତ ବୋଲର ଭାବେ ଉମେଶ ଯାଦବ ଆଉ ଇଶାନ୍ତ ଶର୍ମା ସ୍ଥାନ ପାଇ ପାରୁନାହାନ୍ତି। ଯଶପ୍ରୀତ୍ ବୁମରା, ମହମ୍ମଦ ଶାମୀ, ଭୁବନେଶ୍ୱର କୁମାର ଦଳରେ ଖେଳୁଛନ୍ତି। ଇଶାନ୍ତ ଶର୍ମା ଏବେ କ୍ୟାରିୟରର ଶେଷ ପର୍ଯ୍ୟାୟରେ ପହଁଚିଛନ୍ତି। ଭୁବନେଶ୍ୱର କୁମାର ଭଲ ବୋଲିଂ କରୁଥିଲେ ବି ତାଙ୍କ ବଲରେ ଗତି ନ ଥାଏ। ଉମେଶ ଯାଦବ ନିୟମିତ ମ୍ୟାଚ୍ ଖେଳିବାକୁ ସୁଯୋଗ ପାଆନ୍ତି ନାହିଁ। ଆଉ ଉଭୟ ଏକ ଦିବସୀୟ ଆଉ ଟେଷ୍ଟରେ ଦଳର ମୁଖ୍ୟ ବୋଲର ବୁମରା ଯାହାଙ୍କ ଉପରେ ଅତ୍ୟଧିକ ଚାପ ପଡୁଛି। ହର୍ଶଲ ପଟେଲ, ଶାର୍ଦ୍ଦୂଳ ଠାକୁର ଟି୨୦ ଫର୍ମାଟ୍‌ରେ ମୁଖ୍ୟ ବୋଲର ହୋଇଥିବା ବେଳେ ଉମରାନଙ୍କ ଆବିର୍ଭାବ ଭାରତୀୟ କ୍ରିକେଟ ଚୟନକର୍ତ୍ତାଙ୍କ ଚାପ ବଢ଼ାଇବ। ଉମରାନ ଚଳିତ ଆଇପିଏଲ୍‌ରେ ବର୍ତ୍ତମାନ ସୁଦ୍ଧା ୧୫ଟି ଉଇକେଟ ନେଇ ସାରିଲେଣି। ଗତ ୨୭ ତାରିଖରେ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ୫ ଉଇକେଟ ସଫଳତା ତାଙ୍କ କ୍ୟାରିୟରକୁ ଭିନ୍ନ ଏକ ସୋପାନରେ ପହଞ୍ଚାଇଛି। ଉମରାନଙ୍କ ବଲରେ ଗତି ଅଛି ଆଉ ବାଉନ୍ସ ବି। ଏହା ବିପକ୍ଷର ବ୍ୟାଟରଙ୍କୁ ଚକମା ଦେଉଛି ଓ ଚକିତ କରୁଛି। ଶଟ୍‌କୁ ଠିକ୍‌ଭାବେ ଖେଳିବାକୁ ନା ସମୟ ଦେଉଛି ନା ସୁଯୋଗ । ଏହି ବର୍ଷ ଆଇପିଏଲ୍‌ରେ ମୁମ୍ବାଇର ଶୋଚନୀୟ ପ୍ରଦର୍ଶନ ଏବଂ ଉମରାନଙ୍କର ନିଃଶ୍ୱାସ ନେବାକୁ ସୁଯୋଗ ଦେଉ ନ ଥିବା ବୋଲିଂ ହିଁ ଆଲୋଚନାର ଶୀର୍ଷକ ପାଲଟିଛି। ଏହି ବୋଲର ଦିନେ ନା ଦିନେ ଭାରତୀୟ ଜାତୀୟ ଦଳରେ ନିଶ୍ଚୟ ଖେଳିବେ ତାହା ଜଣା ପଡ଼ିଗଲାଣି। ସେ ଖେଳୁଥିବା ଆଇପିଏଲ୍ ଦଳ ସନ୍ ରାଇଜର୍ସ ହାଇଦ୍ରାବାଦର ବୋଲିଂ କୋଚ୍ ଦକ୍ଷିଣ ଆଫ୍ରିକାର ପୂର୍ବତନ ସ୍ପିଡ୍‌ଷ୍ଟର ଡେଲ ଷ୍ଟେନ୍‌ଙ୍କ ମତରେ ସେ ଭାରତୀୟ କ୍ରିକେଟ୍‌ର ଭବିଷ୍ୟତ। ସେ ଯେହେତୁ ନିୟମିତ ଘଣ୍ଟାପ୍ରତି ୧୪୫ରୁ ୧୫୦ କିମି ବେଗରେ ବଲ ପକାଉଛନ୍ତି ଭାରତ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ଖେଳିବା ଏକ ପ୍ରକାର ନିଶ୍ଚିତ।

ଉମରାନ ୨୦୨୧ରେ ଜମ୍ମୁ ଏବଂ କଶ୍ମୀର ପକ୍ଷରୁ ଖେଳିଥିଲେ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି। ପୁଣି ସେ ମଧ୍ୟ ଖେଳିଥିଲେ ବିଜୟ ହଜାରେ ଟ୍ରଫି। ମାତ୍ର ୬ମାସ ତଳେ ସେ ଭାରତ 'ଏ' ତରଫରୁ ଖେଳିବା ପାଇଁ ଦକ୍ଷିଣ ଆଫ୍ରିକା ମଧ୍ୟ ଯାଇଥିଲେ। ଘରୋଇ କ୍ରିକେଟ ପ୍ରଦର୍ଶନ ଆଉ ତାଙ୍କ ବୋଲିଂ ଶୈଳୀରେ ପ୍ରଭାବିତ କରି ସେ ଆସିଥିଲେ ସନ୍ ରାଇଜର୍ସ ଦଳକୁ ଜଣେ ନେଟ୍ ବୋଲର ଭାବେ। ୨୦୨୧ ସଂସ୍କରଣରେ ସେ ନିଜର ଆଇପିଏଲ୍ କ୍ୟାରିୟର ଆରମ୍ଭ କରିଥିଲେ। ୨୦୨୨ ସଂସ୍କରଣରେ ସେ ୪ କୋଟି ଟଙ୍କାରେ କିଣାଯାଇଛନ୍ତି ସନ୍ ରାଇଜର୍ସ ଦଳପାଇଁ। ଆଉ ଏଥର ନିଜର ଅଗ୍ନିବର୍ଷୀ ବୋଲିଂ ବଳରେ ସେ ନିଜ ଦକ୍ଷତା ଦେଖାଇବା ସହ ବିପକ୍ଷ ବ୍ୟାଟରଙ୍କ ପାଇଁ ଆତଙ୍କର କାରଣ ସାଜୁଛନ୍ତି। ଯାହା ଲାଗୁଛି ଆଇପିଏଲ୍ ପ୍ରଦର୍ଶନ ବଳରେ ସେ ସିଧାସଳଖ ଭାରତୀୟ ଦଳକୁ ଆସିବେ ଏବଂ ୨୦୨୨ରେ ଅଷ୍ଟ୍ରେଲିଆରେ ହେବାକୁ ଥିବା ଟି୨୦ ବିଶ୍ୱକପରେ ସେ ବୁମରାଙ୍କ ସହ ଭାରତୀୟ ବୋଲିଂ ବାହିନୀର ଦାୟିତ୍ୱ ସମ୍ଭାଳିବେ। ଅଷ୍ଟ୍ରେଲିଆର ପେସ୍ ଏବଂ ବାଉନ୍ସି ପିଚ୍ ତାଙ୍କ ଦ୍ରୁତ ବୋଲିଂକୁ ବେଶ୍ ସହାୟକ ହେବ।

ନିଜ କ୍ୟାରିୟରର ଆରମ୍ଭ ବେଶ୍ ଜୋରଦାର ଢଙ୍ଗରେ କରିଛନ୍ତି ଉମରାନ। ଯଦି ଫିଜିକାଲ ଫିଟ୍‌ନେସ୍ ଏବଂ ଦକ୍ଷତା ଠିକ୍ ରହିଲା ସେ ନିଜକୁ ଲମ୍ବା ରେସ୍‌ର ଘୋଡ଼ା ବୋଲି ସହଜରେ ପ୍ରତିପାଦିତ କରିପାରିବେ। ଏବେ କେବଳ ସୁଯୋଗକୁ ଅପେକ୍ଷା।

## ଉମରାନଙ୍କ କ୍ୟାରିୟର

| ଫର୍ମାଟ | ମ୍ୟାଚ | ଇନିଂସ | ବଲ୍ | ରନ | ଉଇକେଟ | ଶ୍ରେଷ୍ଠ ବୋଲିଂ |
|---|---|---|---|---|---|---|
| ପ୍ରଥମଶ୍ରେଣୀ | ୩ | ୫ | ୩୪୮ | ୨୮୯ | ୭ | ୩/୮୯ |
| ଲିଷ୍ଟ-ଏ | ୧ | ୧ | ୬୦ | ୯୮ | ୧ | ୧/୯୮ |
| ଟି୨୦ | ୧୬ | ୧୬ | ୩୭୨ | ୫୧୨ | ୨୬ | ୫/୨୫ |
| ଆଇପିଏଲ୍ | ୧୧ | ୧୧ | ୨୫୨ | ୩୩୫ | ୧୭ | ୫/୨୫ |

ଓଡ଼ିଶାର କିମ୍ବଦନ୍ତୀ କ୍ରୀଡ଼ାବିତ୍ (୩)

# ଅରୂପାନନ୍ଦ ରାଉତରାୟ

ରାଜ୍ୟ କ୍ରୀଡ଼ା ଇତିହାସରେ ଏକମାତ୍ର ବ୍ୟକ୍ତି ଭାବେ ସିନିୟର ସ୍ତରରେ ଭାରତୀୟ ଦଳକୁ ପ୍ରତିନିଧିତ୍ୱ କରିବା, ସିନିୟର ଭାରତୀୟ ପୁରୁଷ ଦଳର ପ୍ରଶିକ୍ଷକ ହେବା, ଭାରତୀୟ ବାସ୍କେଟ୍‌ବଲ ସଂଘ ଦ୍ୱାରା ମନୋନୀତ ହୋଇ ଏକାଧିକ ଥର ଜାତୀୟ ଦଳ ଚୟନ କମିଟିର ସଦସ୍ୟ ଦାୟିତ୍ୱ ତୁଲାଇବା ଏବଂ ୧୯୮୨ ଏସୀୟ କ୍ରୀଡ଼ାରେ ବାସ୍କେଟ୍‌ବଲ ବୈଷୟିକ କମିଟିର ସଦସ୍ୟ ହେବାର ଏକ ନିଆରା କୀର୍ତ୍ତିମାନ ପ୍ରତିଷ୍ଠା କରି ଅରୂପାନନ୍ଦ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି।



ଅଶୋକ ମହାନ୍ତି

ଓଡ଼ିଶା ଖେଳ ଇତିହାସର ଅନ୍ୟତମ ଅବିସ୍ମରଣୀୟ କ୍ରୀଡ଼ା ବ୍ୟକ୍ତିତ୍ୱ ହେଲେ ଅରୂପାନନ୍ଦ ରାଉତରାୟ। ସେ ହେଉଛନ୍ତି ରାଜ୍ୟର ପ୍ରଥମ ଅନ୍ତର୍ଜାତୀୟ ବାସ୍କେଟ୍‌ବଲ ଖେଳାଳି। ନିକଟରେ ଅରୂପାନନ୍ଦଙ୍କୁ ଓସ୍‌ଜା(ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ) କ୍ରୀଡ଼ା ପାଇଁ ଜୀବନବ୍ୟାପୀ ସାଧନା ପୁରସ୍କାରରେ ସମ୍ମାନିତ କରିଛି। ରାଜ୍ୟ କ୍ରୀଡ଼ା ଇତିହାସର ଏକମାତ୍ର ବ୍ୟକ୍ତି ଭାବେ ସିନିୟର ସ୍ତରରେ ଭାରତୀୟ ଦଳକୁ ପ୍ରତିନିଧିତ୍ୱ କରିବା, ସିନିୟର ଭାରତୀୟ ପୁରୁଷ ଦଳର ପ୍ରଶିକ୍ଷକ ହେବା, ଭାରତୀୟ ବାସ୍କେଟବଲ ସଂଘ (ବିଏଫ୍ଆଇ) ଦ୍ୱାରା ମନୋନୀତ ହୋଇ ଏକାଧିକ ଥର ଜାତୀୟ ଦଳ ଚୟନ କମିଟିର ସଦସ୍ୟ ଦାୟିତ୍ୱ ତୁଲାଇବା ଏବଂ ୧୯୮୨ ଏସୀୟ କ୍ରୀଡ଼ାରେ ବାସ୍କେଟବଲ ବୈଷୟିକ କମିଟିର ସଦସ୍ୟ ହେବାର ଏକ ନିଆରା କୀର୍ତ୍ତିମାନ ପ୍ରତିଷ୍ଠା କରି ଅରୂପାନନ୍ଦ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି।

୧ ଜୁଲାଇ ୧୯୪୦ରେ ଭୁବନେଶ୍ୱର ନିକଟସ୍ଥ ଜୟପୁର ଗ୍ରାମରେ ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ ଅରୂପାନନ୍ଦ। ପିଲାବେଳୁ ଖେଳକୁଦ ପ୍ରତି ରୁଚି ରଖିଥିବା ଅରୂପାନନ୍ଦ ଯୁବାବସ୍ଥାରେ ଭାରତୀୟ ସେନା ପ୍ରତି ଆକୃଷ୍ଟ ହୋଇ ସିକନ୍ଦରାବାଦ ଇଏମ୍ଇ ସେଣ୍ଟରରେ ଯୋଗଦେବା ପରେ ବାସ୍କେଟ୍‌ବଲ ଖେଳ ପ୍ରତି ଆକର୍ଷିତ ହୋଇଥିଲେ। ଭାରତୀୟ ସେନାର ତତ୍କାଳୀନ ପ୍ରତିଷ୍ଠିତ ବିଦେଶୀ ପ୍ରଶିକ୍ଷକ ସାମ୍ ପଂକ୍ସଙ୍କ ପ୍ରଶିକ୍ଷଣରେ ତାଙ୍କର ବାସ୍କେଟ୍‌ବଲ ଖେଳରେ ଦକ୍ଷତା ବୃଦ୍ଧି ପାଇଥିଲା ଏବଂ ୧୯୫୯ରେ ପ୍ରଥମ ଥର ପାଇଁ ସର୍ଭିସେସ୍ ଦଳ ପକ୍ଷରୁ ଖେଳି ତାଙ୍କର ଯଶସ୍ୱୀ ଖେଳ ଜୀବନର ଶୁଭାରମ୍ଭ କରିଥିଲେ। ପଞ୍ଜାବ ଓ ରାଜସ୍ଥାନର ଅପେକ୍ଷାକୃତ ଅଧିକ ଉଚ୍ଚତାର ଖେଳାଳିଙ୍କ ସହିତ ତାଳ ଦେଇ ଖେଳିବା ପାଇଁ ସେ ତାଙ୍କର ଡ୍ରିବ୍‌ଲିଙ୍ଗ ସ୍କିଲ୍ ଏବଂ ନିର୍ଭୁଲ ବାସ୍କେଟ କରି ପଏଣ୍ଟ ସ୍କୋର କରିବାର କଳାକୁ ନିରନ୍ତର ଅଭ୍ୟାସ ଦ୍ୱାରା ଶାଣିତ କରିଥିଲେ। ତାଙ୍କର ସମସାମୟିକ କିମ୍ବଦନ୍ତୀ ଖେଳାଳି ଖୁସିରାମ (ଏସିଆର ତତ୍କାଳୀନ ଶ୍ରେଷ୍ଠ ଖେଳାଳି) ସରବ୍‌ଜିତ ସିଂ (ପ୍ରଥମ ଅର୍ଜୁନ ପୁରସ୍କାର ବିଜେତା), ଆବାସ ମୁନତାସିର, ଗୁର୍‌ଦୟାଲ ସିଂ ଏବଂ ଅନ୍ୟମାନଙ୍କ ସହିତ ଖେଳିବାର ସୁଯୋଗ ପାଇ ନିଜର ଦକ୍ଷତା ବୃଦ୍ଧି କରିଥିଲେ। ଜଣେ ଉଚ୍ଚକୋଟିର ଖେଳାଳି ଭାବେ ସେ ପ୍ରାୟ ଦୁଇଦଶନ୍ଧି ଧରି ପ୍ରଥମେ ସର୍ଭିସେସ୍ ଏବଂ ପରେ ଓଡ଼ିଶା ରାଜ୍ୟକୁ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଥିଲେ।

### ଅନ୍ତର୍ଜାତୀୟ ପ୍ରତିଯୋଗିତା

ଅରୂପାନନ୍ଦଙ୍କ କ୍ରୀଡ଼ା ଜୀବନର ଶ୍ରେଷ୍ଠ ଉପଲବ୍ଧି ମିଳିଥିଲା ୧୯୬୫ ମସିହାରେ। ମାଲେସିଆ ରାଜଧାନୀ କୁଆଲାଲମ୍ପୁରଠାରେ ଅନୁଷ୍ଠିତ ତୃତୀୟ ଏସୀୟ ବାସ୍କେଟବଲ ପ୍ରତିଯୋଗିତାରେ ଏକ ମାତ୍ର ଏବଂ ପ୍ରଥମ ଓଡ଼ିଆ ଖେଳାଳି ଭାବେ ଭାରତୀୟ ପୁରୁଷ ଦଳର ସଦସ୍ୟ ରହିଥିଲେ। ୧୯୬୫-୬୬ ଏବଂ ୧୯୬୭-୬୮ରେ ଦୁଇଥର ଅଲ୍‌ଷ୍ଟାର ବାସ୍କେଟବଲ ଦଳର ସଦସ୍ୟ ରହିବା ସହିତ ୧୯୬୬ରେ ଭାରତ ଗସ୍ତରେ ଥିବା ଆମେରିକାର ସ୍ପିଙ୍ଗଫିଲ୍ଡ କଲେଜ ଦଳ ବିପକ୍ଷରେ ଖେଳିଥିବା ଜାତୀୟ ଦଳର ସଦସ୍ୟ ରହିଥିଲେ। ୧୯୭୩ରେ ରାଉରକେଲା ଇସ୍ପାତ ଦଳର ଅଧିନାୟକ ଭାବେ କଲମ୍ବୋ ଗସ୍ତ କରିଥିଲେ। ଭାରତୀୟ ସେନାରୁ ସ୍ୱେଚ୍ଛାକୃତ ଅବ୍ୟାହତି ନେଲାପରେ ପ୍ରାୟ ଏକବର୍ଷ ପର୍ଯ୍ୟନ୍ତ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନରେ ପ୍ରଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ପରେ ଓଡ଼ିଶା ରାଜ୍ୟ କ୍ରୀଡ଼ା ପରିଷଦ ପକ୍ଷରୁ ତାଙ୍କୁ ଏନ୍‌ଆଇଏସ୍ ପଟିଆଲାଠାରେ ପ୍ରଶିକ୍ଷଣ ଡିପ୍ଲୋମା ହାସଲ କରିବା ପାଇଁ ପଠାଯାଇଥିଲା ଏବଂ ସେ ୭୧% ନମ୍ବର ସହିତ ତାଙ୍କ ବ୍ୟାଚ୍‌ରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ସେ ପବ୍ଲିକ ଆଡ୍‌ମିନିଷ୍ଟ୍ରେଶନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ।



ଅତୀତ ସ୍ମୃତିରୁ...

### ପ୍ରଶିକ୍ଷଣ କ୍ଷେତ୍ରରେ ସଫଳତା

ପ୍ରଶିକ୍ଷଣ କ୍ଷେତ୍ରରେ ସେ ସାମ୍ ପଂକ୍ସ, ଡ ଏସ୍. ଷ୍ଟେକ୍‌ସ ଏବଂ ଆଲେକଜାଣ୍ଡର ଓମଲାଉଙ୍କ ଭଳି ପ୍ରଖ୍ୟାତ ବିଶ୍ୱସ୍ତରୀୟ ପ୍ରଶିକ୍ଷକଙ୍କଠାରୁ ବିଶେଷ ଜ୍ଞାନ ଆହରଣ କରିଥିଲେ।

➤୧୯୮୦ରେ ଭାରତୀୟ ପୁରୁଷ ଦଳର ସହକାରୀ ପ୍ରଶିକ୍ଷକ ଭାବେ ଗଲ୍‌ଫ ଦେଶ ଗସ୍ତ କରିଥିଲେ।

➤୧୯୮୩-୮୪ ଯୁକ୍ତରାଷ୍ଟ୍ର ଆମେରିକା ଦଳ ବିପକ୍ଷ ୭ଟି ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇଥିଲେ। ୧୯୮୫ରେ କୁଆଲାଲମ୍ପୁର ଏବିସି ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳର ସହକାରୀ ପ୍ରଶିକ୍ଷକ, ୧୯୭୭ ଏବଂ ୧୯୮୨ରେ ପ୍ରି ଏସିଆନ ବାସ୍କେଟ୍‌ବଲ ଚାମ୍ପିୟନଶିପ ପାଇଁ ଅବଶିଷ୍ଟ ଭାରତୀୟ ଦଳର ମୁଖ୍ୟ କୋଚ ରହିଥିଲେ। ଏତଦ୍‌ବ୍ୟତୀତ ଏକାଧିକ ଥର ଓଡ଼ିଶା ରାଜ୍ୟ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ସମ୍ପାଦନ କରିଥିଲେ ଅରୂପାନନ୍ଦ।

➤ଭାରତୀୟ ଦଳର ଚୟନ କମିଟି ସଦସ୍ୟ ଏବଂ ଟେକ୍ନିକାଲ କମିଟିର ସଦସ୍ୟ ଭାବେ ମଧ୍ୟ ଅରୂପାନନ୍ଦଙ୍କ ଅବଦାନ ଉଲ୍ଲେଖନୀୟ।

୧୯୬୯ରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ କ୍ରୀଡ଼ା ବିଭାଗରେ ଯୋଗ ଦେଇଥିବା ଅରୂପାନନ୍ଦ ୨୦୦୦ ମସିହାରେ ମ୍ୟାନେଜର ସ୍ପୋର୍ଟ୍ସ ଭାବେ ଅବସର ନେଇଥିଲେ। ତାଙ୍କ ପ୍ରେରଣାରେ ଓଡ଼ିଶାର ୪ଜଣ ପ୍ରତିଭାବାନ୍ ଖେଳାଳି ଅଶୋକ ସାହୁ, ଶରତ ପାଢ଼ୀ, ଅଜିତ ରାୟ ଏବଂ ଗଗନମଣି ତ୍ରିପାଠୀ ୧୯୭୧ରେ ଭାରତୀୟ ଜୁନିୟର ଦଳର ସଦସ୍ୟ ଭାବେ ଦେଶକୁ ପ୍ରତିନିଧିତ୍ୱ କରିଥିଲେ। ଏତଦ୍‌ବ୍ୟତୀତ ତାଙ୍କ ପ୍ରଶିକ୍ଷଣରେ ବହୁ ଖେଳାଳି ରାଜ୍ୟକୁ ପ୍ରତିନିଧିତ୍ୱ କରି କୃତିତ୍ୱ ହାସଲ କରିଛନ୍ତି।

ଭାରତୀୟ ସେନା ପକ୍ଷରୁ 'ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର', ୧୯୮୧ରେ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ତରଫରୁ ଶ୍ରେଷ୍ଠ କ୍ରୀଡ଼ାବିତ୍ ସମ୍ମାନ, ୧୯୯୬ରେ ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ବିଶିଷ୍ଟ କ୍ରୀଡ଼ାବିତ୍ ପୁରସ୍କାର, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ କ୍ରୀଡ଼ା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ଏବଂ କମଲ ଗାଙ୍ଗୁଲି ସ୍ମାରକୀ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ ହୋଇଥିବା ରାଉତରାୟ ବର୍ତ୍ତମାନ ନିଜ ଗ୍ରାମ ଜୟପୁରଠାରେ ଅବସ୍ଥାନ କରୁଛନ୍ତି।





ଓସ୍‌ଜା ପୁରସ୍କାର ଗ୍ରହଣ ଅବସରରେ ଅରୂପାନନ୍ଦ ରାଉତରାୟ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଏପ୍ରିଲ ୨୯/୨୦୨୨ Sambalpur, Friday, April 29/ 2022

# କୁଲଦୀପ ମ୍ୟାଜିକ୍: ଜିତିଲା ଦିଲ୍ଲୀ

ମୁମ୍ବାଇ,୨୮।୪

ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମରେ ଗୁରୁବାର ଦିଲ୍ଲୀ କ୍ୟାପିଟାଲ୍ସ ୪ ଉଇକେଟରେ କୋଲକାତା ନାଇଟ୍ ରାଇଡର୍ସଙ୍କୁ ହରାଇଛି। ମ୍ୟାଚ୍‌ରେ ଚମତ୍କାର ବୋଲିଂ କରିଥିଲେ ଦିଲ୍ଲୀ କ୍ୟାପିଟାଲ୍ସ ସ୍ପିନର କୁଲଦୀପ ଯାଦବ। ସେ ୩ ଓଭରରେ ୧୪ ରନ୍ ଦେଇ ୪ ଉଇକେଟ ନେଇଥିଲେ। ଏହା ତାଙ୍କ ଶ୍ରେଷ୍ଠ ଆଇପିଏଲ୍ ପ୍ରଦର୍ଶନ। ଏଥିଯୋଗୁ ସେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। କୋଲକାତା ୨୦ ଓଭରରେ ୯ ଉଇକେଟ ହରାଇ ୧୪୬ ରନ୍ କରିଥିବା ବେଳେ ଦିଲ୍ଲୀ କ୍ୟାପିଟାଲ୍ସ ୧୯ ଓଭରରେ ୬ ଉଇକେଟରେ ୧୫୦ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଚତୁର୍ଥ ବିଜୟ ସହ ଦିଲ୍ଲୀ ଟେବୁଲର ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛି।

ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ରିଷଭ ପନ୍ତ ବୋଲିଂ ନିଷ୍ପତ୍ତି ନେଇଥିଲେ। ତାଙ୍କ ନିଷ୍ପତ୍ତିକୁ ଉଚିତ ପ୍ରମାଣ କରିଥିଲେ ଚଳିତ ଆଇପିଏଲରେ ପ୍ରଥମ ମ୍ୟାଚ୍ ଖେଳୁଥିବା ଚେତନ ସାକାରିଆ। ସେ ଦ୍ୱିତୀୟ ଓଭରରେ ଆରୋନ ଫିଞ୍ଚ (୩)ଙ୍କୁ ପ୍ୟାଭିଲିଅନ ପଠାଇଥିଲେ। ଅନ୍ୟତମ ଓପନର ଭେଙ୍କଟେଶ ଆୟାର (୬) ମଧ ଫେଲ୍ ମାରିଥିଲେ। ତା'ପରେ କୁଲଦୀପ ଯାଦବ ଲଗାତର ଦୁଇ ବଲରେ ପଦାର୍ପଣକାରୀ ବାବା ଇନ୍ଦ୍ରଜିତ (୬) ଓ ସୁନିଲ ନାରିନ(୦)ଙ୍କ ଉଇକେଟ ନେଇ କୋଲକାତାକୁ ବ୍ୟାକ୍ ଫୁଟ୍ ଠେଲି ଦେଇଥିଲେ। ଏଭଳି ସଙ୍କଟଜନକ ପରିସ୍ଥିତିରେ ଦଳୀୟ ସ୍ଥିତି ସମ୍ଭାଳିଥିଲେ ଅଧିନାୟକ ଶ୍ରେୟାସ ଆୟାର (୪୨) ଏବଂ ନୀତିଶ ରାଣା (୫୭ ରନ୍, ୩ ଚୌକା ଓ ୪ ଛକା)। ଦୁହେଁ ୪୮ ରନ୍ ଯୋଡ଼ିଥିଲେ। ପୁଣି ଥରେ ଗୋଟିଏ ଓଭରରେ ଦଳକୁ ଦୁଇଟି ଝଟ୍‌କା ଦେଇଥିଲେ କେକେଆରର ପୂର୍ବତନ ସଦସ୍ୟ। ତା'ପରେ ରିଙ୍କୁ ସିଂଙ୍କ ସହ ମିଶି ରାଣା କୋଲକାତା ସ୍କୋରକୁ ୧୪୬/୯ ପହଞ୍ଚାଇଥିଲେ।


ଉଇକେଟ ନେବାପରେ ଉଲ୍ଲସିତ କୁଲଦୀପ ଯାଦବ।

ଜବାବରେ ଦିଲ୍ଲୀକୁ ଆରମ୍ଭରୁ ପୃଥ୍ୱୀ ଶ' (୦) ଏବଂ ମିଚେଲ ମାର୍ଶ (୧୩)ଙ୍କ ଉଇକେଟ ହରାଇଥିଲା। ତା'ପରେ ଡେଭିଡ୍ ୱାର୍ନର(୪୨) ଓ ଲଳିତ ଯାଦବ (୨୨) ତୃତୀୟ ଉଇକେଟ ପାଇଁ ୬୫ ରନ୍ ଯୋଡ଼ି ଦଳକୁ ବିଜୟ ଦିଗରେ ଅଗ୍ରସର କରାଇଥିଲେ। କିନ୍ତୁ ଲଗାତର ୩ ଉଇକେଟ ପଡ଼ିଯିବାରୁ କୋଲକାତା ମ୍ୟାଚ୍‌କୁ ଫେରିଥିଲା। ହେଲେ ଅକ୍ଷର ପଟେଲ (୨୪) ଓ ରୋଭମାନ ପାୱେଲ (୩୩*)ଙ୍କ ଯୋଗୁ ଦିଲ୍ଲୀ ଗୋଟିଏ ଓଭର ପୂର୍ବରୁ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। କୋଲକାତା ପକ୍ଷରୁ ଉମେଶ ଯାଦବ ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ୍ ରାଇଡର୍ସ: ୨୦ ଓଭରରେ ୧୪୬/୯ (ନୀତିଶ ରାଣା-୫୭, ଶ୍ରେୟାସ ଆୟାର-୪୨, କୁଲଦୀପ ଯାଦବ-୪/୧୪, ମୁସ୍ତାଫିଜୁର ରହମାନ -୩/୧୮। ଦିଲ୍ଲୀ କ୍ୟାପିଟାଲ୍ସ: ୧୫୦/୬(ଡେଭିଡ୍ ୱାର୍ନର-୪୨, ରୋଭମାନ ପାୱେଲ-୩୩*, ଉମେଶ ଯାଦବ-୩/୨୪, ସୁନିଲ ନାରିନ-୧/୧୯)।

## ଆଇପିଏଲ୍-୧୫

### ଆଜିର ମ୍ୟାଚ

**ପଞ୍ଜାବ କିଙ୍ଗ୍ସ ବନାମ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ**
ସ୍ଥାନ: ପୁଣେ
ସମୟ: ରାତି ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୮ | ୭ | ୧ | ୧୪ | +୦.୩୭୧ |
| ରାଜସ୍ଥାନ ରୟାଲ୍ସ | ୮ | ୬ | ୨ | ୧୨ | +୦.୫୬୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୫ | ୩ | ୧୦ | +୦.୬୦୦ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୮ | ୫ | ୩ | ୧୦ | +୦.୩୩୪ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୯ | ୫ | ୪ | ୧୦ | -୦.୫୭୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୪ | ୪ | ୮ | +୦.୬୯୫ |
| ପଞ୍ଜାବ କିଙ୍ଗ୍ସ | ୮ | ୪ | ୪ | ୮ | -୦.୪୧୯ |
| କୋଲକାତା ନାଇଟ ରାଇଡର୍ସ | ୯ | ୩ | ୬ | ୬ | -୦.୦୦୬ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୨ | ୬ | ୪ | -୦.୫୩୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୦ | ୮ | ୦ | -୧.୦୦୦ |

# ଭୟ ନ କରିବାକୁ କହିଥିଲେ ରଶିଦ

ମୁମ୍ବାଇ, ୨୮।୪

ୱାଙ୍ଖଡେ ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ରୋମାଞ୍ଚକ ଆଇପିଏଲ୍ ମ୍ୟାଚ୍‌କୁ ଅନ୍ତିମ ବଲରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ହାତରୁ ଛଡ଼ାଇ ନେଇଥିଲେ ରାହୁଲ ଟେୱାଟିଆ ଏବଂ ରଶିଦ ଖାନ। ଦୁହେଁ ଅନ୍ତିମ ଓଭରରେ ଦଳକୁ ଜିତିବା ପାଇଁ ଆବଶ୍ୟକ ଥିବା ୨୨ ରନ୍ ସଂଗ୍ରହ କରି ଗୁଜରାଟ ଟାଇଟନ୍ସଙ୍କୁ ୫ ଉଇକେଟରେ ବିଜୟୀ କରାଇଥିଲେ। ଶେଷ ଓଭରରେ ଟେୱାଟିଆଙ୍କୁ ଭୟଭୀତ ନ ହୋଇ ପରବର୍ତ୍ତୀ ବଲକୁ ମାରିବାକୁ ପରାମର୍ଶ ଦେଇଥିଲେ ରଶିଦ। ଏ ସମ୍ପର୍କରେ ସେ ମ୍ୟାଚ ପରେ କହିଥିଲେ।


ରାହୁଲ ଟେୱାଟିଆ ଓ ରଶିଦ ଖାନ।

"ମୁଁ ରାହୁଲଙ୍କୁ କହିଥିଲି, ଗୋଟିଏ କି ଦୁଇଟି ବଲ ଡଟ୍ ହୋଇଗଲେ ଭୟଭୀତ ନ ହୋଇ ପରବର୍ତ୍ତୀ ବଲରେ ବଡ଼ ଶଟ୍ ଖେଳିବାକୁ ଦେଖ" ବୋଲି ରଶିଦ ମ୍ୟାଚ ପରେ ଟେୱାଟିଆ ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ଆଲୋଚନା ବେଳେ କହିଥିଲେ।

ନିୟମିତ ଭାବେ ଅନ୍ତିମ ଓଭରରେ ମ୍ୟାଚ୍ ବିଜୟୀ ଇନିଂସ ଖେଳିବା ସମ୍ପର୍କରେ ପ୍ରଶ୍ନ କରାଯିବାରୁ ଟେୱାଟିଆ କହିଥିଲେ, "ଭଲ କଥା ହେଲା ଅଧିନାୟକ ଓ କୋଚ୍ ମୋ ଉପରେ ଏତେ ଭରସା କରୁଛନ୍ତି। ବିଜେତା ପକ୍ଷରେ ରହିବା ଭଲ ଅନୁଭବ ହୁଏ। ଯଦି ପରିସ୍ଥିତି ସେଭଳି ଆସେ, ତେବେ ଦଳକୁ ସର୍ବଦା ବିଜୟୀ କରାଇବା ପାଇଁ ମୁଁ ଉଦ୍ୟମ କରିବି।" ଉଲ୍ଲେଖଯୋଗ୍ୟ, ଅଭିଷେକ ଶର୍ମା (୬୫), ଏଡେନ ମାରକ୍ରାମ (୫୬) ଓ ଅନ୍ତିମ ଓଭରରେ ପଦାର୍ପଣକାରୀ ଶଶାଙ୍କ ସିଂ (୨୫*)ଙ୍କ ଯୋଗୁ ହାଇଦ୍ରାବାଦ୍ ୧୯୬ ରନ୍‌ର ଟାର୍ଗେଟ୍ ଛିଡ଼ା କରିଥିଲା। ରିଦ୍ଧିମାନ ଶାହା(୬୮)ଙ୍କ ଅର୍ଦ୍ଧଶତକ ଏବଂ ଟେୱାଟିଆ (୪୦*) ଓ ରଶିଦ (୩୧*)ଙ୍କ ବିସ୍ଫୋରକ ପାଳି ବଳରେ ଗୁଜରାଟ ଅନ୍ତିମ ବଲରେ ମ୍ୟାଚ୍‌କୁ ଜିତି ନେଇଥିଲା।

# ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ନୂଆ ସ୍ପିନର

**ମୁମ୍ବାଇ,୨୮।୪(ପିଟି):** ମୁମ୍ବାଇ ଇଣ୍ଡିଆନ୍ସ ସ୍ପିନର ମହମ୍ମଦ ଅର୍ଶାଦ ଖାନ ଆହତ ସମସ୍ୟା କାରଣରୁ ଚଳିତ ଆଇପିଏଲ୍‌ର ଅବଶିଷ୍ଟାଂଶରୁ ବାଦ୍ ପଡ଼ିଛନ୍ତି। ତାଙ୍କ ବଦଳରେ ବାମହାତୀ ସ୍ପିନର କୁମାର କାର୍ତ୍ତିକେୟ ସିଂ ମୁମ୍ବାଇ ଦଳରେ ସାମିଲ ହୋଇଛନ୍ତି। ତାଙ୍କୁ ୨୦ ଲକ୍ଷ ଟଙ୍କାର ପ୍ରାଇସ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ସାମିଲ କରାଯାଇଥିବା ଆଇପିଏଲ୍ ପକ୍ଷରୁ ଗୁରୁବାର କୁହାଯାଇଛି। ଘରୋଇ କ୍ରିକେଟରେ ମଧ୍ୟପ୍ରଦେଶକୁ ପ୍ରତିନିଧିତ୍ୱ କରୁଥିବା କାର୍ତ୍ତିକେୟ ଏପର୍ଯ୍ୟନ୍ତ ୯ ପ୍ରଥମ ଶ୍ରେଣୀ, ୧୯ ଲିଷ୍ଟ ଏ ଓ ୮ ଟି୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୨୫, ୧୮ ଓ ୯ ଉଇକେଟ ନେଇଛନ୍ତି। ସେ ସପୋର୍ଟ ଟିମ୍‌ର ସଦସ୍ୟ ଭାବେ ମୁମ୍ବାଇ ଦଳ ସହ ଥିଲେ। ଉଲ୍ଲେଖଯୋଗ୍ୟ, ଲଗାତର ୮ ପରାଜୟ ବରଣ କରିଥିବା ମୁମ୍ବାଇ ପ୍ଲେ-ଅଫ୍‌ରୁ ବାଦ୍ ପଡ଼ି ସାରିଛି। ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ୩୦ ତାରିଖରେ ନଭି ମୁମ୍ବାଇସ୍ଥିତ ଡି ୱାଇ ପାଟିଲ ଷ୍ଟାଡିୟମରେ ରାଜସ୍ଥାନ ରୟାଲ୍ସଙ୍କୁ ଭେଟିବ।


 କୁମାର କାର୍ତ୍ତିକେୟ ସିଂ




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

**ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ**

ଲାଠୋର,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ବସ୍‌ଷ୍ଟାଣ୍ଡଠାରେ ଗୁରୁବାର ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଲାଠୋର ମାରୱାଡ଼ି ଯୁବାମଞ୍ଚ ସଭାପତି ଶୀତଲ ଅଗ୍ରୱାଲ ନିଜସ୍ୱ ଖର୍ଚ୍ଚରେ ଏହି ପ୍ରକଳ୍ପ ସ୍ଥାପନ କରିଛନ୍ତି। ଲାଠୋର ଡ୍ରାଇଭର ୟୁନିୟନ ଏହାର ରକ୍ଷଣାବେକ୍ଷଣ କରିବ ବୋଲି ସଭାପତି ଅନ୍ତର୍ଯ୍ୟାମୀ ସେଠ କହିଛନ୍ତି। ଉଦ୍‌ଘାଟନ ଅବସରରେ ଡ୍ରାଇଭର ୟୁନିୟନ ସଦସ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବଲାଙ୍ଗୀର ବାଏପାସ ଟେଣ୍ଡର ପ୍ରକ୍ରିୟା ଆରମ୍ଭ

**ଅର୍ଥନୈତିକ ବିକାଶ, ଟ୍ରାଫିକ୍ ବ୍ୟବସ୍ଥା ମଜଭୁତ ହେବ: ନରସିଂହ**

**ବଲାଙ୍ଗୀର ଅଫିସ,୨୮।୪:** ବହୁପ୍ରତୀକ୍ଷିତ ବଲାଙ୍ଗୀର ଜାତୀୟ ରାଜପଥ ବାଇପାସ୍ ଟେଣ୍ଡର ପ୍ରକାଶ ପାଇଛି। ଚୂଡାନ୍ତ ଷ୍ଟାଣ୍ଡିଂ କମିଟିରେ ବାଏପାସ୍ ପାଇଁ ରାସ୍ତା ଖୋଲିବା ପରେ ୨୧୦ କୋଟି ବ୍ୟୟ ଅଟକଳରେ ହେବାକୁ ଥିବା ବାଏପାସ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଜାତୀୟ ରାଜପଥ ବିଭାଗ ନିର୍ବାହୀ ଯନ୍ତ୍ରୀ ଜୟନ୍ତ କୁମାର ନାଏକ ଏନେଇ ସୂଚନା ଦେଇଛନ୍ତି। ଏହି ବାଇପାସ୍ ରାସ୍ତା ୨୬ ନମ୍ବର ଜାତୀୟ ରାଜପଥରେ ନିର୍ମାଣ ହେବ। ଏହାର ଦୈର୍ଘ୍ୟ ପ୍ରାୟ ୧୨ କିଲୋମିଟର ରହିଛି। ଦୀର୍ଘବର୍ଷ ହେବ ପଡି ରହିଥିବା ବାଇପାସ ରାସ୍ତା ନିର୍ମାଣ ସକାଶେ ଗତ ଫେବୃଆରୀ ୪ରେ କେନ୍ଦ୍ରୀୟ ଗମନାଗମନ ଓ ଜାତୀୟ ରାଜପଥ ବିଭାଗର ଚୁଡାନ୍ତ ଫାଇନାନ୍ସ କମିଟିରେ ପ୍ରକଳ୍ପ ମଞ୍ଜୁରୀ ପାଇଥିଲା। ଏହି ପ୍ରକଳ୍ପ ପାଇଁ ଚୁଡାନ୍ତ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବାପରେ ଅଢେଇ ବର୍ଷ ମଧ୍ୟରେ ପ୍ରକଳ୍ପ ସମାପ୍ତ ହେବା ବୋଲି ସୂଚନା ମିଳିଛି। ବାଇପାସ ରାସ୍ତା ଟେଣ୍ଡର ପ୍ରକାଶ ପପରେ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର କହିଛନ୍ତି ଯେ, ଏହା ଗମନାଗମନ, ମାଲ ପରିବହନରେ ସହାୟକ ହୋଇ ବଲାଙ୍ଗୀରର ଅର୍ଥନୈତିକ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ବାଇପାସ୍ ରାସ୍ତା ତିଆରି ହେବା ପରେ ବଲାଙ୍ଗୀର ସହରର ଟ୍ରାଫିକ ସମସ୍ୟା ଦୂର ହେବା ସହ ସହର ଭିତରକୁ ଭାରୀଯାନ ଚଳାଚଳ ଉପରେ ଅଙ୍କୁଶ ଲାଗିବ। ଦୀର୍ଘ ବର୍ଷ ହେଲା ବଲାଙ୍ଗୀରବାସୀ ବାଇପାସ୍ ରାସ୍ତା ପାଇଁ ଦାବି କରିଆସୁଥିଲେ। ଏଥିପାଇଁ ଦୀର୍ଘ ଓ କ୍ରମାଗତ ଆନ୍ଦୋଳନ କରିଆସୁଥିଲେ। ଆଜି ବଲାଙ୍ଗୀରବାସୀଙ୍କ ବିଜୟ ହୋଇଛି। ଆଗାମୀ ଦିନରେ ଏହି ବିଜୟ ବଲାଙ୍ଗୀରବାସୀଙ୍କୁ ବଲାଙ୍ଗୀରର ସମୂହ ସ୍ୱାର୍ଥ ପାଇଁ ଏକଜୁଟ ହୋଇ ଲଢେଇ କରିବା ପାଇଁ ନିଶ୍ଚୟ ପ୍ରେରଣା ଦେବ ବୋଲି ବିଧାୟକ ମିଶ୍ର କହିଛନ୍ତି।

# ‘କୃଷି, ଶିଳ୍ପରେ ବଲାଙ୍ଗୀର ଆଗେଇବ’

**ବଲାଙ୍ଗୀର ଅଫିସ, ୨୮।୪**

ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ବଲାଙ୍ଗୀର ଗସ୍ତର ଦ୍ୱିତୀୟ ଦିନ ଗୁରୁବାର ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏଥିସହ ଡିଆରଡିଏ ସମ୍ମିଳନୀ କକ୍ଷରେ କୃଷି ବ୍ୟବସାୟ ଓ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀଙ୍କ ସହ ସମ୍ମିଳନୀରେ ଯୋଗ ଦେଇଥିଲେ।

ଅଧ୍ୟକ୍ଷ ତ୍ରିପାଠୀ ପୂର୍ବାହ୍ନରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରିଦର୍ଶନରେ ଯାଇ ସେଠାରେ ଜିଲାପାଳ ଚଞ୍ଚଳ ରାଣା, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ର, ରେଜିଷ୍ଟ୍ରାର ଦୁର୍ଗାପ୍ରସନ୍ନ ମହାପାତ୍ର ଓ ଅନ୍ୟ ପ୍ରାଧ୍ୟାପକଙ୍କ ସହ ଆଲୋଚନା କରିଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ପରେ କ'ଣ ସବ କାମ ହୋଇଛି, କ'ଣ କାମ ବାକି ପଡିଛି ସେନେଇ ପଚାରି ବୁଝିଥିଲେ। ପ୍ରଶାସନିକ ନିର୍ମାଣ କାମ ସହ ଅନ୍ୟାନ୍ୟ କାର୍ଯ୍ୟର ସମୀକ୍ଷା ସହ ଆଗକୁ ଏହି ବିଶ୍ୱବିଦ୍ୟାଳୟର କ'ଣ ସବୁ ଆବଶ୍ୟକତା ରହିଛି ପଚାରିଥିଲେ। କୁଳପତି ପ୍ରଫେସର ମହାପାତ୍ର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପକ୍ଷରୁ ପଶ୍ଚିମ ଓଡିଶା ଇ-ଲାର୍ନିଙ୍ଗ୍ ସେଣ୍ଟର ପ୍ରତିଷ୍ଠା କରାଯିବାକୁ ପ୍ରସ୍ତାବ ଦେଇଥିଲେ। ଏହାଦ୍ୱାରା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସହ ପଶ୍ଚିମ ଓଡିଶାର ସମସ୍ତ ଛାତ୍ରୀଛାତ୍ର କିଭଳି ଲାଭବାନ ହେବେ ଓ ଏହାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ କିଭଳି ପରିଚାଳନା କରାଯିବ ବୋଲି ପ୍ରସ୍ତାବ ଦେଇଥିଲେ। ପଶ୍ଚିମ ଓଡିଶା ଇ-ଲର୍ନିଙ୍ଗ୍ ସେଣ୍ଟର ପ୍ରତିଷ୍ଠା ପ୍ରସ୍ତାବ ଶୁଣିବା ପରେ ଏହାକୁ ଅଧ୍ୟକ୍ଷ ତ୍ରିପାଠୀ ପ୍ରଶଂସା କରିଥିଲେ। ଏହାସହ କାର୍ଯ୍ୟକାରୀ କରିବା ଦିଗରେ ରାଜ୍ୟ ସରକାର ଓ ଉଚ୍ଚଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କୁଳପତି ପ୍ରଫେସର ଓ ଅଣଶିକ୍ଷକ ନିଯୁକ୍ତି ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏଦିଗରେ ମଧ୍ୟ ପଦକ୍ଷେପ ନେବେ ବୋଲି ସେ କହିଥିଲେ।

ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କୃଷି ବ୍ୟବସାୟୀ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ସମ୍ମିଳନୀରେ ଯୋଗଦେଇଥିଲେ। ଜିଲାର ଛୋଟବଡ ବ୍ୟବସାୟୀଙ୍କୁ କିଭଳି ପ୍ରୋତ୍ସାହନ ଦିଆଯାଇପାରିବ ଓ ସେମାନଙ୍କ ସମସ୍ୟାର ସମାଧାନ କରାଯିବ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ସରକାରୀ ଯୋଜନାକୁ ଗାଁ ଗଣ୍ଡାରେ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି। ଜିଲାରେ ସରକାରୀ ଯୋଜନା ମାଧ୍ୟମରେ ଶିଳ୍ପ ଓ କୃଷିର ଉନ୍ନତି କରାଯିବ। ଚାଷୀମାନଙ୍କ ପାଇଁ ଅନେକ ଯୋଜନା ରହିଛି। ଜିଲାରେ ଦୁଇ ଲକ୍ଷ ଏକର କପା ଚାଷ ହେଉଛି। ସୁକ୍‌ତେଲ ପ୍ରକଳ୍ପ ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ। କୃଷି ସହ ଶିଳ୍ପରେ ମଧ୍ୟ ବଲାଙ୍ଗୀର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ତ୍ରିପାଠୀ କହିଥିଲେ। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲାପାଳ ରାଣା, ଡିଆରଡିଏ ପିଡି ସୁଶାନ୍ତ କୁମାର ସିଂ, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ଓ ପ୍ରାଧ୍ୟାପକଙ୍କ ସହ ଡବ୍ଲୁଓଡିସି ଅଧ୍ୟକ୍ଷ ଅସିତ ତ୍ରିପାଠୀ ଆଲୋଚନା କରୁଛନ୍ତି।

- ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରିଦର୍ଶନ କଲେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ
- ପଶ୍ଚିମ ଓଡ଼ିଶା ଇ-ଲର୍ନିଙ୍ଗ୍ ସେଣ୍ଟର ପ୍ରତିଷ୍ଠା ପ୍ରସ୍ତାବ ଦେଲେ କୁଳପତି
- କୃଷି ବ୍ୟବସାୟ ଓ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ସମ୍ମିଳନୀରେ ଯୋଗଦାନ

### ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କୁ ଭେଟିଲେ ଜନପ୍ରତିନିଧି

**ଦେଓଗାଁ, ୨୮।୪(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବିଭିନ୍ନ ସମସ୍ୟା ନେଇ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀଙ୍କୁ ସାକ୍ଷାତ କରିଛନ୍ତି ସ୍ଥାନୀୟ ଜନପ୍ରତିନିଧି। ଉନ୍ନୟନ କାର୍ଯ୍ୟର ବିକାଶ ପାଇଁ ସେମାନେ ତ୍ରିପାଠୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ନେତୃତ୍ୱରେ ଜିଲା ପରିଷଦ ସଭ୍ୟା ସୁମତି ସେଠ, ମୁକୁନ୍ଦପୁର ସରପଞ୍ଚ ଜାନକୀ ସାହୁ, ସମିତି ସଭ୍ୟ ଅଭିମନ୍ୟୁ ମାଝି, ସମିତି ସଭ୍ୟା ଆନନ୍ଦିନୀ ଦଲାଇ, ବିଜୁ ଯୁବ ଜନତା ଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ଯୁବନେତା ବିରେନ ଦଲାଇ ପ୍ରମୁଖ ଡବ୍ଲୁଓଡିସି ଅଧ୍ୟକ୍ଷ ତ୍ରିପାଠୀଙ୍କୁ ସାକ୍ଷାତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଥା ଅଧାପନ୍ତରିଆ ପଡିଥିବା ପ୍ରକଳ୍ପର ସମ୍ପୂର୍ଣ୍ଣକରଣ ପାଇଁ ଅର୍ଥ ମଞ୍ଜୁର କରିବାକୁ ଦାବି କରିଥିଲେ।

### କୃଷିମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ସାମିଲ ହେଲେ ଚାଷୀ

**ଟିଟିଲାଗଡ଼, ୨୮।୪(ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଫସଲ ବୀମା, କିଷାନ କ୍ରେଡିଟ୍ କାର୍ଡ ଆଦି ଯୋଜନା ନେଇ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂତୋମର ବୁଧବାର ରାଜ୍ୟର ଚାଷୀଙ୍କୁ ସଚେତନ କରିଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମାର ସଫଳତା ନେଇ କେନ୍ଦ୍ର କୃଷି ବିଭାଗ ସହ ସଂଯୁକ୍ତ ଏଗ୍ରିକଲ୍‌ଚର ଇନ୍ସ୍ୱରାନ୍ସ କମ୍ପାନୀ ଜିଲା ସଂଯୋଜକ ଅଶୋକ ପ୍ରଧାନ ଓ ତାଙ୍କ ସହ ଅତିରିକ୍ତ ଜିଲା ସଂଯୋଜକ ଯୋଗେଶ୍ୱର ଦାଶ, ବ୍ଲକ ସଂଯୋଜକ ଦୁର୍ଗା ପ୍ରସାଦ ସାହୁ(ଜନସେବା କେନ୍ଦ୍ର) ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଚାଷୀମାନେ ରାଜେନ୍ଦ୍ର ନାରାୟଣ ଦାଶ, ବନବିହାରୀ ବେହେରା, କୁଞ୍ଜ ଆଡ଼ୁଜୁଆଡ଼ଙ୍କ ସହ ଅନେକ ଚାଷୀ ଆଭାସୀ ଜରିଆରେ କୃଷିମନ୍ତ୍ରୀଙ୍କ ସଭାରେ ସାମିଲ ହୋଇଥିଲେ। ଫସଲ ବୀମା ଯୋଜନା ତଥା କିଷାନ କ୍ରେଡିଟ୍ କାର୍ଡ କିଭଳି ଚାଷୀଙ୍କ ପାଇଁ ଉପାଦେୟ ସେ ନେଇ କୃଷିମନ୍ତ୍ରୀ ଚାଷୀଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଟିଟିଲାଗଡ଼ କୃଷି ଜିଲା ଅଧିକାରୀ ସୁରେଶ ସାହୁ ଉପସ୍ଥିତ ଥିଲେ।

# ଭୀମପାହାଡ ମହୋତ୍ସବ ଲୋଗୋ ଉନ୍ମୋଚିତ



ଅତିଥିମାନେ ଭୀମପାହାଡ ମହୋତ୍ସବ ଲୋଗୋ ଉନ୍ମୋଚନ କରୁଛନ୍ତି।

**ବଲାଙ୍ଗୀର ଅଫିସ,୨୮।୪**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତର ଭୀମଡୁଙ୍ଗୁରି ପର୍ଯ୍ୟଟନସ୍ଥଳୀରେ ଆସନ୍ତା ମେ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଭୀମପାହାଡ ମହୋତ୍ସବ ଅନୁଷ୍ଠିତ ହେବ । ଏ ସଂକ୍ରାନ୍ତରେ ଗୁରୁବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଭୀମପାହାଡ ମହୋତ୍ସବ କମିଟି ପକ୍ଷରୁ ଖବରଦାତା କରାଯାଇ ମହୋତ୍ସବ ଲୋଗୋକୁ ଉନ୍ମୋଚନ କରାଯାଇଥିଲା। ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ମୁଖ୍ୟଅତିଥି, ସଂସ୍କୃତି ଗବେଷକ ଗୁରୁଶ୍ରୀ ଡ. ଘାସିରାମ ମିଶ୍ର ଓ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ସମ୍ମାନିତ ଅତିଥିଭାବେ ଯୋଗଦେଇ ଲୋଗୋକୁ ଉନ୍ମୋଚନ କରିଥିଲେ। ମହୋତ୍ସବ କମିଟି ଉପଦେଷ୍ଟା ଲକ୍ଷ୍ମଣ କୁମାର ମେହେର ସଭା ସଂଯୋଜନା କରିଥିଲେ। ପ୍ରେସମିଟ୍‌ରେ ଭୀମପାହାଡ ମହୋତ୍ସବ କମିଟି ସଭାପତି ପ୍ରମୋଦ ବହିଦାର, ସମ୍ପାଦକ ଗୋବର୍ଦ୍ଧନ ସାହୁ ମଞ୍ଚାସୀନ ଥିଲେ । ମେ ୨ ତାରିଖରେ ମହୋତ୍ସବ ପାଇଁ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଉପରଝର ପାଟଖଣ୍ଡା, ଅଟଗାଁର ପୁଡାପାଠ, ମହୀମୁଣ୍ଡା କନ୍ଧେନବୁଢୀ, କୁମୁରିଆର ସୁଲିଆପୀଠରୁ ମଶାଲ ଶୋଭାଯାତ୍ରା ହେବ। ସେହିଦିନ ଭୀମପାହାଡର ଐତିହାସିକ ପୃଷ୍ଠଭୂମି ଉପରେ ଏକ ଆଲୋଚନାଚକ୍ର କରାଯିବ। ରାଜ୍ୟ ତଥା ରାଜ୍ୟ ବାହାରୁ ସାଂସ୍କୃତିକ ଦଳଗୁଡିକ ଯୋଗଦାନ କରିବା କାର୍ଯ୍ୟକ୍ରମ ରହିଛି ବୋଲି କମିଟି ଉପଦେଷ୍ଟା ମେହେର ସୂଚନା ଦେଇଥିଲେ । କମିଟି ସଭାପତି ପ୍ରମୋଦ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ। ମକୁନ୍ଦପୁର ସରପଞ୍ଚ ଜାନକୀ ସାହୁ, ସମିତି ସଭ୍ୟ ଅଭିମନ୍ୟୁ ମାଝି, ଦେଓଗାଁ ବ୍ଲକ ଯୁବ ବିଜେଡି ସଭାପତି ଶୈଳେନ୍ଦ୍ର ସାହୁ ଉପସ୍ଥିତ ଥିଲେ।

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମୀକ୍ଷା ବୈଠକ

**ଦେଓଗାଁ, ୨୮।୪(ଡି.ଏନ.ଏ)**

ଦେଓଗାଁ ବ୍ଲକ ବନ୍ଧପଡା ପଞ୍ଚାୟତ ବନ୍ଧପଡା କଲ୍ୟାଣ ମଣ୍ଡପରେ ଏମ୍‌ଜିଏନ୍‌ଆରଇଜିଏସ୍ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଡିଓ ରାମଦତ୍ତ ଭୋଇ ଯୋଗଦେଇଥିଲେ। ବୈଠକରେ ଡିଆରଡିଏ ଏନଆରଏମ ଏକ୍ସପର୍ଟ ପ୍ରିତମ ଓ ଏପିଡି ଯୋଗଦେଇ ମୋବାଇଲ ମନିଟରିଂ ଉପରେ ଧାରଣା ପ୍ରଦାନ କରିଥିଲେ । ଏପିଓ ପ୍ରଶାନ୍ତ କୁମାର ସାହୁ ଯୋଗଦେଇ ୧୨ ନଂ ଜୋନ ଅନ୍ତର୍ଗତ ୧୩ପଞ୍ଚାୟତର ଗାଁମାନଙ୍କରେ ନିଯୁକ୍ତି ହୋଇଥିବା ଗାଁସାଥିମାନଙ୍କୁ ଏମ୍‌ଜିଏନଆରଇଜିଏରେ କିପରି ଅଧିକ ଶ୍ରମ ଦିବସ ସୃଷ୍ଟି ହୋଇପାରିବ ଓ ଶ୍ରମିକ ନିୟୋଜିତ ହୋଇପାରିବେ ତାଲିମ ପ୍ରଦାନ କରିଥିଲେ। ଗାଁ ସାଥି ଓ ପଞ୍ଚାୟତ କର୍ମଚାରୀ ଉପସ୍ଥିତ ଥିଲେ ।

### ଚାଷୀ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଲୋଇସିଂହା,୨୮।୪(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହାଠାରେ ଏସିସିଇଏସ୍‌ଏସ୍ ଲାଇଭଲି ହୁଡ୍ ଫାଉଣ୍ଡେସନ ପକ୍ଷରୁ ଚାଷୀ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ମ୍ୟାନେଜର ବିଶ୍ୱରଞ୍ଜନ ପରିଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜୈବିକ ପ୍ରଣାଳୀରେ ଚାଷ କରି ଚାଷୀମାନେ କିପରି ଲାଭବାନ ହୋଇ ପାରିବେ ତାହା ଉପରେ କହିଥିଲେ। ଅଣଜଳସେଚିତ ଲୋଇସିଂହା ବ୍ଲକ ଅଞ୍ଚଳରେ ଖରିଫ ଧାନ ଚାଷ ପରେ ଚାଷୀମାନେ ଡାଲି, ତୈଳବୀଜ ଚାଷ କରି ସ୍ୱାବଲମ୍ବୀ ହୋଇ ପାରିବା ଦିଗରେ ସଂସ୍ଥା ଗୁରୁତ୍ୱ ଦେବାକୁ ମୁଖ୍ୟ ଅତିଥି ବିଡିଓ ରାମଚନ୍ଦ୍ର ଖାର୍ଡିଆ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ସହକାରୀ କୃଷି ଅଧିକାରୀ ସୁଶୀଲ କୁମାର ସେଠୀ ବଜାର ସୁବିଧା ଉପଲବ୍ଧ କରାଯାଇ ପାରିଲେ ଚାଷୀ ଉପକୃତ ହୋଇ ପାରିବେ ବୋଲି କହିଥିଲେ। ସଂସ୍ଥାର ସିଇଓ ଶରତ କୁମାର, ମୌସୁମୀ ଖାନ, ଶକ୍ତି ପଟ୍ଟନାୟକ, ସୁମନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଂସ୍ଥାର କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଇଥିଲା ।

### ପୂର୍ବତନ ସ୍କୁଲ ପରିଚାଳନା କମିଟି ସଭାପତିଙ୍କ ପରଲୋକ

**ଦେଓଗାଁ, ୨୮।୪(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅନ୍ତର୍ଗତ ମୁରସିଂ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟି ସଭାପତି ଛବିଲାଲ ପଧାନ(୫୨)ଙ୍କ ବୁଧବାର ପରଲୋକ ହୋଇଯାଇଛି। କିଛିମାସହେଲା ସେ ରୋଗାକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ସେଜଣେ ସଂଗଠକ ଭାବେ ଅଞ୍ଚଳରେ ବେଶ ପରିଚିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗାଁ ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

### ସଇଁତଲାରେ ଅଧିବକ୍ତା ଦିବସ ପାଳିତ

**ସଇଁତଲା,୨୮।୪ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା କଲ୍ୟାଣ ମଣ୍ଡପଠାରେ ଅଧିବକ୍ତା ଦିବସ ପାଳନ କରାଯାଇଛି। ଅତିଥିଭାବେ ବରିଷ୍ଠ ଆଇନଜୀବୀ ରାଧେଶ୍ୟାମ ସାହୁ, ଦେବରାଜ ପଣ୍ଡା ଓ ଦାମୋଦର ବେହେରା ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ସୁବୋଧ କୁମାର ମିଶ୍ର ପରିଚାଳନା କରିଥିଲେ। ମୁଖ୍ୟଅତିଥି ସାହୁ ନିଜ ବକ୍ତବ୍ୟରେ ଆଇନଜୀବୀମାନେ ମହକିଲଙ୍କୁ ଠିକ୍ ମାର୍ଗ ଦର୍ଶାଇ ମକଦ୍ଦମା ଲଢ଼ିବାକୁ କହିଥିଲେ। ଆଇନଜୀବୀମାନେ ନିଜ ପଦମର୍ଯ୍ୟାଦା ନ ଭୁଲି କାମ କଲେ ମଧୁବାବୁଙ୍କ ସ୍ୱପ୍ନ ପୂରଣ ହୋଇପାରିବ ବୋଲି କହିଥିଲେ। ଆଇନଜୀବୀ ମନୋଜ କୁମାର ପୃଷ୍ଟେଠ, ଟୁନୁ ରାଜପାଲିଆ, ପ୍ରଦୀପ ମାଝୀ, ପ୍ରେମରାଜ ପଣ୍ଡା, ପ୍ରଶାନ୍ତ ପୁଟେଲ, ଦେବାଶିଷ ସେଠ ସାହ ପ୍ରମୁଖ ଯୋଗଦେଇଥିଲେ।

# କଣ୍ଟାବାଞ୍ଜି ଏନ୍‌ଏସିକୁ ସ୍ୱତନ୍ତ୍ର ଯୋଜନା ଅଧିକାର

**କଣ୍ଟାବାଞ୍ଜି,୨୮।୪(ଡି.ଏନ.ଏ.)**

ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ବିଭାଗ ରାଜ୍ୟର ୩୨ଏନ୍‌ଏସି ଓ ପୌରପାଳିକାକୁ ସ୍ୱତନ୍ତ୍ର ଯୋଜନା ଅଧିକାର ପ୍ରଦାନ କରିଛନ୍ତି। ଏହି ଯୋଜନାରେ କଣ୍ଟାବାଞ୍ଜି ଏନ୍‌ଏସିକୁ ସାମିଲ କରାଯାଇଛି। ଏହି ସ୍ୱତନ୍ତ୍ର ଅଧିକାର ବଳରେ କାଉନସିଲ ଦ୍ୱାରା ଉପଯୁକ୍ତ ଯୋଜନା ପ୍ରସ୍ତୁତ କରି ସହରର ବିକାଶ କରାଯାଇ ପାରିବ। ସହରର ସଡ଼କ, ନାଳ, ନର୍ଦ୍ଦମା, ସ୍ୱଚ୍ଛତା ହାତକୁ ନେଇ ମଡେଲ ପଦ୍ଧତିରେ ଯୋଜନା ପ୍ରସ୍ତୁତି ହେବ। ଏନ୍‌ଏସି ଅଞ୍ଚଳରେ ଥିବା ଅବ୍ୟବହୃତ ସରକାରୀ ଜମିକୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବିନିଯୋଗ କରାଯାଇ ପାରିବ। ଏହି ଅଧିକାର କଣ୍ଟାବାଞ୍ଜି ଏନ୍‌ଏସିକୁ ମିଳିଥିବାରୁ ନଗରପାଳ ବରିୟାମ ସିଂ ସାଲୁଜା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ନଗର ଉନ୍ନୟନ ବିଭାଗ ମୁଖ୍ୟ ଶାସନ ସଚିବଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ‘ବର୍ଷାପୂର୍ବରୁ ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣ’

**କଣ୍ଟାବାଞ୍ଜି,୨୮।୪(ଡି.ଏନ.ଏ.):** କଣ୍ଟାବାଞ୍ଜି ଏନ୍‌ଏସିର ପ୍ରଥମ ବୈଠକ ପୌର କାର୍ଯ୍ୟାଳୟ କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ନଗରପାଳ ବରିୟାମ ସିଂ ସାଲୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ ୧୬ଜଣ କାଉନସିଲ ପରିମଳ ବ୍ୟବସ୍ଥା ଉପରେ ଦୃଷ୍ଟିଆକର୍ଷଣ କରିଥିଲେ। ଗତ ତିନିବର୍ଷ ମଧ୍ୟରେ ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ସହରର ପରିମଳ ବ୍ୟବସ୍ଥା ଶୃଙ୍ଖଳିତ କରିବା ଉପରେ ଜୋର ଦିଆଯାଇଥିଲା। ବର୍ଷା ପୂର୍ବରୁ ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆଣିବାକୁ କାଉନସିଲରମାନେ ଦାବି କରିଥିଲେ। କାଉନସିଲର ନୀଳକଣ୍ଠ ଶତପଥୀ, ଗୁପ୍ତେଶ୍ୱର ତରିଆ, ଲଳିତ ଅଗ୍ରୱାଲ, ଅଶୋକ ବଂଶଲ, ବଣ୍ଟି ଖାନ, ମନୀଷ କୁମାର ଅଗ୍ରୱାଲ ନିଜ ୱାର୍ଡର ସମସ୍ୟା ସମ୍ପର୍କରେ କହିଥିଲେ। ବିଧାୟକ ସନ୍ତୋଷ ସିଂ ସାଲୁଜା ନବ ନିର୍ବାଚିତ କାଉନସିଲରଙ୍କ ସହ ନିର୍ବାହୀ ଅଧିକାରୀ ନିରଞ୍ଜନ ଧଳଙ୍କୁ ସ୍ୱାଗତ କରିଥିଲେ। କଣ୍ଟାବାଞ୍ଜିକୁ ଏକ ଆଦର୍ଶ ଏନ୍‌ଏସିରେ ପରିଣତ କରିବା ଦିଗରେ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକ ପରେ ୩୪ଜଣଙ୍କୁ ନୂତନ ବାର୍ଦ୍ଧକ୍ୟ, ବିଧବା ଭତ୍ତା ଏବଂ ୧୬୧ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପଟ୍ଟା ବଣ୍ଟନ କରାଯାଇଥିଲା। ବୈଠକରେ ଉପନଗରପାଳ ମନୋରମା ରାଉତ, ସିଓ ଜ୍ୟୋତ୍ସ୍ନାମୟୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ

# ବଡ଼ମାଲ ଫାଣ୍ଡିରୁ ୨ଅଭିଯୁକ୍ତ ଫେରାର

**ସଇଁତଲା,୨୮।୪ (ଡି.ଏନ.ଏ.)**

- ୩ କନଷ୍ଟେବଲ ନିଲମ୍ବିତ
- ମଦଭାଟି ଡ଼କାୟତି ଘଟଣାରେ ଅଟକ ଥିଲେ

ବିନ୍ଧନବାହାଲି ମଦଭାଟି ଡକାୟତି ଘଟଣାରେ ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ ବଡ଼ମାଲ ଫାଣ୍ଡି ପୋଲିସ ଅଟକ ରଖିଥିବା ୨ଅଭିଯୁକ୍ତ ବୁଧବାର ରାତିରେ ଫେରାର ହୋଇଯାଇଛନ୍ତି। ଦାୟିତ୍ୱରେ ଅବହେଳା ପାଇଁ ଗୁରୁବାର ୩ଜଣ କନଷ୍ଟେବଲଙ୍କୁ ଏସ୍‌ପି ନୀତିନ କୁଶଲକର ନିଲମ୍ବିତ କରିଛନ୍ତି। ସେମାନେ ହେଲେ ସଇଁତଲା ଥାନାର ସତ୍ୟବାନ ରାଉତ, ଅଶ୍ୱିନୀ ସେଠ ଓ ବଡ଼ମାଲ ଫାଣ୍ଡିର ସୁନୀଲ କୁମାର ମିଞ୍ଜ। ଫେରାର ହୋଇଥିବା ଅଭିଯୁକ୍ତ ସଇଁତଲା ଥାନା ସର୍ଗିପାଲି ଗ୍ରାମର ପଣ୍ଟୁ ଦାସ ଓ ଫୁଲବାଣୀ ଡୁମୁଡ଼ିବନ୍ଧର ସନ୍ତୋଷ ବଡ଼ସେଠଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି। ଅପରପକ୍ଷରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ବଲାଙ୍ଗୀର ଏଏସ୍‌ପି ଦିଲୀପ କୁମାର ପଟେଲ ସନ୍ଧ୍ୟାରେ ସଇଁତଲା ଥାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ପ୍ରକାଶ ଯେ, ଗତ ୧୮ ତାରିଖ ରାତିରେ ସଇଁତଲା ଥାନା ଅନ୍ତର୍ଗତ ବିନ୍ଧନବାହାଲି ମଦଭାଟିକୁ ମଦ ପିଇବା ବାହାନାରେ ୫/୬ଜଣ ଯୁବକ ପହଞ୍ଚି ଥିଲେ। ଭାଟି ମ୍ୟାନେଜର ଅର୍ଜୁନ ସିଂ ଓ ଅନ୍ୟ କର୍ମଚାରୀଙ୍କୁ ସେମାନେ ମାଡ଼ପିଟ କରିବା ସହ ବନ୍ଧୁକ ଦେଖାଇ ୧ ଲକ୍ଷ ୮୦ହଜାର ଟଙ୍କା ଓ ମୋବାଇଲ ଲୁଟି ନେଇ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ପୋଲିସ ସୋମବାର ପିଣ୍ଟୁ ଓ ସନ୍ତୋଷଙ୍କୁ ଉଠାଇ ଆଣି ତଦନ୍ତ ଚଳାଇଥିଲା। ବୁଧବାର ରାତି ୧୦ଟାରେ ଦୁଇ ଅଭିଯୁକ୍ତଙ୍କୁ ଫାଣ୍ଡିରେ ରାତ୍ର ଭୋଜନ ଦିଆଯାଇଥିଲା। ଖାଇ ସାରିବା ପରେ ହାତ ଧୋଇବା ବାହାନା ଦେଖାଇ ଅନ୍ଧାରର ସୁଯୋଗ ନେଇ ନିକଟସ୍ଥ ଜଙ୍ଗଲକୁ ସେମାନେ ଦୌଡ଼ି ପଳାଇଥିଲେ। ରାତିତମାମ ପୋଲିସ ନିକଟସ୍ଥ ଜଙ୍ଗଲ, ରେଳଷ୍ଟେଶନରେ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କର ପତ୍ତା ମିଳି ନ ଥିଲା। ଗଲାବେଳେ ଅଭିଯୁକ୍ତଙ୍କ ହାତରେ ହ୍ୟାଣ୍ଡକପ ପଡିଥିବା ଚର୍ଚ୍ଚା ହେଉଛି। ଘଟଣା ଜଣାପଡିବା ପରେ ଏସପି କୁଶଲକର ଏଏସପି ପଟେଲଙ୍କୁ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ।

# ପାନୀୟ ଜଳ, ବିଦ୍ୟୁତ୍ ସମସ୍ୟା ନେଇ ଉଦ୍‌ବେଗ

**ଖପ୍ରାଖୋଲ, ୨୮।୪(ଡି.ଏନ.ଏ.)**



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀ।

**ଖପ୍ରାଖୋଲ ପଞ୍ଚାୟତ ସମିତିର ପ୍ରଥମ ବୈଠକ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ପଞ୍ଚାୟତ ସମିତିର ପ୍ରଥମ ବୈଠକ ବ୍ଲକ ସଭାଗୃହଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୂପମା ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ଯୋଗଦେଇଥିଲେ। ଉପାଧ୍ୟକ୍ଷ ସୁଖିରାମ ଷାଣ୍ଢ, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ମେହେର, ପ୍ରମିଳା ପାଥର, ଏମ୍‌ପି ପ୍ରତିନିଧି ପ୍ରବୀଣ ଅଗ୍ରୱାଲ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟକିଶୋର ଜୟପୁରିଆ ଉପସ୍ଥିତ ଥିଲେ। ବିଡିଓ ରଶ୍ମିରନ ରାଉତ ନବନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ ଏବଂ ଜିଲା ପରିଷଦ ସଭ୍ୟାସଭ୍ୟଙ୍କୁ ସ୍ୱାଗତ ଜଣାଇଥିଲେ। ବୈଠକରେ ପାନୀୟ ଜଳ ଓ ବିଦ୍ୟୁତ ସମସ୍ୟା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ୬୦ ପ୍ରତିଶତ ନଳକୂଅ ଅଚଳ ହୋଇପଡିଛି। ଏହାର ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ବି କର୍ଣ୍ଣପାତ କରାଯାଉ ନ ଥିବା ପ୍ରସଙ୍ଗକୁ ଉପସ୍ଥିତ ସଦସ୍ୟମାନେ ବୈଠକରେ ଉଠାଇଥିଲେ। ପ୍ରବଳ ଗରମ ମଧ୍ୟରେ ବିଦ୍ୟୁତ୍ କାଟ ନେଇ ଜନ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଅଭିଯୋଗ ଶୁଣିବା ପରେ ବିଧାୟକ ସରୋଜ ମେହେର ଆର୍‌ଡବ୍ଲୁଏସ୍‌ଏସ୍ ଏବଂ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଏ ନେଇ ସ୍ପଷ୍ଟୀକରଣ ରଖିବାକୁ କହିଥିଲେ । ବିଧାୟକ ପାନୀୟ ଜଳ ସସମସ୍ୟାର ତତ୍କାଳ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅଫିସରେ ନବସି ଫିଲ୍ଡକୁ ଯାଇ ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସହିତ ସମସ୍ୟାର ସମାଧାନ କରିବାକୁ ଆର୍‌ଡବ୍ଲୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ସରିତା କୁଜୁରଙ୍କୁ ତାଗିଦ୍ କରିଥିଲେ।ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ବିଦ୍ୟୁତ୍ କାଟ ଏବଂ ବିଲ୍ ସଂଗ୍ରହ ସମ୍ପର୍କରେ ପ୍ରଶ୍ନ କରି ବିଧାୟକ ଏହି ମୁହୂର୍ତ୍ତରେ ସରବରାହ ବିଚ୍ଛିନ୍ନ ନକରିବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ୧୨ ଜଣ ଡାକ୍ତର ରହିବା ସ୍ଥାନରେ ୬ ଜଣ ଡାକ୍ତର ରହିଥିବା ନେଇ ଅଭିଯୋଗ ହୋଇଥିଲା। ସେହିପରି ବ୍ଲକରେ ଥିବା ୧୮୦ ବିଦ୍ୟାଳୟରେ ୯୭ଜଣ ଶିକ୍ଷକ ପଦବୀ ଖାଲି ପଡିଥିବା ବେଳେ ତାହାକୁ ପୂରଣ କରିବା ପାଇଁ ଦାବି ହୋଇଥିଲା ।ଖପ୍ରାଖୋଲ ମେଡିକାଲ ଅଫିସର ଡ.ସୁରଜ ଦୀପ, ବ୍ଲକ ପ୍ରାଣୀଧନ ଚିକିତ୍ସକ ଡ.ସୁଜିତ ଶତପଥୀ, ବ୍ଲକ କୃଷି ଅଧିକାରୀ ଡମ୍ବରୁଧର ମେହେର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିନିକେତନ ବରିହା, ହରିଶଙ୍କର ବନାଞ୍ଚଳ ଅଧିକାରୀ ଗିରିଧାରୀ ନାଗ, ସିଡିପିଓ ସୁଜାତା ଦୋରା,ଆରଡବ୍ଲୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ। ଜିପିଇଓ ସୁଶାନ୍ତ କୁମାର ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

## ଅଂଶୁଘାତରେ ନାବାଳକ ଗୁରୁତର

ପଲମ,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ମାଣ୍ଡେଲ ଗ୍ରାମର ହେମରାଜ ବେନୁଆଙ୍କ ପୁଅ ତସବିର (୧୨) ଅଂଶୁଘାତରେ ଗୁରୁତର ହୋଇଛନ୍ତି। ତାଙ୍କୁ ବାପା ହେମରାଜ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର କୁନାଲ ବାବୁ ପରୀକ୍ଷା କରି ତୁରନ୍ତ ଚିକିତ୍ସା କରିଥିଲେ। ବର୍ତ୍ତମାନ ତସବିରଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ଅଛି। ବାପ ପୁଅ ନର୍ଲା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖାକୁ ଜମା ଖାତା ଖୋଲିବା ପାଇଁ ଆସିଥିଲେ। ବ୍ୟାଙ୍କରେ ଅପେକ୍ଷା କରିଥିବା ସମୟରେ ପ୍ରଚଣ୍ଡ ଖରାରୁ ତସବିର ତଳେ ପଡିଯାଇଥିଲେ। ଏହାପରେ ବାପା ହେମରାଜ ପୁଅକୁ ନେଇ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ଶୁଖିଲା ପଡ଼ିଛି ୧୧୬ ପୋଖରୀ

କେସିଙ୍ଗା,୨୮।୪(ଡି.ଏନ.ଏ.)

ଗରମ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ମନୁଷ୍ୟଠାରୁ ଆରମ୍ଭ କରି ପଶୁପକ୍ଷୀ ଗ୍ରୀଷ୍ମ ପ୍ରବାହରେ ଅତିଷ୍ଠ ହୋଇ ପଡ଼ିଲେଣି। ଏଭଳିସ୍ଥିତିରେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ପାନୀୟଜଳ ସମସ୍ୟା ଦେଖାଦେଇଛି। ବ୍ଲକ ୨୬ଟି ଗ୍ରାମପଞ୍ଚାୟତରେ ଥିବା ୩୫୦ରୁ ଊର୍ଦ୍ଧ୍ୱ ପୋଖରୀରୁ ପ୍ରାୟ ୧୧୬ଟିରେ ପାଣି ସମ୍ପୂର୍ଣ୍ଣ ଶୁଖି ଯାଇଛି। ଫଳରେ ଲୋକେ ପାଣି ପାଇଁ ଅସୁବିଧା ଭୋଗୁଛନ୍ତି। ବ୍ଲକରେ ଗୃହ ପାଳିତ ପ୍ରାଣୀ ଯଥା ୬ ହାଜରରୁ ଊର୍ଦ୍ଧ୍ୱ ମଇଁଷି, ୩୦ ହଜାରରୁ ଊର୍ଦ୍ଧ୍ୱ ବଳଦ ଓ ଗାଈ ରହିଛି। ସେମାନଙ୍କ ପାଇଁ ପାନୀୟ ଜଳ ଘୋର ସମସ୍ୟା ଦେଖାଦେଇଛି। ଗ୍ରାମ ନିକଟରେ ଥିବା ନଈନାଳର ପାଣି ମଧ୍ୟ ଶୁଖିଗଲାଣି। ଗୃହପାଳିତ ପ୍ରାଣୀଙ୍କ ପାଇଁ ପାଣି ମୁନ୍ଦାଏ ପାଇବାକୁ ହେଲେ ବହୁତ କଷ୍ଟରେ ନଳକୂପଠାରୁ ପାଣି ସଂଗ୍ରହ କରି ଯୋଗାଇବାକୁ ପଡୁଛି। ଲୋକଙ୍କ



ବ୍ଲକର ଏକ ପୋଖରୀ ପାଣି ଶୁଖି ଯାଇଛି।

**କେସିଙ୍ଗା ବ୍ଲକ**

**■ ଲୋକ, ଗୃହ ପାଳିତ ପ୍ରାଣୀ ହନ୍ତସନ୍ତ**

ପାନୀୟ ଜଳ ସମସ୍ୟା ଦୂର ପାଇଁ ବ୍ଲକ ଆରଡବ୍ଲୁଏସଏସ ବିଭାଗ ପକ୍ଷରୁ ୨୮ଟି ପ୍ରୋଜେକ୍ଟକୁ ପ୍ରାୟ ୭୪ କୋଟି ବ୍ୟୟ ଅଟକକରେ ପ୍ରତି ଗ୍ରାମରେ ଗୋଟିଏ, ଦୁଇଟି ଲେଖାଏଁ କରି ଓଭରହେଡ ପାଣି ଟାଙ୍କି ନିର୍ମାଣାଧୀନ ରହିଛି। ବ୍ଲକର ୨୬ଟି ଗ୍ରାମପଞ୍ଚାୟତ ୧୧୦ ଗ୍ରାମରେ ୧୬୪୫ଟି ନଳକୂପ ରହିଛି। ଆରଡବ୍ଲୁଏସଏସ ପକ୍ଷରୁ ପ୍ରତ୍ୟେକ ଘରକୁ ପାନୀୟଜଳ ଯୋଗାଇ ଦେବା ପାଇଁ ପାଇପ ସଂଯୋଗ କାର୍ଯ୍ୟ ଶିରୋଳ, କାଣ୍ଡେଲ, କିକିଆ, ତୁର୍ଲା, ଦେଓଗାଁ, ମାଟିଆ, ବାଲସି, ବେଲଖଣ୍ଡି, ପାଷ୍ଟିକୁଡି ଆଦି ଗ୍ରାମରେ ଯୁଦ୍ଧକାଳୀନ ଭିତ୍ତି ନିର୍ମାଣାଧୀନ ରହିଛି। ଏ ନେଇ ଆରଡବ୍ଲୁଏସଏସ ବିଭାଗ କନିଷ୍ଠ ଯନ୍ତ୍ରୀ ଧର୍ମେନ୍ଦ୍ର ସେଠଙ୍କୁ ପଚାରିବାରୁ ପାନୀୟ ଜଳ ପାଇଁ ପ୍ରତ୍ୟେକ ଗ୍ରାମରେ ନଳକୂପ ବ୍ୟବସ୍ଥା କରାଯାଇଛି। ଦୁଇଟି ଭ୍ରାମ୍ୟମାଣ ଗାଡି ରହିଛି। ଯେଉଁ ଗ୍ରାମରୁ ଅଭିଯୋଗ ଆସିଲେ ତୁରନ୍ତ ଯାଇ ମରାମତି କରାଯାଉଛି। ବ୍ଲକରେ ୨୮ ପ୍ରୋଜେକ୍ଟରୁ ୧୫ଟି ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇଛି। ତିନି ଚାରି ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେଲେ, ପାନୀୟ ଜଳ ସମସ୍ୟା ଦୂର ହେବ ବୋଲି ପ୍ରକାଶ କରିଥିଲେ।

# ସ୍ମାର୍ଟ କ୍ଲାସରୁମ୍‌ରେ ମାଟ୍ରିକ ପରୀକ୍ଷା ଦେବେ ଛାତ୍ରୀଛାତ୍ର

ବେହେରା,୨୮।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ଦନ୍ତେଶ୍ୱରୀ ସ୍ମାର୍ଟ ବିଦ୍ୟାଳୟରେ ଚଳିତ ମାଟ୍ରିକ ପରୀକ୍ଷା ସ୍ମାର୍ଟ କ୍ଲାସ ରୁମ୍‌ରେ ଦେବାକୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଯାଇଛି। ସୁବ୍ୟବସ୍ଥିତ କେନ୍ଦ୍ରରେ ପରୀକ୍ଷା ଦେବାକୁ ଛାତ୍ରୀଛାତ୍ରମାନେ ଖୁସି ପ୍ରକଟ କରିଛନ୍ତି। ଚଳିତବର୍ଷ ଜିଲାର ୧୪୫ଟି କେନ୍ଦ୍ରରେ ୨୩୧୧୮ ପିଲା ପରୀକ୍ଷା ଦେଉଥିବା ବେଳେ ଦନ୍ତେଶ୍ୱରୀ ଉଚ୍ଚବିଦ୍ୟାଳୟରେ ୧୫୮ଜଣ ମାଟ୍ରିକ ପରୀକ୍ଷା ଦେବେ। ଜିଲାର ୧୩ଟି ବ୍ଲକରେ ଗୋଟିଏ ଲେଖାଏଁ ନୋଡାଲ ସେଣ୍ଟର କରାଯାଇଥିବା ବେଳେ କପି ରୋକିବା ପାଇଁ ଜିଲାରେ ୨ଟି ସ୍କ୍ୱାଡ ଗଠନ କରାଯାଇଛି। ଏଥିସହ ଗୋଟିଏ ରାଜ୍ୟସ୍ତରୀୟ ସ୍କ୍ୱାଡ ମଧ୍ୟ ଆସିବା ବ୍ୟବସ୍ଥା ଅଛି ବୋଲି ଜିଲା ଶିକ୍ଷା ଅଧିକାରୀ ଶୁଶାନ୍ତ କୁମାର ଚୋପଦାର ସୂଚନା ଦେଇଛନ୍ତି। ଦନ୍ତେଶ୍ୱରୀ ସ୍ମାର୍ଟ ବିଦ୍ୟାଳୟରେ ପ୍ରଚଣ୍ଡ ଖରାକୁ ରୋକିବା ପାଇ ଥଣ୍ଡା ପାନିୟ ଜଳ ସହ ଓଆରଏସ ପାଉଡର ଓ ପଙ୍ଖାର ବ୍ୟବସ୍ଥା କରାଯାଇଥିବା ସହ ୧୫୮ଜଣ ଛାତ୍ରୀଛାତ୍ରଙ୍କୁ ଚାରୋଟି ସ୍ମାର୍ଟ କ୍ଲାସରେ ବସିବା ସୁବ୍ୟବସ୍ଥା କରାଯାଇଛି। ପରୀକ୍ଷା ପରିଚାଳନା ପାଇଁ ୮ଜଣ ଶିକ୍ଷକ ଅନ୍ୟାନ୍ୟ ବିଦ୍ୟାଳୟରୁ ନିୟୋଜିତ କରାଯାଇଛି ବୋଲି ପ୍ରଧାନ ଶିକ୍ଷକ ରୁପେନ୍ଦ୍ର ବାଣୁଆ କହିଛନ୍ତି।

# ମୋବାଇଲ ଟାୱାର ଦାବିରେ ଜିଲାପାଳଙ୍କୁ ଦାବିପତ୍ର



ମୋବାଇଲ ଟାୱାର ପାଇଁ ପଞ୍ଚାୟତବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଭବାନୀପାଟଣା,୨୮।୪(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକ ଉପାନ୍ତ ଅଞ୍ଚଳବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି ମୋବାଇଲ ଟାୱାର। ଏହି ସମସ୍ୟା ବିପୁଳ ମାତ୍ରାରେ ଲୋକଙ୍କୁ ପ୍ରଭାବିତ କରିଥିବାବେଳେ ଗୁରୁବାର ଏଭଳି ଏକ ଅଭିଯୋଗ ନେଇ ବ୍ଲକର ଭୁର୍ଟିଗଡ଼ ପଞ୍ଚାୟତବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଜିଲାପାଳ ଓ କଳାହାଣ୍ଡି ବିଏସ୍‌ଏନ୍‌ଏଲ୍ ଅଧିକାରୀଙ୍କୁ ମୋବାଇଲ ଟାୱାର ସ୍ଥାପନ ପାଇଁ ଲିଖିତ ଭାବେ ଦାବି କରିଛନ୍ତି। ପ୍ରକାଶ ଯେ, ଏହି ପଞ୍ଚାୟତ କଳାହାଣ୍ଡି ଓ ରାୟଗଡ ଜିଲା ସୀମାନ୍ତରେ ଥିବାବେଳେ ଅନେକ ସମୟରେ ସ୍ୱାସ୍ଥ୍ୟସେବା ପାଇଁ ଲୋକେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିବାକୁ ହେଲେ ପାହାଡ଼ ଚଢି ଫୋନରେ ଖବର ଦେବାକୁ ପଡିଥାଏ । ନେଟୱର୍କ ନ ଥିବା ଯୋଗୁ ପିଲାଙ୍କ ପାଠପଢ଼ାରେ ମଧ୍ୟ ଅନେକ ସମସ୍ୟା ଉପୁଜୁଥିବା ଅଭିଯୋଗ କରିଛନ୍ତି ପଞ୍ଚାୟତବାସୀ। ଫଳରେ ବାଧହୋଇ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଏହି ବ୍ଲକର ୮୦ % ଅଞ୍ଚଳ ଘଞ୍ଚ ଜଙ୍ଗଲ ମଧ୍ୟରେ ରହିଛି। ଯେଉଁଠି କି ସବୁଦିନିଆ ପାଦଚଲା ରାସ୍ତା ମଧ୍ୟ ନାହିଁ। ଏହାସହ ଶିକ୍ଷା ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧାଠାରୁ ସ୍ଥାନୀୟ ଲୋକେ ବଞ୍ଚିତ। ବ୍ଲକର ଅନେକ ଅଞ୍ଚଳରେ ଆଜି ବି ମୋବାଇଲ ନେଟୱାର୍କ ନାହିଁ। ଫଳରେ ଲୋକେ ନାହିଁ ନ ଥିବା ସମସ୍ୟା ସମ୍ମୁଖୀନ ହେଉଛନ୍ତ। ଏଭଳି ସମସ୍ୟା ନେଇ ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ଘୋଷଣା କରିଥିଲେ ଯେ, କଳାହାଣ୍ଡି ଜିଲାର ୭୦ ପ୍ରତିଶତ ଉପାନ୍ତ ଅଞ୍ଚଳକୁ ମୋବାଇଲ ନେଟୱର୍କ ଯୋଗାଇ ଦିଆଯିବ। ମାତ୍ର ଏହା କେବଳ ଘୋଷଣାରେ ସୀମିତ ରହିଯାଇଛି।

# ୧୪୫ କେନ୍ଦ୍ରରେ ୨୩,୧୧୮ ପରୀକ୍ଷାର୍ଥୀ





ଜୁନାଗଡ଼ସ୍ଥିତ ଏକ କେନ୍ଦ୍ରରୁ ପରୀକ୍ଷା ପରେ ଛାତ୍ରୀମାନେ ବାହାରକୁ ଆସୁଛନ୍ତି।

ଭବାନୀପାଟଣା,୨୮।୪(ସ୍ୱ.ପ୍ର.)

ରାଜ୍ୟରେ ଗୁରୁବାରଠାରୁ ଆରମ୍ଭ ହୋଇଛି ଯୁକ୍ତ ୨ ପରୀକ୍ଷା। ଏପରିସ୍ଥଳେ ପ୍ରଥମ ଦିନରେ କଳାହାଣ୍ଡି ଜିଲାର ୧୪୫ଟି କେନ୍ଦ୍ରରେ ୨୩ ହଜାର ୧୧୮ଜଣ ଛାତ୍ରୀଛାତ୍ର କଳା ଓ ବାଣିଜ୍ୟରେ ପରୀକ୍ଷା ଦେଇଥିବା ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାର ସୂଚନା ଦେଇଛନ୍ତି। ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ୧୨ଟା ପର୍ଯ୍ୟନ୍ତ ଚାଲିଥିଲା। ୩୦ ମିନିଟ୍ ପୂର୍ବରୁ ପରୀକ୍ଷାର୍ଥୀ କେନ୍ଦ୍ର ଭିତରକୁ ପ୍ରବେଶ କରିଥିବା ବେଳେ ୧୦ ମିନିଟ୍ ପୂର୍ବରୁ ପିଲାଙ୍କୁ ପ୍ରଶ୍ନପତ୍ର ଦିଆଯାଇଥିଲା। କପିକୁ ରୋକିବା ପାଇଁ ପରୀକ୍ଷା ହଲଗୁଡିକରେ ସିସିଟିଭି ଲଗାଯାଇଛି। ଭବାନୀପାଟଣାସ୍ଥିତ

**କଳାହାଣ୍ଡି ଜିଲାରେ ଯୁକ୍ତ ୨ ପରୀକ୍ଷା**

କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ୯ଶହ ଛାତ୍ରୀଛାତ୍ରୀ ପରୀକ୍ଷା ଦେଇଥିବା ସୂଚନା ମିଳିଛି। ପରୀକ୍ଷା ଆସନ୍ତା ମେ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରକାଶ ଯେ, କରୋନା ମହାମାରୀ ଯୋଗୁ ଗତ ୨ ବର୍ଷ ହେଲା ପରୀକ୍ଷା କରା ନ ଯାଇ ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ କରାଯାଉଥିଲା। ଫଳରେ ସମସ୍ତ ଛାତ୍ରୀଛାତ୍ର ପରୀକ୍ଷା ନ ଦେଇ ଉର୍ତ୍ତୀର୍ଣ୍ଣ ହୋଇଯାଉଥିଲେ। ଏଥିରେ ଭଲ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ଟାଲେଣ୍ଟ ଜଣାପଡୁ ନ ଥିଲା। କିନ୍ତୁ ଏଥର ଅଫଲାଇନ୍ ପରୀକ୍ଷା ଯୋଗୁ ଭଲ ଛାତ୍ରୀଛାତ୍ରଙ୍କ ଟାଲେଣ୍ଟ ଜଣାପଡିବ ବୋଲି ବୁଦ୍ଧିଜିବୀ ମହଲରେ ପ୍ରକାଶ ପାଇଛି।

# 'ଆସ ଆମେ ସ୍କୁଲ ଯିବା' ରଥ ଉଦ୍‌ଘାଟିତ



'ଆସ ଆମେ ସ୍କୁଲ ଯିବା' ରଥ ଉଦ୍‌ଘାଟନ କରାଯାଉଛି।

କୋକସରା,୨୮।୪(ଡି.ଏନ.ଏ.)

କୋଭିଡ୍ ଯୋଗୁ ଦୀର୍ଘ ୨ ବର୍ଷ ହେବ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ହୋଇଥିଲା। ଏଥିପାଇଁ ଗ୍ରାମାଞ୍ଚଳର ଅନେକ ପିଲା ଶିକ୍ଷାରୁ ବଞ୍ଚିତ ରହିବା ସହ ପ୍ରାଥମିକ ଶିକ୍ଷାରୁ ଦୂରେଇ ରହିଛନ୍ତି। ସେହି ପିଲାଙ୍କୁ ପୁଣିଥରେ ସ୍କୁଲ ମୁହାଁ କରିବା ଲାଗି କଳାହାଣ୍ଡି ଜିଲା ଶିକ୍ଷା ବିଭାଗ ପକ୍ଷରୁ 'ଆସ ଆମେ ସ୍କୁଲ ଯିବା' ଏକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଗତ ୨୬ ତାରିଖରେ କଳାହାଣ୍ଡି ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ ଚୋପଦାର ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ସମସ୍ତ ବ୍ଲକର ସଚେତନତା ରଥ ଶୁଭାରମ୍ଭ କରିଥିବା ବେଳେ ଗୁରବାର କୋକସରା ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ଏହି ରଥ ଉଦ୍‌ଘାଟନ କରିଛନ୍ତି। ବ୍ଲକ ଶିକ୍ଷା ଅଧିକାରୀ ରମାକାନ୍ତ ଦାସ, ବିଆରସିସି ତୋଫାନ ମାଝି, ଏବିଇଓ ବିଜୟ କୁମାର ବାରିକ, ନୋଡାଲ ସିଆରସିସି ବୈକୁଣ୍ଠ ଜାଲ, ସୁବାଷ ଚନ୍ଦ୍ର ବାଗ, ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ବାଲା ଠାକୁର, ଶିକ୍ଷକ ବବ୍ରୁବାହାନ ବିଶି, ଦୟା ସାଗର ଘିଙ୍କ ସମେତ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଉପସ୍ଥିତ ରହିଥିଲେ। ବ୍ଲକର ୨୨ ପଞ୍ଚାୟତ ଭ୍ରମଣ କରି ଶିକ୍ଷାର ମହତ୍ତ୍ୱ ଓ ସ୍କୁଲରେ ପିଲାଙ୍କ ଉପସ୍ଥାନ ବୃଦ୍ଧି କରିବା ଲକ୍ଷ୍ୟ ନେଇ ସଚେତନ କରିବା ପାଇଁ 'ଆସ ଆମେ ସ୍କୁଲ ଯିବା' କାର୍ଯ୍ୟକ୍ରମ ଶିକ୍ଷା ବିଭାଗ ପକ୍ଷରୁ ସଚେତନତା କରାଯାଉଛି।


idco ODISHA NEW OPPORTUNITIES
**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**

Tender Call Notice No. BBSR/ELECT/E-4129/2021/994 Dated: 25.04.2022

No. CAD-340 **NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work : Construction of 11/0.4 KV, 250KVA substation along with 11KV line DP and Metering unit DP towards Power Supply to Pre-processing Centre of Sea Food at Kimilo, Jagatsinghpur

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower - 2000, 4th Floor, Mancheswar I/E, Bhubaneswar | Bid Id No. BBSR/ ELECT/e-04/22-23 | 04.05.2022 at 17.00 Hrs. | 17.05.2022 at 17.00 hrs. |

Further details can be seen from the e-Procurement Portal: **www.tendersorissa.gov.in.** Corrigendum or addendum if any will not be published in Newspapers and can be seen in e-Procurement portal as well as in IDCO website.

OIPR-14003/11/0032/2223 Sd./- Divisional Head (Elect.), IDCO, Bhubaneswar

**OFFICE OF THE ENGINEER-IN-CHIEF, RURAL WATER SUPPLY & SANITATION, JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA**
Tel: 0674-2395734, FAX: 0674-2394946, e-mail: cerwssodisha@gmail.com

**NOTICE INVITING BID**

**NATIONAL COMPETITIVE BIDDING THROUGH e-PROCUREMENT FOR EXECUTION OF RURAL PIPED WATER SUPPLY PROJECTS IN DIFFERENT DISTRICTS ON EPC CONTRACT**

No.3363, Date:27.04.2022

**No.O-133:**The Engineer-in-Chief, RWSS, Odisha, Bhubaneswar, on behalf of the Governor of Odisha is engaged in the execution, operation & maintenance of water supply projects to the villages of different districts in the State of Odisha & as part of this endeavour, Government of Odisha has decided to undertake the work as mentioned below (the "Project") under EPC contract (Engineering, Procurement & Construction) basis, & has decided to carry out the bid process for selection of the eligible Contractors to whom the projects under the package may be awarded eventually for construction as well as operation and maintenance for a period of 5 years.

| Package No. | Name of Work | Bid Identification No. | Indicative project cost (Rs.in crore) | Period for completion & O & M Period | Availability of Bid document for online bidding | |
|---|---|---|---|---|---|---|
| | | | | | From | To |
| Pkg-I | Execution of 04 Nos. Individual Rural Piped Water Supply Project pertaining to Astaranga, Gop, Kakatpur, Delang, Puri Sadar & Satyabadi block of Puri District including 5 years O&M on EPC contract under the package. | EIC, RWSS-01/22-23 | 485.82 | 24 (Twenty Four months) & 60 (Sixty Months) | 17.00 hrs. of 09.05.2022 | 17.00 hrs. of 09.07.2022 |
| Pkg-II | Execution of 02 Nos. Individual Rural Piped Water Supply Project pertaining to Angul & Banrapal Block of Angul District including 5 years O&M on EPC contract under the package. | EIC, RWSS-02/22-23 | 380.80 | 24 (Twenty Four months) & 60 (Sixty Months) | 17.00 hrs. of 09.05.2022 | 17.00 hrs. of 09.07.2022 |
| Pkg-III | Execution of 02 Nos. Individual Rural Piped Water Supply Project pertaining to Patrapur. Chikiti, Digapahandi and Sanakhemundi Block of Ganjam District (Berhampur Division) including 5 years O&M on EPC contract under the packaae. | EIC, RWSS-03/22-23 | 429.63 | 24 (Twenty Four months) & 60 (Sixty Months) | 17.00 hrs. of 09.05.2022 | 17.00 hrs. of 09.07.2022 |
| Pkg-IV | Execution of 03 Nos. Individual Rural Piped Water Supply Project pertaining to Sonepur,Tarava,Ullunda & Birmaharajpur Block of Sonepur District including 5 years O&M on EPC contract under the package. | EIC, RWSS-04/22-23 | 433.84 | 24 (Twenty Four months) & 60 (Sixty Months) | 17.00 hrs. of 09.05.2022 | 17.00 hrs. of 09.07.2022 |

Name & address of Officer Inviting Bid : Engineer-in-Chief, RWSS, Jal 'O' Parimal Bhawan, Unit-V, Bhubaneswar, Ph: 0674-2395734/ 0674-2531533, e-mail: cerwssodisha@gmail.com.
Further details can be seen from the e-procurement portal **http://tendersodisha.gov.in.**

Sd./- Engineer-in-Chief, RWSS
OIPR-25003/11/0002/2223

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 7303/IND-II-PH-1028 ତାରିଖ 27.04.2022

No. CAD-347

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ଫେରୋଆଲଏଜ୍ କର୍ପୋରେସନ ଲିମିଟେଡ୍, ଓଡ଼ିଶାର ଭଦ୍ରକ ଜିଲ୍ଲା ଅନ୍ତର୍ଗତ ରାନ୍ଧିଆ ଗ୍ରାମରେ ସ୍ଥିତ ଫେରୋଆଲଏଜ୍ ପ୍ରକଳ୍ପର ସମ୍ପ୍ରସାରଣ କରି ୧x୪୫ ଏମ୍‌ଭିଏ ଫର୍ନେସ୍ ଦ୍ୱାରା ଉଚ୍ଚ କାର୍ବନ ଫେରୋ-କ୍ରୋମ ଉତ୍ପାଦନ ବାର୍ଷିକ ୭୫୦୦୦ ଟନ୍ କରିବା ଏବଂ ବାର୍ଷିକ ୬୩୦୦ ଟିପିଏ ଏମ୍.ଅର୍.ପି. ବାର୍ଷିକ ୧୪୫୦୦୦ ଟନ୍ ପର୍ଯ୍ୟନ୍ତ ଏବଂ ବାର୍ଷିକ ୧୧୮୦୦ ଟନ୍ ଏମ୍.ଆର୍.ପି.କୁ ବୃଦ୍ଧି ନିମନ୍ତେ ଅତିରିକ୍ତ ଅବସ୍ଥାପିତ ୧x୪୫ ଏମ୍‌ଭିଏ ଏସ୍‌ଏଏଫ୍ ସହିତ ବର୍ଦ୍ଧିତ ୧x୩୩ ଏମ୍‌ଭିଏ ଏସ୍‌ଏଏଫ୍ ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୩୧।୦୫।୨୦୨୨ରିଖ ଦିବା ୦୯.୦୦ ଘଟିକା ସମୟରେ **ଭଦ୍ରକ ଜିଲ୍ଲା ଅନ୍ତର୍ଗତ ରାନ୍ଧିଆ ଗ୍ରାମରେ ସ୍ଥିତ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ଯ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଭଦ୍ରକ** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଭଦ୍ରକ**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଭଦ୍ରକ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ବାଲେଶ୍ୱର**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ବାଲେଶ୍ୱର**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OIPR-08012/11/0044/2223 ସ୍ୱା./-ସଦସ୍ୟ ସଚିବ

**ODISHA HYDRO POWER CORPORATION LTD.**
OHPC O/o. SR. GENERAL MANAGER, HIRAKUD HYDRO ELECTRIC PROJECT
POST BOX NO.-5, BURLA-768017, DISTRICT: SAMBALPUR (ODISHA),
PHONE: 0663-2950721 (O), 2950765 (R), E-mail: srgmhps_burla@yahoo.co.in
CIN: U40101OR1995SGC003963

No.: HHEP/Tech-W-56/17/1908 Date: 28.04.2022

**e-TENDER NOTICE No. HHEP-14/2022**

No.: CAD-344: Unit Head, HHEP, Burla invites percentage rate e-tender in two parts from the eligible class of contractor, registered with the Govt. of Odisha and contractor of equivalent grade/class registered with Central Govt./MES/Railway to be received **online mode only** for the following work in the portal **https://tendersodisha.gov.in**. Only those bidders who successfully remit their cost of tender paper & EMD online would be able to eligible in the tender.

| Sl. No. | Name of Work | Approx. tender value of work (in Rs.) | Class of Contractor | Cost of tender (Non-refundable) |
|---|---|---|---|---|
| 1 | Roof top shed at C-16 of HHEP, Burla | 9,37,572/- | D & C | Rs.4720/- (Rs.4000/- + GST 18%) |

- Availability of bids online : 30.04.2022 (11.00 A.M.) to 12.05.2022 (05.00 P.M.)
- Last date & time of receipt of bid online : 12.05.2022 upto 05.00 P.M.
- Date & time of opening of tender : 13.05.2022 at 11.30 A.M.
- EMD : In shape of Bid Security Declaration form
- The bidders shall have to participate in online only in the portal **https://tendersodisha.gov.in**.

Further details can be seen from the e-procurement portal **https://tendersodisha.gov.in / www.ohpcltd.com**.

OIPR-04007/11/0003/2223 Sd./- Unit Head, HHEP, Burla

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER SAMBALPUR (R&B) DIVISION NO. II, SAMBALPUR**
E-mail - eesbprnbdivision2@gmail.com Phone -0663-2410104
BID IDENTIFICATION No. SE / R and B / SBP II / 04 (online) / 2022-23

**E-procurement notice**

**No. 1382** **/Dated,27.04.2022**

**No.B-100:**The Superintending Engineer, Sambalpur (R&B) Division No.II, Sambalpur on behalf of Governor of Odisha, invites Percentage Rate bids in single cover System in ONLINE MODE.

1. No. of work :- **04 (Four) Nos. (3 Nos. Electrical & 1 No. Fire Extinguisher works)**
2. Tender Cost :- Rs.6,000/- & Rs.4,000/-
3. Class of Contractor :- Electrical Contractor / OEM or Specialized agency or Registered firm with Associate Electrical Contractor
4. Availability of bid document in the website :- 10:00 Hours of 04.05.2022 to 17:00 Hours of 16.05.2022
5. Date of Opening of Tenders :- 10:30 Hours on dt.17.05.2022

The Bidders have to participate in ONLINE bidding only. Further details can be seen from the Web Site www.tendersodisha.gov.in only. Any Corrigendum / Addendum/cancellation of tender will be displayed in the website said only.

**Superintending Engineer**
**Sambalpur (R&B) Division No.II**
**OIPR-34136/11/0006/2223**

**OFFICE OF THE PROJECT ADMINISTRATOR I.T.D.A., RAIRANGPUR**
At-Rairangpur W. No.3, Mandirsahi, Email:paitdarrp@yahoo.in,itdargp@nic.in
P.O.-Rairangpur,Dist-Mayurbhanj-757043, Office No.06794-222024

Letter No. 682 //2022-ITDARRP Dated, the 28.04.2022

**1ST CORRIGENDUM NOTICE OF BID IDENTIFICATION NO. 01/2022-23 OF ITDA, RAIRANGPUR**

**No.CAD-346:**The following changes have been made to the Bid Identification No. 01/2022-23 date 25.04-2022 which was published in daily Oriya Newspaper "Dharitri" & "Pragativadi" and in English News Paper "The Times of India" on date 26 04.2022, As per Annexure-1 Amendments to Clause-3 of Appendix-VIII of O.P.W.D. Code volume-II of Lt. No. 15958, Dt. 20.04.2022 of Engineer-in-Chief (Civil), Odisha, Nirman Soudha, Bhubaneswar. The Class of Contractor as mentioned earlier in the Bid Identification No. 01/2022-23 Dt. 25.04.2022 of ITDA. Rairangpur has been modified against the Bid Identification Work Sl. No. 1,2, 3, the Class of Contractor read as'C'&'B'instead of'B'&'A'. Similarly the Work Sl. No. 5,12,15,16,25,27,34,39,40 & 41 the Class of Contractor read as 'D' & 'C' instead of 'C' & 'B'.

The above Bid Identification Clause No.2 against Column No. 5 the Work Sl. No. 4,7,8,9,10,11,14,23,24,32,33,36,37 & 38 the cost of Bid document is read as Rs. 2000/- instead of Rs. 4000/-.

Also in DTCN Clause No. 12 of this Bid Identification provision for reduction of the rate of performance security from 5-10 % to 3 % of the value of contract have been made vide FDMO No. 8952/F Dated 18.03.2022 has been extended the dateline up to 31st December, 2022 as per Finance Department, Govt. of Odisha No. 8475/F Dt. 05.04.2022. The other terms and condition are available in tender schedule are remain unchanged.

All concerned be presume as modified to above extent.

**Sd./- Project Administrator, I.T.D.A., Rairangpur**
**OIPR-19080/11/0002/2223**

**OFFICE OF THE SUB-COLLECTOR-CUM-EXECUTIVE OFFICER, BARIPADA DEBATTOR**

**QUOTATION CALL NOTICE**

**No.177 / Date: 20.04.2022**

No.-F-35:- Applications are invited from the local GST registered iron dealers who intended to supply 42 Nos. of iron hal to Baripada Debattor as per the following specification.

**Unit Head, HHEP, Burla**

| Name of the commodity | Quantity | Length of Hal | Width of Hal | Breadth of Hal |
|---|---|---|---|---|
| Iron Hal | 42 Nos. | 20.00" | 0.5" | 5 mm. |

**Term & condition**:
(a) The applicant agencies must be a registered unit under G.S.T.
(b) The interested applicant agencies will deposit Rs.5,000/- (Rupees five thousand) only towards security deposit & receive the money receipt from the cashier. They will be attached this money receipt with their quotation application form.
(c) The agencies should quote the minimum price of iron hal per Kg. in his application.
(d) Applicant agencies must attach the up to date tax deposit receipt of G.S.T. along with his application form.
(e) The applicant agencies will not be allowed any extra charges beyond finalization of tender rate.
(f) The applicant will submit their application in a sealed envelope before the cashier of debattor section from 7 A.M. to 1 P.M. from 22.04.2022 to 30.04.2022.
(g) The tender application will be opened on 02.05.2022 in the chamber of Sub-Collector-Baripada at 9 A.M. in the presence of the applicants or their representatives.
(h) The selected agency will supply the iron hal within 15 days from the date of the receipt of the work order from the undersigned.
(i) This quotation call notice can be cancelled without assign any reason.

**Sd./- Sub-Collector-cum-Executive Officer**
**Baripada, Debattor**
OIPR-24277/11/0002/2223

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୯ ଏପ୍ରିଲ, ୨୦୨୨

**ଗଛରୁ ଗଳିତ ମୃତଦେହ ଜବତ**

**ବରଗଡ଼ ଅଫିସ୍:** ବରଗଡ଼ ଟାଉନ ଥାନା ଅନ୍ତର୍ଗତ ତୋରା ପଞ୍ଚାୟତ ଅଧୀନ ବାନ୍ଧେନଟିକ୍ରା ଗ୍ରାମର ଏକ ଗଛରେ ଝୁଲୁଥିବା ଗଳିତ ମୃତଦେହକୁ ଗୁରୁବାର ଉଦ୍ଧାର କରାଯାଇଛି। ପୋଲିସ ଉପସ୍ଥିତିରେ ସ୍ଥାନୀୟ ସଂକଳ୍ପ ପରିବାରର ସ୍ବେଚ୍ଛାସେବୀମାନେ ମୃତଦେହ ଉଦ୍ଧାର କରିଥିଲେ। ଏହା ଜଣେ ପୁରୁଷଙ୍କର ହୋଇଥିବାବେଳେ ମୃତକଙ୍କ ପରିଚୟ ମିଳିପାରିନାହିଁ। ମୃତଦେହ ନିକଟରେ ଝୁଲିଥିବା ଏକ ପ୍ୟାଣ୍ଟ ଏବଂ ଗଳାରେ ବନ୍ଧାଯାଇଥିବା ଗାମୁଛାକୁ ପୋଲିସ ଜବତ କରିଛି। ବରଗଡ଼ ଡାକ୍ତରଖାନା ଫ୍ରିଜରରେ ମୃତଦେହ ରଖାଯାଇଛି। ଚିହ୍ନଟ ପାଇଁ ସେଠାରେ ୭୨ଘଣ୍ଟା ରଖାଯିବ ବୋଲି ପୋଲିସ କହିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଛି।



## ସଂକ୍ଷେପରେ

### ୮୦କିଲୋ ଗଞ୍ଜେଇ ଜବତ, ୨ ଗିରଫ

**ସୋନପୁର,୨୮।୪(ନି.ପ୍ର.):** ସୋନପୁର ଟାଉନ ପୋଲିସ ତେଲନଦୀ ବ୍ରିଜ୍ ପାର୍ଶ୍ବରେ ଗୁରୁବାର ଚଢାଉ କରି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ବରଗଡ ଜିଲା ବରପାଲି ଥାନା କେବଡ ଗାଁର ଚୂଡ଼ାମଣି ମେହେର(୩୪) ଓ ଅନନ୍ତ ନାଏକ(୨୮)ଙ୍କୁ ପୋଲିସ ଗିରଫ କରିଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ, ଯାନବାହାନ ଯାଞ୍ଚ ସମୟରେ ସାଣ୍ଟ୍ରୋ କାର ନମ୍ବର ଓଆର୦୩ଏଫ-୩୭୦୬ରୁ ୫ ବସ୍ତା ଗଞ୍ଜେଇ ମିଳିଥିଲା । ଚୂଡ଼ାମଣି ଓ ଅନନ୍ତ ବୌଦ୍ଧ ଜିଲା ଦପଲା ଅଞ୍ଚଳରୁ ଗଞ୍ଜେଇ କିଣି ବରଗଡ ଜିଲାର ପଦ୍ମପୁର ଅଞ୍ଚଳକୁ ଚାଲାଣ କରୁଥିବା ତଦନ୍ତରୁ ଜଣାପଡିଛି । ପୋଲିସ ଏକ ମାମଲା ରୁଜୁ କରିବା ସହ ବ୍ୟବହୃତ କାରକୁ ଜବତ କରିଛି। ସୋନପୁର ଆଇଆଇସି ନିରଞ୍ଜନ ଦାସ ଘଟଣାର ତଦନ୍ତ କରୁଛନ୍ତି ।

### ପଦ୍ମପୁର ବ୍ଲକ: ୧୨ କେନ୍ଦ୍ରରେ ପରୀକ୍ଷା ଦେବେ ୧୯୮୮ ଛାତ୍ରୀଛାତ୍ର

**ଆଜିଠୁ ମାଟ୍ରିକ ପରୀକ୍ଷା**

**ପଦ୍ମପୁର,୨୮।୪(ଡି.ଏନ.ଏ):** ମାଧମିକ ଶିକ୍ଷା ପରିଷଦ ପରିଚାଳିତ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହେବ। ଏ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ଦେଖିବାକୁ ମିଳୁଛି। ଗତ ଦୁଇବର୍ଷ ଧରି କରୋନା ସଂକ୍ରମଣ ଯୋଗୁ ଦଶମ ଶ୍ରେଣୀ ବୋର୍ଡ ହୋଇପାରି ନ ଥିଲା। ତେଣୁ ଏଥର ପରୀକ୍ଷାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମାନସିକ ଚାପ ବଢ଼ିଥିବା ପରିଲକ୍ଷିତ ହୋଇଛି। ବରଗଡ଼ ଜିଲା ପଦ୍ମପୁର ବ୍ଲକ ଶିକ୍ଷାଧିକାରୀ ଜୟ କୁମାର ସାହୁଙ୍କ ସୂଚନା ମୁତାବକ, ଏଥର ପଦ୍ମପୁର ବ୍ଲକରେ ମୋଟ ୧୨ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଏଥିରେ ରେଗୁଲାର ୧୮୯୦, ଏସ୍ଓଏସ୍‌ସି ୪୭, ମଧମା ୪୩ ଓ କରେସପଣ୍ଡେଣ୍ଟ କୋର୍ସ ୭ ଜଣ ଏଭଳି ମୋଟ ୧୯୮୮ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ପରୀକ୍ଷାକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ବ୍ଲକର ଆର୍.ବି ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଜମଲା ହାଇସ୍କୁଲରେ ସିସିଟିଭି ବ୍ୟବସ୍ଥା କରାଯାଇଛି। ସେହିପରି ପ୍ରତ୍ୟେକ କେନ୍ଦ୍ରକୁ ସ୍ବତନ୍ତ୍ର ଅବଜର୍ଭର ଭାବେ ସ୍ଥାନୀୟ ତହସିଲଦାର, ବିଡିଓ, ଏବିଇଓ ଯାଇ ଅନୁଧାନ କରିବେ ଏବଂ ସ୍ଥାନୀୟ ପୋଲିସ ରହିବେ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପ୍ରତ୍ୟେକ କେନ୍ଦ୍ରରେ ପାନୀୟ ଜଳ ଏବଂ ଓଆରଏସ୍ ରଖିବା ପାଇଁ କୁହାଯାଇଛି ।

### ୭୦ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା ତାଲିମ

**ଅମରପାଲି,୨୮।୪(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା +୨ କଲେଜରେ ଛାତ୍ରୀମାନଙ୍କ ପାଇଁ ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ଅଧକ୍ଷ ଭୋଳାନାଥ କର୍ମୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ଅନନ୍ଦା ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଓ ପ୍ରାଧ୍ୟାପକ ରମାକାନ୍ତ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଦେବାଶିଷ ପଧାନ, ସୁବ୍ରତ ପଣ୍ଡା, ବିଶମୟ ଗୁରୁ, ଅଧ୍ୟାପିକା ସୀମାରେଣୁ ମିଶ୍ର ଓ ଗ୍ରନ୍ଥଗାରିକ ଗୋପାଳ ଭୋଇ ଅତିଥି ଭାବେ ଯୋଗଦେଇଥିଲେ। ସୁଶ୍ରୀ ଶୁଭଶ୍ରୀ ଶୁଭସ୍ମିତା ଦାଶ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ସୁରେନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ଭୋଇ, ହରିହର ସାହୁ, ଶମ୍ଭୁ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ୮ ଦିନ ଧରି ୭୦ଜଣ ଛାତ୍ରୀ ତାଲିମ ଗ୍ରହଣ କରିଥିଲେ।

### ବାଇକ ଦୁର୍ଘଟଣାଗ୍ରସ୍ତ, ଯୁବକ ମୃତ

**ଅମରପାଲି,୨୮।୪(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ଡୁମୁରୀ ଗ୍ରାମର ଯୁବକ ପ୍ରଶାନ୍ତ ଦାଶ (୨୫)ଙ୍କ ବାଇକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସମ୍ବଲପୁର ଓ ସୁବର୍ଣ୍ଣପୁର ଜିଲା ସୀମବର୍ତ୍ତି ଗରିଆମୁଣ୍ଡା ନିକଟରେ ତାଙ୍କ ବାଇକ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହେବାରୁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରେଢ଼ାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ସେ ଗତବର୍ଷ ବିବାହ କରିଥିଲେ ଓ ତାଙ୍କର ମାତ୍ର ୬ ଦିନର ଏକ କୁନି ଝିଅ ଅଛି।

# ଟୋକନ ଅବଧି ଅଡୁଆ

**ବରଗଡ଼ ଜିଲା**

- ସପ୍ତାହକ ପରେ ଖୋଲିବ ମଣ୍ଡି
- ଦ୍ବନ୍ଦ୍ବରେ ରହିଛନ୍ତି ଚାଷୀକୁଳ
- ରବି ଧାନବିକ୍ରିରୁ ବଞ୍ଚିତ ହେବେ



**ବରଗଡ଼ ଅଫିସ୍,୨୮।୪**

ବରଗଡ଼ ଜିଲାରେ ରବିଧାନ ଅମଳ ଆରମ୍ଭ ହୋଇଛି। ଜିଲାର ଅତାବିରା, ଭେଡ଼େନ ବ୍ଲକର କେତେକାଞ୍ଚଳରେ ଚାଷୀମାନେ ଧାନ ଅମଳ କରୁଥିବା ପରିଲକ୍ଷିତ ହୋଇଛି। ଜିଲାର ପ୍ରାୟ ସମସ୍ତ ଅଞ୍ଚଳରେ ଧାନ ପାକଳ ଅବସ୍ଥାକୁ ଆସିଯାଇଥିବାରୁ ଆଉ ଅଳ୍ପ ଦିନ ପରେ ଅମଳ ଜୋର୍ ଧରିବ। ଅନ୍ୟପଟେ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବାକୁ ଆଉ ମାତ୍ର ସପ୍ତାହେ ବାକି। ଆସନ୍ତା ମେ ୬ତାରିଖରେ ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଅଧୀନ ଅତାବିରା, ଭେଡ଼େନ ବ୍ଲକର ମଣ୍ଡିଗୁଡ଼ିକ ଖୋଲି ଏହି ପ୍ରକ୍ରିୟା ଆରମ୍ଭ ହେବ। କିନ୍ତୁ ଏଥର ବିକ୍ରିଯୋଗ୍ୟ ଧାନ ଅର୍ଥାତ୍ ଚାଷୀମାନେ ଏକର ପ୍ରତି କେତେ ପରିମାଣ ଧାନ ବିକିପାରିବେ ଏବଂ ଟୋକନ ଅବଧି କେତେଦିନ ରହିବ, ତାହା ସ୍ପଷ୍ଟ ହୋଇ ପାରିନାହିଁ। ଫଳରେ ଏହାକୁ ନେଇ ଚାଷୀମାନେ ଦ୍ବନ୍ଦ୍ବରେ ରହିଛନ୍ତି।

ଜିଲାରେ ଖରିଫ ଋତୁ ଅପେକ୍ଷା ରବିଋତୁରେ କମ୍ ଧାନ ଅମଳ ହୋଇଥାଏ। ମାତ୍ର ଖରିଫ ଭଳି ରବିଋତୁରେ ମଧ୍ୟ ଧାନ କିଣାବିକା ସମସ୍ୟା ଲାଗି ରହିଥାଏ। ଗତ କିଛିବର୍ଷ ହେଲା ଧାନ କିଣାବିକାରେ ଟୋକନ କଟକଣା ଚାଷୀଙ୍କୁ ଅଡୁଆରେ ପକାଇଛି। ଧାନବିକ୍ରି ପାଇଁ ଟୋକନରେ ଚାଷୀଙ୍କୁ ଅମଳ ପୂର୍ବରୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଦିଆଯାଉଛି। ସେହି ଅବଧି ମଧ୍ୟରେ ମଣ୍ଡିକୁ ଧାନ ଆଣି ନ ପାରିଲେ ଚାଷୀ ସେଥିରୁ ବଞ୍ଚିତ ରହୁଛି। ତେବେ ପରିବର୍ତ୍ତିତ ପାଗରେ କାହାର ଧାନ କେବେ ଅମଳ ହେବ, ତାହା ଆକଳନ କରିବା ସହଜ ହେଉ ନ ଥିବାବେଳେ ଧାନବିକ୍ରିରେ ସେଭଳି କଟକଣା ଚାଷୀଙ୍କୁ ଅଡୁଆ ସାଜିଛି। ଗତବର୍ଷ ରବିଋତୁରେ ଏହି ଅବଧି ୧୨ଦିନ ରହିଥିଲା ଏବଂ ବହୁଚାଷୀ ଧାନବିକ୍ରିରୁ ବଞ୍ଚିତ ହୋଇଥିଲେ। ଫଳରେ ଏଥର ଏହି ଅବଧି ବୃଦ୍ଧି କରା ନ ଗଲେ ପୁଣି ଚାଷୀ ସେଭଳି ସମସ୍ୟାରେ ଛନ୍ଦି ହେବା ଆଶଙ୍କା ରହିଛି ।

ସେହିପରି ଗତବର୍ଷ ରବି ଋତୁରେ ଏକର ପ୍ରତି ୨୬କୁଇଣ୍ଟାଲ ଧାନ କିଣାଯାଇଥିଲା। ଗତ ୭ତାରିଖରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇସାରିଥିଲେ ସୁଦ୍ଧା ସେ ନେଇ କିଛି ଚୂଡ଼ାନ୍ତ ହୋଇପାରି ନ ଥିଲା। ଟୋକନ ଅବଧି, ଧାନବିକ୍ରି ପରିମାଣ ନିର୍ଦ୍ଧାରଣ କରିବା କ୍ଷମତା ପ୍ରଶାସନ ପାଖରେ ନାହିଁ । ରାଜ୍ୟ ସରକାର ସେ ସମ୍ପର୍କିତ ନିଷ୍ପତ୍ତି ନେବେ ବୋଲି ସେତେବେଳେ ବିଭାଗୀୟ ଅଧିକାରୀମାନେ କହିଥିଲେ। ଇତିମଧ୍ୟରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକକୁ ୩ସପ୍ତାହ ବିତିଯାଇଛି ଏବଂ ସପ୍ତାହକ ପରେ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ହେଲେ ଏପର୍ଯ୍ୟନ୍ତ ଟୋକନ ଅବଧି ଏବଂ ଧାନ ବିକ୍ରିପରିମାଣ ନିର୍ଦ୍ଧାରଣ ହୋଇପାରିନାହିଁ।

ଚାଷୀନେତା ରମେଶ ମହାପାତ୍ର କହିଛନ୍ତି, ଦିନକୁ ଦିନ ଧାନ ସଂଗ୍ରହକୁ ସଙ୍କୁଚିତ କରିବା ପାଇଁ ସରକାର ନାନା ଆଳ, କଟକଣା କରୁଛନ୍ତି। ଫଳରେ ଚାଷୀଙ୍କ ପାଖରେ ବିକ୍ରିଯୋଗ୍ୟ ଧାନଥିଲେ ସୁଦ୍ଧା ତାହା କିଣାଯାଉନାହିଁ ଏବଂ ସଂଗୃହୀତ ଧାନ ପରିମାଣ କମିବାରେ ଲାଗିଛି। ଗତ ୨୦୨୦ରେ ରବିଧାନ ସଂଗ୍ରହ ପ୍ରକ୍ରିୟାରେ ଜିଲାରୁ ୫୭ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। ମାତ୍ର ୨୦୨୧ ରବିଋତୁରେ ତାହା ୫୨ଲକ୍ଷ କୁଇଣ୍ଟାଲକୁ ଖସିଥିଲା ବୋଲି ମହାପାତ୍ର କହିଛନ୍ତି। ଜୟ କିଶାନ ଆନ୍ଦୋଳନର ସମ୍ପାଦକ ହର ବଣିଆ କହିଛନ୍ତି, ମଣ୍ଡି ଗୁଡ଼ିକର ଭିତ୍ତିଭୂମି ଠିକ୍ ନ ଥିବାବେଳେ ଟୋକନ କଟକଣା ଯୋଗୁ ଏଥର ମଧ୍ୟ ବହୁଚାଷୀ ଧାନବିକ୍ରିରୁ ବଞ୍ଚିତ ହେବେ। ଟୋକନ ଅବଧି ବୃଦ୍ଧି କରା ନ ଗଲେ ବିଗତବର୍ଷ ଭଳି ଅଦିନିଆ ବର୍ଷାରେ ମଧ୍ୟ ଚାଷୀଙ୍କ ଅମଳ ଧାନ ନଷ୍ଟ ହେବା ଆଶଙ୍କା ରହିଥିବା ସେ କହିଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଦାଶରଥି ସୋରେନଙ୍କୁ ପଚାରିବାରୁ ଟୋକନ ଅବଧି କେତେଦିନ ରହିବ ଏବଂ ବିକ୍ରିଯୋଗ୍ୟ ଧାନ ପରିମାଣ କେତେ ରହିବ, ତାହା ଜଣାପଡ଼ିନାହିଁ। ଏହି ନିଷ୍ପତ୍ତି ରାଜ୍ୟ ସରକାର ନେବେ ବୋଲି ସେ କହିଥିଲେ।

## ବରଗଡ଼ରେ ମଧୁବାବୁ ଜୟନ୍ତୀ ସମାରୋହ



ଅତିଥିବୃନ୍ଦ ବରଗଡ଼ ଜିଲା ଓକିଲ ସଂଘରେ ପ୍ରାଚୀରପତ୍ର ଦେଖୁଛନ୍ତି।

**ବରଗଡ଼ ଅଫିସ୍,୨୮।୪**

ବରଗଡ଼ ଜିଲା ଓକିଲ ସଂଘ ପକ୍ଷରୁ ଗୁରୁବାର ଆଇନଜୀବୀ ଦିବସ ତଥା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଛି। ଉକ୍ତ ସମାରୋହରେ ଜିଲା ଓ ଦୌରାଜଜ୍ ଅସୀମ ଦଳବେହେରା ମୁଖ୍ୟ ଅତିଥି, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ଶ୍ରୋତସ୍ଵିନୀ କର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଦଳବେହେରା ଓକିଲ ସଂଘ ପରିସରରେ ରହିଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସଂଘର ମହିଳା ସଦସ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ପ୍ରାଚୀରପତ୍ର ନ୍ୟାୟଶିଖାକୁ ଉନ୍ମୋଚନ କରିଥିଲେ। ସଂଘ ସଭାପତି ଚନ୍ଦ୍ରଧ୍ୱଜ ଜାଲ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ହରିହର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ଓକିଲ ସଂଘ ପକ୍ଷରୁ ଓକିଲାତିରେ ୩୫ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସଂଘକୁ ସେବା ଦେଇଥିବା ବରିଷ୍ଠ ଆଇନଜୀବୀ ପଞ୍ଚାନନ ମିଶ୍ର, ଯଜ୍ଞେଶ୍ୱର ସାହୁ, ମଧୁସୂଦନ ପଣ୍ଡା, ଅଶ୍ୱିନୀ ଦାଶ, ଶ୍ରୀଧର ସାହୁ, ରୁଦ୍ରପ୍ରତାପ ପଣ୍ଡା, ରମେଶ ଚନ୍ଦ୍ର ନନ୍ଦ, ସୁଶିଲ କୁମାର ମିଶ୍ର, ସୁକାନ୍ତ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଘର ଉପସଭାପତି ହେମନ୍ତ ପୁରୋହିତ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର ଭିଡ଼ିଓ କନଫରେନ୍ସ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲାର ନ୍ୟାୟାଧିକାରୀ, ଓକିଲମାନଙ୍କୁ ମଧୁବାବୁଙ୍କ ଜୟନ୍ତୀରେ ଶୁଭେଚ୍ଛା ଜଣାଇବା ସହିତ ବିଭିନ୍ନ ନ୍ୟାୟିକ ଯୋଜନା ସମ୍ପର୍କରେ ଅବତାରଣା କରିଥିଲେ।

# କୃଷିର ବିକାଶରେ ଦେଶର ଉନ୍ନତି

**ସୋନପୁର,୨୮।୪(ନି.ପ୍ର.)**




ମହୁ ଚାଷ ସମ୍ପର୍କରେ ଚାଷୀଙ୍କୁ ତାଲିମ ଦିଆଯାଉଛି ।

**କେଭିକେରେ କୃଷି ବିଜ୍ଞାନ ମେଳା**

ସୋନପୁର କୃଷି ବିଜ୍ଞାନ କେନ୍ଦ୍ର(କେଭିକେ) ପରିସରରେ ଗୁରୁବାର କୃଷି ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଆଜାଦି କା ଅମୃତ ମହୋତ୍ସବ ଅବସରରେ କିଷାନ ଭାଗୀଦାରୀ ପ୍ରାଥମିକତା ହମାରୀ ଅଭିଯାନକୁ ନେଇ ଏହି ମେଳା ଅନୁଷ୍ଠିତ ହୋଇଥିଲା। ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରମିଳ କୁମାର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃଷିର ବିକାଶରେ ଦେଶର ଉନ୍ନତି ବୋଲି କହିବା ସହ ଚାଷ ବିଷୟରେ ବୁଝାଇଥିଲେ। କେଭିକେର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ.ଜୀବନ ଜିତ୍ ସେନ୍ ଯୋଗଦେଇ କେନ୍ଦ୍ରର ଆଭିମୁଖ୍ୟ ଓ କେନ୍ଦ୍ର ଦ୍ୱାରା ପରିଚାଳିତ କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ବୈଜ୍ଞାନିକ ଦିଗ ଉପରେ ଉପସ୍ଥିତ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ହୃଷିକେଶ ଦାସ ଯୋଗଦେଇ ଜିଲାରେ ଉଦ୍ୟାନ କୃଷିର ସମ୍ଭାବନା ଓ ବିଭିନ୍ନ ଯୋଜନା ମାଧମରେ ଚାଷୀଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ପ୍ରବର୍ତ୍ତାଇ ଥିଲେ। କାର୍ଯ୍ୟକ୍ରମରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଲୁସି ପ୍ରିୟଦର୍ଶିନୀ, ହିତେଶ ବଡ଼େଇ, ତ୍ରିଦେବ ବଘାର, ସୋନପୁର କେଭିକେର ଫସଲ ସଂରକ୍ଷଣ ବୈଜ୍ଞାନିକ ତ୍ରିନାଥ ଖଣ୍ଡାୟତରାୟ, କୃଷି ସମ୍ପ୍ରସାରଣ ବୈଜ୍ଞାନିକା ସୁପ୍ରଭା ସେଠୀ, ଉଦ୍ୟାନ କୃଷି ବୈଜ୍ଞାନିକା ଗୀତାଞ୍ଜଳି ପ୍ରଧାନ, କାଜୁ ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ପ୍ରମୋଦ କୁମାର ପଣ୍ଡା, ଡ. ରଞ୍ଜନ କୁମାର ତରେଇ ଓ ଆମ୍ଭାଭୋନା ବ୍ଲକର ଉଦ୍ୟାନ କୃଷି ଅଧିକାରୀ ନିରାକାର ମେହେର ଯୋଗଦାନ କରି ବୈଜ୍ଞାନିକ ପ୍ରଣାଳୀରେ କାଜୁ ବାଦାମ ଚାଷ, ଉନ୍ନତ ପ୍ରଣାଳୀରେ ଆମ୍ବ ଚାଷ, ମହୁ ଚାଷ, ପନିପରିବା ଚାଷ ବିଷୟରେ ଚାଷୀଙ୍କୁ ବୁଝାଇ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଓ ଜିଲା ବାହାର ଅଞ୍ଚଳର ଆଗୁଆ ଚାଷୀ, ସୁବର୍ଣ୍ଣପୁର ଓ ବରଗଡ ଜିଲାର ବିଭିନ୍ନ ବ୍ଲକର ସହକାରୀ ଉଦ୍ୟାନ କୃଷି ଅଧିକାରୀ ମାନେ ଯୋଗଦେଇଥିଲେ। କେଭିକେର ବୈଜ୍ଞାନିକ ଡ. ସୁରଜ୍ୟୋତି ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା ବେଳେ ଲୋପାମୁଦ୍ରା ରାୟ ଧନ୍ୟବାଦ ପ୍ରଦାନ କରିଥିଲେ।

## ସରକାରୀ ଡାକ୍ତରଖାନାରେ ରୋଗୀ ହଇରାଣ

**ପଦ୍ମପୁର, ୨୮।୪(ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ସହର ସରକାରୀ ଡାକ୍ତରଖାନାରେ ରୋଗୀମାନେ ଅଯଥା ଖର୍ଚ୍ଚାନ୍ତ ହେବା ସହ ହଇରାଣ ହେଉଛନ୍ତି। ଡାକ୍ତର ରୋଗୀଙ୍କୁ ପରୀକ୍ଷା କରିବା ମାତ୍ରେ ସେଠାରେ ଉପସ୍ଥିତ ମଧ୍ୟସ୍ଥମାନେ ରୋଗୀଙ୍କୁ ନିର୍ଦ୍ଦିଷ୍ଟ ଔଷଧାଳୟକୁ ନେଇଯାଉଛନ୍ତି। ସେହିପରି ପ୍ରେସକ୍ରିପ୍‌ଶନରେ ଆବଶ୍ୟକତାଠାରୁ ଅଧିକ ଔଷଧ ଉଲ୍ଲେଖ ରହୁଛି। ସାମାନ୍ୟ ଜ୍ୱର ହେଲେ କେବଳ ଜ୍ୱର ଔଷଧ ନ ଲେଖି ଝାଡା, ବାନ୍ତି, ଆଣ୍ଠୁଗଣ୍ଠି ଦରଜ, ରକ୍ତ, ମଳ, ମୂତ୍ର ଆଦି ପରୀକ୍ଷା ପାଇଁ ରୋଗୀଙ୍କୁ ବାଧ କରାଯାଉଛି। ଫଳରେ ରୋଗୀ ଅଳ୍ପ ଖର୍ଚ୍ଚରେ ସୁସ୍ଥ ହେବା ପରିବର୍ତ୍ତେ ହଜାର ହଜାର ଟଙ୍କାର ପରୀକ୍ଷା କରାଇବା ସହ ଔଷଧ କିଣୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଉପଖଣ୍ଡ ଚିକିତ୍ସାଧିକାରୀ ଡାକ୍ତର ତହସିଲ ସାହୁଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅନୁଧାନ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ଟୋଲ୍ ପ୍ଲାଜା ବିରୋଧରେ ତେଜୁଛି ଆନ୍ଦୋଳନ

**ବରଗଡ଼ ଅଫିସ୍,୨୮।୪**

**ଆର୍‌ଡି ରାସ୍ତାରେ ଟୋଲ୍ ଟ୍ୟାକ୍ସ ଅସୁଲି**

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ଅଶୋକା ବିଲକନ୍ ଟୋଲ୍ ପ୍ଲାଜାର ଟୋଲଟ୍ୟାକ୍ସ ଅସୁଲିକୁ ନେଇ ପୁଣି ଅସନ୍ତୋଷ ପ୍ରକାଶ ପାଇଛି। ଟୋଲ୍ ପ୍ଲାଜା କର୍ତ୍ତୃପକ୍ଷ ବେଆଇନ ଭାବେ ଟୋଲଟ୍ୟାକ୍ସ ଅସୁଲି କରୁଥିବା ଅଭିଯୋଗ ହୋଇଛି। ଏପରିକି ଗ୍ରାମ୍ୟ ଉନ୍ନୟନ (ଆରଡ଼ି) ରାସ୍ତାରୁ ମଧ୍ୟ ବେଆଇନ ଭାବେ ଟୋଲ୍ ଟ୍ୟାକ୍ସ ଅସୁଲି କରାଯାଉଛି। ଏହା ବିରୋଧରେ ପୁଣି ସ୍ୱର ଉଠିଥିବାବେଳେ ଲୋକେ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି। ଏହି କ୍ରମରେ ବୁଧବାର ହାଇୱେ ୟୁଜର୍ସ ଫୋରମର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଫର୍ (ଫାଇଟ୍ ଅନ୍ ରାଇଟ୍) କାର୍ଯ୍ୟାଳୟରେ ଫୋରମର ଆବାହକ ଇଂ ଦେବଦତ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସହ ଆବାହକ ଶେକ୍ ନଜିମୁଦ୍ଦିନ, ସୁଶାନ୍ତ ଦାଶ, ସଂଯୋଜକ ଭପିନ୍ଦର ପଟେଲ, ସତ୍ୟକେତନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସମ୍ବଲପୁର-ଲୁହୁରାଚଟି ଫୋରଲେନ୍ ରାଜପଥ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ଟୋଲ୍ ପ୍ଲାଜା କର୍ତ୍ତୃପକ୍ଷ ବେଆଇନ ଟୋଲ୍ ଟ୍ୟାକ୍ସ ଅସୁଲି କରୁଥିବା ଅଭିଯୋଗ ହୋଇଛି। ଏପରିକି ଗତ କିଛିଦିନ ହେଲା ଆର୍‌ଡି ରାସ୍ତାରୁ ମଧ୍ୟ ଟୋଲଟ୍ୟାକ୍ସ ଅସୁଲି କରି ଲୋକଙ୍କୁ ଶୋଷଣ କରାଯାଉଛି ବୋଲି ଅଭିଯୋଗ ହୋଇଛି। ସେହିପରି ବରଗଡ଼ବାସୀଙ୍କ ପ୍ରାଇଭେଟ୍ କାର୍‌ଗୁଡ଼ିକୁ ମଧ୍ୟ ଫାସଟ୍ୟାଗ୍ କରିବା ପାଇଁ ବାଧ୍ୟ କରାଯାଉଛି। ଟୋଲ ପ୍ଲାଜା କର୍ତ୍ତୃପକ୍ଷଙ୍କ ଏଭଳି ବେଆଇନ କାରବାର ପ୍ରତିବାଦରେ ପୁଣି ଏକ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିଛି। ଏହି କ୍ରମରେ ଆସନ୍ତା ୩୦ତାରିଖରେ ବରଗଡ଼ରେ ଏକ ଜରୁରୀ ବୈଠକ ରଖାଯାଇଛି। ବୈଠକରେ ବରଗଡ଼, ସୋହେଲା, ଅତାବିରା ସମେତ ଜିଲାର ବିଭିନ୍ନ ଯାନବାହନ ସଂସ୍ଥା, ବ୍ୟବସାୟିକ ସଙ୍ଗଠନ, ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି, ତଦନ୍ତ ଦାବି କଲା ଭାଜପା

**ତରଭା, ୨୮।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ବ୍ୟପକ ଦୁର୍ନୀତି ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କଲେ ସବୁକଥା ସାମନାକୁ ଆସିବ ବୋଲି ଭାଜପା ଦାବି କରିଛି। ତରଭା ପଞ୍ଚାୟତ ସମିତି ଅଫିସ ସମ୍ମୁଖରେ ଦଳର ଜିଲା ସଭାପତି ପ୍ରମୋଦ ମହାପାତ୍ର ଏକ ଖବରଦାତା ସମ୍ମିଳନୀ କରି ଏହିପରି ଦାବି କରିଛନ୍ତି। ସେ ଅଭିଯୋଗ କରିଛନ୍ତିଯେ, ବିଭିନ୍ନ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଅନିୟମିତତା ହୋଇଥିବା ନେଇ ଭାଜପା ବିଗତ ଦିନରେ ବ୍ଲକ ଓ ଜିଲା ପ୍ରଶାସନକୁ ଜଣାଇ ଥିଲେ ମଧ କର୍ଣ୍ଣପାତ କରାଇନାହିଁ। ଶ୍ରମଭିତ୍ତିକ ଏହି ଯୋଜନାର କାର୍ଯ୍ୟ ମଣିଷ ବଦଳରେ ମେଶିନ ବ୍ୟବହାର ମସୁଧା ହେଉଛି। କାର୍ଯ୍ୟରେ ପ୍ରବାସୀ ଓଡ଼ିଆ ଭଡାଧାରୀ ଓ ମୃତ ବ୍ୟକ୍ତିଙ୍କ ନାମରେ ଟଙ୍କା ଉଠାଣ କରାଯାଉଛି। ପଞ୍ଚଦଶ ଅର୍ଥ କମିଶନ ସହାୟତାରେ ଚାଲିଥିବା କାର୍ଯ୍ୟ ସଠିକ ଭାବେ କରିବାକୁ ଦାବି କରାଯାଉଛି ବୋଲି ମହାପାତ୍ର କହିଛନ୍ତି। ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ସୁରେଶ ମହଲା, ରାମନାରାୟଣ ବେଜ, ପ୍ରବୀର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କାର୍ ଧକ୍କାରେ ସ୍କୁଟି ଚାଳକ ଗୁରୁତର

**ବିନିକା,୨୮।୪(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା-ବିଶାଳପାଲି ରାସ୍ତାର ଦାନୀପାଲି ଛକ ବୁଲାଣିରେ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ କାର୍ ଧକ୍କାରେ ଜଣେ ସ୍କୁଟି ଚାଳକ ଗୁରୁତର ହୋଇଛନ୍ତି। ଆହତ ବିନିକା କଂସାରୀ ପଡାର ହେମନ୍ତ ଦାଶ(୨୮)ଙ୍କୁ ବିନିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁରୀ ବ୍ରହ୍ମଗିରିରୁ ଏକ କାର୍‌ରେ ସ୍ୱାଧୀନ ସାହୁ(୨୨), ତାଙ୍କ ବାପା ଗୋଲକ ବିହାରୀ ସାହୁ(୫୧), ମା' ସତ୍ୟଭାମା ସାହୁ (୪୨), ସାନଭାଇ କାର୍‌ରେ ବିଶାଳପାଲି ଆଡ଼କୁ ଯାଉଥିବାବେଳେ ସ୍କୁଟିକୁ ଧକ୍କା ଦେଇ ରାସ୍ତାପାର୍ଶ୍ୱ ଧାନଜମିକୁ ଖସି ଯାଇଥିଲା। ସ୍କୁଟି ଚାଳକଙ୍କୁ ସେହି କାର୍‌ରେ ଥିବା ବ୍ୟକ୍ତି ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ଦୁର୍ଘଟଣାଗ୍ରସ୍ତ କାର୍ ନଂ-ସିଜି-୦୪-ଏନ୍.କ୍ୟୁ-୪୫୬୪ ଓ ସ୍କୁଟି ନଂ ଓଡି-୪୯୭୮କୁ ପୋଲିସ ଜବତ କରିଛି।

# ଯୌତୁକ ନିର୍ଯାତନାରୁ ଆତ୍ମହତ୍ୟା ଅଭିଯୋଗ

**ବରଗଡ଼ ଅଫିସ୍,୨୮।୪**

ବରଗଡ଼ ଜିଲା ଭଟଲି ଥାନା ଜାମପାଲି ଗ୍ରାମରେ ଯୌତୁକ ନିର୍ଯାତନା ଯୋଗୁ ବୁଧବାର ଜଣେ ମହିଳା ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତା ମହିଳା ହେଲେ ଚାନ୍ଦିନୀ ସାହୁ। କନ୍ୟାପକ୍ଷଙ୍କ ଏତଲାକ୍ରମେ ଭଟଲି ପୋଲିସ ଏ ନେଇ ଦଫା ୪୯୮(ଏ), ୨୯୪, ୩୦୪(ବି), ୩୦୬, ୩୪ ଆଇପିସି ଏବଂ ୪ ଯୌତୁକ ନିରାକରଣ ଆଇନରେ ଏକ ମାମଲା (ନଂ.୮୯/୨୨) ରୁଜୁ କରିଛି। ଏହାସହିତ ମହିଳାଙ୍କ ମୃତଦେହକୁ ବରଗଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇଛି। ପ୍ରକାଶ ଯେ, ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନଂ-୪ ତଳିପଡ଼ା (ଖର୍‌ରାପଡ଼ା) ନିବାସୀ ଅନ୍ତର୍ଯାମୀ ସାହୁଙ୍କ ଝିଅ ଚାନ୍ଦିନୀ (୨୧) ୨୦୨୧ ଏପ୍ରିଲ ୩୧ରେ ଭଟଲି ଥାନା ଜାମପାଲି ଗ୍ରାମର ପଲୋଉ ପାତ୍ରଙ୍କ ପୁଅ ମନୁ ଓରଫ ମନୋରଞ୍ଜନ(୨୪)ଙ୍କୁ ବିବାହ କରିଥିଲେ। ବିବାହର କିଛିମାସ ପରେ ସ୍ୱାମୀ, ଶାଶୁ, ଶ୍ୱଶୁର ଯୌତୁକ ଦାବି କରି ଚାନ୍ଦିନୀଙ୍କୁ ନିର୍ଯାତନା ଦେଇଆସୁଥିଲେ ଏବଂ ଏ ନେଇ ଝିଅ ତାଙ୍କୁ ଫୋନରେ ଜଣାଇ ଆସୁଥିଲେ ବୋଲି ଅନ୍ତର୍ଯାମୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ବୁଧବାର ଅପରାହ୍ନ ପ୍ରାୟ ୨ଟା ୪୫ ମିନିଟ୍‌ରେ ସମୁଦି ପଲଉ ଫୋନ କରି ଚାନ୍ଦିନୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାଇ ଶୀଘ୍ର ଆସିବାକୁ କହିଥିଲେ। ଏହାପରେ ଅନ୍ତର୍ଯାମୀ ତାଙ୍କ ସ୍ତ୍ରୀ ଭୂମିସୁତା, ଦେଢ଼ଶାଶୁ ଯଜ୍ଞ ଜାମପାଲିକୁ ଯାଇଥିଲେ। ସେଠାରେ ଅପରାହ୍ନ ୪ଟା ୩୫ ମିନିଟ୍‌ରେ ପହଞ୍ଚିବା ବେଳକୁ ଚାନ୍ଦିନୀ ଶେଯରେ ପଡ଼ିଥିଲେ ଏବଂ ଗଳାରେ ଲାଲରଙ୍ଗର ଦାଗ ଥିବା ଦେଖିବାକୁ ପାଇଥିଲେ ବୋଲି ଅନ୍ତର୍ଯାମୀ କହିଛନ୍ତି। ପରେ ସମୁଦି ପଲଉ ଚାନ୍ଦିନୀଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ନେଇଥିଲେ ଏବଂ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିବା ସେ କହିଛନ୍ତି। ଘଟଣା ପାରିପାର୍ଶ୍ୱିକ ସ୍ଥିତିରୁ ଶାଶୁଘରର ନିର୍ଯାତନା ଯୋଗୁ ଚାନ୍ଦିନୀ ଆତ୍ମହତ୍ୟା କରିଛନ୍ତି ବୋଲି ଅନ୍ତର୍ଯାମୀ ଅଭିଯୋଗ କରି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ନିବେଦନ କରିଛନ୍ତି।

# ପାଣି ଅଭାବରୁ ଚାଷଜମି ଫାଟିଲାଣି

- ୪୫ନଂ ଆଡିରେ ଆସୁନି କେନାଲ ପାଣି
- ମରୁଡ଼ି ଆଶଙ୍କାରେ ରବିଧାନ ଚାଷୀ
- ତୁରନ୍ତ ପାଣି ଯୋଗାଇବାକୁ ଦାବି

**ବିନିକା,୨୮।୪(ଡି.ଏନ୍.ଏ.)**



କେନାଲ ଆଡିରେ ଚାଷୀମାନେ ପାଣି ଅଭାବ ଯୋଗୁ କ୍ଷତିଗ୍ରସ୍ତ ଧାନକେଣ୍ଡା ଦେଖାଉଛନ୍ତି।

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଗିର୍ଡି ପଞ୍ଚାୟତ ସାରଙ୍ଗପାଲି ମୌଜାର ପ୍ରାୟ ୪୫ଏକର ଚାଷଜମି ଅରିଗାଁ-ରାମପୁର ମୁଖ୍ୟ କେନାଲର ଶାଖା ୪୫ନଂ ଆଡି କେନାଲ ଉପରେ ନିର୍ଭର କରିଥାନ୍ତି। ଅରିଗାଁ-ରାମପୁର ଆର୍‌ଡି ରାସ୍ତାର ମଧ୍ୟବର୍ତ୍ତୀ ବାଙ୍କିଗିର୍ଡି ଆନ୍ଦ୍ରପଡା ନିକଟରେ ଏହି ଆଡି କେନାଲ ରହିଛି। ମାତ୍ର ଚଳିତ ବର୍ଷ ଅବଧି ବେଳକୁ ରବିଧାନ କେଉଁଠି ଥୋଡ଼ ତ ଆଉ କେଉଁଠି ଅର୍ଦ୍ଧପାକଳ ଅବସ୍ଥାରେ ରହିଛି । ଏହି ସମୟରେ କ୍ଷେତରେ ପ୍ରଚୁର ପାଣିର ଆବଶ୍ୟକତ ରହିଛି। ମାତ୍ର ଗତ ୧୫ଦିନ ହେଲା ୪୫କେନାଲ ଆଡିରୁ ଟେକାନଳ ମାଧ୍ୟମରେ ପାଣି ଆସୁ ନ ଥିବା ସାରଙ୍ଗପାଲିର ଚାଷୀମାନେ ଅଭିଯୋଗ କରିଛନ୍ତି। ଏଥିଯୋଗୁ କେତେକ ସ୍ଥାନରେ ଜମି ଫାଟି ଆଁ କଲାଣି ତ କେଉଁଠି ଧାନଗଛ ମରିବାକୁ ବସିଲାଣି। ସପ୍ତାହେ ତଳେ ରାମପୁର କେନାଲ ବିଭାଗ କର୍ମଚାରୀ ବରୁଣ ଭୋଇ କେନାଲ ପାଣି ଠିକ୍‌ଭାବେ ଜମିରେ ମାଡୁଛି ନା ନାହିଁ ବୁଲି ଦେଖିଥିଲେ । ମାତ୍ର ପରିତାପର ବିଷୟ ୧୫ଦିନ ବିତିଯାଇଥିଲେ ବି ୪୫ନଂ କେନାଲ ଆଡିଦେଇ ମୁନ୍ଦାଏ ପାଣି ଆସୁନି। ଫଳରେ ଧାନଚାଷ ହୋଇଥିବା ୪୫ଏକର ଜମିର ୬୦ଭାଗ ଜମି ମାଟି ଫାଟି ଆଁ କଲାଣି । ମରୁଡି ଅନୁରୂପ ପରିସ୍ଥିତି ସୃଷ୍ଟି ହେଲାଣି ବୋଲି ଉଛବ ମାହାର, ରାମପ୍ରସାଦ ଭୋଇ, ପଣ୍ଡୁ ବଗର୍ତ୍ତୀ, ଗୁଣ୍ଡୁ ବଗର୍ତ୍ତୀ, କେଶବ ମାହାର ପ୍ରମୁଖ ଚାଷୀମାନେ କହିଛନ୍ତି। ଏନେଇ ରାମପୁର କେନାଲ ଉପଖଣ୍ଡ ଯନ୍ତ୍ରୀ ରୋହିଦାସ ସିଂଙ୍କୁ ପଚାରିବାରୁ ୪୫ନଂ କେନାଲ ଆଡିରେ ଏକ ଧାର କରି ସପ୍ତାହେ ତଳେ କେନାଲ ପାଣି ଛଡାଯାଇଥିଲା। ଚାଷୀମାନେ କିଭଳି କେନାଲ ପାଣି ପାଇବେ ସେଥିପାଇଁ ଉଦ୍ୟମ ଜାରି ରଖିଛୁ ବୋଲି ସେ କହିଛନ୍ତି।

